ଧରିତ୍ରୀ 51 Years
ପୃଷ୍ଠା–୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 11/2025 Page 20 ₹ 7.00
୫୧ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 315 ମୂଲ୍ୟ ₹୭/-

## ‘ଓପିଜିସି’ରେ ‘ଓସିପିଏଲ୍’ର ହେବ ମିଶ୍ରଣ

### ସିଇଓ ନିଯୁକ୍ତି ରଦ୍ଦକଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ

ଭୁବନେଶ୍ୱର,୧୦।୧୦ (ରବିନାରାୟଣ ଜେନା)

ରାଜ୍ୟ ବିଦ୍ୟୁତ୍ ଉତ୍ପାଦନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଓଡ଼ିଶା ପାୱାର ଗ୍ରୀଡ୍ କର୍ପୋରେଶନ(ଓପିଜିସି) ସହ ଲାଭଦାୟକ ସଂସ୍ଥା ଓଡ଼ିଶା କୋଲ୍ ପାୱାର ଲିମିଟେଡ୍(ଓସିପିଏଲ୍)ର ମିଶ୍ରଣ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ବୁଧବାର ଏକ ବ୍ୟକ୍ତିଗତ ନୋଟ୍‌ଶିଟ୍ ଦ୍ୱାରା ଅବଗତ କରାଇଛନ୍ତି।

ଶାଶ୍ୱତ ଦର୍ଶାଇଛନ୍ତି, ରାଜ୍ୟ ସରକାର ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ପାଇଁ ସଦ୍ୟ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେଣୁ ଶକ୍ତି ବିଭାଗ ଓସିପିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟା ଜାରି ରଖିଛି ତାହାକୁ ବାତିଲ କରାଯାଉ। ପ୍ରକାଶଥାଉ କି, ଶକ୍ତି ବିଭାଗ ପକ୍ଷରୁ ଅଗଷ୍ଟ ୨୨ରେ ଓସିପିଏଲ୍ ସିଇଓ ପଦବୀ ପୂରଣ ପାଇଁ ଦରଖାସ୍ତ ଆମନ୍ତ୍ରଣ କରାଯାଇଥିଲା। ଆବେଦନର ଶେଷଦିନ ପୂର୍ବରୁ ଏକ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଶକ୍ତି ବିଭାଗ ସେପ୍ଟେମ୍ବର ୧୮ରେ ସିଇଓ ପଦ ପାଇଁ ରଖାଯାଇଥିବା ମାନଦଣ୍ଡରେ କିଛି ପରିବର୍ତ୍ତନ କରି ଦରଖାସ୍ତ ଆବେଦନର ଶେଷ ତାରିଖ ଅକ୍ଟୋବର ୧୭ ରଖିଥିଲା। ତେବେ ଆବେଦନର ଶେଷ ତାରିଖ ପୂର୍ବରୁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଓପିଜିସି ବୋର୍ଡ ମିଟିଂରେ ଏହାର ସହଯୋଗୀ ସଂସ୍ଥା ଓସିପିଏଲ୍‌ର ମିଶ୍ରଣ ପ୍ରସ୍ତାବକୁ ଅଗଷ୍ଟରେ ଅନୁମୋଦନ ମିଳିଥିଲା। ମିଶ୍ରଣ ପଛର କାରଣ କୁହାଯାଇଥିଲା କି, ଯଦି ମିଶ୍ରଣ ହୋଇଯିବ ତେବେ ମନୋହରପୁର କୋଇଲାଖଣିରୁ ଉତ୍ପାଦିତ କୋଇଲା ଉପରେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବାକୁ ପଡ଼ିବ ନାହିଁ। ତେବେ ଗତ ବିଧାନସଭା ଅଧିବେଶନରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ୍ଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ପ୍ରସ୍ତାବକୁ ସମସ୍ତ ଦିଗରୁ ବିଶ୍ଳେଷଣ କରୁଛନ୍ତି। ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ କୋଇଲା ଉତ୍ପାଦନ ଉପରେ ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଆଉ ଲାଗୁ କରାଯିବ ନାହିଁ। ତଦନୁଯାୟୀ କେନ୍ଦ୍ର ଜିଏସ୍‌ଟି ପରିଷଦ ଜିଏସ୍‌ଟି କ୍ଷତିପୂରଣ ସେସ୍‌କୁ ରଦ୍ଦ କରିଦେଇଛନ୍ତି। ତେବେ ଆଗରୁ କୋଇଲା ଉପରେ ଲାଗୁ ହେଉଥିବା ୫% ଜିଏସ୍‌ଟିକୁ ବୃଦ୍ଧିକରି ୧୮% କରାଯାଇଛି। ତେଣୁ ଓସିପିଏଲ୍ ଏବେ ଓପିଜିସିରେ ମିଶ୍ରଣ ନ ହେଲେ ବି ଜିଏସ୍‌ଟି କ୍ଷତିପୂରଣ ସେସ୍ ୪୦୦ ଟଙ୍କା ଦେବାକୁ ପଡ଼ିବ ନାହିଁ।

## ଫେରିଯିବ ମୌସୁମୀ, ୧୨ ଯାଏ ବର୍ଷା

### ୨୨ରେ ଆଉ ଏକ ଲଘୁଚାପ



ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ଦକ୍ଷିଣ ବାଂଲାଦେଶ ଓ ଏହା ପାଖାପାଖି ଉତ୍ତର ବଙ୍ଗୋପସାଗର ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୫.୮ କି.ମି ପର୍ଯ୍ୟନ୍ତ ବ୍ୟାପିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାରି ଭିତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବାକୁ ଯାଉଛି। ଆଗାମୀ ୩/୪ ଦିନ ମଧ୍ୟରେ ଓଡ଼ିଶାର କିଛି ସ୍ଥାନରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବାକୁ ପାଗ ଅନୁକୂଳ ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେଣୁ ଏଥିପାଇଁ ରାଜ୍ୟରେ ବର୍ଷା ପରିମାଣ ବଢ଼ିପାରେ ବୋଲି ଆକଳନ କରାଯାଇଛି। ଅପରପକ୍ଷେ ଆସନ୍ତା ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟିହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ତେବେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। ଏଥିସହ ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଏହା ପାଖାପାଖି ଜିଲାଗୁଡିକରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସବୁ ଅଞ୍ଚଳରେ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ଏବଂ କିଛି ସ୍ଥାନରେ ଝଟ୍‌କା ପବନ ବହିବା ନେଇ ସୂଚନା ଦିଆଯାଇଛି। ଶନିବାର ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା, ଉତ୍ତର ଉପକୂଳବର୍ତ୍ତୀ ଏବଂ ପାଖାପାଖି ଜିଲାଗୁଡିକରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ବଣିକ୍‌ର ୩ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା

### ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି




ଭୁବନେଶ୍ୱର,୧୦।୧୦ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବଣିକ୍ କୋଚିଂ ସେଣ୍ଟରର ସମ୍ପୃକ୍ତି ଅଭିଯୋଗକୁ ନେଇ ଅଧିକ ଖୋଳତାଡ଼ କରାଯାଉଛି। ଗୁରୁବାର ଭୁବନେଶ୍ୱର ସିଆର୍‌ପି ଛକ ନିକଟ ବଣିକ୍ କୋଚିଂ ଶାଖାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଚଢ଼ାଉ କରିଥିବା ବେଳେ ଶୁକ୍ରବାର ଏହି ସଂସ୍ଥାର ୩ ଜଣ ଅଧିକାରୀଙ୍କୁ ମାରାଥନ୍ ଜେରା କରାଯାଇଛି। ବଣିକ୍ କୋଚିଂ ସେଣ୍ଟରର ଏଚ୍‌ଆର୍ ମ୍ୟାନେଜର, ଆକାଉଣ୍ଟାଣ୍ଟ ଓ ମାର୍କେଟିଂ ମ୍ୟାନେଜରଙ୍କୁ କଟକସ୍ଥିତ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ପଚରାଉଚରା କରାଯାଇଛି। ଗୁରୁବାର ଚଢ଼ାଉ ବେଳେ ଏମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ହାଜର ହେବାକୁ ନୋଟିସ୍ ଜାରି କରାଯାଇଥିଲା। ଗିରଫ ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୬ ଜଣ ବଣିକ୍‌ରେ କୋଚିଂ ନେଇଥିଲେ ବୋଲି ସଂସ୍ଥା ପକ୍ଷରୁ କ୍ରାଇମବ୍ରାଞ୍ଚକୁ ତଥ୍ୟ ଦିଆଯାଇଛି। ୪ଜଣ ୨୦୨୨ରେ ଓ ୨ ଜଣ ୨୦୨୩ରେ କୋଚିଂ ନେଇଥିଲେ। ତେବେ ଏମାନଙ୍କୁ ଏସ୍‌ଆଇ ପରୀକ୍ଷା ଜାଲିଆତିରେ ବଣିକ୍ ସ୍ପୋନ୍‌ସର୍ କରିଥିଲା ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହକରି ଅଧିକ ତଦନ୍ତ ଜାରି ରଖିଛି। ଏପରିକି ଏହି ଜାଲିଆତିରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ସହ ବଣିକ୍‌ର ଲିଙ୍କ୍‌କୁ ନେଇ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଚଳାଇଛି। ତେବେ ବଣିକ୍‌ର ୩ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ପ୍ରଶ୍ନ କରିବା ସହ ବହୁ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ଜାଲିଆତି ଘଟଣାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ହେଲେ ଶଙ୍କର ଓ ତାଙ୍କ ସହଯୋଗୀ ମୁନା ଫେରାର ଥିବା ବେଳେ କ୍ରାଇମବ୍ରାଞ୍ଚ ସେମାନଙ୍କ ପତ୍ତା ପାଇପାରିନାହିଁ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି। ଶଙ୍କର ଓ ମୁନା ଧରାପଡିବା ପରେ ଏହି ବଡ଼ ଜାଲିଆତିର ବଡ଼ ଗୁମର ପଦାକୁ ଆସିବ ବୋଲି ଆଶା କରାଯାଉଛି।

## ଜୁଲାଇ ୩୧ ପୂର୍ବରୁ କଟିଥିବା ଚାଲାଣ ରାଶିକୁ ଅଧା କଲା ବିଭାଗ

ଭୁବନେଶ୍ୱର, ୧୦।୧୦ (ସୁନିତ୍ ମିଶ୍ର)

ଗାଡି ଚାଳନା ଜରିମାନାରେ କୋହଳ କରିଛନ୍ତି ସରକାର। ଗତ ଜୁଲାଇ ୩୧ କିମ୍ବା ଏହା ପୂର୍ବରୁ କଟିଥିବା ଚାଲଣରେ ସରକାର କୋହଳ କରିଛନ୍ତି। ଏହି ସମୟ ଅବଧିରେ ଥିବା ଜରିମାନା ରାଶିକୁ ରାଜ୍ୟ ସରକାର ଅଧା କରିଦେଇଛନ୍ତି। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ଯେଉଁ ଚାଳକମାନେ ଉପଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ନ ଥାଇ କିମ୍ବା ବେଆଇନ ଲାଇସେନ୍ସ ବ୍ୟବହାର କରି ଗାଡି ଚଳାଉଥିଲେ ସେମାନଙ୍କ ଉପରେ ଲାଗିଥିବା ୫ ହଜାର ଟଙ୍କା ଜରିମାନା ରାଶିକୁ କମାଇ ୨୫୦୦ ଟଙ୍କା କରାଯାଇଛି। ସେହିପରି ବିନା ଲାଇସେନ୍ସରେ ଗାଡି ଚାଳକଙ୍କ ଠାରୁ ଆଦାୟ ହେବାକୁ ଥିବା ୫ ହଜାର ଟଙ୍କାର ଜରିମାନା ରାଶି ଅଧା କରାଯାଇଛି। ବିନା ସିଟ୍ ବେଲ୍ଟରେ ଯେଉଁମାନେ ଗାଡି ଚଳାଉଥିଲେ ସେମାନଙ୍କ ଠାରୁ ହଜାର ଟଙ୍କା ପରିବର୍ତ୍ତେ ୫୦୦ ଟଙ୍କା, ଦୁଇ ଜଣରୁ ଅଧିକ ବ୍ୟକ୍ତି ବସି ଯାଉଥିବା ଦୁଇ ଚକିଆ ଯାନରୁ ହଜାରେ ପରିବର୍ତ୍ତେ ୫୦୦ ଟଙ୍କା, ବିନା ହେଲ୍‌ମେଟ୍‌ରେ ଗାଡି ଚଲାଉଥିବା ଚାଳକଙ୍କ ଠାରୁ ହଜାରେ ପରିବର୍ତ୍ତେ ୫୦୦ ଟଙ୍କା, ବିନା ବୀମା ଥିବା ଗାଡି ଚାଳକଙ୍କ ଉପରେ ଲାଗିଥିବା ୨ ହଜାର ଟଙ୍କା ଜରିମାନା ରାଶିକୁ ହଜାରେ ଟଙ୍କା, ଜରୁରୀକାଳୀନ ଗାଡିକୁ ରାସ୍ତା ଛାଡି ନ ଥିବା ଗାଡିଠାରୁ ୧୦ ହଜାର ପରିବର୍ତ୍ତେ ୫ ହଜାର ଟଙ୍କା ଲେଖା ଆଦାୟ କରିବାକୁ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।



## ସଂକ୍ଷେପରେ

### ବିହାର ନିର୍ବାଚନ: ଭୋଟକେନ୍ଦ୍ରରେ ବୁର୍ଖାପିନ୍ଧା ଭୋଟରଙ୍କୁ ଯାଞ୍ଚ କରିବେ ଅଙ୍ଗନୱାଡ଼ି କର୍ମୀ

ନୂଆଦିଲ୍ଲୀ,୧୦।୧୦(ପି.ଟି.)

ବିହାରରେ ବୁର୍ଖା ପରିହିତା ମହିଳା ଭୋଟରମାନଙ୍କୁ ମର୍ଯ୍ୟାଦାର ସହ ଚିହ୍ନଟ କରିବା ପାଇଁ ଭୋଟ କେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିର୍ବାଚନ କମିଶନ ଶୁକ୍ରବାର କହିଛନ୍ତି। ବୁଥ୍‌ରେ ମହିଳା ପୋଲିଂ ଅଫିସର କିମ୍ବା ଆଟେଣ୍ଡାଣ୍ଟ ଉପସ୍ଥିତ ରହିବେ। ସବୁ ବୁଥ୍‌ରେ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ବୁର୍ଖାରେ ଆସିଥିବା ମହିଳାଙ୍କ ପରିଚୟ ଯାଞ୍ଚ କରିବେ। ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଭୋଟକେନ୍ଦ୍ରରେ ପରିଚୟ ଯାଞ୍ଚ ପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ ରହିଛି, ଯାହାକୁ କଡ଼ାକଡ଼ି ପାଳନ କରାଯିବ। ବୁର୍ଖା ଓ ଓଢ଼ଣି ଦେଇ ଆସୁଥିବା ମହିଳା ଭୋଟରଙ୍କୁ ଯାଞ୍ଚ୍ କରିବା ଲାଗି ୯୦,୭୧୨ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ନିୟୋଜିତ କରାଯିବ।

## ଘରକୁ ଫେରୁଛନ୍ତି ପାଲେଷ୍ଟିନୀୟ



ଗାଜା ଶାନ୍ତି ଯୋଜନା କାର୍ଯ୍ୟକାରୀ ହେବା ପରେ ଶୁକ୍ରବାର ବିସ୍ଥାପିତ ପାଲେଷ୍ଟିନୀୟମାନେ ଘରକୁ ଫେରୁଛନ୍ତି।

ୱାଡ଼ି ଗାଜା,୧୦।୧୦

■ଗାଜାରେ କାର୍ଯ୍ୟକାରୀ ହେଲା ଯୁଦ୍ଧବିରତି
■ଇସ୍ରାଏଲ୍‌ର ସେନା ପ୍ରତ୍ୟାହାର ଆରମ୍ଭ

ଗାଜାରେ ଯୁଦ୍ଧ ବନ୍ଦକରି ପାଲେଷ୍ଟିନୀୟ ବନ୍ଦୀମାନଙ୍କ ବିନିମୟରେ ଅବଶିଷ୍ଟ ପଣବନ୍ଦୀଙ୍କୁ ଫେରାଇ ଆଣିବା ଚୁକ୍ତିନାମାକୁ ଇସ୍ରାଏଲ୍ କ୍ୟାବିନେଟ୍ ଶୁକ୍ରବାର ମଞ୍ଜୁରୀ ଦେଇଛି। ଏହାର କିଛି ଘଣ୍ଟା ପରେ ଗାଜାରେ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଛି। ତଦନୁଯାୟୀ ଗାଜାରୁ ଇସ୍ରାଏଲ୍ ଏହାର ସେନା ଓ ଯୁଦ୍ଧ ସରଞ୍ଜାମ ପ୍ରତ୍ୟାହାର ଆରମ୍ଭ କରିଥିବାବେଳେ କେନ୍ଦ୍ରୀୟ ଗାଜାର ୱାଡି ଗାଜାରେ ଥିବା ଅନେକ ହଜାର ପାଲେଷ୍ଟିନୀୟ ଉତ୍ତର ଗାଜାରେ ଥିବା ସେମାନଙ୍କ ବାସସ୍ଥାନ ଅଭିମୁଖେ ଫେରୁଥିବା ଦେଖାଯାଇଛି। ତେବେ ହମାସ୍ ଅସ୍ତ୍ରତ୍ୟାଗ ନ କରିବା ପର୍ଯ୍ୟନ୍ତ ଗାଜାରୁ ସମ୍ପୂର୍ଣ୍ଣ ଇସ୍ରାଏଲୀ ସୈନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି। ପଣବନ୍ଦୀମାନେ ସୋମବାର ଯଦି ଫେରନ୍ତି ତେବେ ଇସ୍ରାଏଲ୍ ବିଜୟ ଉତ୍ସବ ପାଳିବ। ଗାଜାରେ ସମ୍ପ୍ରତି ୨୦ ଇସ୍ରାଏଲୀ ପଣବନ୍ଦୀ ଜୀବିତ ଥିବାବେଳେ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ହଠାତ୍ ଆକ୍ରମଣ କରି ୧୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରି ନେଇଥିଲେ। ସେବେଠାରୁ ୨ ବର୍ଷ ହେଲା ଇସ୍ରାଏଲ୍ ଗାଜା ଉପରେ ଜୋର୍‌ଦାର ଆକ୍ରମଣ ଜାରି ରଖିଥିଲା। ଏହି ଯୁଦ୍ଧରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଥିବାବେଳେ ୬୭ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଥିଲେ। ଯୁଦ୍ଧ ବନ୍ଦ ପାଇଁ ସାରା ବିଶ୍ୱରୁ ଚାପ ବଢ଼ିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ୨୦ ସୂତ୍ରୀ ସମାଧାନ ପ୍ରସ୍ତାବ ଆଣିଥିଲେ। ହମାସ୍ ଓ ଇସ୍ରାଏଲୀ କର୍ତ୍ତୃପକ୍ଷ ଏଥିରେ ରାଜି ହେବା ପରେ ଯୁଦ୍ଧବିରତି ଆରମ୍ଭ ହୋଇଛି।

### ଫିଲିପାଇନ୍ସରେ ଭୂକମ୍ପ: ୫ ମୃତ

ବ୍ୟାପକ କ୍ଷୟକ୍ଷତି

ମାନିଲା,୧୦।୧୦

ଦକ୍ଷିଣ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୂକମ୍ପ ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଥିବାବେଳେ ବହୁସଂଖ୍ୟାରେ ହସ୍ପିଟାଲ ଓ ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳୁ ଅନେକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉପକୂଳ ଅଞ୍ଚଳରେ ସୁନାମି ଆସିବା ଆଶଙ୍କାରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ପରେ ସୁନାମି ସତର୍କ ସୂଚନାକୁ ପ୍ରତ୍ୟାହାର କରିନିଆଯାଇଛି। କିଛିଦିନ ପୂର୍ବରୁ ଫିଲିପାଇନ୍ସରେ ଭୟଙ୍କର ଭୂକମ୍ପ ହୋଇଥିବାବେଳେ ଏହା ପରେ ଝଡ଼ତୋଫାନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଛି। ଶୁକ୍ରବାର ଭୂକମ୍ପଜନିତ କ୍ଷୟକ୍ଷତିର ଆକଳନ କରାଯାଉଛି ଏବଂ ଉଦ୍ଧାରକାରୀ ଟିମ୍ ଓ ସହାୟତା ପ୍ରଦାନକାରୀମାନଙ୍କୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଯାଇଥିବା ରାଷ୍ଟ୍ରପତି ଫେର୍ଡିନାଣ୍ଡ ମାର୍କୋ ଜୁନିୟର କହିଛନ୍ତି। ଡାଭାଓ ଓରିଏଣ୍ଟାଲ ପ୍ରଦେଶର ମାନୟ ସହରଠାରୁ ୪୩ କି.ମି. ଦୂର ସମୁଦ୍ର ମଧ୍ୟରେ ୨୩ କି.ମି. ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଫିଲିପାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭଲ୍‌କାନୋଲୋଜି ଆଣ୍ଡ ସିସ୍ମୋଲୋଜି ପକ୍ଷରୁ କୁହାଯାଇଛି।

# ଭେନେଜୁଏଲାର ଆଇରନ୍ ଲେଡି

ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଥିବାବେଳେ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ସକାଶେ ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କ ଅକ୍ଳାନ୍ତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିଛି ନରୱେଜିଆନ୍ ନୋବେଲ ଶାନ୍ତି କମିଟି। ମାଚାଡୋ ତାଙ୍କ ଦେଶରେ ଏକଛତ୍ରବାଦୀ ଶାସନ ବିପକ୍ଷରେ ବିରୋଧୀଙ୍କ ନେତୃତ୍ୱ ନେଇ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ପ୍ରୋତ୍ସାହିତ କରିଥିବା କମିଟି ପକ୍ଷରୁ କୁହାଯାଇଛି। ଏଥିଯୋଗୁ ତାଙ୍କ ସମ୍ପର୍କରେ ଜାଣିବା ପାଇଁ ବିଶ୍ୱବାସୀଙ୍କ ମନରେ ଉତ୍ସୁକତା ବୃଦ୍ଧି ପାଇଛି।




ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋ



ଓସ୍‌ଲୋ/କାରାକାସ୍,
୧୦।୧୦(ରଏଟର୍ସ/ଏ.ପି.)

୧୯୬୭ରେ ଜନ୍ମିତ ମାରିଆ କୋରିନା ମାଚାଡୋ ଭେନେଜୁଏଲାରେ ବଢ଼ିଚାଲିଥିବା ଏକଛତ୍ରବାଦ ଶାସନ ବିରୋଧରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲଢ଼େଇକୁ ନେଇ ଚର୍ଚ୍ଚିତ। ସେ ହେଉଛନ୍ତି ଦେଶରେ ନୂଆ ବିରୋଧୀ ନେତା। ମାଚାଡୋ ଇଞ୍ଜିନିୟରିଂ ଓ ଫାଇନାନ୍ସ ଶିକ୍ଷା ଲାଭ ପରେ ବ୍ୟବସାୟିକ କ୍ଷେତ୍ରରେ ମନୋନିବେଶ କରିଥିଲେ। ୧୯୯୨ରେ ସେ ଆଟେନିଆ ଫାଉଣ୍ଡେଶନ୍ ପ୍ରତିଷ୍ଠା କରି ଏହା ମାଧ୍ୟମରେ ରାଜଧାନୀ କାରାକାସ୍‌ର ଦୁଃଖୀ ଦରିଦ୍ର ପିଲାଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଏହାର ୧୦ ବର୍ଷ ପରେ ସେ ସୁମାଟେ ନାମରେ ଆଉ ଏକ ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ଏହି ସଙ୍ଗଠନ ଭେନେଜୁଏଲାରେ ମୁକ୍ତ ଓ ଅବାଧ ନିର୍ବାଚନକୁ ପ୍ରୋତ୍ସାହିତ କରିଆସୁଛି। ତାଲିମ ଓ ନିର୍ବାଚନ ପର୍ଯ୍ୟବେକ୍ଷଣ ପାଇଁ ମଧ୍ୟ ଏହା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି।

ମାଚାଡୋ ୨୦୧୦ରେ ବିପୁଳ ଭୋଟ ପାଇ ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। ତେବେ ଶାସକ ପକ୍ଷ ତାଙ୍କୁ ୨୦୧୪ରେ ପଦରୁ ହଟାଇ ଦେଇଥିଲେ। ମାଚାଡୋ ହେଉଛନ୍ତି ଭେଣ୍ଟେ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ। ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମେଣ୍ଟରେ ଦେଶର ସମସ୍ତ ଗଣତନ୍ତ୍ର ସପକ୍ଷବାଦୀ ଦଳ ସାମିଲ ହୋଇଥିଲେ। ୨୦୨୩ରେ ମାଚାଡୋ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ। କିନ୍ତୁ ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କ ସରକାର ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ପରେ ସେ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ। ନିକଟରେ ଟାଇମ୍ ମାଗାଜିନ୍ ୨୦୨୫ ବର୍ଷ ପାଇଁ ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ମାଚାଡୋଙ୍କୁ ସ୍ଥାନିତ କରିଥିଲା। ଏହାକୁ ନେଇ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ ଅଭିନନ୍ଦନ ଜଣାଇବାକୁ ଯାଇ କହିଥିଲେ, ମାରିଆ କୋରିନା ମାଚାଡୋ ହେଉଛନ୍ତି ଭେନେଜୁଏଲାର ଆଇରନ୍ ଲେଡି। ସେ ଧୈର୍ଯ୍ୟ, ଦୃଢ଼ତା ଓ ଦେଶପ୍ରେମର ପ୍ରତୀକ। ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ମାଚାଡୋ ନିଜ ମିଶନକୁ ନଇଁବାକୁ ଦେଇନାହାନ୍ତି। ଏକ ମୁକ୍ତ, ଅବାଧ ଓ ଗଣତାନ୍ତ୍ରିକ ଭେନେଜୁଏଲା ଗଠନରେ ସେ ବ୍ରତୀ ହୋଇଛନ୍ତି।

### ମାଚାଡୋଙ୍କ 'ଗାନ୍ଧୀ' ପୋଷ୍ଟ ଭାଇରାଲ

ମାରିନା କୋରିନା ମାଚାଡୋ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯାଉଛନ୍ତି ବୋଲି ଘୋଷଣା କରାଯିବା ପରେ ତାଙ୍କର ଏକ ପୋଷ୍ଟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ୨୦୧୦ ମେ' ୧୦ରେ ମାଚାଡୋ ଟୁଇଟର (ବର୍ତ୍ତମାନର X ) ପୋଷ୍ଟରେ ମହାତ୍ମା ଗାନ୍ଧୀଙ୍କୁ ପ୍ରଶଂସା କରି ଉଲ୍ଲେଖ କରିଥିଲେ, ଗାନ୍ଧିଜୀଙ୍କ ମତରେ ଏକ ବୃହତ୍ ଯୋଜନା ଆଗରେ ଏକ ବ୍ୟକ୍ତିଗତ କାର୍ଯ୍ୟ ଛୋଟ ଓ ଗୁରୁତ୍ୱହୀନ ମନେ ହୋଇପାରେ। କିନ୍ତୁ ତାହା ପଦକ୍ଷେପ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ପୋଷ୍ଟକୁ ନେଇ ୟୁଜର୍ସ ମାଚାଡୋଙ୍କୁ ପ୍ରଶଂସା କରୁଛନ୍ତି।

### ନୋବେଲ: ଶାନ୍ତିକୁ ନେଇ ରାଜନୀତି

ୱାଶିଂଟନ୍,୧୦।୧୦



ଟ୍ରମ୍ପଙ୍କୁ ମିଳିଲାନି, ନିନ୍ଦାକଲା ହ୍ୱାଇଟ୍ ହାଉସ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଶା ବାନ୍ଧିଥିଲେ ଚଳିତବର୍ଷ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବ ବୋଲି। ଏଥିପାଇଁ ସେ ଓ ତାଙ୍କ ପ୍ରଶାସନ ଅନେକ ଉଦ୍ୟମ କରିଥିଲେ। ଇସ୍ରାଏଲ୍-ଗାଜା ଓ ଭାରତ-ପାକିସ୍ତାନ ଯୁଦ୍ଧ ସମେତ ମୋଟ ୮ଟି ଯୁଦ୍ଧ ବନ୍ଦ କରାଇଥିବା ଟ୍ରମ୍ପ୍ ବହୁବାର ଦୋହରାଇଥିଲେ। କିନ୍ତୁ ଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ୨୦୨୫ ଫେବୃଆରୀ ୧ ଡେଡ୍‌ଲାଇନ୍ ପୂର୍ବରୁ ସୁପାରିସ କରାଯିବା କଥା। କିନ୍ତୁ ଏହା ପରେ ପାକିସ୍ତାନ ତାଙ୍କ ନାମ ସୁପାରିସ କରିଥିଲା। ପୁରସ୍କାର ନ ମିଳିବା ନେଇ ହ୍ୱାଇଟ୍ ହାଉସ୍ କହିଛି, ନୋବେଲ କମିଟି ଶାନ୍ତିକୁ ନେଇ ରାଜନୀତି କରୁଛି। ତଥାପି ସେ ବିଶ୍ୱ ଶାନ୍ତି ଉଦ୍ୟମ ଜାରି ରଖିବେ।

### ଭାରତୀୟଙ୍କ ସମେତ ୫୦ ସଂସ୍ଥା ଉପରେ ଆମେରିକା କଟକଣା

ୱାଶିଂଟନ,୧୦।୧୦

ଇରାନ ଉପରେ ସର୍ବାଧିକ ଅର୍ଥନୈତିକ ଚାପ ପକାଇବା ପାଇଁ ଆମେରିକା ଭାରତୀୟ କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ସମେତ ବିଭିନ୍ନ ଦେଶର ମୋଟ ୫୦ଟି ସଂସ୍ଥା ଓ ଜାହାଜ ଉପରେ କଟକଣା ଲଗାଇଛି। ଏହିସବୁ ସଂସ୍ଥା ଇରାନ ସହ ତୈଳ, ପେଟ୍ରୋଲିୟମ ଉତ୍ପାଦ ଓ ପେଟ୍ରୋକେମିକାଲ ବାଣିଜ୍ୟ କାରବାରରେ ସାମିଲ ଥିଲେ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ କହିଛି। ଏହି ସଂସ୍ଥାଗୁଡ଼ିକ ଇରାନରୁ ବହୁ ବିଲିୟନ ଡଲାର ମୂଲ୍ୟର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ କିଣୁଥିଲେ। ଇରାନ ଆତଙ୍କବାଦୀ କାର୍ଯ୍ୟରେ ଏହି ପାଣ୍ଠି ବିନିଯୋଗ କରୁଥିବାରୁ ଏହା ଉପରେ ଅତ୍ୟଧିକ ଆର୍ଥିକ ଚାପ ପକାଇବା ଏହି କଟକଣାର ଉଦ୍ଦେଶ୍ୟ। ଆମେରିକା ଅର୍ଥ ବିଭାଗର ଅଫିସ ଅଫ୍ ଫରେନ୍ ଆସେଟ୍ସ କଣ୍ଟ୍ରୋଲ (ଓଏଫ୍ଏସି) ୩ ଭାରତୀୟ ବ୍ୟକ୍ତିବିଶେଷଙ୍କ ଉପରେ କଟକଣା ଲଗାଇଛି। ସେମାନେ ହେଲେ ବରୁନ୍ ପୁଲା, ସୋନିୟା ଶ୍ରେଷ୍ଠ ଏବଂ ଇୟାପ୍ପାନ ରାଜା। ବରୁନ୍‌ଙ୍କର ବେର୍ଥା ଶିପିଂ କମ୍ପାନୀ କୋମୋରୋସ୍‌ର ଜାହାଜକୁ ଅପରେଟ୍ କରିଥାଏ। ଉକ୍ତ ଜାହାଜରେ ଚାଇନାକୁ ୪ ନିୟୁତ ବ୍ୟାରେଲ୍ ଇରାନୀୟ ଏଲ୍‌ପିଜି ପରିବହନ କରାଯାଇଛି। ଇୟାପ୍ପାନ ରାଜାଙ୍କ ଏଭି ଲାଇନ୍ସ କମ୍ପାନୀ ପାନାମାର ଏକ ଜାହାଜକୁ ପରିଚାଳନା କରିଥାଏ। ଉକ୍ତ ଜାହାଜ ଗତ ଏପ୍ରିଲରୁ ଚାଇନାକୁ ୧ ନିୟୁତ ବ୍ୟାରେଲ୍ ଇରାନୀୟ ଏଲ୍‌ପିଜି ପରିବହନ କରିଥିବା ଜଣାପଡ଼ିଛି। ସୋନିୟା ଶ୍ରେଷ୍ଠାଙ୍କ ମାଲିକାନାରେ ଭାରତରେ ଭେଗା ଷ୍ଟାର ଶିପ୍ ମ୍ୟାନେଜମେଣ୍ଟ ପ୍ରା.ଲିଃ ରହିଛି। ଏହି କମ୍ପାନୀ କୋମୋରୋସ୍‌ର ନେପ୍‌ଟା ଜାହାଜ ପରିଚାଳନା କରିଥାଏ, ଯେଉଁଥିରେ ଇରାନରୁ ପାକିସ୍ତାନକୁ ଏଲ୍‌ପିଜି ପରିବହନ ହେଉଥିଲା।

### କାବୁଲରେ ବୋମାମାଡ଼: ଦିଲ୍ଲୀରୁ ପାକିସ୍ତାନକୁ ତାଲିବାନ୍‌ର କଡ଼ା ବାର୍ତ୍ତା

ନୂଆଦିଲ୍ଲୀ,୧୦।୧୦

କାବୁଲରେ ବୋମାମାଡ଼କୁ ପାକିସ୍ତାନର ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ବୋଲି ତାଲିବାନ କହିବା ସହ ନୂଆଦିଲ୍ଲୀରୁ କଡ଼ା ବାର୍ତ୍ତା ପଠାଇଛି। କାବୁଲରେ ଗୁରୁବାର ବିଳମ୍ବିତ ରାତିରେ ୨ଟି ବୋମାମାଡ଼ ହୋଇଥିଲା। ଆଫଗାନିସ୍ତାନର ସାର୍ବଭୌମତ୍ୱର ଉଲ୍ଲଂଘନ କରି ଏହାର ସୀମାନ୍ତ ସହର ଉପରେ ପାକିସ୍ତାନ ବୋମାମାଡ଼ କରୁଥିବା ତାଲିବାନ ସରକାର ଶୁକ୍ରବାର ଅଭିଯୋଗ କରିଛନ୍ତି। ଆଫଗାନିସ୍ତାନର ବାୟୁସୀମାକୁ ଉଲ୍ଲଂଘନ କରି ପାକିସ୍ତାନ ଡୁରାଣ୍ଡ ଲାଇନ ନିକଟ ପାକ୍‌ଟିକାର ମାର୍ଘି ଅଞ୍ଚଳରେ ଥିବା ବଜାରରେ ବୋମା ପକାଇଥିଲା ବୋଲି ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଭଳି ହିଂସାତ୍ମକ ଓ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟକୁ ଆମେ ନିନ୍ଦା କରୁଛୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତାଲିବାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ନୂଆଦିଲ୍ଲୀ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ହୋଇଛି। ମୁତ୍ତାକି କହିଛନ୍ତି, ପାକ୍ ସରକାର ଭୁଲ୍ ପଦକ୍ଷେପ ନେଇଥିବା ସେ ଭାବୁଛନ୍ତି। ଏଭଳି ପ୍ରସଙ୍ଗର ସମାଧାନ ଶକ୍ତି ଦ୍ୱାରା ହୋଇପାରିବ ନାହିଁ। ଦେଶ ସହ ରହିଥିବା ବିବାଦ ଅନ୍ତର୍ଜାତୀୟ ସ୍ତରରେ ହେବା ଆବଶ୍ୟକ। ଆଲୋଚନା ଓ କୂଟନୀତି ପାଇଁ ଆମେ ଦ୍ୱାର ଖୋଲା ରଖିଛୁ ବୋଲି ସେ କହିଛନ୍ତି।

## କାବୁଲରେ ପୁଣି ଦୂତାବାସ ଖୋଲିବ ଭାରତ

ପାକିସ୍ତାନ ଉଭୟ ଭାରତ ଓ ଆଫଗାନିସ୍ତାନ ପାଇଁ ବିପଦ: ଜୟଶଙ୍କର

ନୂଆଦିଲ୍ଲୀ,୧୦।୧୦


ଏସ୍. ଜୟଶଙ୍କରଙ୍କ ସହ ଆଫଗାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକ।

ଭାରତ ଆଫଗାନିସ୍ତାନ ରାଜଧାନୀ କାବୁଲରେ ଏହାର ଦୂତାବାସ ପୁନର୍ବାର ଖୋଲିବା ପାଇଁ ଶୁକ୍ରବାର ଘୋଷଣା କରିଛି। ତାଲିବାନ ଶାସନାଧୀନ ଆଫଗାନିସ୍ତାନ ସହ ସମ୍ପର୍କ ବଢ଼ାଇବା ନେଇ ନୂଆଦିଲ୍ଲୀ ସ୍ପଷ୍ଟ ସଙ୍କେତ ଦେଇଛି। ନୂଆଦିଲ୍ଲୀ ଗସ୍ତରେ ଥିବା ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ସହ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କ ବୈଠକ ପରେ ଏହି ଘୋଷଣା କରାଯାଇଛି। ବୈଠକରେ ଉଭୟ ନେତା ପୁନଃନିର୍ମାଣ, ମାନବୀୟ ସହାୟତାଠାରୁ ଆରମ୍ଭ କରି ସୁରକ୍ଷା ସହଯୋଗ ଏବଂ ବାଣିଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

କାବୁଲରେ ଭାରତର ବୈଷୟିକ ମିଶନକୁ ଉନ୍ନତ କରି ଏହାକୁ ଦୂତାବାସ ମାନ୍ୟତା ଦେବା ପାଇଁ ଜୟଶଙ୍କର ଘୋଷଣା କରିଛନ୍ତି। ଆଫଗାନ୍ ଜନସାଧାରଣ ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଭାରତର ବ୍ୟାପକ ପ୍ରତିଶ୍ରୁତିବଦ୍ଧତାର ଏହା ଅଂଶବିଶେଷ। ଏକ ମିଳିତ ବିବୃତିରେ ଜୟଶଙ୍କର ଓ ମୁତ୍ତାକି କହିଛନ୍ତି, ପାକିସ୍ତାନ ସୀମାପାର ଆତଙ୍କବାଦର ପ୍ରାୟୋଜକ ଭାବେ ଭାରତ ଓ ଆଫଗାନିସ୍ତାନ ତାଲିକାଭୁକ୍ତ କରିଛନ୍ତି। ପାକିସ୍ତାନ ଉଭୟ ଭାରତ ଓ ଆଫଗାନିସ୍ତାନ ପାଇଁ ବିପଦ। ସୀମାପାର ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମେ ମିଳିତ ଉଦ୍ୟମ କରିବା ଜରୁରୀ ବୋଲି ଜୟଶଙ୍କର କହିଛନ୍ତି।

ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ପାଇଁ କାବୁଲ ଖୁବ୍‌ଶୀଘ୍ର ଭାରତକୁ କୂଟନୀତିଜ୍ଞମାନଙ୍କୁ ପଠାଇବ ବୋଲି ମୁତ୍ତାକି କହିଛନ୍ତି। ନୂଆଦିଲ୍ଲୀର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି କୌଣସି କାର୍ଯ୍ୟ ଆଫଗାନ ମାଟିରୁ କରିବା ଲାଗି ଅନୁମତି ଦିଆଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ବିବାହ ପାଇଁ ତ୍ରିଶା ରାଜି


ତ୍ରିଶା କ୍ରିଷ୍ଣନ

**ହାଇଦ୍ରାବାଦ:** ଚର୍ଚ୍ଚାରେ ଦକ୍ଷିଣ ଭାରତୀୟ ସିନେମାର ବୁଲବୁଲି ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ। ଆପଣ ଭାବୁଥିଲେ ତାହା କୌଣସି ସିନେମା ଲାଗି। ହେଲେ ସେଭଳି କିଛି ନୁହେଁ। ଶୁଣିବାକୁ ମିଳୁଛି ଯେ ଅଭିନେତ୍ରୀ ଖୁବ୍‌ଶୀଘ୍ର ହାତକୁ ଦୁଇ ହାତ ହେବେ। ଏମିତିରେ ପ୍ରଶଂସକଙ୍କ ଆଶା ଥିଲା ଯେ ସେ କୌଣସି ଅଭିନେତାଙ୍କ ହାତ ଧରିପାରନ୍ତି। ହେଲେ ତ୍ରିଶା ନିଜ ପିତାମାତାଙ୍କ ଇଚ୍ଛା ଅନୁସାରେ ପ୍ରସ୍ତାବିତ ବିବାହ ପାଇ ହଁ ଭରିଛନ୍ତି। ଯଦି ସବୁକିଛି ଠିକ୍ ଚାଲେ ତାହାଲେ ପ୍ରଶଂସକଙ୍କୁ ଖୁବ୍‌ଶୀଘ୍ର ଖୁସି ଖବର ମିଳିବ।

ଏକ ରିପୋର୍ଟ ମୁତାବକ, ତ୍ରିଶାଙ୍କ ମା'ବାପା ତାଙ୍କ ଲାଗି ଚଣ୍ଡିଗଡ଼ର ଜଣେ ବ୍ୟବସାୟୀଙ୍କୁ ପସନ୍ଦ କରିଛନ୍ତି। ଉଭୟ ପରିବାର ପରସ୍ପରକୁ ବେଶ୍ ଭଲ ଭାବେ ଜାଣନ୍ତି। ଏଣୁ କୌଣସି ଅସୁବିଧା ନାହିଁ। ପୂର୍ବରୁ ମଧ୍ୟ ତ୍ରିଶା ପସନ୍ଦର ବ୍ୟକ୍ତିଙ୍କୁ ପାଇଲେ ବିବାହ କରିବେ ବୋଲି କହିସାରିଛନ୍ତି।

କହିରଖୁଛୁ, ତ୍ରିଶାଙ୍କ ବିବାହକୁ ନେଇ ପୂର୍ବରୁ ଅନେକ ଖବର ଆସିଛି। ୨୦୧୫ରେ ସେ ବ୍ୟବସାୟୀ ବରୁଣ ମାନିଆନ୍‌ଙ୍କ ସହ ନିର୍ବନ୍ଧ କରିଥିଲେ। ହେଲେ ତାହା ବେଶିଦିନ ତିଷ୍ଠି ନ ଥିଲା। ଏହି ଖବର ଶୁଣି ପ୍ରଶଂସକ ଚକିତ ହୋଇଥିଲେ। କାରଣ ଅଭିନେତ୍ରୀ ବିବାହ ପରେ ବି ଅଭିନୟ ଜାରି ରଖିବାକୁ ଚାହୁଁଥିଲେ। ଏହାକୁ ନେଇ ଉଭୟଙ୍କ ମତଭେଦ ହୋଇଯାଇଥିଲା। ଏବେ ପୁଣିଥରେ ତାଙ୍କ ବିବାହ ଖବର ଚର୍ଚ୍ଚାରେ ରହିଛି।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ | Bhubaneswar, Saturday, October 11/2025 | ପୃଷ୍ଠା-୧



ଅନୁଗୋଳ ସହର ନିକଟ ଗୋପୀନାଥପୁର ପଦ୍ମପାଦ ମଠ ନିକଟରେ ଶୁକ୍ରବାର ରାସ୍ତାରେ ଯାଉଥିବା ଏକ ଡାଲା ଅଟୋକୁ ହାତୀ ଭିଡ଼ିଆଣୁଛି। (ରିପୋର୍ଟ: ପୃଷ୍ଠା-୬)

# ସବୁ ଚାଷୀଙ୍କ ଧାନ କିଣିବେ ସରକାର

**ଭୁବନେଶ୍ୱର,୧୦।୧୦ (ରବିନାରାୟଣ ଜେନା)**

ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ସହିତ ଜମିକୁ ଜଳସେଚନ ବ୍ୟବସ୍ଥା ସୁଦୃଢ଼ କରିବା, ଶ୍ରମିକଙ୍କୁ ସୁରକ୍ଷା ଦେବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୦ଟି ବିଭାଗର ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ

## ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ଅନୁମୋଦନ

- **ଅଭାବୀ ବିକ୍ରି ରୋକିବା ପାଇଁ ଜିଲା ପ୍ରଶାସନକୁ କ୍ଷମତା**
- **ନିଯୁକ୍ତ ହେବେ ମଣ୍ଡି ଅଧିକାରୀ**

ଆହୁଜା ଗଣମାଧ୍ୟମକୁ କହିଥିଲେ, ଖରିଫ୍ ୨୦୨୫-୨୬ ବର୍ଷ ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ ଅନୁମୋଦନ ଦିଆଯାଇଛି। ଚଳିତବର୍ଷ ଖରିଫ୍ ଋତୁ ଲାଗି ଅକ୍ଟୋବର ପହିଲାରୁ ଧାନ ସଂଗ୍ରହ ଆରମ୍ଭହୋଇ ୨୦୨୬ ସେପ୍ଟେମ୍ବରରେ ସମାପ୍ତ ହେବ। ଏହି ବର୍ଷବ୍ୟାପୀ ରାଜ୍ୟ ସରକାର ଖରିଫ୍ ଓ ରବି ଋତୁ ପାଇଁ ପୃଥକ୍ ଭାବରେ ଧାନ ସଂଗ୍ରହ କରିବେ। ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନକରି ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ଏବଂ ନିୟୋଜିତ କଷ୍ଟମ ମିଲରମାନଙ୍କ ଦ୍ୱାରା ଏହି ଧାନକୁ ମିଲିଂ କରାଯାଇ ସମତୁଲ୍ୟ ଚାଉଳ ସଂଗ୍ରହ କରାଯିବ। ସଂଗୃହୀତ ଚାଉଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରାଯିବ। ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ଖରିଫ୍ ଋତୁରେ ୬୩ ଲକ୍ଷ ମେଟ୍ରିକ୍ ଟନ୍‌ର ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ☞ପୃଷ୍ଠା-୨

(କ୍ୟାବିନେଟ୍ ସମ୍ପର୍କିତ ଅଧିକ ରିପୋର୍ଟ: ପୃଷ୍ଠା-୫)

# ମାରିଆଙ୍କୁ ନୋବେଲ ଶାନ୍ତି

**ଓସ୍‌ଲୋ,୧୦।୧୦(ଏ.ପି.)**

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋ ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବେ। ଅନ୍ଧକାର ବଢ଼ିଚାଲିଥିବାବେଳେ ଗଣତନ୍ତ୍ରର ଶିଖାକୁ ଜଳାଇ ରଖିଥିବା ଏହି ମହିଳାଙ୍କୁ ଉକ୍ତ ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ ବୋଲି ଶୁକ୍ରବାର ନରୱେଜିଆନ୍ ନୋବେଲ କମିଟି ପକ୍ଷରୁ ଘୋଷଣା କରାଯାଇଛି।



ମାରିଆ କୋରିନା ମାଚାଡୋ

ନୋବେଲ କମିଟି ଅଧ୍ୟକ୍ଷ ଜୋର୍ଗେନ୍ ୱାଟ୍‌ନେ ଫ୍ରିଡ୍‌ନେସ୍ କହିଛନ୍ତି, ଅତୀତରେ ମାରିଆଙ୍କୁ ଲୁଚ୍‌କାଯିତ ଭାବେ ରହିବାକୁ ପଡ଼ିଥିଲା। ତାଙ୍କ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସେ ଦେଶରେ ରହିବାକୁ ପସନ୍ଦ କରିଥିଲେ, ଯାହାକି ଅନେକ ନିୟୁତ ଲୋକଙ୍କ ପାଇଁ ପ୍ରେରଣା ପାଲଟିଥିଲା। ଯେତେବେଳେ ଏକଚ୍ଛତ୍ରବାଦୀମାନେ କ୍ଷମତା ଛଡ଼ାଇ ନିଅନ୍ତି, ସେତେବେଳେ ଆଗକୁ ଆସି ପ୍ରତିରୋଧ କରୁଥିବା ସ୍ୱାଧୀନତାର ସାହସୀ ରକ୍ଷକମାନଙ୍କୁ ସ୍ୱୀକୃତି ଦେବା ତାତ୍ପର୍ଯ୍ୟପୂର୍ଣ୍ଣ। ☞ପୃଷ୍ଠା-୨

## ଟ୍ରମ୍ପ୍‌ଙ୍କୁ ପୁରସ୍କାର ଉତ୍ସର୍ଗ କଲେ ମାରିଆ

ଭେନେଜୁଏଲାବାସୀଙ୍କ ସଂଘର୍ଷକୁ ସ୍ୱୀକୃତି ପ୍ରଦାନ କରାଯିବା ଫଳରେ ଆମକୁ ନିଜ ଦାୟିତ୍ୱ ତୁଲାଇବା ଏବଂ ସ୍ୱାଧୀନତା ହାସଲ ଦିଗରେ ବଳ ଦେଇଛି। ଆଜି ଆମେ ବିଜୟର ଦ୍ୱାରଦେଶରେ, ଯାହାକି ପୂର୍ବରୁ କେବେ ହୋଇ ନ ଥିଲା। ରାଷ୍ଟ୍ରପତି ଟ୍ରମ୍ପ୍, ଆମେରିକୀୟ ଜନସାଧାରଣ, ଲାଟିନ୍ ଆମେରିକୀୟ ଏବଂ ଗଣତନ୍ତ୍ର ଓ ସ୍ୱାଧୀନତା ହାସଲ ଉଦ୍ୟମରେ ସହାୟକ ହୋଇଥିବା ବିଶ୍ୱର ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଉଛୁ। ଦୁର୍ଦ୍ଦଶା ଭୋଗୁଥିବା ଭେନେଜୁଏଲାର ଲୋକଙ୍କ ସହ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ସେମାନଙ୍କ ନିର୍ଣ୍ଣାୟକ ସମର୍ଥନ ପାଇଁ ନୋବେଲ ଶାନ୍ତି ପୁରସ୍କାରକୁ ଉତ୍ସର୍ଗ କରୁଛି।

ଆଜିର ସମ୍ପାଦକୀୟ | ଗୋଟିଏ ଟୁଇଟ୍



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହ, ସ୍ଥାନ: ବିଜେଇଏମ୍ ସ୍କୁଲ, ବିଜେବି ନଗର, ସମୟ: ସକାଳ ୯ଟା ୩୦।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭର ରାଜ୍ୟସ୍ତରୀୟ ସମାରୋହ, ସ୍ଥାନ:କୃଷି ଶିକ୍ଷା ସଦନ, ଓୟୁଏଟି,ସମୟ: ପୂର୍ବାହ୍ନ ୧୦ଟା।
- ବିଶିଷ୍ଟ ସମାଜବାଦୀ ନେତା ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ନୂଆପାଟଣା ଜେମାଦେଈପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେମାଦେଈପୁର, ତିଗିରିଆ, ସମୟ: ସକାଳ ୮ଟା।
- ଗାନ୍ଧୀ-ଲୋହିଆ-ଜୟପ୍ରକାଶ ମଞ୍ଚ ପକ୍ଷରୁ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜୟପ୍ରକାଶ ନାରାୟଣ ପାର୍କ, ସିଡିଏ ସେକ୍ଟର-୬, ସମୟ: ସକାଳ ୮ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ କନ୍ୟା ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଉତ୍କଳ ସର୍ବୋଦୟ ମଣ୍ଡଳ ଓ କଟକ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀହାଟ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜାଗେଶ୍ୱରୀ ଛକ, ବାଲିଘାଟ, ସମୟ: ସନ୍ଧ୍ୟା ୬ଟା।
- ରେଲ୍‌ୱେ ଷ୍ଟେଶନ ଅଟୋଚାଳକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରେଲ୍‌ୱେ ଷ୍ଟେଶନ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ରାମଚରିତ ମାନସ ଅନ୍ତିମ ସନ୍ଧ୍ୟା,ସ୍ଥାନ: ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି, ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସନ୍ଧ୍ୟା ଆଳତି, ସ୍ଥାନ: ଏନ୍‌ଏସି ମାର୍କେଟ, ପୁରୁଣା ବସ୍‌ଷ୍ଟାଣ୍ଡ,ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଜିଲାସ୍ତରୀୟ 'ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା' ଉତ୍ସବ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସକାଳ ୯ଟା
- ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ୬୯ତମ ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍ ଆରମ୍ଭ, ସ୍ଥାନ: ରେଲୱେ ପଡ଼ିଆ, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆଗାସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- କଳା ଓ କାଳାକାର ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା। ୩୦।

## କନ୍ଧମାଳ

- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାବଣ ଦରବାର ଶେଷ, ସ୍ଥାନ: ଫୁଲବାଣୀ କୁମ୍ଭାରପଡା, ସମୟ: ରାତି ୮ ଟା।

## ଢେଙ୍କାନାଳ

- ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାଜିଚୌକ, ଢେଙ୍କାନାଳ, ସମୟ: ସକାଳ ୭ଟା୩୦।
- ବାଜିରାଉତଙ୍କ ଶ୍ରାଦ୍ଧୋତ୍ସବ ପାଳନ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ: ସକାଳ ୮ଟା୩୦।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ଅଡିଟୋରିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀ ଉତ୍ସବର ୫ମ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ କଲେଜ ଛକ, ସମୟ: ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅପେରା ପରିବେଷଣ, ସ୍ଥାନ: ତ୍ରିବେଣୀ ଛକ ରାଣୀଗୋଡ଼ା, ସମୟ: ରାତି ୧୦ଟା।
- ଟାଇଁସି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅପେରା ପରିବେଷଣ, ସ୍ଥାନ: ଟାଇଁସି ଲକ୍ଷ୍ମୀପୂଜା ପଡ଼ିଆ, ସମୟ: ରାତି ୧୦ଟା।

## ଜଗତ୍‌ସିଂହପୁର

- ସିଟି ଜିଏସ୍‌ଟି ପକ୍ଷରୁ କର୍ମଶାଳା, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନ ପକ୍ଷରୁ ସମୁଦ୍ର ଆଳତି କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ଅପରାହ୍ନ ୫ଟା୩୦।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ମଡ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକର ନୋତର, ଖଇରପଟି, ଆନନ୍ଦାପଲ୍ଲୀ, ଶଙ୍ଖେଇ, ବଉଳସାହି, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ଶନିଶ୍ଚରଦେବଙ୍କ ବାର୍ଷିକୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକର ବାଲଣ୍ଡା, ସମୟ: ସକାଳ ୯ଟା।
- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗ୍ରନ୍ଥାଗାରର ଶୁଭ ଉଦ୍‌ଘାଟନ ଓ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ନୂଆଗାଁ ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଆଭାସି ଲୋକାର୍ପଣ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ସମନ୍ୱିତ ଆକ୍ୱା ପାର୍କର ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମ, ସ୍ଥାନ: ଚିପିଲିମା ସ୍ଥିତ ଓୟୁଏଟି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀ ସ୍ଥିତ ପରିଷଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୬ଟା।

## ବଲାଙ୍ଗୀର

- କୁଶଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ଆନ୍ତର୍ଜାତିକ କନ୍ୟା ଦିବସ ପାଳନ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଭାଲିଆମୁଣ୍ଡା ୫୩ତମ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ଖେଳ, ସ୍ଥାନ: ସାପ୍ତାହିକ ବଜାର ପଡ଼ିଆ,ଭାଲିଆମୁଣ୍ଡା, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୩ଟା

## ରାଉରକେଲା

- ତାଲୁକ ଆଇନ ସଚେତନତା ଶିବିର, ସ୍ଥାନ: ଶ୍ରଦ୍ଧା ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ପେଡ୍ ମା' କେ ନାମ, ସ୍ଥାନ: ଜୁଭେନାଇଲ ଜେଲ୍, ସମୟ: ପୂର୍ବାହ୍ନ-୧୦ଟା।
- ଗୋପବନ୍ଧୁ ପାଠାଗାରର ୨୨ତମ ବାର୍ଷିକୋତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହନୁମାନ ବାଟିକା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧୨ଟା ୪୫।
- ସତ୍‌ସଙ୍ଗ ବିହାରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ସତ୍‌ସଙ୍ଗ ବିହାର, ସମୟ: ସନ୍ଧ୍ୟା ୬ଟା।
- ଲତା ମଙ୍ଗେସକରଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ:-ସନ୍ଧ୍ୟା ୬ଟା।
- ପଦ୍ମବର୍ଣ୍ଣା ଅନୁଷ୍ଠାନ ପକ୍ଷରୁ ନାଟ୍ୟ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର-୬, ସମୟ: ରାତି ୮ଟା।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ-୨୦୨୫ ପାଳନ କାର୍ଯ୍ୟକ୍ରମ,ସ୍ଥାନ:ସୁନ୍ଦରଗଡ ସଦର ବ୍ଲକ ମିଟିଂ ହଲ,ସମୟ:ପୂର୍ବାହ୍ନ୧୦ଟା।
- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ:ସକାଳ ୯ଟା୩୦।

## ବରଗଡ଼

- ବ୍ଲକସ୍ତରୀୟ କଳା ଉତ୍ସବ, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଡାପାଲି, ବିଜେପୁର, ସମୟ: ସକାଳ ୯ଟା ୩୦।
- ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ଶ୍ରୀ ବୁଢାରଜା ଠାକୁରଙ୍କ ବାର୍ଷିକ ଦଶହରା ଉତ୍ସବ, ସ୍ଥାନ: କୋକସରା ବ୍ଲକ ଆମପାଣି, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ପ୍ରଧାନମନ୍ତ୍ରୀ କୃଷି ଧନଧ୍ୟାନ ଯୋଜନାର ଶୁଭାରମ୍ଭ ଉତ୍ସବ, ସ୍ଥାନ:ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ବାଳିକା ଦିବସ ପାଳନ, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି କେନ୍ଦ୍ର, ସମୟ: ସକାଳ ୯ଟା।
- ପିଏମ୍‌ଡିଡିକେୱାଇ ଏବଂ ଜାତୀୟ ଡାଲି ମିଶନର ଶୁଭାରମ୍ଭ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଗଜଲକ୍ଷ୍ମୀ ପୂଜାର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀରାମାୟଣ ପରାୟଣର ଷଷ୍ଠ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତରଭାରେ ଡ. ଆମ୍ବେଡକର ସାମାଜିକ ସେବା ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: କୃଷ୍ଣାର୍ଜୁନ କଳାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମୁରାସୁର ଦରବାରର ଷଷ୍ଠ ରଜନୀ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକଲ ଛନ୍ଦେ ସଭିଙ୍କୁ**
**ଜାଲ ଛନ୍ଦେ ମାଛକୁ**
**ସ୍ତ୍ରୀ ପାଖରେ ପୁରୁଷ ବନ୍ଦୀ**
**ବକଲ ବାନ୍ଧେ ଗଛକୁ ।**

ମଣିଷ ନିଜ ବୁଦ୍ଧି ବଳରେ ସମସ୍ତଙ୍କୁ ଛନ୍ଦି ଦେଲାପରି ବା ବଶ କଲାପରି ଜାଲ ଘେରରେ ମାଛଟି ଛନ୍ଦି ହୋଇଯାଉଥିବାର ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ଦାମ୍ପତ୍ୟ ଜୀବନରେ ପୁରୁଷଟି ନିଜ ସ୍ତ୍ରୀ ପାଖରେ ବନ୍ଦୀ ହୋଇ ରହିବା ପରି ଗଛକୁ ବକଲ ବାନ୍ଧି ରଖିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଖ ଢିଲା, ଚକ ଢିଲା**
**ଶଗଡ଼ ବଳେ କିଆବଣକୁ ଗଲା।**

ସାଧାରଣତଃ ଅଖ ଓ ଚକ ଢିଲା ରହିଲେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ରହିଥାଏ। ସେହିପରି ଢିଲା ପ୍ରକୃତି ଥିବା ଲୋକର କୌଣସି ଠିକ୍ ଠିକଣା ରହୁ ନ ଥିବା ବେଳେ ତା'ର ହୁଗୁଳା ସ୍ୱଭାବ ଯୋଗୁ ସେ ସବୁବେଳେ ହଇରାଣ ହରକତ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ମାରିଆଙ୍କୁ ନୋବେଲ ...

ପୁରସ୍କାର ଘୋଷଣା କରିବାର ଠିକ୍ ପୂର୍ବରୁ କମିଟି ମାଚାଡୋଙ୍କୁ ଭେଟିଥିଲା ଏବଂ ଏହାର ଏକ ବିସ୍ମୟକର ପରିଣାମ ଆସିଛି। ନୋବେଲ ଶାନ୍ତି ପୁରସ୍କାର ଘୋଷଣାକୁ ନେଇ ନିର୍ବାସନରେ ରହୁଥିବା ବିରୋଧୀ ପ୍ରାର୍ଥୀମାନେ ଉତ୍ସବ ମନାଇବାରେ ଲାଗିଛନ୍ତି। ସ୍ପେନ୍‌ରେ ନିର୍ବାସନ ଜୀବନ ବିତାଉଥିବା ମାଚାଡୋଙ୍କ ସହଯୋଗୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ସୋସିଆଲ ମିଡିଆରେ ନିଜର ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ ସେ ମାଚାଡୋଙ୍କୁ ଫୋନ୍ କଲ୍ କରୁଥିବା ଦେଖିବାକୁ ମିଳିଛି। ମାଚାଡୋଙ୍କୁ ଏଡ୍‌ମୁଣ୍ଡୋ କହୁଛନ୍ତି, ଏହି ଖବର ଶୁଣି ସେ ଆଚମ୍ବିତ। ବିଶ୍ୱାସ କରିପାରୁ ନାହାନ୍ତି ଯେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଛି। କିନ୍ତୁ ଏଥିପାଇଁ ସେ ସବୁଠୁ ଯୋଗ୍ୟତମ ବ୍ୟକ୍ତି। ଗଣତନ୍ତ୍ର ଓ ଆମ ସ୍ୱାଧୀନତା ପାଇଁ ଦୀର୍ଘ ଲଢ଼େଇ ଲଢ଼ିଥିବା ଜଣେ ମହିଳାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ହେଉଛି ଉତ୍କୃଷ୍ଟ ସ୍ୱୀକୃତି। ଭେନେଜୁଏଲାର ମଦୁରୋ ସରକାର ଲଗାତର ନିଜ ବାସ୍ତବ କିମ୍ବା କଳ୍ପିତ ବିରୋଧୀଙ୍କୁ ଟାର୍ଗେଟ୍ କରିଆସିଛି। ଚଳିତ ସପ୍ତାହରେ ୫୮ ବର୍ଷରେ ପଦାର୍ପଣ କରିଥିବା ମାଚାଡୋ ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କ ବିରୋଧରେ ୨୦୨୪ ଜୁଲାଇରେ ନିର୍ବାଚନ ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଥିଲେ। କିନ୍ତୁ ସରକାର ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଫଳରେ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ମାଚାଡୋଙ୍କ ସ୍ଥାନରେ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ମଦୁରୋ ସବୁ ଶକ୍ତି ପ୍ରୟୋଗ କରି ତାଙ୍କୁ ଜିତିବାକୁ ଦେଇ ନ ଥିଲେ। ଏହି ନିର୍ବାଚନରେ ପ୍ରାର୍ଥିତ୍ୱ ରଦ୍ଦ, ଗିରଫଦାରି ଓ ମାନବାଧିକାର ଉଲ୍ଲଂଘନର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା। ମଦୁରୋଙ୍କ ଅନୁଗତମାନଙ୍କୁ ନେଇ ଗଠିତ ଦେଶର ନ୍ୟାଶନାଲ ଇଲେକ୍ଟୋରାଲ କାଉନ୍‌ସିଲ ତାଙ୍କୁ ରାଷ୍ଟ୍ରପତି ପୁନଃ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲା। ଏହା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ବିରୋଧୀଙ୍କ ଉପରେ ସରକାରୀ ଦମନଲୀଳା ବଢ଼ିଯାଇଥିଲା। ସରକାର ବଳ ପ୍ରୟୋଗ କରିବାରୁ ୨୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ। ଏପରି କି ସରକାରୀ କଳ ଆର୍ଜେଣ୍ଟିନା ସମେତ ବିଦେଶୀ ରାଷ୍ଟ୍ରଗୁଡ଼ିକ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଥିଲା। ଏଭଳି ସ୍ଥିତିରେ ମାଚାଡୋ ଆତ୍ମଗୋପନ କରିଥିଲେ। ତାଙ୍କୁ ଗତ ଜାନୁଆରୀ ପର୍ଯ୍ୟନ୍ତ ଦେଖିବାକୁ ମିଳି ନ ଥିଲା। ଏଡ୍‌ମୁଣ୍ଡୋ ନିର୍ବାଚନର ପ୍ରକୃତ ଫଳାଫଳ ପ୍ରକାଶ କରିଥିବାରୁ ଭେନେଜୁଏଲାର ଏକ କୋର୍ଟ ତାଙ୍କ ବିରୋଧରେ ଗିରଫଦାରି ୱାରେଣ୍ଟ ଜାରି କରିଥିଲେ। ସେ ସ୍ପେନ୍ ଚାଲିଯାଇ ସେଠାରେ ଶରଣାର୍ଥୀ ଭାବେ ବସବାସ କରିବାକୁ ଲାଗିଲେ।

ଗତ ଜାନୁଆରୀରେ ମଦୁରୋ ତୃତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭେନେଜୁଏଲାରେ ନୈରାଶ୍ୟ ଖେଳିଯାଇଥିଲା। ଏଥିସହ ମାଚାଡୋ ଓ ବିରୋଧୀଙ୍କ ପ୍ରତି ସମର୍ଥନ ହ୍ରାସ ପାଇଥିଲା। ଗତବର୍ଷ ମାଚାଡୋ ଓ ଏଡ୍‌ମୁଣ୍ଡୋଙ୍କୁ ୟୁରୋପୀୟ ସଂଘର ସର୍ବବୃହତ୍ ମାନବ ଅଧିକାର ସମ୍ମାନ ସାଖାରୋଭ୍ ପ୍ରାଇଜ୍ ପ୍ରଦାନ କରାଯାଇଥିଲା। ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିବାରେ ମାଚାଡୋ ହେଉଛନ୍ତି ବିଂଶତମ ମହିଳା ଓ ୧୧୨ତମ ବ୍ୟକ୍ତି। ଇସ୍ରାଏଲ୍-ହମାସ୍ ଓ ଭାରତ-ପାକିସ୍ତାନ ସମେତ ୮ଟି ଯୁଦ୍ଧ ବନ୍ଦ କରାଇଥିବା ନେଇ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାୟୀ ଥିଲେ। କିନ୍ତୁ ନୋବେଲ ଶାନ୍ତି ପୁରସ୍କାର କମିଟିର ଜୁରୀମାନେ ତାଙ୍କୁ ଏହି ପୁରସ୍କାର ଦେବାକୁ ଯୋଗ୍ୟ ମନେକରିନାହାନ୍ତି। ଏହାସତ୍ତ୍ୱେ ଟ୍ରମ୍ପ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ନିଜ ଉଦ୍ୟମ ଜାରି ରଖିବେ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର ଷ୍ଟିଭେନ୍ ଚେଉଙ୍ଗ୍ ଶୁକ୍ରବାର ସକାଳେ Xରେ ଘୋଷଣା କରିଛନ୍ତି। ଶାନ୍ତିକୁ ନେଇ ନୋବେଲ କମିଟି ରାଜନୀତି କରୁଥିବା ସେ ଉକ୍ତ ସୋସିଆଲ ମିଡିଆ ପୋଷ୍ଟରେ ସମାଲୋଚନା କରିଛନ୍ତି।

### ସବୁ ଚାଷୀଙ୍କ ଧାନ ...

କରାଯାଇଛି। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ। ଖରିଫ୍ ଓ ରବି ଋତୁରେ ଧାନ ସଂଗ୍ରହର ଧାର୍ଯ୍ୟଲକ୍ଷ୍ୟ ଯଥାକ୍ରମେ ୭୨ ଲକ୍ଷ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଅଧିକ ଧାନ ଯଦି ପଞ୍ଜୀକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସେ, ତାହା ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ। ସରକାରଙ୍କୁ ଧାନ ବିକ୍ରି ପାଇଁ 'ଆଧାର' ହେବ ଏକମାତ୍ର ପରିଚୟପତ୍ର। ଚାଷୀମାନେ ଆଧାର ଆଧାରିତ ଇ-କେୱାଇସି ପଞ୍ଜୀକରଣ ମାଧ୍ୟମରେ ଆଧାର ଇ-କେୱାଇସି ଆଧାରିତ ଦେୟ ପାଇଁ ସମ୍ମତି ଦେବେ। ଧାନ ବିକ୍ରୟ ସମୟରେ ପଞ୍ଜୀକୃତ ଚାଷୀଙ୍କ 'ଆଧାର' ମାଧ୍ୟମରେ ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ। ଉପଗ୍ରହ ଚିତ୍ର ମାଧ୍ୟମରେ ପଞ୍ଜୀକୃତ ହୋଇଥିବା ଚାଷଜମିଗୁଡ଼ିକର ଶତପ୍ରତିଶତ କ୍ଷେତ୍ର ଯାଞ୍ଚ ଏବଂ ଜମି ବିବରଣୀର ବୈଧତା ଯାଞ୍ଚ କରାଯାଉଛି। ପଞ୍ଜୀକୃତ ଯୋଗ୍ୟ ଚାଷୀମାନଙ୍କୁ ଧାନ ସଂଗ୍ରହ ବାବଦ କ୍ରୟ ଦିବସ ଓ ପରିମାଣ ସମ୍ପର୍କର ଆଗୁଆ ସୂଚନା ମୋବାଇଲ ଫୋନ୍‌କୁ ବାର୍ତ୍ତା ମାଧ୍ୟମରେ ସୂଚାଇ ଦିଆଯିବ। ଏନେଇ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ। ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଓ ଗ୍ରେଡ୍-ଏ ଧାନ ପାଇଁ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଯଥାକ୍ରମେ ୨୩୬୯ ଓ ୨୩୮୯ ଟଙ୍କା ହାରରେ ଚାଷୀଙ୍କୁ ପ୍ରଦାନ କରାଯିବ। ତେବେ ଧାନ ଏଫ୍‌ଏକ୍ୟୁ ମାନର ହେବା ଆବଶ୍ୟକ ବୋଲି ମୁଖ୍ୟ ସଚିବ କହିଛନ୍ତି। କଷ୍ଟମ ମିଲରମାନେ ନିର୍ଦ୍ଧାରିତ ଏଫ୍‌ଏକ୍ୟୁ ମାନର ଚାଉଳ ଫେରସ୍ତ କରିବେ। ଏଫ୍‌ଏକ୍ୟୁ ମାନର ଧାନ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ବିକ୍ରି ହେଲେ ତାହା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଜିଲାରେ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ଚାଷୀଙ୍କ ଧାନ ବିକ୍ରି ବାବଦ ପ୍ରାପ୍ୟ ତାଙ୍କ ବ୍ୟାଙ୍କଖାତାକୁ ଅନ୍‌ଲାଇନ୍ ପ୍ରକ୍ରିୟାରେ ସିଧାସଳଖ ପଠାଇ ଦିଆଯିବ। ଏହି ପ୍ରାପ୍ୟ ପ୍ରଦାନ ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ହେବ। ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା ପାଇଁ ମଣ୍ଡି ପର୍ଯ୍ୟବେକ୍ଷକ ଅଧିକାରୀ ଏବଂ ମଣ୍ଡି ନୋଡାଲ ଅଧିକାରୀ ନିଯୁକ୍ତ କରାଯିବ। ରାଜ୍ୟ ବାହାରୁ ଧାନ ଯେପରି ଓଡ଼ିଶାରେ ପ୍ରବେଶ ନ କରେ, ସେଥିପାଇଁ ସମ୍ବେଦନଶୀଳ ସ୍ଥାନ/ପଥ ଚିହ୍ନଟ କରାଯିବା ସହ ସିସିଟିଭି କ୍ୟାମେରା ଲଗାଯିବ। ଖରିଫ୍ ବିପଣନ ବର୍ଷ ୨୦୨୪-୨୫(ରବିଋତୁ ବ୍ୟତୀତ) କିମ୍ବା ଏହାର ପୂର୍ବ ବର୍ଷଗୁଡ଼ିକରେ ଯଦି କୌଣସି ମିଲରଙ୍କ ବକେୟା ଦେୟ ଅଛି, ତେବେ ଉକ୍ତ ମିଲରଙ୍କୁ ଆଗାମୀ ଖରିଫ୍ ବିପଣନ ବର୍ଷ ୨୦୨୫-୨୬ରେ ଧାନ ସଂଗ୍ରହରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ ନାହିଁ। ପୂର୍ବବର୍ଷ ଭଳି ପ୍ରି-ପାସ୍ ପ୍ରକ୍ରିୟା ଜାରି ରହିବ। ଅଭାବୀ ବିକ୍ରିକୁ ପ୍ରତିହତ କରିବା ପାଇଁ ଜିଲା ପ୍ରଶାସନ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କରିବା କାରଣରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ବୁଧ ପ୍ରଭାବରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ଆପଣ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କରିବାକୁ ବାଧ୍ୟ ହେବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ପୂର୍ବ ଶତ୍ରୁତାକୁ ନେଇ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** – ଶିଳ୍ପ, ବାଣିଜ୍ୟ ପାଇଁ ଦିନଟି ଭଲ ରହିବ। କେତେକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ।

**ସିଂହ** – ପ୍ରତ୍ୟେକ ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହେବ। ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇ ପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** – ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଅନୁଭବ କରିବେ। ଚିତ୍ରା ନକ୍ଷତ୍ରର କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** – ମନେ ମନେ ଚିନ୍ତା କରିଥିଲେ ମଧ୍ୟ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ଆସିପାରେ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** – ମନ ଅନୁଯାୟୀ କାମ ହାସଲ ନ ହେବା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା, କ୍ଷେତ୍ରରେ ସଫଳତା ମିଳିପାରେ। ସାମ୍ବାଦିକତାରେ ଉନ୍ନତି କରିବେ।

**ଧନୁ** – ପରିସ୍ଥିତି କେତେକାଂଶରେ ବଦଳି ଯିବାରୁ ମନ ହାଲୁକା ହୋଇଯିବ। ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** – କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ** – ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** – ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ ଫଳରେ ଅଶାନ୍ତି ଲାଗିରହିବ। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

ଆଜି ଅକ୍ଟୋବର ୧୧ ତାରିଖ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜି ରାଉତ ଶହୀଦ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ, କାର୍ତ୍ତିକ କୃଷ୍ଣ ୫ମୀ ଶନିବାର, ରାଶିନକ୍ଷତ୍ର-ରୋହିଣୀ/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୬ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୩୮ ଗତେ ଘ.୧୦/୦୫ ମଧ୍ୟେ ରାହୁକାଳ।




# କାମାକ୍ଷାନଗର ଅଞ୍ଚଳରେ ବାଘ ଆତଙ୍କ

## ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଇଲା ବନବିଭାଗ

**କାମାକ୍ଷାନଗର,୧୦।୧୦(ସୁଧୀର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବାଘ ରହିଥିବା ନେଇ ଆତଙ୍କ ଖେଳିଯାଇଛି। ବାଘ ଭୟରେ ଜଙ୍ଗଲ ଆଖପାଖ ଗ୍ରାମର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଏପରିକି ଠେଙ୍ଗାବାଡ଼ି ଧରି ଦିନରାତି ଗ୍ରାମରେ ପହରା ଦେଉଛନ୍ତି। ଗ୍ରାମବାସୀମାନେ ଜଙ୍ଗଲ ମଧ୍ୟକୁ ନ ଯିବା ପାଇଁ ବନବିଭାଗ ସତର୍କ କରାଇଛି। ଛତିଶଗଡ ଅଞ୍ଚଳରୁ ଏକ ବାଘ ଦେବଗଡ଼ ଓ ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ପ୍ରବେଶ କରି ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମହାବିରୋଡ ରେଞ୍ଜ ଓ କାମାକ୍ଷାନଗର


ବାଘର ପାଦଚିହ୍ନ

ପଶ୍ଚିମାଞ୍ଚଳ ରେଞ୍ଜର ଅନନ୍ତପୁର ସଂରକ୍ଷିତ ଜଙ୍ଗଲକୁ ପଶି ଆସିଥିବା ଏହାର ପାଦଚିହ୍ନରୁ ଜଣାପଡ଼ିଛି। ପାଦଚିହ୍ନକୁ ଯାଞ୍ଚ ଓ ତର୍ଜମା କରିବା ପରେ ଏହା ଏକ ବାଘର ପାଦଚିହ୍ନ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଏହାକୁ ନେଇ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଅଧିକ ତଦନ୍ତ ଓ ଯାଞ୍ଚ ଜାରିରହିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବାଘକୁ ଠାବ କରାଯାଇପାରିନାହିଁ। ବାଘ ଗୋଟିଏ ଜାଗାରେ ରହି ନ ଥାଏ। ସେ ଅନ୍ୟଆଡ଼କୁ ପଳାଇ ଥାଇପାରେ। ଏହାକୁ ନେଇ ଆମର ଯାଞ୍ଚ ଓ ତଦନ୍ତ ଜାରିରହିଛି। ବନବିଭାଗ ପକ୍ଷରୁ ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଯାଇଛି।

## ପ୍ରସାରଣ ସମ୍ବନ୍ଧୀୟ ବିଶେଷ ସୂଚନା



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପ୍ରସାରଣ ବିଭାଗରେ କାର୍ଯ୍ୟ କରିଆସୁଥିବା ଅରବିନ୍ଦ ପାଠୀ ବ୍ୟକ୍ତିଗତ କାରଣ ଦର୍ଶାଇ ୯ ଅକ୍ଟୋବର ୨୦୨୫ରୁ ଇସ୍ତଫା ଦେଇଛନ୍ତି। ଏହି ସମୟ ପରଠାରୁ ତାଙ୍କ ସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ପ୍ରସାରଣ ସମ୍ବନ୍ଧୀୟ କୌଣସି ଆର୍ଥିକ ଦେଣନେଣ ନ କରିବା ଲାଗି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏଜେଣ୍ଟ/ଖବରଦାତାମାନଙ୍କୁ ଅବଗତ କରାଇ ଦିଆଯାଉଛି।

# କଫ୍ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ପରାମର୍ଶ

## ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଚିଠି

**ଭୁବନେଶ୍ୱର,୧୦।୧୦(ବନ୍ଦନା ସେଠୀ)**

୨ ବର୍ଷରୁ କମ୍ ଶିଶୁଙ୍କ ପାଇଁ କଫ ଓ ଥଣ୍ଡା ସିରପ୍ ଦିଆଯିବା ଉଚିତ ନୁହେଁ। ଏହିସବୁ ଔଷଧ ୫ବର୍ଷରୁ କମ୍ ପିଲାଙ୍କ ପାଇଁ ମଧ୍ୟ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସଂପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ଠିକ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ଏନେଇ ଚଳିତ ମାସରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଏକ ପରାମର୍ଶମୂଳକ ଚିଠି ପ୍ରଦାନ କରାଯାଇଛି। ୫ବର୍ଷରୁ କମ୍ ବୟସର ପିଲାଙ୍କ ନିରାପତ୍ତା ଓ ଆରୋଗ୍ୟ ନିମନ୍ତେ କଫ୍ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ସେହିପରି ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ୍ୟ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର। ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି। ସେହିପରି ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେ ଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ତେବେ ଶରୀରର ପର୍ଯ୍ୟାପ୍ତ ଜଳଯୋଜନ (ଆଡିକ୍ୟୁଏଟ୍ ହାଇଡ୍ରେଶନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ବୋଲି ଏହି ଚିଠିରେ ଉଲ୍ଲେଖ ରହିଛି। ସମସ୍ତ ପିତାମାତା, ତତ୍ତ୍ୱାବଧାରକ ଏବଂ ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରାଇବା ସହ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟଗୁଡିକରେ ଏହାର ଅନୁପାଳନ ନିଶ୍ଚିତ କରାଇବା ପାଇଁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ଆଦିଙ୍କୁ ପରାମର୍ଶ ଦିଆଯାଇଛି।

# ଟିପି ସ୍କିମ୍-୮ ଡ୍ରାଫ୍ଟ ଯୋଜନାକୁ ରାଜ୍ୟ ସରକାରଙ୍କ ଅନୁମୋଦନ

## ଅନ୍ଧାରୁଆ, ଦାସପୁର ମୌଜାରେ ଗଢ଼ିଉଠିବ ନୂଆ ସହର

**ଭୁବନେଶ୍ୱର,୧୦।୧୦(ବନ୍ଦନା ସେଠୀ)**

ରାଜଧାନୀର ଯୋଜନାବଦ୍ଧ ସହରୀ ବିକାଶ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସହର ପରିକଳ୍ପନା (ଟି.ପି.) ଯୋଜନା-୮ର ଡ୍ରାଫ୍ଟ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏ ସମ୍ପର୍କିତ ଏକ ସରକାରୀ ବିଜ୍ଞପ୍ତି ଓଡ଼ିଶା ଗେଜେଟରେ ପ୍ରକାଶିତ ହୋଇଛି। ଅନ୍ଧାରୁଆ ଓ ଦାସପୁର ମୌଜାର ୫୬୦.୮୬ ଏକର ଜମିରେ ଏହି ସହରୀକରଣ ଯୋଜନା କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ରହିବ। ଯୋଜନା ଅଧୀନରେ ଜମି ମାଲିକମାନେ ସେମାନଙ୍କ ଜମିର ୪୦% ସହରୀ ଭିତ୍ତିଭୂମି ପାଇଁ ଦେବେ ଏବଂ ଆଉ ୬୦% ବିକଶିତ ଟି.ପି. ଅଞ୍ଚଳ ଭାବେ ରହିବ। ପ୍ରକଳ୍ପରେ ପ୍ରାୟ ୯ ରୁ ୬୦ ମିଟର ଚଉଡ଼ା ରାସ୍ତା, ଡ୍ରେନେଜ, ଜଳ ଯୋଗାଣ, ସ୍ୱରେଜ ଓ ବିଦ୍ୟୁତ୍ ନେଟ୍‌ୱର୍କ ସହିତ ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯିବ। ଏହା ସଂଯୋଗୀକରଣ ଓ ବାସଯୋଗ୍ୟତା ବୃଦ୍ଧି କରିବା ସହ ଅବଶିଷ୍ଟ ଜମିର ବଜାର ମୂଲ୍ୟକୁ ମଧ୍ୟ



ସହରୀକରଣରେ ସାମିଲ କରାଯାଇଥିବା ଅନ୍ଧାରୁଆ ଓ ଦାସପୁର ମୌଜାର ମ୍ୟାପ୍।

ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ବୋଲି ବିଡିଏ ପକ୍ଷରୁ ଆଶା କରାଯାଇଛି।

ଏହି ପଦକ୍ଷେପ 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଯୋଜନାବଦ୍ଧ ଜମି ପୁନର୍ଗଠନ ଓ ନିୟୋଜିତ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରୀ ଅଞ୍ଚଳଗୁଡ଼ିକୁ ସମୃଦ୍ଧ ବିକାଶ କେନ୍ଦ୍ରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଛି। ଏହା ୨୦୧୦ର ସମଗ୍ର ବିକାଶ ଯୋଜନା (ସିଡିପି)ର ଲକ୍ଷ୍ୟକୁ ସମର୍ଥନ କରୁଛି। ଏହି ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ବିଡିଏ ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକରେ ଟିପି ସ୍କିମ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛି। ବିଡିଏ ଉପାଧ୍ୟକ୍ଷ ଡ.ଏନ. ଥିରୁମାଲା ନାୟକ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହର ଅଭିବୃଦ୍ଧି ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ପ୍ରଗତି ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ନୂଆଦିଲ୍ଲୀରୁ ଫେରିଲେ ନବୀନ

**ଭୁବନେଶ୍ୱର,୧୦।୧୦(ସୁନିତ୍ ମିଶ୍ର)**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ନୂଆଦିଲ୍ଲୀରୁ ଫେରିଛନ୍ତି। ଗତ ସେପ୍ଟେମ୍ବର ୭ ତାରିଖରୁ ନବୀନ ନୂଆଦିଲ୍ଲୀ ଗସ୍ତରେ ଥିବାବେଳେ ଶୁକ୍ରବାର ଭୁବନେଶ୍ୱର ଫେରି ନବୀନ ନିବାସ ଯାଇଛନ୍ତି। ବିଜେଡି ଶାସନରେ ଥିବା ସମୟରେ ନବୀନ କେବେ ହେଲେ ଏତେଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ନ ଥିଲେ। ଏହି ଗସ୍ତ କାଳରେ ପ୍ରାୟ ୩୪ ଦିନ ନବୀନ ନୂଆଦିଲ୍ଲୀରେ ରହିଥିଲେ। ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାବେଳେ ଏହା ପୂର୍ବରୁ ନବୀନ ଓଡ଼ିଶା ଫେରିଆସିଛନ୍ତି। ଏହି ସମୟ ଭିତରେ କିଛିଟା କାର୍ଯ୍ୟକ୍ରମରେ ନବୀନ ଭିସି ଜରିଆରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀ ଠାରେ ଅଳ୍ପ କେତେକ କାର୍ଯ୍ୟକ୍ରମରେ ନବୀନ ଯୋଗଦେଇଥିବାର ଖବର ଦଳ ପକ୍ଷରୁ ଦିଆଯାଇଥିଲା। ଏହି ଗସ୍ତ କାଳରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ନବୀନ ସେଠାରେ ଯୋଗ ଦେଇ ନାହାନ୍ତି। ନବୀନ ଫେରିବା ପରେ ଏବେ ଖୁବ୍‌ଶୀଘ୍ର ନୂଆପଡ଼ା ପାଇଁ ପ୍ରାର୍ଥୀ ଘୋଷଣା ସଙ୍ଗେସଙ୍ଗେ ସିଏ ଉପନିର୍ବାନରେ ପ୍ରଚାର ପାଇଁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।


ଯାଜପୁର ବରାହନାଥ ମନ୍ଦିର ନିକଟରେ ଥିବା ୧୨୩ ଫୁଟ୍ ଉଚ୍ଚର ଶିବ ମୂର୍ତ୍ତି ଉପରେ ଚଢ଼ି ଶୁକ୍ରବାର ପୂର୍ବାହ୍ନରେ କେତେଜଣ ଯୁବକ ରିଲ୍‌ସ କରୁଥିବା ଦେଖିବାକୁ ମିଳିଛି।

# ଗିରିଶଙ୍କୁ ମିଶନ ଶକ୍ତି, ଥିରୁମାଲାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ

## ଆଇଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ

### ଶାଳିନୀ, ସମର୍ଥ, ସ୍ୱାଧାଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଲାଗି ମିଳିଲା ଅନୁମତି

**ଭୁବନେଶ୍ୱର,୧୦।୧୦(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଆଇଏଏସ୍ ଅଫିସରମାନଙ୍କ ସ୍ତରରେ ଶୁକ୍ରବାର ବଡ ଧରଣର ଅଦଳବଦଳ କରିଛନ୍ତି। ଅନ୍ୟପଟେ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ଥିବା ୩ ଜଣ ଆଇଏଏସ୍ ଅଫିସର ସାଲିନୀ ପଣ୍ଡିତ, ସମର୍ଥ ବର୍ମା ଏବଂ ସ୍ୱାଧା ଦେବ ସିଂଙ୍କୁ ରିଲିଭ କରାଯାଉଥିବା ନେଇ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଥିବା ୨୦୦୨ ବ୍ୟାଚ୍ ଆଇଏଏସ୍ ଅଫିସର ଗିରିଶ ଏସ୍.ଏନ୍‌ଙ୍କୁ ମିଶନ ଶକ୍ତି ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ମିଶନ ଶକ୍ତି ସଚିବ ଥିବା ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଗିରିଶ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ତଥା ଅତିରିକ୍ତ ଭାବେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଥିବା ୨୦୦୯ ବ୍ୟାଚ୍ ଆଇଏଏସ୍ ଅଫିସର ଏନ୍ ଥିରୁମାଳା ନାଏକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଥିବା ଶାଳିନୀ ପଣ୍ଡିତ ଆସନ୍ତା ୧୩ ତାରିଖରେ ଡେପୁଟେସନରେ ଯିବାପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ(ବିଏମ୍‌ସି) କମିଶନର ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଚଞ୍ଚଳ ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏର ଉପାଧ୍ୟକ୍ଷ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଦାୟିତ୍ୱ ମିଳିଛି।

ସେହିପରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଥିବା ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ମାନସୀ ନିମ୍ଭାଲଙ୍କୁ ଓଡିଶା ଲିଫ୍ଟ ଇରିଗେସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି। ଏହାସହ ତାଙ୍କୁ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ ଅଫିସର ସ୍ୱୋଧା ଦେବ ସିଂ ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ନିମ୍ଭାଲ ତାଙ୍କୁ ମିଳିଥିବା ନୂଆ ଦାୟିତ୍ୱ ଗ୍ରହଣ କରିବେ। ନିମ୍ଭାଲ ଅତିରିକ୍ତ ଭାବେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଏବଂ ସିଡୁଲ ଟ୍ରାଇବ ନିର୍ଦ୍ଦେଶକ ଦାୟିତ୍ୱରେ ତୁଲାଉଥିଲେ। ନିମ୍ଭାଲଙ୍କ ପୁରୁଣା ଦାୟିତ୍ୱକୁ ଅନ୍ୟ ଦୁଇ ଆଇଏଏସ୍ ଅଦିକାରୀଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ହକି ପ୍ରମୋସନ କାଉନସିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଦୀପଙ୍କର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଅତିରିକ୍ତ ଭାବେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ। ୨୦୧୪ ବ୍ୟାଚ୍ ଆଇଏଏସ୍ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ନିର୍ଦ୍ଦେଶ ଭାବେ ନିଯୁକ୍ତି ମିଳିଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସେ ଏବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଏବଂ ଅତିରିକ୍ତ ଭାବେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ଏହାସହ ସେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ ରୁରାଲ ଡେଭଲପମେଣ୍ଟର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ସୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ବୟନିକାର ଏମ୍‌ଡି ତଥା ଅତିରିକ୍ତ ଭାବେ ହସ୍ତଶିଳ୍ପର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ନିବେଦିତା ପୃଷ୍ଟିଙ୍କୁ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଅତିରିକ୍ତ ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟର ମ୍ୟାନେଜର(ଏଡିଏମ୍) ଦାୟିତ୍ୱରେ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଲଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ଦାୟିତ୍ୱରେ ଥିବା ଓଏଏସ୍ ଅଫିସର କାହ୍ନୁ ଚରଣ ଧିରଙ୍କୁ ମିନେରାଲ ମାଇନ୍ସର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଆଇଏଏସ୍ ଅଫିସର ଆସନ୍ତା ୧୩ ତାରିଖରେ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ।

# ଆୟର ୧୯୦ ପ୍ରତିଶତ ଅଧିକ ରୋଜଗାର

## ଲାଞ୍ଚ ନେବା ଘଟଣା: ପୂର୍ବତନ ତହସିଲଦାର ଗିରଫ

**ମହାକାଳପଡ଼ା,୧୦।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲଦାର ଥିବାବେଳେ ଶିବ ମଲ୍ଲିକ ସେପ୍ଟେମ୍ବର ୨୩ରେ ଜମି ଉଚ୍ଛେଦ ନ କରାଇବା ଲାଗି ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ଏହି ଘଟଣାରେ ଶୁକ୍ରବାର କଟକ ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ X ହ୍ୟାଣ୍ଡଲରେ ତାଙ୍କୁ ଗିରଫ ଦର୍ଶାଯିବା ସହ ଆୟର ୧୯୦ ପ୍ରତିଶତ ଅଧିକ ରୋଜଗାର କରିଥିବା କୁହାଯାଇଛି।

ସୂଚନାଯୋଗ୍ୟ, ମହାକାଳପଡ଼ା ତହସିଲଦାର ଥିବାବେଳେ ଶିବ ମଲ୍ଲିକ ଏକ ଜମି ଉଚ୍ଛେଦ ନ କରାଇବା ଲାଗି ୨୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ବ୍ଲକ ଅଧୀନ ଗୋଜାବନ୍ଧ ଗ୍ରାମର ସୁଦର୍ଶନ ସ୍ୱାଇଁ ଓଡ଼ିଶା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତହସିଲଦାର ମଲ୍ଲିକଙ୍କ ଦାବି ମୁତାବକ, ସୁଦର୍ଶନଙ୍କଠାରୁ ପୂର୍ବ ଯୋଜନା ଅନୁସାରେ ସେପ୍ଟେମ୍ବର ୨୩ରେ ତହସିଲ କାର୍ଯ୍ୟାଳୟ ପଛ ପାଖ ସରକାରୀ ବାସଭବନରେ ୨୦ ହଜାର ଟଙ୍କା ନେଇଥିଲେ। ପୂର୍ବରୁ ଛପି ରହିଥିବା କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସ ମିଳିତ ଟିମ୍ ଚଢ଼ାଉ କରି ଶିବ ମଲ୍ଲିକଙ୍କଠାରୁ ଟଙ୍କା ଜବତ କରି ତାଙ୍କୁ ହେପାଜତକୁ ନେଇଥିଲେ।

# ହୃଦାନନ୍ଦଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ପ୍ରଧାନମନ୍ତ୍ରୀ

## ସର୍ବଭାରତୀୟ ଯୁବ ସମାବେଶରେ ପେନ୍‌ସିଲ ଆର୍ଟ ଦେଇଥିଲେ


प्रधान मंत्री
Prime Minister
New Delhi
30 September, 2025

Shri Hrudananda Badhai Ji,

Jai Jagannath!

I hope this letter finds you in good health. It was a pleasure to receive the beautiful pencil-sketch portrait made by you. The manner in which you have captured the details is truly commendable.

Art forms are deeply embedded in the beautiful culture of Odisha. It fills me with immense pride to see that people like you are upholding the glorious legacy.

I hope you continue to pursue your artistic and creative pursuits with the same passion and dedication. I am sure you will inspire your friends and those around you to follow suit.

As we approach the centenary of our independence in 2047, the strength of our Yuva Shakti is the key to building a Viksit Bharat. I am confident that the future of our country is in good hands.

With best wishes to you for a bright future. May you continue to sharpen your artistic skills in the years to come.

Best wishes and warm regards.

Yours,

(Narendra Modi)

Shri Hrudananda Badhai
Village- Pipilimal
P.O. Belpahar, District- Jharsuguda
Odisha- 768217

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠି।


ହୃଦାନନ୍ଦ ପ୍ରଦାନ କରିଥିବା ପେନ୍‌ସିଲ ଆର୍ଟ।

**ଝାରସୁଗୁଡ଼ା,୧୦।୧୦(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ଗତ ସେପ୍ଟେମ୍ବର ୨୭ ତାରିଖରେ ସର୍ବଭାରତୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିଲେ। ଏହି ସମୟରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ପିପିଲିମାଲ ଗ୍ରାମର ହୃଦାନନ୍ଦ ବଢେଇ ନାମକ ବ୍ୟକ୍ତି ନିଜେ ଅଙ୍କନ କରିଥିବା ଏକ ସୁନ୍ଦର ପେନ୍‌ସିଲ ସ୍କେଚ୍‌ଆର୍ଟ ସଭାସ୍ଥଳରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ଛବି ରହିଥିଲା। ଉକ୍ତ ଫଟୋଚିତ୍ରକୁ ପ୍ରଧାନମନ୍ତ୍ରୀ ନେଇଯାଇଥିଲେ। ଗତ ୩୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ହୃଦାନନ୍ଦଙ୍କ ପାଖକୁ ପଠାଯାଇଥିଲା। ସେଥିରେ ଜୟ ଜଗନ୍ନାଥ, ଯୁବଶକ୍ତି ହିଁ ବିକଶିତ ଭାରତର ଚାବି ବୋଲି ଲେଖାଯାଇଛି। ଏଥିସହ ହୃଦାନନ୍ଦଙ୍କ ସୁସ୍ଥ ଶରୀର ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିବା ଉଲ୍ଲେଖ କରାଯାଇଛି। ହୃଦାନନ୍ଦ ବୁଧବାର ଏହି ଚିଠି ଗ୍ରହଣ କରି ବେଶ୍ ଖୁସି ହୋଇଛନ୍ତି।

# ପୀତବାସ ପଣ୍ଡା ହତ୍ୟା ଘଟଣା

# ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କରାଗଲାଣି ଜେରା

**ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡାଙ୍କୁ ଗତ ୬ ତାରିଖ ରାତିରେ ଗୁଳିକରି ହତ୍ୟା କରାଯାଇଥିଲା। ଘଟଣାର ୫ ଦିନ ପରେ ମଧ୍ୟ ପୋଲିସ ଅପରାଧୀଙ୍କୁ ଧରିପାରିନାହିଁ। ଶୁକ୍ରବାର ଗଣମାଧ୍ୟମ ଆଗରେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ କହିଛନ୍ତି, ବିଭିନ୍ନ ଦିଗରୁ ତଦନ୍ତ ଚାଲିଛି। ତାହା ବିଶ୍ୱାସଯୋଗ୍ୟ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏଥିସହ ଏସ୍‌ପି କହିଛନ୍ତି, ଏହା ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡ ହୋଇଥିବାରୁ ବିଭିନ୍ନ ଦିଗରୁ ତଥ୍ୟ ସଂଗ୍ରହ କରାଯାଉଛି। ଗୁଳିମାଡ଼ ପରେ ପୋଷ୍ଟମର୍ଟମ ବେଳେ ଯେଉଁ ଖୋକା ମିଳିଛି ତାହାକୁ ବାଲିଷ୍ଟିକ ଏକ୍ସପର୍ଟଙ୍କ ନିକଟକୁ ପଠାଯାଇଛି। ସେଥିରୁ ଅପରାଧୀମାନେ କେଉଁ ବନ୍ଧୁକ ବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ ହେବ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ କେଉଁ ସାଇଡରୁ ଗୁଳି କରାଯାଇଛି। କେଉଁ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି ତାହା ବି ଜଣାପଡ଼ିବ। ସାଇଣ୍ଟିଫିକ ରିପୋର୍ଟ ଓ ଟେକ୍‌ନିକାଲ ଟିମ୍ ଦ୍ୱାରା ଯେଉଁ ତଦନ୍ତ କରାଯାଇଛି ତାହାର ରିପୋର୍ଟ ଆସିଛି। କେଉଁ ସମୟରେ ଘଟଣା ଘଟିଥିଲା ତାହାର ରିପୋର୍ଟ ଏଥିରୁ ମିଳିବ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି। ଅପରାଧୀମାନେ କେଉଁ ସ୍ଥାନରୁ ପୀତବାସଙ୍କୁ ଟାର୍ଗେଟ କରିଆସୁଥିଲେ। କେଉଁ ରାସ୍ତା ଦେଇ ସେମାନେ ଆସିଥିଲେ ଓ ଅପରାଧ ଘଟାଇବା ପରେ କେଉଁ ରାସ୍ତା ଦେଇ ଫେରି ଯାଇଥିଲେ ତାହାର ତଥ୍ୟ ସଂଗ୍ରହ କରାଯାଉଛି। ସେହି ସ୍ଥାନରେ ସେ ସମୟରେ ଯେଉଁ ଯୁବକମାନେ ଥିଲେ ସେମାନଙ୍କୁ ସନ୍ଦେହରେ ପଚରାଉଚରା କରାଯାଉଛି। ସେମାନେ କାହିଁକି ସେହି ସ୍ଥାନରେ ପହଞ୍ଚିଥିଲେ, ସେମାନଙ୍କର କେଉଁ କାର୍ଯ୍ୟ ଥିଲା ତାହାକୁ ତର୍ଜମା କରାଯାଉଛି। ଯଦି ସେମାନଙ୍କ ବୟାନ ବିଶ୍ୱାସଯୋଗ୍ୟ ହେବ ତେବେ ସେମାନଙ୍କୁ ସନ୍ଦେହ କରିବାର କିଛି ଅବକାଶ ନାହିଁ। ଶତପ୍ରତିଶତ ବିଶ୍ୱାସ ଆସିଲା ପରେ ହିଁ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ ସେ ଜାଗାକୁ ଦାମୀଗାଡ଼ି ଆସିଥିବା ଜଣାପଡ଼ିଛି। ସେମାନଙ୍କୁ ମଧ୍ୟ ଡାକି ପଚରାଉଚରା ଚାଲିଛି। ଯେଉଁମାନେ ଘଟଣା ଘଟିବା ସମୟରେ ସେହି ସ୍ଥାନରେ ଠିଆ ହୋଇଥିଲେ ସେମାନଙ୍କୁ ଡାକି ପଚରାଉଚରା ଚାଲିଛି। ତାଙ୍କ ପରିବାରକୁ ପଚରାଉଚରା କରାଯାଉଛି। ପୀତବାସଙ୍କ ଅଫିସ ତଳେ କେଉଁ ଲୋକମାନେ ଦୋକାନ କରିଛନ୍ତି ଏଭଳି ପ୍ରାୟ ୫୦ରୁ ୬୦ ଲୋକଙ୍କୁ ଜେରା କରାଯାଇଛି। ସନ୍ଦେହଯୁକ୍ତ ଲୋକମାନଙ୍କ ଗତିବିଧି ଯାଞ୍ଚ କରାଯାଉଛି। ଅପରାଧୀ ଖୁବ ଶୀଘ୍ର ଧରାପଡିବେ ବୋଲି ଏସ୍‌ପି କହିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଘଟଣାକୁ ୫ ଦିନ ହେଲାଣି, ବର୍ତ୍ତମାନ ସୁଦ୍ଧା ପୋଲିସ ତଦନ୍ତ କେବଳ ଜେରାରେ ସୀମିତ ରହିଛି। ଅପରାଧି ଖସିଯିବେ ନା ଖସାଇ ଦିଆଯିବ ସେନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହେଲାଣି।

ଯେତେବେଳେ ରୋଗଟିଏ ଭଲ ହୋଇଯାଏ- ଯେତେବେଳେ ଦୁର୍ଘଟଣାଟିକୁ ଆଡେଇ ଦେଇ ହୁଏ- କିମ୍ବା ଯେତେବେଳେ କୌଣସି ବ୍ୟକ୍ତିଗତ ବା ଜାଗତିକ ବିପର୍ଯ୍ୟୟକୁ ଦୂରେଇ ଦେଇ ହୁଏ-ସେତେବେଳେ ବୁଝିବାକୁ ହେବ ଯେ-ଉପସ୍ଥିତ ପରିସ୍ଥିତି ଭିତରେ ଯେଉଁ ବିଶୃଙ୍ଖଳା ରହିଥିଲା- ତା'ଭିତରେ ସତ୍ୟର ପ୍ରବେଶ ହୋଇଛି। -ଶ୍ରୀମା

# ଗୋଟିଏ ଟୁଇଟ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଜିକାଲି ଅନେକ ବଡ଼ ବଡ଼ କାହାଣୀ ଯେମିତି ଟୁଇଟ୍‌ରୁ ଆରମ୍ଭ ହୋଇଥାଏ ଏହା ଠିକ୍ ସେମିତି ହୋଇଥିଲା। ଏକ ମଧ୍ୟମ ଆକାରର ବାଣିଜ୍ୟିକ ସଂସ୍ଥା ଦ୍ୱାରା କରାଯାଇଥିବା ସୋସିଆଲ ମିଡିଆ ପୋଷ୍ଟ ସ୍ପଷ୍ଟ ଘୋଷଣା କରିଥିଲା ଯେ ଚେନ୍ନାଇ କଷ୍ଟମ୍ସ ଦ୍ୱାରା ସପ୍ତାହେ ବ୍ୟାପୀ ହଇରାଣ କରାଯିବା ପରେ ଏହି ସଂସ୍ଥା ଭାରତରେ ତାହାର କାର୍ଯ୍ୟ ବନ୍ଦ କରୁଛି। ଏହା କୌଣସି ଆନୁଷ୍ଠାନିକ ପ୍ରେସ ବିଜ୍ଞପ୍ତି ନୁହେଁ କିମ୍ବା କୋର୍ଟରେ ଅଭିଯୋଗ ନୁହେଁ, ବରଂ ଏହା ହେଉଛି ଏକ ପୋଷ୍ଟ ଯାହା ଝଡ଼ ସୃଷ୍ଟି କରିଥିଲା। ତା'ପରେ ଅର୍ଥ ମନ୍ତ୍ରଣାଳୟ ହସ୍ତକ୍ଷେପ କରି ନିଜସ୍ୱ ଟୁଇଟ୍ ମାଧ୍ୟମରେ କହିଛି ଯେ ଏହା ଉପରେ ତଦନ୍ତ କରାଯିବ। କହିବାକୁ ଗଲେ ମାତ୍ର କିଛି ଘଣ୍ଟା ମଧ୍ୟରେ ଏକ ବାଣିଜ୍ୟିକ ବିବାଦ ଶାସନ, ଉତ୍ତରଦାୟିତ୍ୱ ଏବଂ ଖ୍ୟାତି ସମ୍ପର୍କିତ ଏକ ନାଟକରେ ପରିଣତ ହୋଇଯାଇଥିଲା। ଗୋଟିଏ କମ୍ପାନୀର ଅଧିକାରୀଙ୍କ ସହିତ ବିବାଦ ହୋଇଛି କି ନାହିଁ ତାହା ପ୍ରକୃତରେ ବଡ଼ ସମସ୍ୟା ନୁହେଁ। ସାଧାରଣତଃ ଏଭଳି ଘଟେ ଏବଂ ନିଜ ପରିସରରେ ଶାନ୍ତ ପରିସ୍ଥିତିରେ ସମାଧାନ ହୋଇଯାଏ। କିନ୍ତୁ ଗୋଟିଏ ବ୍ୟବସାୟିକ ସଂସ୍ଥା କରୁଥିବା ଏକ ଅଭିଯୋଗ ସାର୍ବଜନୀନ ହେବା ଏବଂ ସୋସିଆଲ ମିଡିଆରେ ତା' ଉପରେ ତଦନ୍ତ ଲାଗି ଘୋଷଣା କରାଯିବା ବାସ୍ତବରେ ଚିନ୍ତାର ବିଷୟ। ଏହା ଏକ ସତର୍କ କରିବା ଭଳି କାହାଣୀ ପରି ଅଧିକ ମନେ ହୁଏ ଏବଂ ଏହି କାରଣରୁ ଏହା ଚେନ୍ନାଇ ବନ୍ଦର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ସମାନ୍ୟ କଷ୍ଟମ୍ସ ବିବାଦ ବିଶ୍ୱସ୍ତରୀୟ ଚିନ୍ତାର ବିଷୟ ହେବାର ଆଶଙ୍କା ରହିଛି। ଯଦି ତଦନ୍ତକୁ ତୁରନ୍ତ ନିରପେକ୍ଷ ତଥା ସ୍ୱଚ୍ଛ ଭାବରେ କରା ନ ଯାଏ, ତେବେ ଭାରତର ଡିଜିଟାଲ ଯୁଗର ଶାସନକୁ ସନ୍ଦେହଜନକ ଭାବରେ ଦେଖାଯିବ।

### ବାବୁଙ୍କ ଉପରେ ନଜର

ଭାରତରେ ଥିବା ବାବୁମାନେ ଏହା ଜାଣି ଖୁସି କିମ୍ବା ଦୁଃଖିତ ହୋଇପାରନ୍ତି ଯେ ଦେଶରେ ଏବଂ ବାହାରେ ସେମାନଙ୍କ ତଳ ର୍ୟାଙ୍କରେ ଥିବା କର୍ମଚାରୀମାନେ ପ୍ରକୃତ କାର୍ଯ୍ୟସ୍ଥଳରେ ବନ୍ଦୀ ହୋଇ ରହିଯାଇଛନ୍ତି। ସଦ୍ୟ ପ୍ରକାଶିତ ଏକ ଫଟୋବୁକ ଅମଲାତାନ୍ତ୍ରିକ କେନ୍ଦ୍ରର ଭିତିରି ଦୃଶ୍ୟର ଏକ ଝଲକ ଦେଇଛି. ଯେଉଁଥିରେ କାର୍ଯ୍ୟାଳୟରେ ଫାଇଲ ଗଦା ହୋଇଥିବା, ଚା-ଦାଗଯୁକ୍ତ ଟେବୁଲ ଏବଂ ଭାଙ୍ଗି ଝୁଲି ପଡ଼ିଥିବା ଚେୟାର ଦେଖିବାକୁ ମିଳିଛି। ଏହା ବ୍ୟତୀତ ସେମାନଙ୍କ ମୁଖରେ ଇସ୍ତଫା ଏବଂ ନୀରବ ବିଦ୍ରୋହକୁ ଦର୍ଶାଇବା ଭଳି ଭାବନା ପ୍ରତୀୟମାନ ହେଉଛି। ଯେଉଁ ଭାଗ୍ୟବାନମାନେ କେବେ ସରକାରୀ କାର୍ଯ୍ୟାଳୟ ଭିତରକୁ ପାଦ ଦେଇ ନାହାନ୍ତି, ସେମାନଙ୍କୁ ଏହି ଫଟୋଗୁଡ଼ିକ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ସେମାନେ କର୍ମଚାରୀ ଓ ଅଧିକାରୀଙ୍କୁ ଏପରି ସ୍ଥାନଗୁଡ଼ିକରେ ରହିବାକୁ ଦିଅନ୍ତି, ଯେଉଁଠାରେ ଧୂଳିପୂର୍ଣ୍ଣ ସିଲିଂ ଫ୍ୟାନ ଅଧିକ ଶବ୍ଦରେ ଅତ୍ୟଧିକ କାଗଜପତ୍ର କାମ କରିବାକୁ ହୋଇଥାଏ। ତଥାପି, ବିଶ୍ୱର ଅନେକ ଲକ୍ଷ ଲୋକଙ୍କ ପାଇଁ ଏହି ସ୍ଥାନଗୁଡ଼ିକ ହେଉଛି ଦୈନନ୍ଦିନ ଜୀବନର ଏକ ଅଂଶ, ନାଗରିକ-ବ୍ୟବସ୍ଥା ପାରସ୍ପରିକ ଆଲୋଚନାର କ୍ଷେତ୍ର। ଅମଲାତାନ୍ତ୍ରିକ ବ୍ୟବସ୍ଥା କେବଳ କାମର କଥା କହେ ନାହିଁ, ବରଂ ଏହା ନିଷ୍କ୍ରିୟତା, ଅସ୍ତିତ୍ୱ ଏବଂ ରୀତିନୀତିକୁ ଦର୍ଶାଏ। କାର୍ଯ୍ୟାଳୟଗୁଡ଼ିକ ନିଜର ସ୍ଥିତି, ଅତୀତର ନିଷ୍ପତ୍ତି, ସ୍ଥଗିତ ସଂସ୍କାର ଏବଂ ଡିଜିଟାଇଜେଶନର ମଳିନ ଆଶାକୁ ଦର୍ଶାଉଛି। ମାନିଲାରୁ ମୁମ୍ବାଇ ପର୍ଯ୍ୟନ୍ତ ବାବୁଙ୍କ ଦୁନିଆ ହେଉଛି ଏକ ସମାନ୍ତରାଳ ବିଶ୍ୱ, ଯାହାର ନିଜସ୍ୱ ସିଦ୍ଧାନ୍ତ ଓ ଧାରା ରହିଥିବାବେଳେ ଅବ୍ୟବସ୍ଥା ବି ରହିଛି। ବାବୁମାନେ ପ୍ରକ୍ରିୟାର ରକ୍ଷକ, ଶାସନର ଜଗୁଆଳି। ଅମଲାତାନ୍ତ୍ରିକ ବ୍ୟବସ୍ଥାର ସଂସ୍କାର ନୁହେଁ, ବରଂ ଏହାକୁ ଭଲ ଭାବେ ଗଢ଼ିବାକୁ ହେବ। ହୁଏତ ଶେଷରେ ଆମକୁ ବ୍ୟବସ୍ଥା ଭିତରେ ବାସ୍ତବରେ କ'ଣ ଘଟୁଛି ତାହା ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ।

### ଶାସନରେ ଏଆଇ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ବିଷୟରେ ବାବୁମାନଙ୍କୁ ଶିକ୍ଷା ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ଭଲ ପଦକ୍ଷେପ। ଅନେକ ଦଶନ୍ଧି ଧରି ଶାସନର ଦୃଢ଼ ବ୍ୟବସ୍ଥାରେ କାଗଜପତ୍ର, ପଦାନୁକ୍ରମ ଏବଂ ପ୍ରକ୍ରିୟାଗତ ବିଳମ୍ବ ଦେଖାଯାଇଛି। ବର୍ତ୍ତମାନ ଏହାକୁ ଆଲଗୋରିଦମ୍, ଡାଟା ସେଟ୍ ଏବଂ ମେଶିନ ଲର୍ନିଂ ମଡେଲ ଗ୍ରହଣ କରିବାକୁ କୁହାଯାଉଛି। ନିଶ୍ଚିତ ଭାବରେ, ସରକାରୀ କର୍ମଚାରୀଙ୍କ ପାଇଁ ଏଆଇ ତାଲିମ ଏକ ଆବଶ୍ୟକ ପଦକ୍ଷେପ। ଏବକାର ନୀତି କେବଳ ନିୟମ ଏବଂ ନିୟାମକ ବିଷୟରେ ନୁହେଁ; ବରଂ ଏହା ତଥ୍ୟ ସଂଗ୍ରହ କରିବା, ଫଳାଫଳର ପୂର୍ବାନୁମାନ କରିବା ଏବଂ ଠିକ୍ ଭାବେ ନାଗରିକ ସେବା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ କୌଣସି ଆଲଗୋରିଦମ୍ ପୁରୁଣା ଫାଇଲ ଏବଂ ନବସୃଜନର ଭୟ ଥିବା ଏକ ବ୍ୟବସ୍ଥାକୁ ସଜାଡ଼ି ପାରିବ ନାହିଁ। ନିଷ୍କ୍ରିୟ ପ୍ରବଣ ଅମଲାତନ୍ତ୍ର ହାତରେ ଏଆଇ ଅନ୍ୟ ଏମ୍ଆଇଏସ୍, ଇଆରପି କିମ୍ବା ଇ-ଗଭର୍ନାନ୍ସ ଭଳି ଟେକ୍‌ନିକାଲ ଶବ୍ଦାବଳୀ ପ୍ରତି ବିପଦ ଆଣିପାରେ। ନୈତିକ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ଲାଗୁ କରାଯିବା ପ୍ରଶଂସନୀୟ। କିନ୍ତୁ ଟେକ୍‌ନିକାଲ ଶବ୍ଦାବଳୀ ଅପେକ୍ଷା ଭାରତର ଅମଲାତନ୍ତ୍ର ପାଇଁ ପକ୍ଷପାତ, ସ୍ୱଚ୍ଛତା ଏବଂ ଗୋପନୀୟତା ଦିଗ ଉପରେ ଅଧିକ ଦୃଷ୍ଟି ଦେବା ଜରୁରୀ। ଯଦି ଏହି ମଡ୍ୟୁଲଗୁଡ଼ିକୁ ପ୍ରକୃତ ନିଷ୍ପତ୍ତି ଗ୍ରହଣରେ ଜଡ଼ିତ କରାଯାଏ ତେବେ ପ୍ରକୃତ ପରିବର୍ତ୍ତନ ଆସିପାରିବ। ମନେ କରନ୍ତୁ ଯେ ଏଆଇ ଜଣେ ଜଲା ମାଜିଷ୍ଟ୍ରେଟଙ୍କୁ ବନ୍ୟା ବିପଦର ପୂର୍ବାନୁମାନ କରିବାରେ କିମ୍ବା ଜଣେ କଲେକ୍ଟରଙ୍କୁ କଲ୍ୟାଣକାରୀ ଯୋଜନାରେ ଥିବା ତ୍ରୁଟିକୁ ବନ୍ଦ କରିବାରେ ସାହାଯ୍ୟ କରୁଛି। ସେ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଯଥାର୍ଥ ମନେହୁଏ। ଏଆଇ ଭାରତର ଶାସନକୁ ଅଧିକ ସ୍ମାର୍ଟ କରିପାରିବ। କିନ୍ତୁ ଏହା ଆମର ବ୍ୟବସ୍ଥାରେ ଦୀର୍ଘଦିନରୁ ରହିଥିବା ଦାୟିତ୍ୱବୋଧତାର ଅଭାବକୁ ପରିବର୍ତ୍ତନ କରିପାରିବ ନାହିଁ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | | 9 | 2 |
| | 4 | 8 | 3 | | | | | 7 |
| | | | 9 | | | | | |
| | | 1 | | 4 | | | | 8 |
| | 7 | | | | | | 5 | 1 |
| | 2 | | 7 | 5 | | | | |
| | | | | | 7 | | | 4 |
| | | | | 9 | 8 | | | |
| 3 | 9 | | | | 4 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 4 | 7 | 6 | 2 | 5 | 9 |
| 5 | 6 | 7 | 2 | 8 | 9 | 3 | 4 | 1 |
| 4 | 9 | 2 | 1 | 3 | 5 | 7 | 6 | 8 |
| 2 | 4 | 3 | 8 | 1 | 7 | 6 | 9 | 5 |
| 7 | 5 | 1 | 9 | 6 | 4 | 8 | 3 | 2 |
| 6 | 8 | 9 | 5 | 2 | 3 | 4 | 1 | 7 |
| 8 | 3 | 6 | 7 | 5 | 1 | 9 | 2 | 4 |
| 9 | 7 | 5 | 3 | 4 | 2 | 1 | 8 | 6 |
| 1 | 2 | 4 | 6 | 9 | 8 | 5 | 7 | 3 |

ଗତକାଲିର ଉତ୍ତର

# ରାଜସ୍ୱ ବଳକା ନା ବିକାଶ ନିଅଣ୍ଟ



ନଟବର ଖୁଣ୍ଟିଆ

ଓଡ଼ିଆ ଖବରକାଗଜଗୁଡ଼ିକରେ ଅତି ପ୍ରମୁଖ ଭାବରେ ପ୍ରକାଶ ପାଇଛି,୨୦୨୨-୨୩ ଆର୍ଥିକ ବର୍ଷର ହିସାବ ଅନୁଯାୟୀ ଦେଶର ୫ଗୋଟି ରାଜସ୍ୱ ବଳକା ରାଜ୍ୟ ମଧ୍ୟରୁ ଓଡ଼ିଶା ଗୋଟିଏ ଏବଂ ସ୍ଥାନ ତୃତୀୟ। ଏହି ବର୍ଷ ଓଡ଼ିଶାର ରାଜସ୍ୱ ବଳକା ଥିଲା ୨୬,୭୦୦ କୋଟି ଟଙ୍କା। ଏହି ରାଜସ୍ୱ ବଳକାକୁ କୁହାଯାଉଛି ବିତ୍ତୀୟ ପରିଚାଳନାରେ ବିଜ୍ଞତା ଏବଂ ସୁଶାସନର ପରିଚୟ। ଏହାକୁ ଏକ ପ୍ରଶଂସନୀୟ ସଫଳତା ବୋଲି କୁହାଯାଉଛି। ଏବେ ଆସନ୍ତୁ ଏ ବିଷୟରେ ଏକ ସଂକ୍ଷିପ୍ତ ସମୀକ୍ଷା କରିବା।

ରାଜ୍ୟର ଆୟ ହେଉଛି ଟିକସ, ଖଣିଜ ସମ୍ପଦର ରୟାଲ୍‌ଟି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅନୁଦାନ। ଏହି ମୋଟ ଆୟରୁ ସରକାର ସରକାରୀ କର୍ମଚାରୀଙ୍କ ବେତନ, ପେନ୍‌ସନ, ସବ୍‌ସିଡି ଏବଂ ସରକାରଙ୍କର ସମ୍ପତ୍ତିର ରକ୍ଷଣାବେକ୍ଷଣ, ପରିଚାଳନା ଆଦି ପାଇଁ ବ୍ୟୟକୁ କହନ୍ତି ରାଜସ୍ୱ ବ୍ୟୟ। ସମୁଦାୟ ଆୟରୁ ମୋଟ ରାଜସ୍ୱ ବ୍ୟୟକୁ ବାଦ୍ ଦେଲେ ଯଦି ବଳକା ରହିଲା ତାକୁ କହନ୍ତି ରାଜସ୍ୱ ବଳକା ଆଉ ଆୟ ଅପେକ୍ଷା ବ୍ୟୟ ଅଧିକ ହେଲେ ତାକୁ କହନ୍ତି ରାଜସ୍ୱ ନିଅଣ୍ଟ। ରାଜସ୍ୱ ବଳକା ହେଲେ ତାକୁ ଭିତ୍ତିଭୂମି ନିର୍ମାଣ କରିବାକୁ ବିନିଯୋଗ କରାଯାଏ, ଯାହାକୁ କହନ୍ତି ପୁଞ୍ଜି ବ୍ୟୟ। ଯଦି ରାଜସ୍ୱ ନିଅଣ୍ଟ ପଡ଼େ ତେବେ ତାକୁ ଭରଣା କରିବାକୁ ସରକାରଙ୍କୁ ଋଣ କରିବାକୁ ପଡ଼ିଥାଏ ଏବଂ ଭିତ୍ତିଭୂମି ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ କରିବାକୁ ମଧ୍ୟ ଋଣ କରିବାକୁ ହୋଇଥାଏ। ଅର୍ଥନୈତିକ ତତ୍ତ୍ୱ ଅନୁସାରେ ଏହି ରାଜସ୍ୱ ବଳକା ଅର୍ଥ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଭଲ ଅଛି ବୋଲି କୁହାଯାଏ। କିନ୍ତୁ ତାହା ସଦାବେଳେ ପ୍ରକୃତ କ୍ଷେତ୍ରରେ ସତ ନୁହେଁ। ଅନେକ ସମୟରେ ଅର୍ଥଶାସ୍ତ୍ରୀମାନେ ପୁସ୍ତକ ଜ୍ଞାନରୁ ରାଜସ୍ୱ ବ୍ୟୟ କମ୍‌କରି ପୁଞ୍ଜି ବ୍ୟୟ ଅଧିକକରି ଭିତ୍ତିଭୂମି ପ୍ରସ୍ତୁତକରି ତା' ସାହାଯ୍ୟରେ ଶିଳ୍ପ ବାଣିଜ୍ୟ ପ୍ରସାର କଲେ ପୁନଃ ପୁନଃ ଆୟ ବୃଦ୍ଧି ପାଇବ ବୋଲି କହିଥାନ୍ତି। ତାହା ଠିକ୍ କଥା। କିନ୍ତୁ ଭିତ୍ତିଭୂମି ପ୍ରତିଷ୍ଠା କରିବା ପରେ ଯଦି ସେହି ଭିତ୍ତି ଭୂମିକୁ ଆଧାରକରି ଆବଶ୍ୟକ ଶିଳ୍ପ, ବାଣିଜ୍ୟ, ଶିକ୍ଷା ଅନୁଷ୍ଠାନ , ଡାକ୍ତରଖାନା ଗଢ଼ି ଉଠିଲା ,କିନ୍ତୁ ସେସବୁର ପରିଚାଳନା ପାଇଁ ଆବଶ୍ୟକ ଦକ୍ଷ ମାନବ ସମ୍ବଳ ଯୋଗାଇ ଦିଆଗଲା ନାହିଁ, ତା'ହେଲେ ସେଥିରୁ ଉତ୍ପାଦନ ବଢ଼ିବ କିପରି ? ପୁଞ୍ଜି ବିନିଯୋଗକରି ଭିତ୍ତିଭୂମି ସୃଷ୍ଟିକଲେ ଭିତ୍ତିଭୂମିର ମାନବ ସମ୍ବଳ ଆବଶ୍ୟକତା ନ ମେଣ୍ଟାଇଲେ ପୁଞ୍ଜି ବିନିଯୋଗ ନିରର୍ଥକ। ଗତ ୧ ଦଶନ୍ଧି ହେଲା ଦେଖାଯାଉଛି ଓଡ଼ିଶାର ଅଚାନକ ଖଣି ରୟାଲ୍‌ଟିରୁ ଅଧିକ ରାଜସ୍ୱ ଆସିବାରୁ ରାଜସ୍ୱ ଆଦାୟର ଆଶାତୀତ ବୃଦ୍ଧି ପାଇଛି। ରାଜ୍ୟ ସରକାର ପୁଞ୍ଜି ବିନିଯୋଗକୁ ପ୍ରାଧାନ୍ୟ ଦେଉଛନ୍ତି, କିନ୍ତୁ ରାଜସ୍ୱ ବ୍ୟୟକୁ ଅଣ ଉତ୍ପାଦନ ଖର୍ଚ୍ଚ ଭାବି ଏହାକୁ ଆବଶ୍ୟକ



ଅନୁସାରେ ବୃଦ୍ଧି ନ କରି ରାଜସ୍ୱ ବଳକା ଦେଖାଇ ବାହାବା ନେଉଛନ୍ତି। ଗତ ବିଜେଡି ସରକାର ଯାହା କରୁଥିଲେ ବର୍ତ୍ତମାନର ଭାଜପା ସରକାର ତାଙ୍କର ପଦାଙ୍କ ଅନୁସରଣକରି ରାଜସ୍ୱ ବଳକାକୁ ବୃଦ୍ଧି କରିଚାଲିଛନ୍ତି। ରାଜସ୍ୱ ବଳକା ୨୦୨୨-୨୩ରେ ୨୬,୭୦୦ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ହେଲା ୨୭,୭୦୦ କୋଟି ଟଙ୍କା ଏବଂ ଚଳିତ ୨୦୨୫-୨୬ରେ ହେଉଛି ୩୧,୮୦୦ କୋଟି ଟଙ୍କା। ଏଣେ ସ୍କୁଲ, କଲେଜରେ ଶିକ୍ଷକ ନାହାନ୍ତି , ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଆଧୁନିକ ଚାଷ ପ୍ରଣାଳୀ ଏବଂ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବାକୁ ଯଥେଷ୍ଟ ସଂଖ୍ୟାରେ ସମ୍ପ୍ରସାରଣ କର୍ମଚାରୀ ନାହାନ୍ତି। ଏହା ନିଶ୍ଚିତ ଭାବରେ ଏକ ବିରୋଧାଭାସ। ଅର୍ଥ ଭଣ୍ଡାର ବଢ଼ୁଛି, ଏଣେ ବେକାରି ଓ ଦାଦନ ଶ୍ରମିକଙ୍କ ସଂଖ୍ୟା ତାଳଦେଇ ବଢ଼ୁଛି। ଅନ୍ୟପକ୍ଷରେ ଯେଉଁସବୁ ରାଜ୍ୟ ଆମ ରାଜ୍ୟ ତୁଳନାରେ ଅଧିକ ବିକଶିତ ଅଥଚ ରାଜସ୍ୱ ନିଅଣ୍ଟକରି ବିଭିନ୍ନ ବିକାଶ ମୂଳକ କାମ କରୁଛନ୍ତି ତାଙ୍କୁ କେନ୍ଦ୍ର ଅର୍ଥ ଆୟୋଗ ଅଧିକ ଆର୍ଥିକ ସାହାଯ୍ୟ ଦେଉଛନ୍ତି। ଯେପରି ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ର ଅର୍ଥ ଆୟୋଗ ୮୬,୨୦୧ କୋଟି ସାହାଯ୍ୟ ଦେଇଛନ୍ତି। ସେ ରାଜ୍ୟଗୁଡ଼ିକ ହେଲେ କେରଳ,ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ,ହିମାଚଳ ପ୍ରଦେଶ,ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲାଣ୍ଡ ଓ ତ୍ରିପୁରା। ଓଡ଼ିଶା କାଣି କଉଡ଼ିଟିଏ ପାଇନାହିଁ। କାରଣ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ।

ଆମେ ସମସ୍ତେ ଜାଣିଛେ ୫-ଟି ନାମରେ ସ୍କୁଲ ଓ କଲେଜ ଘର ସବୁ ନିର୍ମାଣ ହୋଇଗଲା, କିନ୍ତୁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଅଧ୍ୟାପକ ନାହାନ୍ତି। ପାଠପଢ଼ା କିପରି ହେବ ? ସେହିପରି ଆଦାୟ ହେଉଥିବା ରାଜସ୍ୱରୁ ବ୍ୟୟକରି ଡାକ୍ତର ନିଯୁକ୍ତି ନ କରି ପୁଞ୍ଜି ବିନିଯୋଗ ନାମରେ ଡାକ୍ତରଖାନା ନିର୍ମାଣକରି ଲାଭ ହେଉଛି? ଲୋକେ ଚିକିତ୍ସା ପାଇ ପାରୁଛନ୍ତି? ରାଜସ୍ୱ ବ୍ୟୟକରି କର୍ମଚାରୀ ନିଯୁକ୍ତି ନ କରି ଏଣେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ବ୍ୟୟ ବରାଦକଲେ ବି ଖର୍ଚ୍ଚ ହେଉନାହିଁ କର୍ମଚାରୀ ଅଭାବରୁ। ସରକାର ଚଳିତ ବର୍ଷ ବଜେଟରେ ରାଜସ୍ୱ ବ୍ୟୟ ବରାଦ କରିଛନ୍ତି ୧,୦୮,୦୦୦ କୋଟି ଟଙ୍କା ଏବଂ ପୁଞ୍ଜି ବ୍ୟୟ ବରାଦ କରିଛନ୍ତି ୭୦,୦୦୦ କୋଟି ଟଙ୍କା। ଋଣ କରିବେ ୪୭,୪୦୦କୋଟି ଟଙ୍କା। ବର୍ଷର ୬ ମାସ ବିତିଗଲାଣି, ଏବେ ଖବର ପ୍ରକାଶ ପାଇଛି, ବିଭିନ୍ନ ବିଭାଗରେ ହାରାହାରି ୨୫ ଭାଗ ଅର୍ଥ ଖର୍ଚ୍ଚ ହୋଇଛି। ସେହିପରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିଲେ ବି ମାତ୍ର ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଖର୍ଚ୍ଚ ନ ହେବାର କାରଣ କର୍ମଚାରୀ ଆବଶ୍ୟକ ସଂଖ୍ୟାରେ ନାହାନ୍ତି।

ଆମର ମତ ହେଲା ସରକାର ଯେତିକି ଆୟ କରୁଛନ୍ତି ପ୍ରଥମେ ଯେଉଁ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପଦବୀ ମଞ୍ଜୁର ଅଛି,ସେସବୁ ପଦବୀ ପୂରଣ କରନ୍ତୁ। ପଦବୀ ପୂରଣ ହେଲେ ସେହି ବିଭାଗର କାମ ତ୍ୱରାନ୍ୱିତ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇବ। ଏହା ସହ ବେକାରି ଦୂରହେବ। ଅନାବଶ୍ୟକ ରାଜସ୍ୱ ବ୍ୟୟକୁ କମାଇବାକୁ ହେବ। ଆମେ ଦେଖୁଛେ ବିଜ୍ଞାପନ କିପରି ଅନାବଶ୍ୟକ ହୋର୍ଡିଂ ରାଜ୍ୟର ଗଳିକନ୍ଦିରେ ଲଗାହୋଇଛି। ଏବେ ସରକାର ନିଯୁକ୍ତି ମେଳା କରିଥିଲେ। ନିଯୁକ୍ତି ମେଳା କାହାକୁ କହିବା ? ଯେଉଁଠାକୁ ବିଭିନ୍ନ ନିଯୁକ୍ତିଦାତା ଆସି ପ୍ରାର୍ଥୀମାନଙ୍କୁ ସାକ୍ଷାତ୍‌କାରକରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି। କିନ୍ତୁ ରାଜ୍ୟ ସରକାର ପୂର୍ବରୁ ପରୀକ୍ଷାକରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମନୋନୀତ କଲାପରେ ଆମର ପରମ୍ପରା ଅନୁସାରେ ନିଯୁକ୍ତିପତ୍ର ଡାକରେ ପଠାଇଦେବେ। ତାହା ନ କରି ମେଳାକରି ଅଯଥା ଅର୍ଥ ବ୍ୟୟ କରୁଛନ୍ତି କାହିଁକି? ଏହିପରି ଅନେକ ରାଜସ୍ୱ ବ୍ୟୟ କମାଇହେବ। ଗସ୍ତଖର୍ଚ୍ଚ, ଯେଉଁଠି ସରକାରଙ୍କ ବଙ୍ଗଳା ଅବା ରହିବା ପାଇଁ ସରକାରୀ ଭବନ ଅଛି,ସେଠି ଗସ୍ତରେ ଥିବା ଅଫିସର ଓ ମନ୍ତ୍ରୀମାନେ ରୁହନ୍ତୁ। ହୋଟେଲରେ ରୁହନ୍ତୁ ନାହିଁ।

ପୁଞ୍ଜି ବିନିଯୋଗକରି ଲାଭ କରାଯାଇପାରିବା ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ବିଭିନ୍ନ ସୂତ୍ରରୁ ଋଣ କରନ୍ତୁ। ଆମେ ଆମର ମୋଟ ଘରୋଇ ଉତ୍ପାଦର ୨୫ପ୍ରତିଶତ ପର୍ଯ୍ୟନ୍ତ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା ଆଇନ ଅନୁଯାୟୀ ଋଣ କରିପାରିବା। ଆମର ବର୍ତ୍ତମାନ ମୋଟ ଘରୋଇ ଉତ୍ପାଦର ମାତ୍ର ୧୨.୭ ପ୍ରତିଶତ ଋଣ। ଋଣ କିଛି ଖରାପ ବ୍ୟବସ୍ଥା ନୁହେଁ। ଋଣ ଆଣି ଠିକ୍ ଭାବରେ ବିନିଯୋଗକରି ସେଥିରୁ ଲାଭ ଉଠାଇ ଋଣ ପଇଠ କରିପାରିବେ। ସରକାର ଯଦି ଖାଲିଥିବା ଆବଶ୍ୟକ ପଦବୀକୁ ପୂରଣ ନ କରିବେ, ତେବେ ରାଜସ୍ୱ ବଳକା କରି ବାହାବା ନେବେ ସିନା, କିନ୍ତୁ ବିକାଶରେ ଆମେ ନିଅଣ୍ଟିଆ ରାଜ୍ୟ ହୋଇ ରହିବା।

ସତ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଆମେ ସବୁ ହାସ୍ୟାଭିନେତା



ଡ. ମନୋରଞ୍ଜନ ପ୍ରଧାନ

ପ୍ରାୟ ଦେଢ଼ ଦଶନ୍ଧି ତଳର କଥା। ଜଣେ ବରିଷ୍ଠ ସହକର୍ମୀଙ୍କ ସହ ଯାତ୍ରା ଦେଖିବାକୁ ଯାଇଥିଲି। ଯାତ୍ରା ସରିବା ପରେ ସହକର୍ମୀ ଜଣକ ଜଣେ ଅଭିନେତାଙ୍କୁ ଦେଖା କରିବାକୁ କହିଲେ ଯେ କି ତାଙ୍କର ବାଲ୍ୟବନ୍ଧୁ ଥିଲେ। ଆମେ ଯେତେବେଳେ ସେ ଲୋକପ୍ରିୟ ହାସ୍ୟାଭିନେତାଙ୍କ ନିବାସକୁ ଗଲୁ ସେ ଅଭିନୟ ସାରି ଏକ ଚୌକି ଉପରେ ବସି ଅତ୍ୟନ୍ତ ଶାରୀରିକ କଷ୍ଟ ଅନୁଭବ କରୁଥାନ୍ତି। ଆମେ କାରଣ ପଚାରିଲୁ ଏବଂ ତାଙ୍କଠାରୁ ଉତ୍ତର ଯାହା ଆସିଲା ତାହା ସମ୍ପୂର୍ଣ୍ଣ ଅବିଶ୍ୱାସ୍ୟ ଥିଲା। ଅଭିନେତା ଜଣକ କହିଲେ, ଗତ ରାତିରୁ ଛାତି ଯନ୍ତ୍ରଣାରେ ମୁଁ ଛଟପଟ ହେଉଛି। ତାହା ଲୁଚେଇବା ପାଇଁ ଶରୀରରେ ସାଲଟିଏ ଘୋଡ଼ାଇ ହୋଇ ଅଭିନୟ କରୁଥିଲି। ଯେତେବେଳେ ବହୁତ କଷ୍ଟ ହେଉଥିଲା ସେତେବେଳେ ଛାତିକୁ ଚାପିଧରି ନିଖୁଣ ଅଭିନୟ କରିବାକୁ ଚେଷ୍ଟା କରୁଥିଲି। ଅଭିନେତାଙ୍କ କଥାଶୁଣି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ। କାରଣ ସେ ହାସ୍ୟାଭିନେତାଙ୍କ ଅଭିନୟ ଏତେ ନିଖୁଣ ଓ ଜୀବନ୍ତ ଥିଲା ଯେ ଦର୍ଶକ ହସି ହସି ବେଦମ୍ ହୋଇଯାଉଥିଲେ। ସମସ୍ତେ ହସିବାକୁ ବାଧ୍ୟ ହେଉଥିଲେ। ତାଙ୍କ ପେସାଦାର ଅଭିନୟରେ ଶାରୀରିକ କ୍ଳେଶ ଆଦୌ ବାରି ହେଉ ନ ଥିଲା। କିନ୍ତୁ ପ୍ରକୃତରେ ଅଭିନେତା ଜଣକ ଛାତି ଯନ୍ତ୍ରଣାରେ ଛଟପଟ ହୋଇ ଦର୍ଶକଙ୍କ ମନୋରଞ୍ଜନ କରୁଥିଲେ ତାହା ପୁଣି ତାଙ୍କର ଉଭୟ କର୍ତ୍ତବ୍ୟ ଏବଂ ବାଧ୍ୟବାଧକତା ଥିଲା। ସେହିପରି ଆମ୍ଭମାନଙ୍କ ଜୀବନ। ଆମେ ପ୍ରତି ସମୟରେ ହାସ୍ୟାଭିନେତାଙ୍କ ଭଳି ପେଟରେ ପେଟିଏ ଦୁଃଖ ଚାପିଧରି ଅନ୍ୟମାନଙ୍କୁ ହସେଇବାକୁ ଉଦ୍ୟମ କରୁ। କାହାକୁ ନିଜର ଦୁଃଖ କହି ହୁଏନି କି ଅନ୍ୟର ଦୁଃଖ ଦେଖି ସହି ହୁଏନି। ହେଲେ ସମସ୍ତଙ୍କୁ ଖୁସି ଦେଇ ଚାଲିବାର ମନୋବୃତ୍ତି ଆମକୁ ବ୍ୟକ୍ତିଗତ ଅସରନ୍ତି କଷ୍ଟ ଦେଇଚାଲେ। ଅବ୍ୟକ୍ତ ତଥା ଅକୁହା ଦୁଃଖ କଷ୍ଟର ସାନ୍ତ୍ୱନା କେବଳ ଗୋଟିଏ ଯେ ଆମେ ଆମର କର୍ତ୍ତବ୍ୟ ସମ୍ପାଦନ କରି ଅନ୍ୟ ମୁହଁରେ ହସ ଫୁଟେଇ ଚାଲିଛୁ। ହେଲେ ଆମ ସଂଘର୍ଷ ଓ ସଂଘାତର ପରିଣାମ ସ୍ୱରୂପ ହସୁଥିବା ଲୋକ ବୁଝିପାରେ କି ନାହିଁ କହିବା ମୁସ୍କିଲ। କିନ୍ତୁ ବହୁ କ୍ଷେତ୍ରରେ ସେମାନେ ଏ ଦୁଃଖ, ଯନ୍ତ୍ରଣାର କରୁଣ ଗାଥା ବୁଝିପାରନ୍ତି ନାହିଁ ବରଂ ସେମାନେ ଧରି ନିଅନ୍ତି କି ସେମାନଙ୍କର ସେବା ଓ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ବା କୌଣସି ସ୍ୱାର୍ଥ ପାଇଁ କରୁଥିବେ। ଉପକାର ପାଇଥିବା ନିଜ ପରିବାର ସଦସ୍ୟ ବା ଅନ୍ୟ ଲୋକମାନେ ସମବେଦନା ବା କୃତଜ୍ଞତା ଜଣାଇବା ପରିବର୍ତ୍ତେ ସେମାନେ ଅଧିକରୁ ଅଧିକ ଆଶା କରି ଚାଲନ୍ତି। କେବଳ ସେତିକି ନୁହେଁ, ସାହାଯ୍ୟ ବା କର୍ତ୍ତବ୍ୟର ଅପବ୍ୟବହାର କରି ଚାଲନ୍ତି ଯାହାକି ଏକ ପ୍ରକାର ନିର୍ମମ ଶୋଷଣ। ଛୋଟ ଉଦାହରଣଟି ଉପସ୍ଥାପନ କରୁଛି।

ବହୁବର୍ଷର ଅଧ୍ୟାପନା ଭିତରେ ଅନେକ ପିଲାଙ୍କ ସଂସ୍ପର୍ଶରେ ଆସିଛି। ସମସ୍ତ ପିଲା ସେମିତି ନ ହେଲେ ଅଧିକାଂଶ ଯୁବତୀଯୁବକ ଅତ୍ୟନ୍ତ ବେପରୁଆ, ଅସମ୍ବେଦନଶୀଳ ଓ ସ୍ୱାର୍ଥପର। ହୁଏତ ଏହାର ପଛରେ ସେମାନଙ୍କ ବୟସର ଦୋଷ, ସଙ୍ଗଦୋଷ ଏପରି କି ଅଜ୍ଞାନତା ଥାଇପାରେ। କିନ୍ତୁ ସବୁ ସତ୍ତ୍ୱେ ନିଜ ପରିବାରର ସମସ୍ୟା ଓ



ବାପାମାଆଙ୍କ ସଂଘର୍ଷ ସମ୍ବନ୍ଧରେ ଚିନ୍ତନ କରିବା ଜରୁରୀ ନୁହେଁ କି ? କିନ୍ତୁ ସେମାନେ ସେଭଳି ନ କରି ଅବାଟରେ ଯାଆନ୍ତି ଏବଂ ସ୍ୱପ୍ନିଳ ଜଗତରେ ବିଚରଣ କରି ନିଜ ଜୀବନ ଓ ପରିବାରର ସୁଖସମୃଦ୍ଧିକୁ ନଷ୍ଟଭ୍ରଷ୍ଟ କରିଦିଅନ୍ତି। ଅନେକ ପିଲାଙ୍କୁ ଦେଖିଛି ବାପାମାଆ ମୂଲ ଲାଗି, ଦିନସାରା ପର ପାଖରେ ଖଟି ଖଟି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ବଡ଼ ଶିକ୍ଷାନୁଷ୍ଠାନରେ ନାମଲେଖାନ୍ତି। କିନ୍ତୁ ପିଲାମାନେ ଅତ୍ୟନ୍ତ ଦାୟିତ୍ୱହୀନ ଭାବରେ ବାପାମାଆ, ପରିବାରବର୍ଗଙ୍କ ଦୁଃଖ ଯନ୍ତ୍ରଣାକୁ ତିଳେମାତ୍ର ଚିନ୍ତା ନ କରି ଅବାଟରେ ଚାଲିଯାଆନ୍ତି। ଯେଉଁଥି ପାଇଁ ସେମାନେ ଆସିଛନ୍ତି ତାହା ଭୁଲିଯାଇ କୁସଙ୍ଗରେ ପଡ଼ି ଅନେକ ଭୁଲ୍ କରି ବସନ୍ତି। ସବୁଠାରୁ ବଡ଼ କଥା ହେଉଛି ହାସ୍ୟାଭିନେତା ଭଳି ସବୁ ଦୁଃଖ, କ୍ଳେଶ ଓ ଅଭାବ ଅନଟନକୁ ଛାତିରେ ଚାପିଧରି ପିଲାଙ୍କ ସୁଖ ପାଇଁ ସର୍ବସ୍ୱ ହରାଇଥିବା ବାପାମାଆ ବା ପରିବାରବର୍ଗଙ୍କୁ ଅଣଦେଖା ଓ ଅସମ୍ମାନ କରନ୍ତି ଏପରି କି ଜୋରଜବରଦସ୍ତ ସେମାନଙ୍କଠାରୁ ଟଙ୍କା ଆଣି ମାଦକ ଦ୍ରବ୍ୟ, ବଡ଼ ହୋଟେଲରେ ପାର୍ଟି ଓ ଅନ୍ୟାନ୍ୟ ଅସତ୍ କାମରେ ବିନିଯୋଗ କରନ୍ତି। ଯଦି ନିଜ କଷ୍ଟକୁ ନିୟନ୍ତ୍ରଣ ନ କରି କେବେ ମା'ବାପା ତାଗିଦା କରନ୍ତି ତୁରନ୍ତ ଆତ୍ମହତ୍ୟା ଭଳି ଧମକ ଦିଅନ୍ତି। ଏମିତି ବି ହୁଏ ଯଦି ଅଭାବ ହେତୁ ଠିକ ସମୟରେ ଟଙ୍କା ଦେବାରେ ବିଳମ୍ବ ହୁଏ ଆଜିକାଲିର ଯୁବତୀଯୁବକମାନେ ପରିବାରର ଅସୁବିଧା ବୁଝିବା ପରିବର୍ତ୍ତେ ସିଧା ପ୍ରଶ୍ନ କରନ୍ତି କି ଯଦି ସୁବିଧା ସୁଯୋଗ ଯୋଗାଇ ଦେବାରେ ସାମର୍ଥ୍ୟ ନ ଥିଲା ଜନ୍ମ କାହିଁକି ଦେଉଥିଲ ବା ତୁମ ପରିବାରରେ ଜନ୍ମ ହୋଇ ମୋ ଜୀବନ ବେକାର। ମୋ ସାଙ୍ଗ ସାଥୀମାନେ କେତେ ସୁଖରେ ଅଛନ୍ତି ହେଲେ ମୁଁ..... ଇତ୍ୟାଦି। ବିଚରା ବାପାମାଆ ହାସ୍ୟାଭିନେତାମାନଙ୍କ ଭଳି ଲୁହ ପିଇଯାଇ କେବଳ ମିଛ ହସ ହସିବା ଛଡ଼ା ଆଉ ଉପାୟ କିଛି ନାହିଁ।

ମନେରଖିବା ଉଚିତ ଯେ ଏଭଳି ହାସ୍ୟାଭିନୟ କେବଳ ପୁଅଝିଅ, ପରିବାରବର୍ଗ ବା ଜ୍ଞାତି କୁଟୁମ୍ବ ଭିତରେ ସୀମିତ ନୁହେଁ, ଏହା ସମାଜରେ ପରିବ୍ୟାପ୍ତ। ମାନେ ଏଭଳି ଅଭିନୟ କରିବାକୁ ସମାଜର ତଥା ଆମ ଆଖପାଖରେ ରହୁଥିବା ଲୋକମାନେ ମଧ୍ୟ ଚାହାନ୍ତି। ଆପଣ ଯଦି ରୋଜଗାରକ୍ଷମ ତେବେ ଆପଣ ଆଖପାଖ ଲୋକ ଭାବି ନିଅନ୍ତି କି ସେମାନଙ୍କୁ ସାହାଯ୍ୟ କରିବା ଆପଣଙ୍କ କର୍ତ୍ତବ୍ୟ। କିନ୍ତୁ ସେମାନେ ଭୁଲିଯାଆନ୍ତି କି ସହଯୋଗର ହାତ ବଢ଼େଇଥିବା ଲୋକମାନଙ୍କ ପ୍ରତି ସେମାନଙ୍କର ମଧ୍ୟ କିଛି କର୍ତ୍ତବ୍ୟ ଅଛି। ଯଦି ଆପଣ ଚାକିରି ଖଣ୍ଡେ କରିଛନ୍ତି ତାହା ପୁଣି ବଡ଼ ଚାକିରିଟିଏ ତାହାହେଲେ କଥା ସରିଲା। ଲୋକେ ଭାବନ୍ତି ସରକାର ସେମାନଙ୍କ ପାଇଁ ଅକ୍ଷୟ ଭଣ୍ଡାର ଖୋଲି ଦେଇଥାନ୍ତି। ତେଣୁ ଯାହାର ଆବଶ୍ୟକ ପଡିଲା ନେଇ ଚାଲିବେ। ଫେରେଇବାର ପ୍ରଶ୍ନ ଉଠୁନାହିଁ। ଯଦି ଆପଣଙ୍କ ଅସୁବିଧା ହେତୁ ଦେଇପାରିବେ ନାହିଁ ସେତେବେଳେ ଯେଉଁଳି କଥା ଆପଣଙ୍କୁ ଶୁଣିବାକୁ ମିଳିବ ତାହା ଅସହ୍ୟ, ଅବ୍ୟକ୍ତ ଓ ଅମାନୁଷିକ। କେବଳ ଏକା ଏକା କାନ୍ଦିବା ଛଡ଼ା ଅନ୍ୟ ପନ୍ଥା ନାହିଁ।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ:୯୪୩୭୯୧୪୮୧୮

## ଏଇ ଭାରତରେ

ଅଧିକାଂଶ ଲୋକ ବ୍ୟାଗ ନ ନେଇ ପଲିଥିନରେ ପରିବା ଆଣିବା ଦେଖାଯାଏ। ଏହି ପଲିଥିନ ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ତାହାକୁ ଦୂର କରିବା ଲାଗି ଚେନ୍ନାଇର ମହିଳାମାନେ ଏକ ନିଆରା ଉପାୟ ଆପଣାଇଛନ୍ତି। ସେମାନେ ଗାଢ଼ ସବୁଜ ରଙ୍ଗର ବିଦ୍ୟୁତଚାଳିତ(ଇଭି) ଅଟୋରେ ପରିବା ନେଇ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଚେନ୍ନାଇର ମହିଳା ଗ୍ରୁପକୁ ତାମିଲନାଡୁ ସରକାର ଏହି ଇଭି ଅଟୋ ଯୋଗାଇ ଦେଇଛନ୍ତି। ଇଭି ଅଟୋରେ ପରିବା ତଟକା ରହିବାର ବ୍ୟବସ୍ଥା କରାଯାଇଛି ଏବଂ ପରିବାଗୁଡ଼ିକୁ ସେମାନେ ମାଞ୍ଜାପାଇ ବ୍ୟାଗ(ହଳଦିଆ ରଙ୍ଗର କନା ବ୍ୟାଗ)ରେ ଲୋକଙ୍କୁ ଦେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପରିବେଶରେ ପଲିଥିନ ବ୍ୟବହାର ହ୍ରାସ କରିବା ପାଇଁ ତିନିବର୍ଷ ପୂର୍ବେ ତାମିଲନାଡୁ ସରକାର ମାଞ୍ଜାପାଇ ବ୍ୟାଗ ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲେ। ଏବେ ରାଜ୍ୟରେ ୧୮୯ଟି ସ୍ଥାନରେ ଏହି ବ୍ୟାଗ ତିଆରି କରାଯାଇ ଲୋକଙ୍କୁ ଶସ୍ତାରେ ଯୋଗାଇ ଦିଆଯାଉଛି। ଚେନ୍ନାଇରେ ମଧ୍ୟ ୪୦ଟି ଜାଗାରେ ଏହା ଉପଲବ୍ଧ ହେଉଛି। ଏଣୁ ପରିବା ବିକ୍ରି କରିବା ପାଇଁ ମହିଳାଗ୍ରୁପଗୁଡ଼ିକୁ ଏହି ବ୍ୟାଗ ସବୁଧାରେ ମିଳିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଅକ୍ଟୋବର ୧୯୭୬

- ବନ୍ୟା କ୍ଷତିଗ୍ରସ୍ତ ବିହାରକୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦ କୋଟି ଟଙ୍କା ସ୍ୱଳ୍ପମିଆଦୀ ଋଣ ମଞ୍ଜୁର।
- ଦକ୍ଷିଣ ସୁଦାନରେ ଏକ ପ୍ରକାର ରହସ୍ୟଜନକ ରୋଗ ଦେଖାଯାଇଥିବାରୁ କେନିଆ ସୁଦାନକୁ ଲାଗିଥିବା ତା'ର ସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି।
- ଚୀନର ପ୍ରଧାନମନ୍ତ୍ରୀ ହୁଆକୁଓ ଫେଙ୍ଗ୍ ଚୀନ କମ୍ୟୁନିଷ୍ଟ ପାର୍ଟିର ନୂତନ ଚେୟାରମ୍ୟାନ ତଥା ମାଓଙ୍କ ଉତ୍ତରାଧିକାରୀ ନିଯୁକ୍ତ।

## ଚିରନ୍ତନୀ

ସେ ହାସେ ଫୁଟୁ ଗୋ ଧରାର ବେଦନା
ଆକାଶ-ଲୋତକ ରାଶି
ବିଶ୍ୱଜଡ଼ିତ ସୁଖର ଚେତନା
ସେହି ହାସେ ଉଠୁ ଭାସି ।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅନଗ୍ରସର ଶ୍ରେଣୀର ଉନ୍ନତି ହେଉ

ମହାଶୟ,

ଓଡ଼ିଶାରେ ଅନେକ କଲ୍ୟାଣକାରୀ ତଥା ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ରାଜ୍ୟରେ ଥିବା ଅନଗ୍ରସର ଶ୍ରେଣୀ ସେଥିରୁ ଲାଭ ପାଇପାରୁନାହାନ୍ତି। ଅଧିକାଂଶ ସ୍ୱଚ୍ଛଳବର୍ଗ ସେମାନଙ୍କ ଯୋଜନାରେ ଭାଗୀଦାରି ହେଉଛନ୍ତି। ଦେଖାଯାଏ, ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗ ସ୍ୱାଧୀନତାର ବହୁବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର ଆର୍ଥିକ, ସାମାଜିକ ଏବଂ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆବଶ୍ୟକ। ପାରିବାରିକ ଅଭାବ ଅନଟନ ହେଉ କିମ୍ବା ସଚେତନତାର ଅଭାବରୁ ସେମାନେ ସବୁ କ୍ଷେତ୍ରରେ ପଛୁଆ ରହିଛନ୍ତି। ସବୁବର୍ଗର ଉନ୍ନତିରେ ରାଜ୍ୟ ଓ ଦେଶର ଉନ୍ନତି ସମ୍ଭବ। ଏଥିପ୍ରତି ରାଜ୍ୟ ସରକାର ନୂତନ ଯୋଜନା କରିବା ଆବଶ୍ୟକ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲୋକସେବା ଭବନରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀ।

# ପୁଞ୍ଜିନିବେଶ ଲାଗି କାରଖାନା ଅଧ୍ୟାଦେଶ

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

- **ରାତିରେ ମହିଳାଙ୍କୁ କାର୍ଯ୍ୟ ଅନୁମତିକୁ ଅନୁମୋଦନ**
- **ଓଭରଟାଇମ୍ କାର୍ଯ୍ୟକଲେ ଦ୍ୱିଗୁଣ ଦରମା**
- **ଲାଗୁହେଲା କ୍ୟାଡର ନିୟମ**

ଭୁବନେଶ୍ୱର, ୧୦।୧୦ (ରବିନାରାୟଣ ଜେନା)

ରାଜ୍ୟରେ ପୁଞ୍ଜି ନିବେଶକୁ ଆକର୍ଷିତ କରିବା, ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ଶୁକ୍ରବାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ବର୍ତ୍ତମାନ ବିଧାନସଭା ଚାଲୁ ନ ଥିବାରୁ ପ୍ରସ୍ତାବର ଗୁରୁତ୍ୱକୁ ନେଇ ଅଧ୍ୟାଦେଶ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ରାଜ୍ୟ କ୍ୟାବିନେଟ୍ କାରଖାନା ଅଧ୍ୟାଦେଶ-୨୦୨୫ ପ୍ରଣୟନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରସ୍ତାବିତ ଅଧ୍ୟାଦେଶ ପ୍ରଣୟନ ପରେ, ଉପଯୁକ୍ତ ସମୟରେ ରାଜ୍ୟ ବିଧାନସଭାର ଏହା ଆଇନ ଦ୍ୱାରା ପ୍ରତିସ୍ଥାପିତ ହେବ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ସମସ୍ତ କିମ୍ବା କୌଣସି ବର୍ଗର କାରଖାନା ପାଇଁ ଦୈନିକ ସର୍ବାଧିକ ୧୦ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ବୃଦ୍ଧି କରାଯାଇପାରିବ, ଯାହାକି ବର୍ତ୍ତମାନ ୯ ଘଣ୍ଟା ରହିଛି। ଏପରି ବର୍ଦ୍ଧିତ କାର୍ଯ୍ୟ ନିମନ୍ତେ କର୍ମଚାରୀମାନଙ୍କ ଲିଖିତ ସମ୍ମତି ଆବଶ୍ୟକ ହେବ ଏବଂ ସପ୍ତାହର ବାକିଦିନ ମଜୁରି ସହିତ ଛୁଟି ମିଳିବ। ସାପ୍ତାହିକ କାର୍ଯ୍ୟ ସମୟସୀମା ପୂର୍ବପରି ୪୮ ଘଣ୍ଟା ରହିବ। ଜଣେ ଶ୍ରମିକଙ୍କ ନିରନ୍ତର କାର୍ଯ୍ୟ ସମୟ ୬ ଘଣ୍ଟାକୁ ବୃଦ୍ଧି କରିପାରିବେ(ଯାହାକି ବର୍ତ୍ତମାନ ୫ ଘଣ୍ଟା ଅଛି)। କାରଖାନା ପାଇଁ ବିଶ୍ରାମ ଲାଗି ବ୍ୟବଧାନ ସହିତ ସ୍ପ୍ରେଡ ଓଭର(ଦୈନିକ ବିସ୍ତାରିତ ସୀମା) ୧୨ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିବ। ଜଣେ ଶ୍ରମିକ ଯଦି ନିର୍ଦ୍ଧାରିତ ଦୈନିକ କିମ୍ବା ସାପ୍ତାହିକ କାର୍ଯ୍ୟନିର୍ଘଣ୍ଟଠାରୁ ଅଧିକ କାର୍ଯ୍ୟ କରନ୍ତି, ତେବେ ସେ ଅଧିକ ସମୟ କାମ ବା ଓଭରଟାଇମ୍ ପାଇଁ ଦୁଇଗୁଣ ହାରରେ ମଜୁରି ପାଇବାକୁ ହକ୍‌ଦାର ହେବେ। କୌଣସି ଦିନରେ ମୋଟ କାର୍ଯ୍ୟଘଣ୍ଟା ସଂଖ୍ୟା ୧୨ ଘଣ୍ଟା ଅତିକ୍ରମ କରିବ ନାହିଁ, ବିଶ୍ରାମ ପାଇଁ ବ୍ୟବଧାନ ସମେତ କୌଣସି ଦିନରେ ୧୩ ଘଣ୍ଟା ଅତିକ୍ରମ କରିବନାହିଁ, ଓଭରଟାଇମ୍ ସମେତ ସପ୍ତାହରେ ମୋଟ କାର୍ଯ୍ୟଘଣ୍ଟା ସଂଖ୍ୟା ୬୦ ଘଣ୍ଟା ଅତିକ୍ରମ କରିବ ନାହିଁ। ଏହାସହିତ ତ୍ରୈମାସିକ ଓଭରଟାଇମ୍ କାର୍ଯ୍ୟ ସୀମା ୧୧୫ ଘଣ୍ଟାରୁ ୧୪୪ ଘଣ୍ଟାକୁ ବୃଦ୍ଧି ହୋଇପାରିବ। ଏହି ଆଇନ ଅନୁଯାୟୀ ମହିଳାମାନେ ସମସ୍ତ ପ୍ରକାର କାମ ପାଇଁ ସବୁ କାରଖାନାରେ ନିଯୁକ୍ତି ପାଇବାର ଅଧିକାର ପାଇବେ ଏବଂ ସେମାନଙ୍କୁ ସକାଳ ୬ଟା ପୂର୍ବରୁ ଏବଂ ସନ୍ଧ୍ୟା ୭ଟା ପରେ ଲିଖିତ ସମ୍ମତି ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନ୍ୟ କୌଣସି ସୁରକ୍ଷା ସମ୍ପର୍କିତ ସର୍ତ୍ତାବଳୀ ଉପରେ ନିଯୁକ୍ତି ଦିଆଯାଇପାରିବ।

ମୁଖ୍ୟ ସଚିବ କହିଛନ୍ତି, କ୍ଷୁଦ୍ର ବ୍ୟବସାୟ ଉପରେ ଅନୁପାଳନ ବୋଝ ହ୍ରାସ କରିବା ପାଇଁ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ ଏବଂ ମହିଳାମାନଙ୍କ ଲାଗି ଅଧିକ କାର୍ଯ୍ୟ ଅଂଶଗ୍ରହଣ ସୁଯୋଗକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରସ୍ତାବିତ ଅଧ୍ୟାଦେଶ ଅନୁଯାୟୀ, ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ଓଡ଼ିଆ ନାମଫଳକରେ ଦର୍ଶାଇବେ। ଦୈନିକ କାର୍ଯ୍ୟନିର୍ଘଣ୍ଟ ୯ରୁ ୧୦ ଘଣ୍ଟାକୁ ବୃଦ୍ଧି ହୋଇପାରିବ। ସାପ୍ତାହିକ କାର୍ଯ୍ୟ ଘଣ୍ଟା ସୀମା ପୂର୍ବପରି ୪୮ ଘଣ୍ଟା ରହିବ। ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟ ପାଳି ଅତିକମ୍‌ରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ। ତ୍ରୈମାସିକ ଓଭରଟାଇମ୍ କାର୍ଯ୍ୟ ସୀମା ୫୦ରୁ ୧୪୪ ଘଣ୍ଟାକୁ ବୃଦ୍ଧି ହୋଇପାରିବ। କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଲେ ଓଭରଟାଇମ୍ ପାଇଁ ଦୁଇଗୁଣ ମଜୁରି ପାଇବାକୁ ହକ୍‌ଦାର ବୋଲି ମୁଖ୍ୟ ସଚିବ ଦର୍ଶାଇଛନ୍ତି। ସେ ପୁଣି କହିଛନ୍ତି, ଏହି ଅବସରରେ ରାଜ୍ୟ କ୍ୟାବିନେଟ୍ ରାଜ୍ୟ ବୀମା ଯୋଜନା ପରୀକ୍ଷାଗାର ବୈଷୟିକ ସେବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏଣିକି ଏହି ବର୍ଗର କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ଲାଗି କ୍ୟାଡର ନିୟମ କାର୍ଯ୍ୟକାରୀ ହେବ।

## ପ୍ରଶାସନକୁ ସୁଦୃଢ଼ ଲାଗି 'ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ'

- **ଅଭିଜ୍ଞଙ୍କୁ ମିଳିବ ସୁଯୋଗ**
- **ଓଡ଼ିଶା ଜନ୍ମମୃତ୍ୟୁ ପଞ୍ଜୀକରଣ ନିୟମ-୨୦୨୫ ପ୍ରଣୟନ**

ଭୁବନେଶ୍ୱର,୧୦।୧୦ (ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ-୨୦୨୫'କୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ ଅଣ-ଗୁରୁତର ଅପରାଧଗୁଡ଼ିକୁ ଫୌଜଦାରି ଦଣ୍ଡରୁ ମୁକ୍ତ କରି ଦେୟ ଦଣ୍ଡ ବ୍ୟବସ୍ଥା ପ୍ରଚଳନ କରିବ ଏବଂ ବ୍ୟବସାୟ ଓ ଜୀବନଧାରଣକୁ ସହଜ କରିବ।

କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଏହି ଅଧ୍ୟାଦେଶ ରାଜ୍ୟରେ ନିୟାମକ ବୋଝ ହ୍ରାସକରି ନିବେଶକଙ୍କ ବିଶ୍ୱାସ ପାଇବା ସହ ଓଡ଼ିଶାକୁ ଏକ ନାଗରିକ-ଅନୁକୂଳ ଓ ଅଭିବୃଦ୍ଧିମୁଖୀ ରାଜ୍ୟ ଭାବେ ସ୍ଥାପିତ କରିବ। ଏହି ଅଧ୍ୟାଦେଶ ଭାରତ ସରକାରଙ୍କ ଜନ ବିଶ୍ୱାସ(ସଂଶୋଧନ ବ୍ୟବସ୍ଥା) ଆଇନ-୨୦୨୩ ଏବଂ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍), ୨୦୨୩ ସହିତ ସମନ୍ୱୟ ରକ୍ଷାକରୁଛି। ରାଜ୍ୟ ସରକାର ୯ଟି ବିଭାଗର ୧୬ଟି ଆଇନକୁ ଏହାର ଅନ୍ତର୍ଭୁକ୍ତ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶା ନର୍ସ ଏବଂ ଧାତ୍ରୀ ପଞ୍ଜୀକରଣ ଆଇନ, ଓଡ଼ିଶା ପୌର ଆଇନ, ଓଡ଼ିଶା ଜୁଆ ନିବାରଣ ଆଇନ, ଓଡ଼ିଶା କୃଷି ଉତ୍ପାଦନ ବଜାର ଆଇନ, ଓଡ଼ିଶା ନଗର ଯୋଜନା ଓ ଉନ୍ନତ ଟ୍ରଷ୍ଟ ଆଇନ, ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ଓଡ଼ିଶା ବିଦ୍ୟୁତ୍(ଶୁଳ୍କ) ଆଇନ, ଓଡ଼ିଶା କେନ୍ଦୁପତ୍ର ଆଇନ, ଓଡ଼ିଶା ସମବାୟ ସମିତି ଆଇନ, ଓଡ଼ିଶା ଶିଳ୍ପ ପ୍ରତିଷ୍ଠାନ, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ଓଡ଼ିଶା ଅଗ୍ନି ଓ ଜରୁରିକାଳୀନ ସେବା ଆଇନ, ଓଡ଼ିଶା ପୌର ନିଗମ ଆଇନ, ଓଡ଼ିଶା ମୂଲ୍ୟଯୁକ୍ତ ଟିକସ ଆଇନ, ଓଡ଼ିଶା ଶ୍ରମିକ କଲ୍ୟାଣ ପାଣ୍ଠି ଆଇନ, ଓଡ଼ିଶା ଉତ୍ପାଦ ଶୁଳ୍କ ଆଇନ ପ୍ରଭୃତି ଅନ୍ତର୍ଭୁକ୍ତ। ଏହି ଅଧ୍ୟାଦେଶ ଫୌଜଦାରି ମାମଲା ଓ ବିଚାର ଖର୍ଚ୍ଚକୁ ହ୍ରାସ କରିବ, ଯାହା ବ୍ୟବସାୟୀ ଓ ବ୍ୟକ୍ତିଙ୍କ ଉପରୁ ନିୟାମକ ବୋଝ ହଟାଇବ। ଏହା ଓଡ଼ିଶାକୁ 'ବିକଶିତ ଓଡ଼ିଶା' ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଇବ ବୋଲି ମୁଖ୍ୟ ସଚିବ କହିଛନ୍ତି।

ଆହୁଜା ଆହୁରି କହିଛନ୍ତି ଯେ, ଅଧିକ ଅଭିଜ୍ଞ ପ୍ରାର୍ଥୀଙ୍କୁ ସୁଯୋଗ ଦେବା ଏବଂ ପୂର୍ବରୁ ସରକାରୀ ଚାକିରିରୁ ବାଦ୍ ଦିଆଯାଇଥିବା ପ୍ରାର୍ଥୀମାନଙ୍କୁ ସୁଯୋଗ ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ଜିଲା ଏବଂ ଦେୱାନୀ କୋର୍ଟର ବିଚାର ବିଭାଗୀୟ କର୍ମଚାରୀ ସେବା ନିୟମ-୨୦୦୮କୁ ସଂଶୋଧନ କରିଛନ୍ତି। ଏହାଦ୍ୱାରା ଅଭିଜ୍ଞମାନେ ସୁଯୋଗ ପାଇପାରିବେ। ସେହିପରି ଓଡ଼ିଶା ଜନ୍ମମୃତ୍ୟୁ ପଞ୍ଜୀକରଣ ନିୟମ-୨୦୨୫ ପ୍ରଣୟନ ସହ କେତେକ ନିୟମରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି ବୋଲି ମୁଖ୍ୟ ସଚିବ କହିଛନ୍ତି।

## ସରକାର କିଣିବେ ୧୬୩ କୋଟିର କାଗଜ

ଭୁବନେଶ୍ୱର,୧୦।୧୦(ରବିନାରାୟଣ ଜେନା)

ରାଜ୍ୟରେ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇଦେବା ଲାଗି ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ ଯେ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ୧୮,୫୦୦ ମେଟ୍ରିକ୍ ଟନ୍ ୭୦ ଜିଏସ୍‌ଏମ୍ ମାପଲିଥୋ ଗିଲ୍ ପେପର ଏବଂ ୧୩୦୦ ମେଟ୍ରିକ୍ ଟନ୍ ୧୭୦ ଜିଏସ୍‌ଏମ୍ ଖୁସି ଆର୍ଟ କଭର ପେପର କିଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାଗଜ ପ୍ରଥମ-ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣାରେ ଜାତୀୟକରଣ ପାଠ୍ୟପୁସ୍ତକ ଓ ସହଯୋଗୀ ପୁସ୍ତକ ମୁଦ୍ରଣ ଏବଂ ଯୋଗାଣ ପାଇଁ ବ୍ୟବହାର କରାଯିବ। କ୍ରୟର ଆନୁମାନିକ ମୂଲ୍ୟ ପ୍ରାୟ ୧୬୩ କୋଟି ଟଙ୍କା (ଜିଏସ୍‌ଟି ବ୍ୟତୀତ) ରହିବ ବୋଲି ମୁଖ୍ୟ ସଚିବ ଦର୍ଶାଇଛନ୍ତି। ଏହି ଅର୍ଥରେ ସରକାରଙ୍କ ନୀତିନିୟମ ଅନୁଯାୟୀ ବିଭିନ୍ନ ସଂସ୍ଥାଠାରୁ କାଗଜ କିଣାଯିବ। ଗଣଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ଏ ସଂକ୍ରାନ୍ତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ବୋଲି ମୁଖ୍ୟ ସଚିବ କହିଛନ୍ତି।

## 'ସ୍ୱଚ୍ଛ ଓଡ଼ିଶା' ଲାଗି ୧୬୦୦ କୋଟି ପ୍ରସ୍ତାବକୁ ମଞ୍ଜୁର

ଭୁବନେଶ୍ୱର,୧୦।୧୦ (ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ସହରାଞ୍ଚଳକୁ ବର୍ଜ୍ୟମୁକ୍ତ ଓ ସ୍ୱଚ୍ଛ କରିବା ଲାଗି ସରକାର 'ସ୍ୱଚ୍ଛ ଓଡ଼ିଶା' ଯୋଜନାରେ ୧୬୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ ଯେ, ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ୧୬୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହା ମାଧ୍ୟମରେ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳ ପରିଚାଳନାକୁ ଅଧିକ ସୁଗମ ଓ ସମନ୍ୱିତ କରାଯିବା ସହ ସହରାଞ୍ଚଳର ପୌରସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ସ୍ୱଚ୍ଛତା କ୍ଷେତ୍ରରେ ସଫଳତା ହାସଲ କରାଯାଇପାରିବ। ଏହାଦ୍ୱାରା ପୌରସଂସ୍ଥାଗୁଡ଼ିକର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅଧିକ ଦକ୍ଷ ଓ ଫଳପ୍ରଦ ହେବ। ଏହାଦ୍ୱାରା ପୌରସଂସ୍ଥାଗୁଡ଼ିକ ଆଧୁନିକ ବର୍ଜ୍ୟ ପରିଚାଳନା ପ୍ରଣାଳୀ ଓ ବର୍ଜ୍ୟଜଳ ଶୋଧନ ପ୍ଲାଣ୍ଟ ସ୍ଥାପନ କରିବାରେ ସକ୍ଷମ ହୋଇପାରିବେ ବୋଲି କ୍ୟାବିନେଟ୍ ନିଷ୍ପତ୍ତିରୁ ଜଣାଯାଇଛି।

# ଦିନକ ପୂର୍ବରୁ ଗ୍ରନ୍ଥାଗାର ଉଦ୍‌ଘାଟନ କଲେ ବିଧାୟକ



ବିଧାୟକ ରମେଶ ଚନ୍ଦ୍ର ବେହେରା ସହଯୋଗୀଙ୍କ ସହ ଫଳକ ଉଦ୍‌ଘାଟନ କରୁଛନ୍ତି।

**ନୂଆଁଗାଁରେ ଫଳକ ରାଜନୀତି**

**ଭାଜପା, ବିଜେଡି କନ୍ଦଳ ପାଇଁ ଗ୍ରନ୍ଥାଗାରର ହେବ ଦୁଇ ଥର ଉଦ୍‌ଘାଟନ**

ନୟାଗଡ଼/ନୂଆଗାଁ, ୧୦।୧୦ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀର ନୂଆଗାଁରେ ଦେଖିବାକୁ ମିଳିଛି ଫଳକ ରାଜନୀତି। ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗ୍ରନ୍ଥାଗାରର ଉଦ୍‌ଘାଟନ କାର୍ଯ୍ୟକ୍ରମ ଶନିବାର ହେବାକୁ ଥିବାବେଳେ ଦିନକ ପୂର୍ବରୁ ଅର୍ଥାତ୍ ଶୁକ୍ରବାର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନିଜର ସହଯୋଗୀଙ୍କ ସହ ପହଞ୍ଚି ଗ୍ରନ୍ଥାଗାରର ଶୁଭ ଉଦ୍‌ଘାଟନ କରିଛନ୍ତି। ସେପଟେ ଶନିବାର ଉଦ୍‌ଘାଟନ କରିବା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କନ୍ଧମାଳ ଏମପି ସୁକାନ୍ତ କୁମାର ପାଣିଗ୍ରାହୀ ଆସିବାର କାର୍ଯ୍ୟକ୍ରମ ଥିବାରୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି। ତେବେ ତରବରିଆ ଗ୍ରନ୍ଥାଗାର ଉଦ୍‌ଘାଟନ ପରେ ଭାଜପା ଓ ବିଜେଡି ମଧ୍ୟରେ ଲାଗି ରହିଥିବା ବିବାଦ ବିସ୍ଫୋରକ ହେବାରେ ଲାଗିଛି।

ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗ୍ରନ୍ଥାଗାର ବହୁ ଦିନ ହେଲା ନିର୍ମାଣ ହୋଇ ରହିଥିଲେ ତାକୁ କାର୍ଯ୍ୟକ୍ଷମ କରାଯାଉ ନ ଥିଲା। ଶନିବାର ଏହାର ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ନିମନ୍ତ୍ରଣପତ୍ରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଉପଜିଲାପାଳ ତଥା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଭର୍ନିଂ ବଡି ସଭାପତି କର୍ଣ୍ଣଦେବ ସମାଦ୍ଦାର, ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ନୂଆଗାଁ ବିଡିଓ ଅମୃତ କୁମାର ରାଉଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ନିମନ୍ତ୍ରଣପତ୍ରରେ ଦଶପଲ୍ଲା ବିଧାୟକ ବେହେରାଙ୍କ ନାମ ନ ଥିଲା। ଏପରି କି ବିଧାୟକଙ୍କୁ ଉଦ୍‌ଘାଟନ ସମ୍ପର୍କରେ ସୂଚନା ଦିଆ ଯାଇ ନ ଥିବା ଜଣାପଡିଛି। ନିଜର ପତିଆରା ରଖିବା ପାଇଁ ବିଧାୟକଙ୍କ ଗୋଷ୍ଠୀ ନିଜେ ଫଳକ ଲଗାଇ ବିଧାୟକଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟନ କରିବାରେ ସଫଳ ହୋଇଛନ୍ତି। ଏନେଇ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟାଳୟ ଗଭର୍ନିଂ ବଡି ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ନିଷ୍ପତ୍ତି ଅନୁସାରେ ଶନିବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ଜାକେଡ଼ା ପଞ୍ଚାୟତରେ ଶହୀଦ କଷ୍ଟି ଡାକୁଆଙ୍କ ଗାଁକୁ ରାସ୍ତାର ଶୁଭ ଉଦ୍‌ଘାଟନ ସମୟରେ ବିଧାୟକ ସମର୍ଥିତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କର ନାଁ ନ ଥିବାରୁ ଫଳକ ଭଙ୍ଗାଯାଇଥିଲା। ତେବେ ଫଳକ ନ ଥାଇ ବିଧାୟକ ଓ ଏମ୍‌ପି ମିଳିତ ଭାବେ ରାସ୍ତାର ଶୁଭ ଦେଇଥିଲେ। ଏହିପରି ନୂଆଗାଁ ବ୍ଲକ ଅଞ୍ଚଳରେ ଭାଜପା ଓ ବିଜେଡି କନ୍ଦଳକୁ ନେଇ ୧୦ରୁ ଊର୍ଦ୍ଧ୍ୱ ଫଳକ ଭଙ୍ଗାଯିବାର ନଜିର ରହିଛି।

## ବିଧାୟକଙ୍କ ଉଦ୍‌ଘାଟନ ପରେ ଫଳକ ଭାଙ୍ଗିଦେଲେ

ନୟାଗଡ଼/ଗଣିଆ, ୧୦।୧୦ (ଲୋକନାଥ ମିଶ୍ର/ସନ୍ତୋଷ ପ୍ରଧାନ)

ଗଣିଆ ରଘୁନାଥ ଜୀଉ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଗ୍ରନ୍ଥାଗାରକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏଠାରେ ଦଶପଲ୍ଲା ବିଧାୟକଙ୍କ ସମର୍ଥକମାନେ ଫଳକ ଲଗାଇ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଇଥିଲେ। ତେବେ ଉଦ୍‌ଘାଟନର କିଛି ସମୟ ପରେ ଫଳକଟିକୁ କେହି ଭାଙ୍ଗି ଦେଇଛନ୍ତି। ଉକ୍ତ ଗ୍ରନ୍ଥାଗାର ଉଦ୍‌ଘାଟନ ପାଇଁ ଶନିବାର ଦିନଧାର୍ଯ୍ୟ ହେବା ସହ ନିମନ୍ତ୍ରଣ ପତ୍ର ବଣ୍ଟନ ହୋଇଛି। ନିମନ୍ତ୍ରଣପତ୍ରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଉପଜିଲାପାଳ ତଥା ଗଣିଆ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଭର୍ନିଂ ବଡି ସଭାପତି କର୍ଣ୍ଣଦେବ ସମାଦ୍ଦାର, ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଗଣିଆ ବିଡିଓ ପ୍ରୀତିବାଳା ରଣା ଯୋଗଦେବେ ବୋଲି ଉଲ୍ଲେଖ ରହିଛି। ଶୁକ୍ରବାର ଉଦ୍‌ଘାଟନ ପରେ ବି ଶନିବାର ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ଶେଷ ହୋଇଛି।

# ଜଳସେଚନ, ସଂରକ୍ଷଣ ପାଇଁ ୨୩ ହଜାର କୋଟି

**ଜଳାଭାବ ଦୂର କରିବ 'ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା'**



ଭୁବନେଶ୍ୱର,୧୦।୧୦(ରବିନାରାୟଣ ଜେନା)

ରାଜ୍ୟରେ ଅଣମୌସୁମୀ ସମୟରେ ଜଳକ୍ଲିଷ୍ଟ ଦୂର ସହିତ ଚାଷୀଙ୍କୁ କ୍ଷେତରେ ପାଣି ଯୋଗାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ୨୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଏନେଇ ଆଗତ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

କ୍ୟାବିନେଟ୍ ବୈଠକରେ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଦ୍ୱାରା ଦିନକୁ ଦିନ ମୌସୁମୀ ବର୍ଷାର ଅବଧି ଅନିଶ୍ଚିତତା ଭିତରେ ରହୁଥିବାବେଳେ ଜଳସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ରାଜ୍ୟ କ୍ୟାବିନେଟ୍ 'ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ' ନାମକ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହି ଯୋଜନାରେ ୧୭୯୦ କୋଟି ଟଙ୍କା ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ମଧ୍ୟରେ ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି। ଏହି ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ କାତ୍ରା ସଂଯୋଗୀକରଣ ପ୍ରକଳ୍ପ, ବହୁଦା-ଋଷିକୁଲ୍ୟା ଅବବାହିକା ସଂଯୋଗୀକରଣ ପ୍ରକଳ୍ପ(ନନ୍ଦିନୀ ନାଳ), ହୀରାଧରବାଟୀ ବନ୍ୟାପ୍ରବାହ ଚ୍ୟାନେଲ ପ୍ରକଳ୍ପ, ବହୁଦା-ତାମ୍ପରା ସଂଯୋଗୀକରଣ ପ୍ରକଳ୍ପ, ଅଙ୍ଗ୍ ସୁକ୍‌ତେଲ ଗାର୍ଲାଣ୍ଡ କେନାଲ ପ୍ରକଳ୍ପ ଓ ତେଲେଙ୍ଗିରି ଅପର କୋଲାବ ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସେହିପରି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପକୁ ତ୍ୱରାନ୍ୱିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହା ମାଧ୍ୟମରେ ରାଜ୍ୟରେ ଜଳର ବର୍ଦ୍ଧିତ ଚାହିଦା ପୂରଣ ନିମନ୍ତେ ଭୂପୃଷ୍ଠ ଜଳ ସଂରକ୍ଷଣ ଏବଂ ସଂରକ୍ଷଣ କ୍ଷମତା ବୃଦ୍ଧି କରାଯିବ। ଜମି ଅଧିଗ୍ରହଣ, ପୁନର୍ବାସ, ପୁନଃସ୍ଥାପନ ଏବଂ ଜଙ୍ଗଲ କ୍ଷେତ୍ରର ଅନୁମତି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ଲୋକଙ୍କୁ ବିସ୍ଥାପିତ ନ କରି ନଦୀବନ୍ଧ ଭିତରେ ବୃହତ୍ ଜଳାଶୟ ସୃଷ୍ଟି କରାଯିବ। ପୂର୍ବରୁ ରାଜ୍ୟ ସରକାର ୧୧,୭୦୦ କୋଟି ଟଙ୍କା ବ୍ୟୟକରି 'ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ଯୋଜନା' ଆରମ୍ଭ କରିଥିଲେ। ରାଜ୍ୟ କ୍ୟାବିନେଟ୍ ଶୁକ୍ରବାର ଏହି ଯୋଜନାର ଅବଧିକୁ ୫ ବର୍ଷ ନିମନ୍ତେ ଯଥା ୨୦୨୫-୨୬ଠାରୁ ୨୦୨୯-୩୦ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ଏହାର ପରିମାଣ ୧୯,୯୪୧ କୋଟି ଟଙ୍କାକୁ ବୃଦ୍ଧି ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି ଜଳାଶୟ ପ୍ରକଳ୍ପଗୁଡ଼ିକ ବର୍ଷସାରା ଜଳପ୍ରବାହ ସଂରକ୍ଷଣକୁ ବଜାୟ ରଖିବା ସହିତ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଜଳ ଉପଲବ୍ଧତାକୁ ବୃଦ୍ଧିକରି ଭୂତଳ ଜଳସ୍ତରର ଋତୁକାଳୀନ ପରିବର୍ତ୍ତନକୁ ହ୍ରାସ କରିବାରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ସରକାର କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା ଜଳସେଚନ ପ୍ରକଳ୍ପଗୁଡ଼ିକର କେନାଲ ପ୍ରଣାଳୀର ଅବକ୍ଷୟ ଏବଂ ଜଳଭଣ୍ଡାରରେ ପଟୁ ଜମିଯିବା ଯୋଗୁ ସେଚ ସାମର୍ଥ୍ୟର ପୂର୍ଣ୍ଣ ବିନିଯୋଗ ହୋଇପାରୁନାହିଁ। ଏହି ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ଓ ଆଧୁନିକୀକରଣ କରାଯାଇ ନିର୍ଦ୍ଧାରିତ ସେଚସାମର୍ଥ୍ୟ ସୃଷ୍ଟି ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଯୋଜନାର ପ୍ରଭାବକୁ ଦୃଷ୍ଟିରେ ରଖି ସମ୍ପ୍ରସାରଣ, ନବୀକରଣ ଏବଂ ଆଧୁନିକୀକରଣ କାର୍ଯ୍ୟ ଲାଗି 'ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା'କୁ ଆହୁରି ୫ ବର୍ଷ ତଥା ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ୧୪୩୭ କୋଟି ଟଙ୍କା ବ୍ୟୟରେ ସମ୍ପ୍ରସାରିତ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ହ୍ରାସ ପାଇଥିବା ଜଳସେଚନ କ୍ଷମତାର ପୁନଃଭରଣ ହେବ। ୧,୨୩,୪୪୮ ହେକ୍ଟର ସେଚାଞ୍ଚଳର ପୁନରୁଦ୍ଧାର କରାଯିବ। ଜଳସେଚନ କ୍ଷମତାର ସର୍ବୋତ୍ତମ ଉପଯୋଗ କୃଷି ଉତ୍ପାଦକତା ବୃଦ୍ଧି ଏବଂ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତିରେ ଏହା ସହାୟକ ହେବ। ସେହିପରି ପାର୍ବତୀଗିରି ବୃହତ୍ ଉଠାଜଳସେଚନ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୧୧.୮୬ କୋଟି ଟଙ୍କା ଓ ଏହାର ୧୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ଲାଗି ୧୬.୯୪ କୋଟି ଟଙ୍କାର ଟେଣ୍ଡର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ସମ୍ବଲପୁର ଜିଲାର ୬୫ ଗ୍ରାମର ୮୫୦୭ ହେକ୍ଟର ଚାଷଜମିକୁ ଜଳସେଚନ ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ଅବସରରେ ଅର୍ଥ ବିଭାଗର ଓଡ଼ିଶା ଟିକସ ଓ ହିସାବ ସେବା ନିୟମର ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି।

**ଆଫଗାନ ମନ୍ତ୍ରୀଙ୍କ ପ୍ରେସ୍ ମିଟ୍‌ରେ ମହିଳା ଖବରଦାତାଙ୍କୁ ମନା**

**ନୂଆଦିଲ୍ଲୀ:** ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ପ୍ରେସ୍ ମିଟ୍‌କୁ ମହିଳା ଖବରଦାତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବାରୁ ତାଲିବାନ୍‌ର ଲିଙ୍ଗଗତ ଭେଦଭାବକୁ କଡ଼ା ସମାଲୋଚନା କରାଯାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ମୁତ୍ତାକି ଖବରଦାତା ସମ୍ମିଳନୀ କରିଥିଲେ। କେବଳ ପୁରୁଷ ଖବରଦାତାଙ୍କୁ ସେଠାରେ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଖବରଦାତା, ରାଜନେତା ଓ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଟ୍ରମ୍ପଙ୍କ ହାତରେ ପୁଟିନ୍‌ଙ୍କୁ ଚିଠି ପଠାଇଥିଲେ ସ୍ତ୍ରୀ ମେଲାନିଆ

## ପରିବାର ସହ ଏକାଠି ହେଲେ ୮ ୟୁକ୍ରେନୀୟ ପିଲା

ୱାଶିଂଟନ୍,୧୦।୧୦(ଏ.ପି.)

ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆକ୍ରମଣ ପରେ ରୁଷିଆ ୟୁକ୍ରେନୀୟ ପିଲାଙ୍କୁ ସେମାନଙ୍କ ଦେଶରୁ ନେଇଯାଉଛି। ସେହି ପିଲାମାନଙ୍କୁ ରୁଷିଆରେ ରୁଷୀୟ ଭାବେ ଲାଳନପାଳନ କରାଯାଉଛି। ତେବେ ପୁଟିନ୍‌ଙ୍କ ସହ ଆମେରିକାର ଆଲୋଚନା ପରେ ୮ ୟୁକ୍ରେନୀୟ ପିଲାଙ୍କୁ ସେମାନଙ୍କ ପରିବାରକୁ ଫେରାଇ ଆଣାଯାଇଥିବା ଶୁକ୍ରବାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ ସୂଚନା ଦେଇଛନ୍ତି। ସ୍ୱାମୀ ଟ୍ରମ୍ପଙ୍କ ହାତରେ ପୁଟିନ୍‌ଙ୍କ ନିକଟକୁ ପଠାଇଥିବା ଏକ ପତ୍ର ଯୋଗୁ ଏହା ସମ୍ଭବ ହୋଇଥିବା ମେଲାନିଆ କହିଛନ୍ତି।

ଗତ ଅଗଷ୍ଟରେ ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ପ୍ରତିପକ୍ଷ ପୁଟିନ୍ ଆଲାସ୍କାରେ ପରସ୍ପରକୁ ଭେଟିଥିଲେ। ଟ୍ରମ୍ପ ଆଲାସ୍କା ଯିବା ପୂର୍ବରୁ ମେଲାନିଆ ନିଜେ ଲେଖିଥିବା ଏକ ଚିଠି ସ୍ୱାମୀଙ୍କ ହାତରେ ପୁଟିନ୍‌ଙ୍କ ନିକଟକୁ ପଠାଇଥିଲେ। ସେହି ପତ୍ରରେ ମେଲାନିଆ ୟୁକ୍ରେନୀୟ ପିଲାଙ୍କୁ ସେମାନଙ୍କ ପରିବାର ସହ ଏକାଠି କରାଇବା ପାଇଁ ବ୍ୟବସ୍ଥା କରିବାକୁ ପୁଟିନ୍‌ଙ୍କୁ ଅନୁରୋଧ କରିଥିଲେ।



ଏହାସହ ମେଲାନିଆଙ୍କ ପ୍ରତିନିଧିମାନେ ମଧ୍ୟ ପୁଟିନ୍‌ଙ୍କ ଟିମ୍ ସହ ଏନେଇ ଆଲୋଚନା କରିଥିଲେ। ଫାଷ୍ଟ ଲେଡି ମେଲାନିଆ ଏନେଇ ହ୍ୱାଇଟ୍ ହାଉସ୍‌ରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ପୁଟିନ୍ ତାଙ୍କ ଚିଠିକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ୮ ଫଳରେ ପିଲାଙ୍କୁ ପରିବାର ସହ ମିଶାଯାଇପାରିଛି। ଏଥିସହ ରୁଷିଆ ସରକାର ସେହି ପିଲାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଯୋଗସୂତ୍ରର ଏକ ଖୋଲା ଚ୍ୟାନେଲ ପ୍ରତିଷ୍ଠା କରିଛନ୍ତି। ଉକ୍ତ ଚ୍ୟାନେଲ ଜରିଆରେ କିଛି ମାସ ମଧ୍ୟରେ ଉଭୟ ପକ୍ଷ ଯୋଗାଯୋଗରେ ରହିଛନ୍ତି। ଯୁଦ୍ଧ ପ୍ରଭାବିତ ସମସ୍ତ ଲୋକଙ୍କ ସୁବିଧା ପାଇଁ ଆମେ ପରସ୍ପରକୁ ସହଯୋଗ କରିବା ପାଇଁ ରାଜି ହୋଇଛୁ ବୋଲି ମେଲାନିଆ କହିଛନ୍ତି। ପୁଟିନ୍‌ଙ୍କ ପ୍ରତିନିଧି କିରିଲ୍ ଡିମିଟିଏଭ୍ ମଧ୍ୟ ଉକ୍ତ ଆଲୋଚନାରେ ସାମିଲ ଥିଲେ। କିରିଲ୍ ମେଲାନିଆଙ୍କ ମାନବୀୟ ନେତୃତ୍ୱକୁ ପ୍ରଶଂସା କରିଛନ୍ତି।

# ରେଆର୍ ଆର୍ଥ ଦେଲାନି ଚାଇନା, ଟାରିଫ୍ ବଢ଼ାଇବ ଆମେରିକା

ୱାଶିଂଟନ୍,୧୦।୧୦(ଏ.ପି.)

## ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବାର ଯଥାର୍ଥତା ନାହିଁ: ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗକୁ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବାର ଯଥାର୍ଥତା ନ ଥିବା ଭଳି ମନେହେଉଛି ବୋଲି କହିଛନ୍ତି। ଟ୍ରମ୍ପ ତାଙ୍କ ଆଗାମୀ ଦକ୍ଷିଣ କୋରିଆ ଗସ୍ତବେଳେ ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଥିଲା। ତେବେ ଆମେରିକୀୟ ଶିଳ୍ପ ପାଇଁ ଆବଶ୍ୟକ ଦୁର୍ଲଭ ଖଣିଜ ରପ୍ତାନୀ ଉପରେ ଚାଇନା କଟକଣା ଲଗାଇଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇ ଏଭଳି ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଇନାରୁ ଆମେରିକାକୁ ଆସୁଥିବା ସାମଗ୍ରୀଗୁଡ଼ିକ ଉପରେ ଅତିରିକ୍ତ ଆମଦାନୀ ଶୁଳ୍କ କଷିବେ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ନିଜ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ରିପବ୍ଲିକାନ୍ ରାଷ୍ଟ୍ରପତି କହିଛନ୍ତି, ଜିନ୍‌ପିଙ୍ଗ୍‌ଙ୍କ ପଦକ୍ଷେପ ଯୋଗୁ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଲାଗୁଥିବା ଆମଦାନୀ ଟିକସରେ ଏକ ବଡ଼ ବୃଦ୍ଧି କରାଯାଇପାରେ। ଆହୁରି ଅନେକ ମୁକାବିଲା ପଦକ୍ଷେପ ରହିଛି, ଯାହାକୁ ନେଇ ଗମ୍ଭୀରତାର ସହ ବିଚାର କରାଯାଉଛି। ଆସନ୍ତା ୨ ସପ୍ତାହରେ ଏସିଆନ୍-ପାସିଫିକ୍ ଇକୋନୋମିକ୍ କୋଅପରେଶନ୍ ସମିଟ୍‌ରେ ଜିନ୍‌ପିଙ୍ଗ୍‌ଙ୍କ ସହ ସାକ୍ଷାତ୍ କରିବାର ଥିଲା। କିନ୍ତୁ ଏହାର କୌଣସି ଯଥାର୍ଥତା ଥିବା ଭଳି ମନେହେଉନାହିଁ ବୋଲି ଉକ୍ତ ପୋଷ୍ଟରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ-ଜିନ୍‌ପିଙ୍ଗ୍‌ଙ୍କ ସାକ୍ଷାତ୍ ପୂର୍ବରୁ ଗୁରୁବାର ଚାଇନା ସରକାର ରେଆର୍ ଆର୍ଥ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ବିଦେଶୀ କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥ ଶିପିଂ କରିବା ପୂର୍ବରୁ ବେଜିଂର ସ୍ୱତନ୍ତ୍ର ଅନୁମୋଦନ ନେବାକୁ ପଡ଼ିବ।

## ଅଖିଳେଶଙ୍କ ଫେସ୍‌ବୁକ ପେଜ୍ ସସ୍‌ପେଣ୍ଡ



ନୂଆଦିଲ୍ଲୀ,୧୦।୧୦

ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଫେସ୍‌ବୁକ ପେଜ୍ ଶୁକ୍ରବାର ସନ୍ଧ୍ୟାରେ ସସ୍‌ପେଣ୍ଡ ହୋଇଯାଇଛି। ତାଙ୍କ ପେଜ୍‌କୁ ଗଲେ 'ପେଜ୍ ନଟ୍ ଫାଉଣ୍ଡ୍' ଲେଖା ଆସୁଛି। ବିରୋଧୀଙ୍କ ସ୍ୱର ଚପାଇବା ପାଇଁ ଶାସକ ଭାଜପା ଏପରି କରାଇଥିବା ଏସ୍‌ପି କହିଛି। ଲୋକ ସଭାରେ ୩୭ ସଦସ୍ୟଙ୍କୁ ନେଇ ୩ୟ ବଡ଼ ଦଳ ଏସ୍‌ପି ଅଧ୍ୟକ୍ଷ ଅଖିଳେଶଙ୍କ ପେଜ୍‌ରେ ପ୍ରାୟ ୮୦ ଲକ୍ଷ ଫଲୋଅର୍ସ ରହିଛନ୍ତି। ତେବେ ଭାଜପା ସରକାର ଦେଶରେ ଅଭୂତପୂର୍ବ ଏମର୍ଜେନ୍ସି ଜାରି କରିବା ସହ ବିରୋଧୀଙ୍କ ସ୍ୱରକୁ ଚପାଇଦେବା ପାଇଁ ଗଣତନ୍ତ୍ରକୁ ଆକ୍ରମଣ କରୁଥିବା ଏସ୍‌ପି ମୁଖପାତ୍ର ଫଖ୍‌ରୁଲ ହାସନ Xରେ ଉଲ୍ଲେଖ କରିଛନ୍ତି।

## କଫ୍ ସିରପ୍ ମୃତ୍ୟୁର ସିବିଆଇ ତଦନ୍ତ

# ସୁପ୍ରିମକୋର୍ଟରେ ଆବେଦନ ଖାରଜ

ନୂଆଦିଲ୍ଲୀ,୧୦।୧୦

ମଧ୍ୟପ୍ରଦେଶ, ରାଜସ୍ଥାନ ଓ ତାମିଲନାଡୁରେ ବିଷାକ୍ତ କଫ୍ ସିରପ୍ ପିଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟିଥିଲାବେଳେ ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ଔଷଧ ନିରାପତ୍ତା ବ୍ୟବସ୍ଥାର ତଦନ୍ତ ଏବଂ ଉପଯୁକ୍ତ ସଂସ୍କାର ପାଇଁ ନିବେଦନ କରାଯାଇଥିଲା। ତେବେ ଏହା ଶୁଣାଣି ଯୋଗ୍ୟ ନୁହେଁ ଦର୍ଶାଇ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ପିଆଇଏଲ୍‌କୁ ଖାରଜ କରିଦେଇଛନ୍ତି। ଏଭଳି ପିଟିଶନ୍ ଶୁଣାଣି କରିବାକୁ ଚାହୁଁନାହୁଁ ବୋଲି ସିଜେଆଇ ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଏତେ ସଂଖ୍ୟାରେ ପିଲାଙ୍କ ମୃତ୍ୟୁ ହୋଇଥିବାରୁ ଏହା ଅତ୍ୟନ୍ତ ଗମ୍ଭୀର ମାମଲା। ଏପର୍ଯ୍ୟନ୍ତ ଉପଯୁକ୍ତ ଲାବୋରେଟୋରି ପରୀକ୍ଷା କିମ୍ବା କ୍ଲିନିକାଲ ଟ୍ରାଏଲ୍ ହୋଇନାହିଁ ବୋଲି ଆବେଦନକାରୀ ଆଇନଜୀବୀ ବିଶାଲ ତିୱାରୀ କୋର୍ଟଙ୍କୁ ଜଣାଇବା ସହ ଏହାର ସିବିଆଇ ତଦନ୍ତ ଜରୁରୀ ବୋଲି କହିଥିଲେ। କେତୋଟି ପିଆଇଏଲ୍ ଦାଏର କଲଣି ବୋଲି ସିଜେଆଇ ପ୍ରଶ୍ନ କରିବାରୁ ୮ରୁ ୧୦ଟି ବୋଲି ତିୱାରୀ କହିଥିଲେ। ଏହାପରେ ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

# ବିହାରରେ ନାମାଙ୍କନ ଆରମ୍ଭ: ଆସନ ଭାଗବଣ୍ଟାକୁ ନେଇ ଅନିଶ୍ଚିତତା

ପାଟନା,୧୦।୧୦

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୧୨୧ ଆସନ ଲାଗି ଶୁକ୍ରବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ରାଜ୍ୟର ୨ ବୃହତ୍ ମେଣ୍ଟରେ ଆସନ ଭାଗବଣ୍ଟା ଅଙ୍କ ଛିଡୁନି। ଜେଡିୟୁ ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟରେ ଥିବା ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ସେମାନେ ପ୍ରାର୍ଥୀ ତାଲିକା ଘୋଷଣା କରିପାରୁ ନାହାନ୍ତି। ଭୋଟ ପୂର୍ବରୁ ମେଣ୍ଟକୁ କିପରି ପରିଚାଳନା କରିବାକୁ ହେବ, ତାକୁ ନେଇ ସମସ୍ୟା ବଢ଼ିବା ସହ ରାଜନୈତିକ ସମୀକରଣ ବଦଳୁଛି। ତେବେ ଏନ୍‌ଡିଏର ଆଭ୍ୟନ୍ତରୀଣ ଆସନ ଭାଗବଣ୍ଟା ଦିନେ ଦୁଇଦିନ ମଧ୍ୟରେ ଚୂଡ଼ାନ୍ତ ହୋଇଯିବ ବୋଲି ଭାଜପା ସୂତ୍ରରୁ ସୂଚନା ମିଳିଛି। ଏହା ପରେ ଭାଜପା ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିବ। ସେହିପରି ଏନ୍‌ଡିଏର ଅନ୍ୟତମ ମୁଖ୍ୟ ଦଳ ଜେଡିୟୁ ମଧ୍ୟ ଖୁବ୍‌ଶୀଘ୍ର ପ୍ରାର୍ଥୀ ତାଲିକା ଘୋଷଣା କରିବା ଆଶା କରାଯାଉଛି। ତେବେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ଦଳ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ୪୫ ଆସନ ଦାବି କରୁଥିବାବେଳେ ଏନଡିଏ ୨୦ରୁ ୨୨ ଆସନ ଦେବାକୁ ଚାହୁଁଛି। ଭାଜପା ୧୦୧ରୁ ୧୦୨, ଜେଡିୟୁ ୧୦୨ରୁ ୧୦୩, ଏଲ୍‌ଜେପି(ଆର୍‌ଭି) ୨୩ରୁ ୨୫ ଏବଂ ଏଲ୍‌ଜେପି ୨୦ରୁ ୨୩ ଆସନରେ ଲଢ଼ିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମହାମେଣ୍ଟରେ ଆସନ ବଣ୍ଟା ଚୂଡ଼ାନ୍ତ ହୋଇପାରି ନ ଥିଲେ ମଧ୍ୟ କଂଗ୍ରେସ ୫୭ ଆସନରେ ଲଢ଼ିପାରେ ବୋଲି ଜଣାପଡ଼ିଛି। ଏହି ଦଳ ୨ଟି ଆସନ ଇଣ୍ଡିଆନ୍ ଇନ୍‌କ୍ଲୁସିଭ୍ ପାର୍ଟି (ଆଇଆଇପି)କୁ ଛାଡ଼ିଦେବ। କଂଗ୍ରେସ ଇତିମଧ୍ୟରେ ୨୫ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିସାରିଛି। ଏହାର ବର୍ତ୍ତମାନର ୧୯ ବିଧାୟକଙ୍କ ମଧ୍ୟରୁ ୧୭ ଜଣଙ୍କୁ ପ୍ରାର୍ଥୀ କରାଯାଉଥିବା ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ୨ ମେଣ୍ଟ ମଧ୍ୟରେ ଅନିଶ୍ଚିତତା ଲାଗି ରହିଥିବାବେଳେ ପ୍ରଶାନ୍ତ କିଶୋରଙ୍କ ଦଳ ଜନ ସୁରାଜ ଗୁରୁବାର ୫୧ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି।

# ବିଚାରାଧୀନ ବନ୍ଦୀଙ୍କୁ ଭୋଟ ଅଧିକାର ପ୍ରସଙ୍ଗରେ କେନ୍ଦ୍ର, ଇସିଙ୍କୁ ଜବାବ ତଲବ

ନୂଆଦିଲ୍ଲୀ,୧୦।୧୦ (ପି.ଟି.)

ଭାରତର ଜେଲଗୁଡ଼ିକରେ ପ୍ରାୟ ୪.୫ ଲକ୍ଷ ବିଚାରାଧୀନ ବନ୍ଦୀ ରହିଥିବାବେଳେ ସେମାନଙ୍କ ଭୋଟ ଅଧିକାରକୁ ସ୍ୱୀକୃତି ଦାବିରେ ଦାଏର ଏକ ଜନସ୍ୱାର୍ଥ ମାମଲା ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୬୨(୫)ରେ ବିଚାରାଧୀନ ବନ୍ଦୀମାନଙ୍କୁ ଭୋଟ ଅଧିକାରରୁ ସମ୍ପୂର୍ଣ୍ଣ ବଞ୍ଚିତ କରାଯିବା ସାମ୍ବିଧାନିକ ଗ୍ୟାରେଣ୍ଟି ଏବଂ ଅନ୍ତର୍ଜାତୀୟ ଗଣତାନ୍ତ୍ରିକ ନିୟମାବଳୀର ଉଲ୍ଲଂଘନ ବୋଲି ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହାକୁ ବିଚାରକୁ ନେଇଥିଲେ।

ପଞ୍ଜାବର ପଟିଆଲ ନିବାସୀ ସୁନୀତା ଶର୍ମା ଜନସ୍ୱାର୍ଥ ମାମଲା ଦାଏର କରି ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନଙ୍କଠାରୁ ଜବାବ ଚାହିଁଥିଲେ। ନିର୍ବାଚନୀ ଅପରାଧ କିମ୍ବା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ନ ହୋଇ ଜେଲରେ ଥିବା ବନ୍ଦୀମାନଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ମନଇଚ୍ଛା ବଞ୍ଚିତ ନ କରିବା ପାଇଁ ସେ ଆଇନଗତ ହସ୍ତକ୍ଷେପ ଲୋଡ଼ିଥିଲେ।

## ରାଜ୍ୟ ଖବର

# ମୟୂରଭଞ୍ଜ 'ଆଇଆଇଏଫ୍‌ଏମ୍' ୨ୟ କ୍ୟାମ୍ପସ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୧୦।୧୦(ରବିନାରାୟଣ ଜେନା)

## ପ୍ରାକୃତିକ ସମ୍ପଦର ସୁବିନିଯୋଗକୁ ଗୁରୁତ୍ୱ



ମୋହନ ଚରଣ ମାଝୀ

ରାଜ୍ୟରେ ପ୍ରାକୃତିକ ସମ୍ପଦ ଯଥା ଜଙ୍ଗଲର ସୁପରିଚାଳନା, ରକ୍ଷଣାବେକ୍ଷଣ ସହିତ ପରିବେଶରେ ସନ୍ତୁଳନ ଆଣିବା ପାଇଁ ଓଡ଼ିଶାରେ ଦେଶର ଦ୍ୱିତୀୟ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜ୍‌ମେଣ୍ଟ (ଆଇଆଇଏଫ୍‌ଏମ୍) କ୍ୟାମ୍ପସ ପ୍ରତିଷ୍ଠା ହେବ। ଏନେଇ ମୁଖ୍ୟ ଶାସନ ସଚିବ ଏବଂ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସଚିବଙ୍କ ମିଳିତ ପ୍ରସ୍ତାବକୁ ପ୍ରାଥମିକ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ଏହାପରେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳିବା ପରେ ଖୁବ୍‌ଶୀଘ୍ର ଆଇଆଇଏଫ୍‌ଏମ୍ ପ୍ରତିଷ୍ଠାନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି।

ବିଭାଗୀୟ ସୂଚନା ଅନୁଯାୟୀ, ରାଜ୍ୟ ସରକାର ସବୁବେଳେ ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି। ମଧ୍ୟପ୍ରଦେଶର ଭୋପାଳଠାରେ ଦେଶର ଏହି ପ୍ରଥମ ପ୍ରତିଷ୍ଠାନ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଓଡ଼ିଶାର ମୟୂରଭଞ୍ଜର କୁସୁମୀଠାରେ ଏହାର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା ହେବା ପାଇଁ ରହିଛି। ଏନେଇ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବା ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ପ୍ରାୟ ୧୩୫ ଏକର ପରିମିତ ଜମି ଆଇଆଇଏଫ୍‌ଏମ୍ ପାଇଁ ଦିଆଯିବ। କ୍ୟାମ୍ପସ୍ ସହିତ ଜାତୀୟ ରାଜପଥ-୨୨୦ ସଂଲଗ୍ନ ରାସ୍ତା ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କାର୍ଯ୍ୟର ଉନ୍ନତୀକରଣ କରାଯିବ। ଏହି ପ୍ରତିଷ୍ଠାନ ହେବା ଦ୍ୱାରା ରାଜ୍ୟରେ ଜଙ୍ଗଲ ଶିକ୍ଷା, ଗବେଷଣା, ତାଲିମ ଓ ପରାମର୍ଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏହି ପ୍ରତିଷ୍ଠାନ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯଥା ତାଲିମ କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର, ଛାତ୍ରାବାସ, କର୍ମଚାରୀ କ୍ୱାର୍ଟର୍ସ ଭଳି ସୁବିଧା ସୁଯୋଗ ଯୋଗାଇଦେବେ। ଏ ସମସ୍ତ କାର୍ଯ୍ୟ ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ତାଙ୍କର ଏକ ସ୍ୱତନ୍ତ୍ର ବଜେଟରୁ ସିଂହଭାଗ ଅର୍ଥ ଯୋଗାଇବାକୁ ରହିଥିବାବେଳେ ରାଜ୍ୟ ଖଣି ନିଗମ ଅବଶିଷ୍ଟ ସହାୟତା ଯୋଗାଇବ। ଏହାବାଦ୍ 'କାମ୍ପା' ପାଣ୍ଠିରୁ ମଧ୍ୟ ଅର୍ଥ ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ରାଷ୍ଟ୍ରଦ୍ରୋହ କାର୍ଯ୍ୟ କରନ୍ତୁ ନାହିଁ: ପୋଲିସ କମିଶନର

କଟକ,୧୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦୁର୍ଗାପୂଜା ଭସାଣିରେ ଗଣ୍ଡଗୋଳ ଘଟଣା ପରେ ସହରରେ ସ୍ଥିତି ନିୟନ୍ତ୍ରଣରେ ରହିଛି। ତେବେ ଶୁକ୍ରବାର ମୁସଲିମ ସମ୍ପ୍ରଦାୟର ଏକ ଶୋଭାଯାତ୍ରା ହେବା ନେଇ ଗୁଜବ ଉଠିବା ପରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଥିଲା। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀଙ୍କ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ଓ ରାଜ୍ୟ ପୋଲିସ ଟିମ୍ ଦରଘାବଜାର ଥାନା ଅଧୀନ ହାତୀପୋଖରୀ, କଦମ-ଏ-ରସୁଲ ଆଦି ଅଞ୍ଚଳରେ ନମାଜ ପଢ଼ା ସମୟରେ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ଏପରି କି ଶୋଭାଯାତ୍ରା ଗୁଜବକୁ ନେଇ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିବାବେଳେ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଇଥିଲା। ଏହାସହ ପୋଲିସ ପକ୍ଷରୁ ଦରଘାବଜାର ଅଞ୍ଚଳରେ ଦୋକାନଗୁଡିକ ବନ୍ଦ କରାଯାଇଥିଲା। ସମସ୍ତ ଘଟଣା ନେଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, କଟକରେ ଏବେ ସ୍ଥିତି ନିୟନ୍ତ୍ରଣରେ ରହିଛି। ଏଭଳି ଶାନ୍ତି ଯେପରି ଜାରି ରହିବ ସେ ନେଇ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ସାମାଜିକ ଗଣମାଧ୍ୟମରେ ଗୁଜବ ନ ଉଠାଇବାକୁ ବାରଣ କରାଯାଉଛି। ଯିଏ ବି ଗୁଜବ ଉଠାଇବା ସହ ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ କରିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ଆଜି ଅନ୍ୟ ସମ୍ପ୍ରଦାୟର ଯେଉଁ ଶୋଭାଯାତ୍ରା ହେବ ବୋଲି ପ୍ରଚାର ହେଉଛି ତାହା ମିଥ୍ୟା, ସେଭଳି ଅନୁମତି କାହାକୁ ଦିଆଯାଇ ନାହିଁ। ରାଷ୍ଟ୍ରଦ୍ରୋହ କାର୍ଯ୍ୟ କରନ୍ତୁ ନାହିଁ। ଏଭଳି ଗୁଜବ ଯିଏ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ ଏବଂ ଗିରଫ କରାଯାଇ ଜେଲ ପଠାଯିବ। ଯେଉଁମାନେ ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଛନ୍ତି, ସେମାନଙ୍କ ଅଭିଭାବକମାନଙ୍କୁ କଡା ଚେତାବନୀ ଦିଆଯାଉଛି ଯେ, ନିଜ ପିଲାଙ୍କୁ ଏହି ସବୁ କାର୍ଯ୍ୟରୁ ନିବୃତ୍ତ ରଖନ୍ତୁ ନଚେତ୍ ସେମାନଙ୍କ ଭବିଷ୍ୟତ ଖରାପ ହେବ ଏବଂ ଚାକିରି ମିଳିବାରେ ଅସୁବିଧା ହେବ ବୋଲି ସିଂ କହିଛନ୍ତି। ଅନ୍ୟପକ୍ଷେ ଏବେ ସୁଦ୍ଧା ଗିରଫଦାରି ସଂଖ୍ୟା ୧୦ରେ ପହଞ୍ଚିଥିବା ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।



ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏବଂ କଟକ ଡିସିପି-ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଦରଘାବଜାର-ହାତୀପୋଖରୀ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଗୁଜବକାରୀଙ୍କୁ କଡ଼ା ଚେତାବନୀ

### ହାତୀପୋଖରୀ, ଅନ୍ୟାନ୍ୟ ଅଞ୍ଚଳରେ ପୋଲିସର ଯାଞ୍ଚ କଡ଼ାକଡ଼ି

ସୂଚନାଥାଉ କି, ଗତ ଶୁକ୍ରବାର ଦୁର୍ଗାପୂଜା ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏହାକୁ ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିବାବେଳେ ପୋଲିସ ଅଟକାଇବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏଥିରେ କଟକ ଡିସିପିଙ୍କ ସମେତ ପୋଲିସ ଅଧିକାରୀମାନେ ଆହତ ହୋଇଥିଲେ। ଭସାଣି ଯାତ୍ରାରେ ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ୩ଟି ମାମଲା ରୁଜୁ କରିଥିବାବେଳେ ଶୋଭାଯାତ୍ରାକାରୀଙ୍କ ବିଶୃଙ୍ଖଳା ଯୋଗୁ ଆଉ ଗୋଟିଏ ମାମଲା ସହ ସମୁଦାୟ ୪ଟି ମାମଲା ରୁଜୁ କରାଯାଇଥିଲା।

# ସହର ତଳି ଅଞ୍ଚଳରେ ପଶିଲେ ୪୫ ହାତୀ

ଅନୁଗୋଳ,୧୦।୧୦(ଦିବ୍ୟଶାନ୍ତନୁ ନାଥ)

- **ଡାଲା ଅଟୋକୁ ଭିଡ଼ି ଆଣିଲେ, ବର୍ତ୍ତିଗଲେ ଚାଳକ**
- **ଭାଙ୍ଗିଲେ ଘର, ଶତାଧିକ ଏକର ଧାନ ଫସଲ ନଷ୍ଟ**

ଅନୁଗୋଳ ସହର ଉପକଣ୍ଠ କଙ୍ଗୁଲା ବେନ୍ତପୁର ଓ ଏହାର ଆଖପାଖ ଅଞ୍ଚଳରେ ୪୫ଟି ହାତୀ ପଶି ଉପଦ୍ରବ ଚଳାଇଛନ୍ତି। ଫଳରେ ବେନ୍ତପୁର, ଗୋପୀନାଥପୁର, ଆଙ୍କୁଲା ଆଦି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ୧୦ ଦିନ ହେବ ବେନ୍ତପୁର ଅଞ୍ଚଳରେ ଘୂରି ବୁଲୁଥିବା ଏହି ହାତୀପଲ କେତେଜଣଙ୍କ ଘର ଭାଙ୍ଗି ଦେଇଥିବା ବେଳେ ଶତାଧିକ ଏକର ଫସଲ ନଷ୍ଟ କରିସାରିଲେଣି। ଶୁକ୍ରବାର ଗୋପୀନାଥପୁର ପଦ୍ମପାଦ ମଠ ନିକଟରେ ରାସ୍ତାରେ ଯାଉଥିବା ଏକ ଡାଲା ଅଟୋକୁ ହାତୀ ଟାଣିଆଣିଥିବା ବେଳେ ସୌଭାଗ୍ୟବଶତଃ ଆକ୍ରମଣରୁ ଗାଡ଼ି ଚାଳକ ବର୍ତ୍ତି ଯାଇଛନ୍ତି।

ସୂଚନା ମୁତାବକ, ଢେଙ୍କାନାଳ ବନଖଣ୍ଡରୁ ମାସେ ତଳେ ଏହି ୪୫ ଟିକିଆ ହାତୀପଲ ଅନୁଗୋଳ ବନଖଣ୍ଡକୁ ଚାଲି ଆସିଥିଲେ। ସେବେଠାରୁ ଅନୁଗୋଳ, ତାଳଚେର ଓ ବନ୍ତଲା ବନାଞ୍ଚଳରେ ଏହି ହାତୀମାନେ ଘୂରି ବୁଲୁଛନ୍ତି। ୨ଦିନ ତଳେ ଗୋପୀନାଥପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଦେଇଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ବେନ୍ତପୁର ଗାଁର ବିବେକାନନ୍ଦ ରଥ, ପ୍ରତାପ କୁମାର ନାଥ, ପ୍ରବୀଣ ନାଥ, ସନ୍ତୋଷ ଖୁଣ୍ଟିଆ, ଅବିନାଶ ବେହେରା, ସୌଦାମିନୀ ବେହେରା, ପୂର୍ଣ୍ଣଚନ୍ଦ୍ର ଧରା, ଭାସ୍କର ଧର, ସୁରଥ ବେହେରା, ସୁଦାମ ବେହେରା ପ୍ରମୁଖଙ୍କ ବିଲରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଦିନବେଳା ହାତୀପଲ ଗୋପୀନାଥପୁର ନିକଟସ୍ଥ ପଦ୍ମପାଦ ମଠ ନିକଟରେ ରହୁଥିବା ବେଳେ ସନ୍ଧ୍ୟାହେଲେ ସୋଲାର ତାରବାଡ଼ ନ ଥିବା ଅଞ୍ଚଳକୁ ପଶିଯାଉଛନ୍ତି। ୬ଟି ଛୁଆହାତୀ ଥିବାରୁ ଏହି ପଲ ଅନ୍ୟତ୍ର ଯାଉନାହାନ୍ତି। ଅନ୍ୟପକ୍ଷରେ ନାଲ୍‌କୋ କାରଖାନା ପାଖରେ ଥିବାରୁ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ବନବିଭାଗ କର୍ମଚାରୀ ହାତୀ ଘଉଡ଼ାଇବାକୁ ଉଦ୍ୟମ କରୁ ନ ଥିବାବେଳେ ଫସଲ କ୍ଷତିର ସର୍ଭେ ମଧ୍ୟ ଠିକ ଭାବେ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର କହିଛନ୍ତି, ହାତୀକୁ ଅନ୍ୟ ସ୍ଥାନକୁ ନେବାକୁ ପ୍ରକ୍ରିୟା ଆରମ୍ଭ କରିଛୁ।

# ଗୋଟିଏ ଦିନରେ ଦୁଇଟି ଦଳରେ ସାମିଲ ହୋଇ ଚର୍ଚ୍ଚାରେ ରାମଲାଲ

ନୂଆପଡ଼ା,୧୦।୧୦(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ମିଶ୍ରଣ ପର୍ବ ଜୋର ଧରିଛି। ଗୁରୁବାର କଂଗ୍ରେସର ମିଶ୍ରଣ ପର୍ବରେ ଅନ୍ୟ ଦଳର ଶତାଧିକ କର୍ମୀ ଦଳରେ ସାମିଲ ହୋଇଥିଲେ। ଏହି କ୍ରମରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପିଏ ଥିବା ତଥା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ରାମଲାଲ ହଂସ ବିଜୁ ଜନତା ଦଳ ଛାଡି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଥିଲେ। ହେଲେ କିଛିଘଣ୍ଟା ପରେ ପୁଣି ସୁବର୍ଣ୍ଣପୁର ବିଧାୟକ ନିରଞ୍ଜନ ପୂଜାରୀ, ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିବାରୁ ଏହାକୁ ନେଇ ଚର୍ଚ୍ଚା ଚାଲିଛି। କଂଗ୍ରେସରେ ଯୋଗଦେବା ପରେ ରାମଲାଲ ରାତି ପ୍ରାୟ ୯ଟାରେ ଦଳର ଜିଲା ସଭାପତି ଘାସିରାମ ମାଝିଙ୍କ ସହିତ ଫୋନ ଯୋଗେ କଥା ହୋଇଥିଲେ। ହେଲେ ଏହା ପରଠାରୁ ତାଙ୍କ ଫୋନ ସୁଇଚ୍ ଅଫ କହୁଥିବା ବେଳେ ତାଙ୍କର ଦେଖା ମିଳୁନାହିଁ।





(ବାମରୁ) କଂଗ୍ରେସରେ ସାମିଲ ହେବା ପରେ ଓ ବିଜେଡିକୁ ଫେରିବା ପରେ ରାମଲାଲ ହଂସ।

ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱର୍ଗତ ଢୋଲକିଆଙ୍କ ପାଖରେ ରହି କାର୍ଯ୍ୟ କରୁଥିବା ଜଣେ ସକ୍ରିୟ କର୍ମୀ ହଠାତ୍ କାହିଁକି ଦଳ ଛାଡି କଂଗ୍ରେସରେ ଯୋଗ ଦେଲେ ଓ ପୁଣି ପୁରୁଣା ଦଳକୁ ଫେରିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କଂଗ୍ରେସରେ ଯୋଗଦେବା ପରେ ରାମଲାଲ ସୋସିଆଲ ମିଡିଆରେ ଏକ ଲେଖା ପୋଷ୍ଟ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୁଁ ରାମଲାଲ ହଂସ, ଉତ୍କଳ ଯାଦବ ମହାସଭାର ଉପଦେଷ୍ଟା ଓ ଅଖିଳ ଭାରତୀୟ ଯାଦବ ମହାସଂଘର ସଦସ୍ୟ। ବିଜେଡି ଦ୍ୱାରା କୋର କମିଟିର ଚାଷ ଉପରେ ପକ୍ଷପାତିତା ଯୋଗୁ ଆଜି ବିଜେଡି ଛାଡୁଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସର ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଭାପତି ମାଝି ଯୋଗଦେଇ କହିଥିଲେ, ରାମଲାଲ ବିଜେଡିରେ ଦୀର୍ଘବର୍ଷ କାର୍ଯ୍ୟ କରିଆସୁଥିଲେ। କଂଗ୍ରେସରେ ସାମିଲ ହୋଇ କାଳେ ପୋଲ ଖୋଲିଦେବେ ଭାବି ବିଜେଡି ପକ୍ଷରୁ ତାଙ୍କୁ ଅପହରଣ କରାଯାଇଥାଇ ପାରେ ବୋଲି ଦଳ ସନ୍ଦେହ କରୁଛି।

# ମହାକାଳ ଗ୍ୟାଙ୍ଗ୍‌ର ୯ ଗିରଫ



ଗିରଫ ଅଭିଯୁକ୍ତ।

କେନ୍ଦୁଝର,୧୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଡକାୟତି ଯୋଜନା ପଣ୍ଡ**

- ୫ ପିସ୍ତଲ, ବିପୁଳ ମାରଣାସ୍ତ୍ର ଜବତ
- ସୋସିଆଲ ମିଡିଆରେ ଭିଡିଓ ଛାଡ଼ି ଦବ୍‌ଦବା ଜାହିର କରୁଥିଲେ
- ରାଜ୍ୟ, ରାଜ୍ୟ ବାହାରେ ୩୭ ମାମଲା ରହିଛି

କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଡକାୟତି ଯୋଜନାକୁ ଟାଉନ ପୋଲିସ ପଣ୍ଡ କରିଛି। ଡକାୟତ ଗ୍ୟାଙ୍ଗ୍‌ର ୯ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ ପିସ୍ତଲ, ଲୁହାଛଡ଼, କଟୁରି, ଖଣ୍ଡା ଆଦି ମାରଣାସ୍ତ୍ର ଜବତ କରିଛି। ଅପରାଧୀମାନେ ମହାକାଳ ନାମରେ ଏକ ଗ୍ୟାଙ୍ଗ୍ କରି ଆପରାଧିକ କାର୍ଯ୍ୟକଳାପ ଚଳାଇଆସୁଥିଲେ। ଗଣେଶ ଗିରି(୩୨) ଗ୍ୟାଙ୍ଗର ମୁଖ୍ୟ ଥିବା ବେଳେ ଜିଲାର ବିଭିନ୍ନ ଥାନାରେ ସେମାନଙ୍କ ନାମରେ ଅନେକ ମାମଲା ରୁଜୁ ହୋଇଛି। ଏଥିସହ ଦବ୍‌ଦବା ଜାହିର ପାଇଁ ସୋସିଆଲ ମିଡିଆରେ ଛାଡ଼ିଥିବା ଭିଡିଓକୁ ଖବରଦାତା ସମ୍ମିଳନୀରେ ପୋଲିସ ପ୍ରଦର୍ଶିତ କରିଥିଲା। ଘଟଣା ସମ୍ପର୍କରେ ଶୁକ୍ରବାର ଏସ୍‌ପି ନୀତିନ କୁଶଲକର ଜିଲା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଟାଉନ ଥାନା ଅଧୀନ ନରଣପୁର ନିକଟ ଘଡ଼ଘଡ଼ି ମନ୍ଦିର ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ଅବ୍ୟବହୃତ ଘରେ ସଶସ୍ତ୍ର ଡକାୟତି ଯୋଜନା ହେଉଥିଲା। ଖବର ପାଇ ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚିଥିଲା। ପୋଲିସକୁ ଦେଖି ଅପରାଧୀମାନେ ଗୁଳିଚାଳନା କରିଥିଲେ। ପୋଲିସ ଘେରାଉକରି କୌଶଳକ୍ରମେ ମୟୂରଭଞ୍ଜ ଜିଲା ଛେଳିଆନାଳର ଗଣେଶ ଗିରି(୩୨), ରରୁଆଁ ଥାନା ଉଉରପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର ଟାଉନ ଥାନା ନରଣପୁରର ପ୍ରିୟଦର୍ଶନ ପ୍ରଧାନ(୨୯), ଯୋଡ଼ା ଥାନା ଦିପୁହାଟିଂର ନିର୍ମଳ ପ୍ରଧାନ(୪୦), ବଡ଼ବିଲ ଥାନା ଠାକୁରାଣୀ ଗ୍ରାମର ରଞ୍ଜନ ପଲେଇ(୨୬), ଯୋଡ଼ା ଥାନା ଅନ୍ତର୍ଗତ କୁନ୍ଦୁରୁନାଳାର ବିନୋଦ ମୁଣ୍ଡା (୩୨), ଜାହିରାହଟିଂର ରୋହିତ ନାଏକ(୨୧), ମାଝୀହାଟିଂର ଏମ୍‌ଡି ଜିସାନ(୨୫) ଓ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଗୋବରଗାଁର ପର୍ଶୁରାମ ପ୍ରଧାନ (୫୫)ଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୫ଟି ୭.୬୬ ଏମ୍ଏମ୍ ପିସ୍ତଲ, ୭ଟା ୭.୬୫ ଏମ୍ଏମ୍ ମାଗାଜିନ, ୨୫ଟି ୭.୬୬ ଏମ୍ଏମ୍ ଗୁଳି, ୫ଟି ଫୁଟା ଗୁଳି, ଥର୍ ଜିପ୍(ଓଡି ୦୨ ବିଆର୍ ୭୦୦୧), ୨ଟି ଖଣ୍ଡା, ୨ଟି କଟୁରି, ଲୁହାଛଡ଼ ସହିତ ମାଦକ ଦ୍ରବ୍ୟ ଓ ପାନୀୟ ପୋଲିସ ଜବତ କରିଛି। ସେମାନଙ୍କ ନାମରେ କେନ୍ଦୁଝର ଜିଲାର ଘଷିପୁରା, ବଡ଼ବିଲ, ଯୋଡ଼ା, ଚମ୍ପୁଆ, ବାମେବାରି, ତୁରୁମୁଙ୍ଗା, ମୟୂରଭଞ୍ଜ ଜିଲାର ଘାଗରବେଡ଼ା, ଝାଡ଼ଖଣ୍ଡ ରାଜ୍ୟରେ ୩୭ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ କେତେଜଣ ନିକଟରେ ଯୋଡ଼ାର ଏକ ଡକାୟତି ଉଦ୍ୟମ ଘଟଣାରେ ସମ୍ପୃକ୍ତି ଥିବା ପୋଲିସ କହିଛି। ସେମାନେ ମହାକାଳ ନାମରେ ଏକ ଗ୍ୟାଙ୍ଗ୍ କରି ଆପରାଧିକ କାର୍ଯ୍ୟକଳାପ ଚଳାଇଆସୁଥିଲେ। ଅଭିଯୁକ୍ତମାନେ ରାସ୍ତା ଅବରୋଧକରି ନାଚଗୀତ, ଟଙ୍କା ଉଡ଼ାଇବା, ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଇବା, ଷ୍ଟଣ୍ଟ ଆଦିର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ି ଲୋକଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିବା ସହ ଦବ୍‌ଦବା ଜାହିର କରୁଥିଲେ। ପୋଲିସ ସେମାନଙ୍କର ଅନ୍ୟ କୌଣସି ଅପରାଧରେ ସମ୍ପୃକ୍ତି ନେଇ ଯାଞ୍ଚ କରୁଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା(ନଂ.୭୮୫/୨୦୨୫) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଲୁହାଛଡ଼ରେ ଆକ୍ରମଣ ପରେ ଗ୍ୟାସ୍‌ରେ ପୋଡ଼ି ମାରିଥିବା ମାନିଲେ ସ୍ୱାମୀ

କୋରାପୁଟ,୧୦।୧୦(ଅମିତାଭ ବେହେରା)

**ଶର୍ଟ ସର୍କିଟରୁ ମହିଳା ପୋଡ଼ିଯିବା ଘଟଣା**

କୋରାପୁଟ ସହରର ଓଏମ୍‌ପି କଲୋନିରେ ମହିଳା ଜଳିଯିବା ଘଟଣାରେ ସ୍ୱାମୀ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମୃତା ହେଲେ ପ୍ରିୟଙ୍କା ପଣ୍ଡା। ଘଟଣାରେ କୋରାପୁଟ ଟାଉନ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀ ଶିବ ଶଙ୍କର ପାତ୍ରଙ୍କୁ ଗୁରୁବାର ଅଟକ ରଖିଥିଲା। ସୂଚନାନୁଯାୟୀ, ବୁଧବାର ରାତିରେ ଆଇଆରବିରେ କାର୍ଯ୍ୟରତ ଶିବ ସ୍ତ୍ରୀ ପ୍ରିୟଙ୍କାଙ୍କୁ ପ୍ରଥମେ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଏହା ପରେ ଏହାକୁ ଦୁର୍ଘଟଣା ଦର୍ଶାଇବାକୁ ତାଙ୍କୁ ଗ୍ୟାସ୍‌ରେ ଜିଅନ୍ତା ଜାଳି ମାରିଥିବା ଶୁକ୍ରବାର ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଶର୍ଟ ସର୍କିଟ୍‌ରୁ ପ୍ରିୟଙ୍କା ପୋଡ଼ିଥିବା ଶିବ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ଟେକଲି ବ୍ରାହ୍ମଣ ସାହିରେ ରହୁଥିବା ତାଙ୍କ ଶ୍ୱଶୁର ତାରିଣୀ ପ୍ରସାଦ ପଣ୍ଡାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ତାରିଣୀ ପରିବାର ସହ କୋରାପୁଟ ଓଏମ୍‌ପି କ୍ୱାର୍ଟରରେ ପହଞ୍ଚିବା ପରେ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଶିବ ସ୍ତ୍ରୀଙ୍କୁ ମାରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଜିଲା ଫୋରେନ୍‌ସିକ୍ ଲାବରେଟୋରୀ ଅଫିସର ସୁଶୀଳା ଖରାଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଶିବଙ୍କ କ୍ୱାର୍ଟରରେ ଖୋଳତାଡ଼ କରିଛନ୍ତି। କ୍ୱାର୍ଟରରେ ଶର୍ଟ ସର୍କିଟ ହୋଇ ନ ଥିବା ନେଇ ବିଦ୍ୟୁତ୍ ବିଭାଗର ଏକ ଟିମ୍ ସୂଚନା ଦେଇଥିଲେ। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ପ୍ରିୟଙ୍କାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ସୂଚନା ରହିଛି।

# ଗଞ୍ଜେଇ ବେପାରୀ ଦୁଇ ଭାଇଙ୍କ ୨୨.୫୮ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱରରେ ରହି ଦୁଇ ଭାଇ ବେଆଇନ ଗଞ୍ଜେଇ ବେପାରରୁ ଠୁଳ କରିଥିବା ୨୨.୫୮ ଲକ୍ଷ ଟଙ୍କାର ଜବତ ସମ୍ପତ୍ତି ବାଜ୍ୟାପ୍ତି ହେବ। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ଏନେଇ ହୋଇଥିବା ଆବେଦନକୁ ଗ୍ରହଣ କରି କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅନ୍ତର୍ଗତ ଶ୍ରମିକ ବସ୍ତିରେ ରହୁଥିବା ଫୁଲବାଣୀ ସଦର ଥାନା ଅଞ୍ଚଳର ବିକାଶ କୁମାର ଦିଗଲ ଓ ସୌମ୍ୟ ରଞ୍ଜନ ଦିଗଲ। ସେମାନଙ୍କର ଏହି ୨୨ ଲକ୍ଷ ୫୮ ହଜାର ୯୧୦ ଟଙ୍କା ସମ୍ପତ୍ତିରେ ୯ଟି କାର୍ ଓ ବ୍ୟାଙ୍କ ଜମାରାଶି ରହିଛି। ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ୨୦୨୪ ଏପ୍ରିଲ ୪ ତାରିଖରେ ଏସ୍‌ଟିଏଫ୍ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା। ସେମାନଙ୍କ କାର୍‌ରୁ ୫୨ କେଜି ଗଞ୍ଜେଇ ଜବତ ହୋଇଥିଲା। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୧୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଉଭୟଙ୍କ ଆର୍ଥିକ କାରବାରକୁ ନେଇ ଖୋଳତାଡ କରାଯିବା ପରେ ଏସ୍‌ଟିଏଫ୍ ବହୁ ତଥ୍ୟ ପାଇଥିଲା। ୬ବର୍ଷ ହେବ ଗଞ୍ଜେଇ ବେପାର କରି ଏସବୁ ଗାଡି ଓ ଟଙ୍କା ଜମା କରିଥିବା ତଦନ୍ତବେଳେ ଜଣାପଡିବା ପରେ ତାହାକୁ ଜବତ କରାଯାଇଥିଲା।

# ବାଇକ୍ ଡିକି ଭାଙ୍ଗି ୪.୬ ଲକ୍ଷ ଲୁଟ୍

ଭଦ୍ରକ,୧୦।୧୦(ସନାତନ ରାଉତ)

ଭଦ୍ରକ ଚରମ୍ପା ବଜାରରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଟାଉନ ପୋଲିସ ପହଞ୍ଚି ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ହେଲେ ଚରମ୍ପା ଅଞ୍ଚଳର ଗୌରହରି ମହାନ୍ତି। ସେ ବାଲେଶ୍ୱର ଜିଲା ସୋରରୁ ତାଙ୍କ ଭଣଜାଙ୍କଠାରୁ ଏଲ୍‌ଆଇସି ଡିପୋଜିଟ୍ ପାଇଁ ଟଙ୍କା ନେଇ ଭଦ୍ରକ ଆସୁଥିଲେ। ଚରମ୍ପା ବଜାରରେ ବାଇକ୍ ରଖି ସେ ଏକ ଜେରକ୍ସ ଦୋକାନକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଗୌରହରିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଲାଞ୍ଚ ନେଲାବେଳେ ଆର୍‌ପିଏଫ୍ କନ୍‌ଷ୍ଟେବଲଙ୍କୁ ବାନ୍ଧିଲା ସିବିଆଇ

ରାଉରକେଲା/ବନ୍ଧମୁଣ୍ଡା,୧୦।୧୦ (ସଙ୍ଗୀତା ଜେନା/ ସୁବ୍ରତ ଡେ)

**ମହିଳା ସ୍କ୍ରାପ୍ ବ୍ୟବସାୟୀଙ୍କୁ ବାରମ୍ବାର ଲାଞ୍ଚ ମାଗୁଥିଲେ**

ରାଉରକେଲା ବିଶ୍ରା ଛକରେ ଶୁକ୍ରବାର ଲାଞ୍ଚ ନେଉଥିବାବେଳେ ଜଣେ ଆର୍‌ପିଏଫ୍ କନଷ୍ଟେବଲଙ୍କୁ ସିବିଆଇ ଗିରଫ କରିଛି। ତାଙ୍କଠାରୁ ଲାଞ୍ଚ ବାବଦ କେମିକାଲ ମିଶା ୧୫ ହଜାର ଟଙ୍କା ଜବତ ହୋଇଛି। ଗିରଫ କନଷ୍ଟେବଲ ହେଲେ ମହମ୍ମଦ ଅସରାର। ସିବିଆଇ ଅଧିକାରୀମାନେ ତାଙ୍କୁ ପଚରାଉଚରା କରିବା ପରେ ସନ୍ଧ୍ୟା ପ୍ରାୟ ୭ଟାରେ ଭୁବନେଶ୍ୱର ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ଆର୍‌ପିଏଫ୍ କନଷ୍ଟେବଲ ଅସରାର୍ ଜଣେ ମହିଳା ସ୍କ୍ରାପ୍ ବ୍ୟବସାୟୀଙ୍କୁ ବାରମ୍ବାର ଲାଞ୍ଚ ମାଗି ହଇରାଣ କରୁଥିଲେ। ଏ ନେଇ ମହିଳା ଜଣଙ୍କ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ବିଶ୍ରା ଛକସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ ସମ୍ମୁଖ ଫଳ ଦୋକାନରେ ଅସରାର୍ ଉକ୍ତ ମହିଳା ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛପି ରହିଥିବା ସିବିଆଇ ଅଧିକାରୀ ତାଙ୍କୁ ଧରିବା ସହ ତାଙ୍କଠାରୁ କେମିକାଲ ମିଶା ନୋଟ୍ ଜବତ କରିଥିଲେ। ସିବିଆଇ ଟିମ୍ ବନ୍ଧମୁଣ୍ଡା ସ୍ଥିତ ଆରପିଏଫ୍ ଥାନା ଏବଂ ବାରାକ୍‌କୁ ଯାଇ ତଦନ୍ତ କରିଥିଲେ। ଯେଉଁ ରୁମ୍‌ରେ ଅସରାର୍ ରହୁଥିଲେ ସେଠାରେ ଯାଞ୍ଚ କରିବା ସହ ବରିଷ୍ଠ ଅଧିକାରୀଙ୍କୁ ପଚରାଉଚୁରା କରିଥିଲେ। ଅପରପକ୍ଷେ ଅଭିଯୁକ୍ତ ଅସରାର୍ ନିଜ ବୟାନରେ ଅନ୍ୟ ଆର୍‌ପିଏଫ୍ ଅଧିକାରୀଙ୍କ ପାଇଁ ଏହି ଲାଞ୍ଚ ନେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଗିରଫ କନଷ୍ଟେବଙ୍କ ବିରୋଧରେ ପୂର୍ବରୁ ମାଫିଆଙ୍କଠାରୁ ମାସିକିଆ ବଟି ଆଦାୟ ବହୁ ଭଳି ଅଭିଯୋଗ ରହିଛି।

# ସ୍ୱାମୀଙ୍କୁ ପନିକିରେ ହାଣିଲେ ସ୍ତ୍ରୀ

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

ଜଳେଶ୍ୱର,୧୦।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ବ୍ରହ୍ମାପୁର ଗ୍ରାମରେ ଏକ ଦମ୍ପତିଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଛି। ଏଥିରେ ସ୍ତ୍ରୀ ଉତ୍ତ୍ୟକ୍ତ ହୋଇ ଏକ ପନିକିରେ ସ୍ୱାମୀଙ୍କ ମୁଣ୍ଡକୁ ଆକ୍ରମଣ କରି ଗୁରୁତର କରିଛନ୍ତି। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ସ୍ତ୍ରୀଙ୍କୁ ରାଇବଣିଆ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସନାତନ ବ୍ରହ୍ମଚାରୀ ୬ବର୍ଷ ପୂର୍ବେ ପଶ୍ଚିମବଙ୍ଗର ଜଙ୍ଗଲମହଲ ଅଞ୍ଚଳର ପ୍ରିୟଙ୍କାଙ୍କୁ ବିବାହ କରିଥିଲେ। ଗୁରୁବାର ମଧ୍ୟାହ୍ନରେ କୌଣସି କାରଣରୁ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ତ୍ରୀ ପ୍ରିୟଙ୍କା ଉତ୍‌କ୍ଷିପ୍ତ ହୋଇ ସ୍ୱାମୀଙ୍କ ମୁଣ୍ଡକୁ ପନିକିରେ ଆକ୍ରମଣ କରିଥିଲେ। ରାଇବଣିଆ ଥାନା ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ପ୍ରିୟଙ୍କାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୯୯/୨୫) ରୁଜୁ ହୋଇଛି।

# ଭଦ୍ରକରୁ ମୁଖ୍ୟ ଯୋଗାଣକାରୀଙ୍କୁ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱରରୁ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା**

ଭୁବନେଶ୍ୱର,୧୦।୧୦ (ସତ୍ୟଜିତ ରାଉତ)

ମାସେ ତଳେ ଭୁବନେଶ୍ୱରରୁ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଯୋଗାଣକାରୀଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭଦ୍ରକରୁ ଗିରଫ କରିଛି। ସେ ହେଲେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ନରିପୁର ଗ୍ରାମର ସୁଶାନ୍ତ କୁମାର ଦାସ। ଏହି ମାମଲାରେ ଗିରଫ ହୋଇ ଜେଲରେ ଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ଆଜମାଦପୁର ଗ୍ରାମର ରୁସନ କୁମାର ଜେନାଙ୍କୁ ସୁଶାନ୍ତ ହିଁ ବ୍ରାଉନସୁଗାର ଯୋଗାଣ କରିଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଏସ୍‌ଟିଏଫ୍ ଟିମ୍ ଭଦ୍ରକରେ ଚଢ଼ାଉ କରି ସୁଶାନ୍ତଙ୍କୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୪ ସକାଳେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗ୍ରାମ ନିକଟ ବାଲିଯାତ୍ରା ପଡିଆରେ ରୁସନ ବ୍ରାଉନସୁଗାର ବିକ୍ରି କରିବାକୁ ଗ୍ରାହକ ଯୋଗାଡ଼ କରୁଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ରୁସନଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୧୦୫ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ଅଧିକ ତଦନ୍ତ ବେଳେ ବ୍ରାଉନସୁଗାର କାରବାରରେ ସୁଶାନ୍ତଙ୍କ ସମ୍ପୃକ୍ତି ଜଣାପଡିଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୧-୯୨-୨୫, ତାରିଖ: ୦୮।୧୦।୨୦୨୫ ଏବଂ ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୩-୯୪-୨୫, ତାରିଖ: ୦୯।୧୦।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ ଆର୍‌ସିସି ଟାଙ୍କି, ବିବିଧ କାର୍ଯ୍ୟ, ଏଚ୍-ବିମ୍ ତଥା ଏଲ୍‌ଏଚ୍‌ଏସ୍ କାର୍ଯ୍ୟ ନିମନ୍ତେ ୦୪ (ଚାରି) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୧-୨୫। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ମଣ୍ଡଳରେ ପୁରୁଲିଆଠାରେ ପୁରୁଣା ଧ୍ୱଂସପ୍ରାପ୍ତ ଏବଂ ଅତି ପୁରୁଣା ଆର୍‌ସିସି ଟାଙ୍କିକୁ ଆର୍‌ସିସି ଓଭରହେଡ୍ ଟାଙ୍କି ଦ୍ୱାରା ପ୍ରତିବଦଳ କରିବା। ଟେଣ୍ଡର ମୂଲ୍ୟ: ₹୨,୬୩,୩୪,୨୪୮.୭୨। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୨-୨୫। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ମଣ୍ଡଳରେ ଡିଇଏନ୍/କେନ୍ଦ୍ରୀୟ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ମଧୁକୁଣ୍ଡ-ଦାମୋଦର (୩୦.୫x୨୨) ସେକ୍ସନରେ ସେତୁ ସଂ. ୫୨୦ର ନଦୀଶଯ୍ୟାର ମାନଚିତ୍ରଣ। ଟେଣ୍ଡର ମୂଲ୍ୟ: ₹୩,୩୨,୩୮୭.୫୫। କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୩-୨୫। କାର୍ଯ୍ୟର ବର୍ଣ୍ଣନା: ଆଦ୍ରା ମଣ୍ଡଳ- ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ମଣ୍ଡଳରେ ଟିବିଏସ୍‌ଆର୍ (ଏଚ୍-ବିମ୍)- ୧୧୯୫ ଗୋଟି। ଟେଣ୍ଡର ମୂଲ୍ୟ: ₹୩,୮୩,୮୭,୯୪୪.୬୨। କ୍ର.ସଂ.-୪, ଟେଣ୍ଡର ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୯୪-୨୫। କାର୍ଯ୍ୟର ବର୍ଣ୍ଣନା: ଆଦ୍ରା ମଣ୍ଡଳର ପୁରୁଲିଆ-ଚାନ୍ଦିଲ ମଧ୍ୟରେ ସ୍ଥାନ ଜେସି-୨୬, ଜେସି-୪୩, ଜେସି-୫୩, ଜେସି-୫୬ଠାରେ ଆର୍‌ଓବି ବଦଳରେ ବକ୍ସ ପୁସିଂ ପଦ୍ଧତି ଦ୍ୱାରା ସୀମିତ ଉଚ୍ଚତାର ସବ୍‌ୱେ ଏବଂ ଗୌରୀନାଥଧାମ-ବରବେଣ୍ଡା ମଧ୍ୟରେ କିମି ୩୪୩/୪-୫ଠାରେ ପିକେ-୧୭ରେ କଟ୍ ଆଣ୍ଡ କଭର୍ ପଦ୍ଧତି ଦ୍ୱାରା ଆର୍‌ଓବିର ନିର୍ମାଣ କରିବା। ଟେଣ୍ଡର ମୂଲ୍ୟ: ₹୩୨,୨୮,୧୯,୩୦୧.୮୩। ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୦୩।୧୧।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) ଏବଂ ତା୧୦।୧୧।୨୦୨୫ରିଖ ୧୫.୦୦ ଘଟିକାରେ (କ୍ର.ସଂ. ୩ ଓ ୪ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ www.ireps.gov.in ଦେଖାଯାଇପାରିବ। (PR-706)

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No.TPWODL/SA/O/SU/2500001011**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**PO for supply of 33KV Portable Cable Fault Locator with Pin Pointer Unit.**

Interested bidders are to submit Tender Participation Fee and Authorization Letter through email on or before **18th Oct. 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

**पुलिस अधीक्षक का कार्यालय, सिमडेगा**

**(सर्वसाधारण के लिए सूचना)**

लापता बालिका साक्षी डुंगडुंग, उम्र–करीब 16 वर्ष, पिता–राजु डुंगडुंग, सा0–टी0टांगर बसारटोली, थाना–टी0टांगर, जिला–सिमडेगा, राज्य–झारखण्ड, जो दिनांक–15.09.2025 को सुबह अपने सहेली के घर सलडेगा डीपाटोली बर्थडे पार्टी मनाने के लिए निकली थी, परन्तु अभी तक अपने घर वापस नहीं लौटी है। लापता बालिका की बरामदगी अभी तक नहीं हो पायी है, जिसका विवरणी निम्नवत् है:–

हुलिया की विवरणी :–
लिंग:–स्त्री।
उम्र:–16 वर्ष।
रंग :– साँवली।
उँचाई:– 05 फीट।
भाषा:– खाड़िया, सादरी एवं हिन्दी।
पहनावा :– जींस एवं शार्ट



अतः सर्व साधारण को सूचित किया जाता है कि उक्त गुमशुदा महिला के बारे में पता चलता है तो नीचे अंकित दूरभाष नं0 पर अविलंब सूचित करेंगे।

पुलिस अधीक्षक, सिमडेगा– मोबाइल नं0–9431116444
पुलिस उपाधीक्षक, (मु0) सिमडेगा– मोबाइल नं0–9431706227
थाना प्रभारी, टी0टांगर– मोबाइल नं0–9431706232
पुलिस नियंत्रण कक्ष, सिमडेगा– मोबाइल नं0–9262998531
मानव तस्करी संबंधी टोल फ्री नं0–मोबाइल नं0–1800–3456–256

पुलिस अधीक्षक, सिमडेगा

PR 363831 (Simdega)25-26*D

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com

**e-Procurement Notice**

**Bid Identification No. S.E. (R&B) - 06/2025-26/JYP(K)**

**No. 6085** **Date: 06.10.2025**

No. B-584: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the Work : Building works as mentioned in DTCN
2. No. of works : 2 Nos.
3. Estimated Cost : Rs.15.56 lakhs
4. Period of Completion : 4 (Four) Months
5. Date & time of Bidding : From 11.00 hours of 14.10.2025 upto 17.00 hours of 23.10.2025
6. Last date & time for receipt of bids in portal : 17.00 hours of 23.10.2025
7. Bids received online shall be opened on : 11.00 hours of 24.10.2025
8. Name and address of the Officer Inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the **www.tendersodisha.gov.in**.

**Sd./- Superintending Engineer, Jeypore (R&B) Division**
**OIPR-34027/11/0017/2526**

**ଜାତୀୟ ପରୀକ୍ଷା ଏଜେନ୍ସି**
(ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
ପ୍ରଥମ ମହଲା, ଏନ୍‌ଏସ୍‌ଆଇସି-ଏମ୍‌ଡିବିପି ବିଲ୍ଡିଂ, ଓଖ୍‌ଲା ଇଣ୍ଡଷ୍ଟ୍ରିଆଲ ଏରିଆ, ନୂଆଦିଲ୍ଲୀ ୧୧୦୦୨୦
ଫୋନ୍ ନଂ.: ୦୧୧ ୬୯୦୯୫୨୫୦, ୱେବସାଇଟ୍ www.nta.ac.in
ଇମେଲ୍: procurement@nta.ac.in

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ଜାତୀୟ ପରୀକ୍ଷା ଏଜେନ୍ସିର କାର୍ଯ୍ୟାଳୟ ବ୍ୟବହାର ପାଇଁ ମାସିକ ଭଡ଼ା ଭିତ୍ତିରେ ତିରିଶ ଗୋଟି ବାହନ ଯୋଗାଇବା ପାଇଁ ପଞ୍ଜୀକୃତ, ଖ୍ୟାତନାମା, ଅଭିଜ୍ଞ ଓ ଆର୍ଥିକ ସ୍ୱଚ୍ଛଳ ଏଜେନ୍ସିଗୁଡ଼ିକଠାରୁ ଦୁଇ-ବିଡ଼ ପ୍ରଣାଳୀ (ବୈଷୟିକ ବିଡ଼ ଓ ଆର୍ଥିକ ବିଡ଼) ଅଧୀନରେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଛି।

ଜିଇଏମ୍ ବିଡ଼ ନମ୍ବର: ଜିଇଏମ୍/୨୦୨୫/ବି/୬୭୨୨୯୬୪
ତାରିଖ: ୨୯ ସେପ୍ଟେମ୍ବର ୨୦୨୫
ଆକଳିତ ମୂଲ୍ୟ: ସାତ କୋଟି ଟଙ୍କା
ଇଏମ୍‌ଡି: ସାତ ଲକ୍ଷ ଟଙ୍କା

ଟେଣ୍ଡର ଫର୍ମ ଓ ଆର୍‌ଏଫ୍‌ପି www.nta.ac.in ଓ www.gem.gov.in ରେ ଉପଲବ୍ଧ।
କେବଳ ଜିଇଏମ୍ ପୋର୍ଟାଲରେ ଇ-ଟେଣ୍ଡରିଂ ଜରିଆରେ ଦାଖଲ କରାଯିବ।

cbc 21354/12/0002/2526 **ସ୍ୱା./- ନିର୍ଦ୍ଦେଶକ (ସଂଗ୍ରହଣ)**

See Career Appointment on every Wednesday & Saturday

**ई0 – प्रोक्योरमेन्ट सेल**
**कार्यपालक अभियंता का कार्यालय,**
**भवन निर्माण विभाग, भवन प्रमण्डल, दुमका**

**ई–प्रोक्योरमेन्ट नोटिस (द्वितीय आमंत्रण)**

टेन्डर रेफरेन्स नं0 – **28/2025-26/EE/BCD/DUMKA,** दिनांक– **10-10-2025**

| क्र0 सं0 | कार्य का नाम | प्राक्कलित राशि (रू0 में) | अग्रधन की राशि | परिमाण विपत्र क मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | Proposed Construction of Weigh Bridge and Operator Room with 1000 MT Godown at Block-Shikaripara Dist-Dumka, Jharkhand. | 2,97,32,100/- | Rs.2,97,400/- | Rs.10,000/- | 11 माह |

1. वेबसाइट पर निविदा प्रकाशन की तिथि/समय :–18–10–2025 के 11:00 बजे
2. बिड प्राप्ति के लिए अन्तिम तिथि/समय :–01–11–2025 के 11:00 बजे
3. निविदा प्रकाशित करने वाले कार्यालय का नाम एवं पता :–कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, दुमका।
4. निविदा खोलने की तिथि/समय एवं स्थान :–03–11–2025 के 11:30 बजे नोडल पदाधिकारी, ई0 – प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, राँची।
5. प्रोक्योरमन्ट पदाधिकारी का सम्पर्क संख्या :–8210084525
6. ई – प्रोक्योरमेन्ट सेल का हेल्पलाईन संख्या :–6200213814
7. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय हागी।
8. सूचना प्रोद्योगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक–120 दिनांक–03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक–2229 दिनांक–06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत अग्रधन की राशि उसी खाते में वापस होगी। अगर खाता को बन्द कर दिया जाता है तो उसकी सम्पूर्ण जवाबदेही निविदादाता की होगी।
10. अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

कार्यपालक अभियंता का कार्यालय,
भवन निर्माण विभाग, भवन प्रमण्डल, दुमका

PR 363854 Building(25-26)#D

**ଭାରତ ସରକାର**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଆଇସିଏଆଇ/ଆଇସିଓଏଆଇ(ଆଇସିଏମ୍ଏଆଇ)/ଆଇସିଏସ୍‌ଆଇ**
ଜରିଆରେ
**ନିଯୁକ୍ତି ବିଜ୍ଞାପନ**

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ମାନେସର, ହରିୟାଣାଠାରେ ଅବସ୍ଥିତ କେନ୍ଦ୍ରୀୟ ସୁବିଧା କେନ୍ଦ୍ର (ସିଆର୍‌ସି/ସିପିସି/ସିପିଏସଇ/ସିଏସ୍‌ସି)ଗୁଡ଼ିକରେ ଆଇସିଏଆଇ, ଆଇସିଏସ୍‌ଆଇ, ଆଇସିଓଏଆଇ (ଆଇସିଏମ୍ଏଆଇ) ମାଧ୍ୟମରେ ୟଙ୍ଗ୍ ପ୍ରଫେସନାଲ/ଆସିଷ୍ଟାଣ୍ଟ ୟଙ୍ଗ୍ ପ୍ରଫେସନାଲଙ୍କ **୧୪୫ ଗୋଟି ପଦବୀକୁ ଚୁକ୍ତିମୂଳକ ଭିତ୍ତିରେ** ପୂରଣ କରିବା ନିମନ୍ତେ ଯୋଗ୍ୟତାପ୍ରାପ୍ତ ସିଏ/ସିଏସ୍/ସିଏମ୍ଏ ତଥା ଆଇସିଏଆଇ/ଆଇସିଓଏଆଇ (ଆଇସିଏମ୍ଏଆଇ)/ଆଇସିଏସ୍‌ଆଇର ଇଣ୍ଟରମିଡିଏଟ୍/ଏକ୍‌ଜିକ୍ୟୁଟିଭ୍ ସ୍ତରୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅର୍ଦ୍ଧ-ଯୋଗ୍ୟତାପ୍ରାପ୍ତ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଚୁକ୍ତିର ଅବଧି ପ୍ରାରମ୍ଭିକ ଭାବେ ସର୍ବାଧିକ ତିନିବର୍ଷ ଅବଧି ପାଇଁ ହେବ ଯାହାକୁ ପ୍ରତିବର୍ଷ କିମ୍ବା ୩୫ ବର୍ଷରେ ପଦାର୍ପଣ କରିବା (ଯାହା ପୂର୍ବରୁ ହେଉଥିବ) ପର୍ଯ୍ୟନ୍ତ ନବୀକରଣ କରାଯିବ, ଯାହା ପ୍ରତି ବର୍ଷ ଶେଷରେ ସମୀକ୍ଷା କରାଯିବାକୁ ଥିବା ସନ୍ତୋଷଜନକ କାର୍ଯ୍ୟ ପ୍ରଦର୍ଶନ ଉପରେ ନିର୍ଭର କରିବ। ପୂରଣ କରାଯିବାକୁ ଥିବା ପଦବୀଗୁଡ଼ିକର ବିବରଣୀ ନିମ୍ନ ଅନୁଯାୟୀ ଅଟେ:-

| କ୍ର.ସଂ. | ପଦବୀର ନାମ | ଯୋଗ୍ୟତା | ପାରିଶ୍ରମିକ | ସର୍ବାଧିକ ବୟସ |
|---|---|---|---|---|
| ୧. | ୟଙ୍ଗ୍ ପ୍ରଫେସନାଲ | ଆଇସିଏଆଇ/ ଆଇସିଓଏଆଇ (ଆଇସିଏମ୍ଏଆଇ)/ ଆଇସିଏସ୍‌ଆଇର ଯୋଗ୍ୟତାପ୍ରାପ୍ତ ସଭ୍ୟ | ମାସିକ ୭୫,୦୦୦/- ସହ ବାର୍ଷିକ ୫,୦୦୦/- ର ବେତନବୃଦ୍ଧି, ତା' ସହିତ ରବିବାର ଓ ଛୁଟିଦିନଗୁଡ଼ିକରେ କାର୍ଯ୍ୟାଳୟକୁ ଆସିବା ପାଇଁ ଦିନ ପିଛା ୨,୫୦୦/- | ୦୩ ବର୍ଷିଆ କାର୍ଯ୍ୟକାଳର କୌଣସି ସମୟରେ ମଧ୍ୟ ୩୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। |
| ୨. | ଆସିଷ୍ଟାଣ୍ଟ ୟଙ୍ଗ୍ ପ୍ରଫେସନାଲ | ଆଇସିଏଆଇ/ ଆଇସିଓଏଆଇ (ଆଇସିଏମ୍ଏଆଇ)/ ଆଇସିଏସ୍‌ଆଇର ଇଣ୍ଟରମିଡିଏଟ୍/ଏକ୍‌ଜିକ୍ୟୁଟିଭ୍ ସ୍ତରୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତି | ମାସିକ ୪୦,୦୦୦/- ସହ ବାର୍ଷିକ ୨,୫୦୦/- ର ବେତନବୃଦ୍ଧି, ତା' ସହିତ ରବିବାର ଓ ଛୁଟିଦିନଗୁଡ଼ିକରେ କାର୍ଯ୍ୟାଳୟକୁ ଆସିବା ପାଇଁ ଦିନ ପିଛା ୨,୫୦୦/- | ୦୩ ବର୍ଷିଆ କାର୍ଯ୍ୟକାଳର କୌଣସି ସମୟରେ ମଧ୍ୟ ୩୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। |

ଅଧିକ ବିବରଣୀ, ଯଥା- ଶିକ୍ଷାଗତ ଯୋଗ୍ୟତା, ଆବେଦନପତ୍ର ଦାଖଲର ପଦ୍ଧତି, ଅନ୍ୟାନ୍ୟ ସର୍ତ୍ତାବଳୀ ଇତ୍ୟାଦି ପାଇଁ ଦୟାକରି ୱେବ୍‌ସାଇଟ୍ www.mca.gov.in, www.icai.org, www.icsi.edu./career ଏବଂ icmai.in ପରିଦର୍ଶନ କରନ୍ତୁ। ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ସମ୍ପୃକ୍ତ ଅନୁଷ୍ଠାନ ଅନୁଯାୟୀ https://www.icai.org/post/career-in-icai, https://eicmai.in/Recruitment/index.aspx ଏବଂ https://stimulate.icsi.edu/RECRUITMENTରେ ଅନ୍‌ଲାଇନରେ ଆବେଦନ କରିବା ଜରୁରୀ। ନିଜର ଆବଶ୍ୟକତା ଅନୁସାରେ ବିଜ୍ଞାପିତ ପଦବୀଗୁଡ଼ିକର ସଂଖ୍ୟାକୁ ବୃଦ୍ଧି/ହ୍ରାସ କରିବା କିମ୍ବା ପଦବୀକୁ ଆଦୌ ପୂରଣ ନ କରିବାର ଅଧିକାର କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ସଂରକ୍ଷିତ।

**ଆବେଦନ ପ୍ରାପ୍ତ କରିବାର ଶେଷ ତାରିଖ: ୩୦ ଅକ୍ଟୋବର, ୨୦୨୫**

**ସ୍ୱା./- କମ୍ପାନୀ ନିବନ୍ଧକ**
**କେନ୍ଦ୍ରୀୟ ନିବନ୍ଧନ କେନ୍ଦ୍ର**

CBC 07123/11/0417/2526



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଜଣେ ମହିଳା ଜାଭେଲିନ୍ ଥ୍ରୋ କରୁଛନ୍ତି।





ପୋଡିୟମ ଉପରେ ପୁରସ୍କାର ଗ୍ରହଣ ଅବସରରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ବିଜେତାଙ୍କ ସହ ରୌପ୍ୟ ପଦକ ବିଜୟୀ ଓଡ଼ିଶାର ଛବିନ୍ଦ୍ର ବେହେରା ଓ ପ୍ରତୀକ ମହାରଣା (ଉଭୟ ଫଟୋର ବାମ)।

# ସି.କେ. ନାୟିଡୁ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ):** ବିସିସିଆଇ ଘରୋଇ କ୍ରିକେଟ ସିଜନର ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାୟିଡୁ (ଏକାଧିକ ଦିବସ ବିଶିଷ୍ଟ) ଟ୍ରଫି ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ସାଇଦୀପ ମହାପାତ୍ରଙ୍କୁ ଓଡ଼ିଶା ଦଳର ଅଧିନାୟକ ମନୋନୀତ କରାଯାଇଛି। ଚଳିତ ମାସ ୧୬ରୁ ୧୯ ପର୍ଯ୍ୟନ୍ତ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ହାଇଦ୍ରାବାଦଠାରେ ହାଇଦ୍ରାବାଦ ବିପକ୍ଷରେ ଖେଳିବ। ଏହାପରେ ୨୬ରୁ ୨୯ ପର୍ଯ୍ୟନ୍ତ ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ଆସାମ, ନଭେମ୍ବର ୨ରୁ ୫ ପର୍ଯ୍ୟନ୍ତ ବରଗଡ଼ର ବିକାଶ ଗ୍ରାଉଣ୍ଡରେ ବିଦର୍ଭଙ୍କୁ ଭେଟିବ। ୨୦୨୬ ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ସମ୍ବଲପୁରରେ ହରିୟାଣା, ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ ଜୟପୁରରେ ରାଜସ୍ଥାନ, ଫେବୃଆରୀ ୬ରୁ ୯ ପର୍ଯ୍ୟନ୍ତ ବରଗଡ଼ର ବିକାଶ ଗ୍ରାଉଣ୍ଡରେ ବେଙ୍ଗଲ ଏବଂ ଫେବୃଆରୀ ୧୩ରୁ ୧୬ ପର୍ଯ୍ୟନ୍ତ ମୁମ୍ବାଇରେ ମୁମ୍ବାଇ ବିପକ୍ଷରେ ମୁକାବିଲା କରିବ। ଓଡ଼ିଶା ଦଳ: ସାଇଦୀପ ମହାପାତ୍ର (ଅଧିନାୟକ), ଓମ୍ ଟି. ମୁଣ୍ଡେ (ଉପ-ଅଧିନାୟକ), ଆୟୁଷ ସୂତାର, ପନକଲା ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜାଲ ସିଂ, ଦୀନେଶ ମାଝି, ଆକାଶ ମହାପାତ୍ର, ବିମଲ କୁମାର, ମହମ୍ମଦ ଡାନିଶ, ସୌମ୍ୟ ରଞ୍ଜନ ଲେଙ୍କା, ଆୟୁଷ ବାରିକ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ସୋହେଲ, ଆଶୁତୋଷ ଛୁରିଆ।

# ବିନୟଙ୍କୁ ସ୍ୱର୍ଣ୍ଣ ପଦକ

**କାଇରୋ, ୧୦।୧୦ (ପି.ଟି.):** ଭାରତର ଉଦୀୟମାନ ପାରା ପାୱାର ଲିଫ୍ଟିଂ ଷ୍ଟାର ବିନୟ ଏଠାରେ ଶୁକ୍ରବାର ଅନୁଷ୍ଠିତ ପାରା ପାୱାର ଲିଫ୍ଟିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ୭୨ କେଜି ଜୁନିୟର କାଟେଗୋରିରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବିନୟ ତାଙ୍କ ୩ଟି ପ୍ରୟାସରେ ୧୩୭ କେଜି, ୧୪୨ କେଜି ଓ ୧୪୭ କେଜି ଉତ୍ତୋଳନ କରିଥିଲେ। ତାଙ୍କ ଫାଇନାଲ ଲିଫ୍ଟକୁ ରେଫରିମାନେ ଅବୈଧ ଘୋଷଣା କରିଥିଲେ। ତାଙ୍କ ଦ୍ୱିତୀୟ ପ୍ରୟାସ ୧୪୨ କେଜି ସ୍ୱର୍ଣ୍ଣ ପଦକ ପାଇଁ ଯଥେଷ୍ଟ ଥିଲା।

# ଅନୁମତି ବିନା ଏସିଆ କପ୍ କେହି ନେଇପାରିବେନି: ନକ୍‌ଭି

**ଲାହୋର, ୧୦।୧୦(ପି.ଟି.)**



ମହସିନ ନକ୍‌ଭି

ଏସିଆ କପ୍ ଟ୍ରଫିକୁ ନେଇ ଏବେସୁଦ୍ଧା ବିବାଦ ଲାଗିରହିଛି। ଏସିଆନ୍ କ୍ରିକେଟ୍ କାଉନ୍‌ସିଲ(ଏସିସି) ମୁଖ୍ୟ ମହସିନ ନକ୍‌ଭି କହିଛନ୍ତି, ଏହି ଟ୍ରଫିଟିକୁ ବର୍ତ୍ତମାନ ଦୁବାଇସ୍ଥିତ ଏସିସିର ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇ ରଖାଯାଇଛି। ତାଙ୍କ ବିନା ଅନୁମୋଦନରେ ଏହି ଟ୍ରଫିକୁ କେହି ନେଇପାରିବେନି କିମ୍ବା ଏହା କାହାରିକୁ ହସ୍ତାନ୍ତର କରାଯାଇପାରିବନାହିଁ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୮ରେ ଦୁବାଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ୍ ଫାଇନାଲରେ ପାକିସ୍ତାନକୁ ହରାଇଥିଲା ଭାରତ। ନକ୍‌ଭିଙ୍କଠାରୁ ଟ୍ରଫି ନେବାକୁ ଭାରତୀୟ ଦଳ ମନା କରିଦେବା ପରେ ସେ ଟ୍ରଫି ସହ ପୁରସ୍କାର ବିତରଣ ଉତ୍ସବ ସ୍ଥଳ ଛାଡ଼ି ପଳାଇଥିଲେ। ଏହି ଟ୍ରଫି ବର୍ତ୍ତମାନ ଏସିସି କାର୍ଯ୍ୟାଳୟରେ ରଖାଯାଇଛି। ନକ୍‌ଭି ଆହୁରି ମଧ୍ୟ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି)ର ଚେୟାରମ୍ୟାନ ଏବଂ ତାଙ୍କ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ରହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ-ପାକିସ୍ତାନ ଉତ୍ତେଜନା ଚରମ ସୀମାରେ ପହଞ୍ଚିଯାଇଛି। ନକ୍‌ଭି ସ୍ପଷ୍ଟ କରି କହିଛନ୍ତି ଯେ, ସେ ବ୍ୟକ୍ତିଗତ ଭାବେ ଭାରତୀୟ ଦଳର କୌଣସି ସଦସ୍ୟ କିମ୍ବା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଟ୍ରଫି ହସ୍ତାନ୍ତର କରିବାକୁ ଚାହାନ୍ତି। ସମଗ୍ର ଏସିଆ କପ୍‌ରେ ଭାରତ ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ତିକ୍ତତାର ଛାଇ ଦେଖିବାକୁ ମିଳିଥିଲା। ଭାରତୀୟ ଖେଳାଳିମାନେ ସେମାନଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଦଳର ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିବାକୁ ମନା କରିଦେଇଥିଲେ। ଉଭୟ ଦଳର ଖେଳାଳିମାନେ ରାଜନୈତିକ ଇଙ୍ଗିତରେ ପରସ୍ପରକୁ ପରିହାସ କରିଥିଲେ। ନକ୍‌ଭି ମଧ୍ୟ ତାଙ୍କ ସୋସିଆଲ ମିଡିଆ ପେଜ୍‌ରେ ରାଜନୈତିକ ଟିପ୍ପଣୀ ଦେଇଥିଲେ। ଟ୍ରଫିକୁ ନେଇ ନକ୍‌ଭିଙ୍କ କାର୍ଯ୍ୟକଳାପକୁ ବିସିସିଆଇ କଡ଼ା ବିରୋଧ କରିଛି। ଆସନ୍ତା ମାସରେ ହେବାକୁଥିବା ଆଇସିସି ବୈଠକରେ ବିସିସିଆଇ ଏହି ମାମଲା ଉଠାଇବ ବୋଲି କହିଛି। ନକ୍‌ଭିଙ୍କୁ ନିନ୍ଦା କରିବା ଏବଂ ଆଇସିସିର ନିର୍ଦ୍ଦେଶକ ପଦବୀରୁ ହଟାଇବା ଲାଗି ଦୃଢ଼ ପଦକ୍ଷେପ ନିଆଯାଇପାରେ ବୋଲି ଅନୁମାନ କରାଯାଉଛି।

# ଆଜିଠୁ ଆଇଟିଏଫ୍ ମାଷ୍ଟର୍ସ ଟେନିସ୍ ଟୁର୍

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଏକାସଙ୍ଗେ ୩ଟି ବଡ଼ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଯାଇଥିବାବେଳେ ଶନିବାର ଏସିଆନ ଟିମ୍ ଟେବୁଲ ଟେନିସ୍ ଏବଂ ଆଇଟିଏଫ୍ ମାଷ୍ଟର୍ସ ଟେନିସ୍ ଟୁର୍ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶା ଟେନିସ୍ ଆସୋସିଏଶନ(ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗରେ ପ୍ରଥମଥର ପାଇଁ ଆଇଟିଏଫ୍ ମାଷ୍ଟର୍ସ ଟେନିସ୍ ଟୁର୍(ଏମ୍‌ଟି ୧୦୦) ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ୩ ବିଦେଶୀ ଏବଂ ଦେଶର ୧୨୦ ପେସାଦାର ଖେଳାଳି ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଓଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତୀକ, ଛବିନ୍ଦ୍ରଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

## କଳିଙ୍ଗରେ ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଆରମ୍ଭ

ଭାରତୀୟ ଆଥ୍ଲେଟିକ୍ ମହାସଂଘ (ଏଏଫ୍ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍ଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ୪୦ତମ ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ଓ ଛବିନ୍ଦ୍ର ବେହେରା ରୌପ୍ୟ ପଦକ ଲାଭ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ପ୍ରତୀକ ୧୦.୭୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଝାଡ଼ଖଣ୍ଡର ପାର୍ଥ ସିଂ ୧୦.୫୨ ଓ ପଞ୍ଜାବର ଯଶଜିତ୍ ସିଂ ଥିଲୋଁ ୧୦.୭୯ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନରେ ଛବିନ୍ଦ୍ର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ସାଧୋନ ଘୋଷ ସ୍ୱର୍ଣ୍ଣ ଓ ଆସାମର ପ୍ରୀୟନୁଜ ବରୁଆ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୂର୍ବାହ୍ଣରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୫୦୦୦ ମିଟର ରେସ୍‌ରେ ପ୍ରଥମ ତିନି ସ୍ଥାନ ଅଧିକାର କରିଛନ୍ତି ତେଲଙ୍ଗାନାର ମୋହିତ ଚୌଧାରୀ, ମହାରାଷ୍ଟ୍ରର ଅଭିନନ୍ଦନ ସୂର୍ଯ୍ୟାଭାନ ଓ ରାଜସ୍ଥାନର ଧରମରାଜ୍ ଜାଟ। ମୋହିତ ୧୪:୦୯.୭୧ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ବିନୋଦ ସିଂ(୧୪:୧୨.୬୭)ଙ୍କ ନାମରେ ମିଟ୍ ରେକର୍ଡ ଥିଲା। ସେହିପରି ୧୮ ବର୍ଷରୁ କମ୍ ପୁରୁଷ ଜାଭେଲିନ୍ ଥ୍ରୋ ପ୍ରିଲିମ ରାଉଣ୍ଡରେ ହରିୟାଣାର ହିମାଂଶୁ ୭୯.୯୬ ମିଟର ଥ୍ରୋ କରି ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୦୧୪ରେ ବିଜୟୱାଡାରେ ନୀରଜ ଚୋପ୍ରା ୭୬.୫୦ ମିଟର ଥ୍ରୋ କରି ରେକର୍ଡର ଅଧିକାରୀ ଥିଲେ। ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଲାଗି ପୁରୁଷ ଜାଭେଲିନ୍ ଥ୍ରୋରେ କ୍ୱାଲିଫିକେଶନ ମାର୍କ ୬୮.୫୦ ମିଟର ଥିବାରୁ ହିମାଂଶୁ ଏଥିପାଇଁ ଯୋଗ୍ୟତା ପାଇଛନ୍ତି। ସେହିପରି ମହିଳା ୫୦୦୦ ମିଟରରେ ମଧ୍ୟପ୍ରଦେଶର ସୋନମ୍ ପରମାର, ଉତ୍ତରପ୍ରଦେଶର ପ୍ରତିମା ବର୍ମା ଓ ହରିୟାଣାର ପୂଜା। ପ୍ରଥମ ଦିବସରେ ମୋଟ୍ ୧୫ଟି ଇଭେଣ୍ଟର ଫାଇନାଲ ହେବାର କାର୍ଯ୍ୟସୂଚୀ ରହିଛି। ପ୍ରତିଯୋଗିତା ୫ ଦିନ ଧରି ଚାଲିବ। ଏଥିରେ ୯୫୦ ମହିଳାଙ୍କ ସମେତ ୨୦୦୦ରୁ ଊର୍ଦ୍ଧ୍ୱ ଆଥ୍ଲେଟ୍ ଭାଗ ନେଉଛନ୍ତି। ଓଁକାର ନନ୍ଦ (ଥ୍ରୋ-ଇଭେଣ୍ଟ), ପ୍ରତୀକ ମହାରଣା (୧୦୦ ଓ ୨୦୦ ମି.), ଅଙ୍କିତା ମହାପାତ୍ର (ଥ୍ରୋ), ବାପି ହାଁସ୍‌ଦା (୧୦୦, ୨୦୦ ଓ ୪X୧୦୦ ମି.)ଙ୍କ ସମେତ ଓଡ଼ିଶାରୁ ମୋଟ ୭୫ ଆଥ୍ଲେଟ୍ ଏଥିରେ ଅଂଶଗ୍ରହଣ କରୁଛନ୍ତି।

# ୧୯ ବର୍ଷରୁ କମ୍ ମହିଳା ଓଡ଼ିଶା ଦଳ

**ଭୁବନେଶ୍ୱର, ୧୦।୧୦ (ବିଜୟ ରଣା):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ୨୦୨୫-୨୬ ଅନ୍ତର୍ଗତ ୧୯ବର୍ଷରୁ କମ୍ ମହିଳା ଟି୨୦ ଟ୍ରଫି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଅବସରରେ ଶୁକ୍ରବାର ଓଡ଼ିଶା ମହିଳା ସିଲେକ୍ସନ କମିଟି ସଦସ୍ୟା ଶୁଭ୍ରାଂଶୁବାଳା ଭୂୟାଁ ଓଡ଼ିଶା ୧୯ବର୍ଷରୁ କମ୍ ମହିଳା ଦଳର ମୁଖ୍ୟ କୋଚ୍ କାଦମ୍ବିନୀ ମହାକୁଡ଼ ଏକ ୧୬ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରିୟଙ୍କାରୀ ମୁଦୁଲିଙ୍କୁ ଦଳର ଅଧିନାୟିକା ଭାବେ ମନୋନୀତ କରାଯାଇଛି। **୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳ:** ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ (ଉଇକେଟକିପର), ଅନୁଷ୍କା ମହାନ୍ତି (ଉଇକେଟକିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପ୍ସିତା ପରିଡ଼ା, ଜସମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପ୍ରମାଣିକ, ପ୍ରିୟଙ୍କାରୀ ମୁଦୁଲି (ଅଧିନାୟିକା), ଶିତଳ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂ, ଶ୍ୱାତିକା ବେହେରା ଓ ଯୁବାଲିପି ପରିଡ଼ା।

# ପ୍ରଥମ ଦିନରେ ଓଡ଼ିଶାକୁ ୬ ପଦକ




ପ୍ରଥମ ଦିବସରେ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

## ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର ଜୁ-ଜିତ୍ସୁ

ଉତ୍ତରପ୍ରଦେଶର ସାହରଣପୁରଠାରେ ଶୁକ୍ରବାର ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର ଜୁ-ଜିତ୍ସୁ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ସହ ମୋଟ ୬ଟି ପଦକ ହାସଲ କରିଛନ୍ତି। ସିନିୟର ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଏବଂ ରୋଜାଲିନ୍ ପାଲ୍ ୨ଟି ସ୍ୱର୍ଣ୍ଣ ହାସଲ କରିଛନ୍ତି। ସେହିପରି ନିରୁପମା ସ୍ୱାଇଁ, ବିଦ୍ୟା ପୃଷ୍ଟି ଓ ପ୍ରିୟଦର୍ଶିନୀ ଘଟୁଆରୀ ୩ଟି ରୌପ୍ୟ ପଦକ ପାଇଛନ୍ତି। ଏହା ବ୍ୟତୀତ ୨୧ ବର୍ଷରୁ କମ୍ ପୁରୁଷ ନେ-ୱାଜାର ୪୫ କେଜି ବର୍ଗରେ ଓଡ଼ିଶାର ସୁମନ୍ତ କୁମାର ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୯ ଜଣ ଜୁ-ଜିତ୍ସୁ ଖେଳାଳି ଭାଗ ନେଇଛନ୍ତି। ଆସନ୍ତା ୧୨ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ଓଡ଼ିଶା ପୁରୁଷ ଦଳକୁ ବ୍ରୋଞ୍ଜ୍ ପଦକ




ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବାସ୍କେଟବଲ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୦।୧୦(ବିଜୟ ରଣା)**

## ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବାସ୍କେଟବଲ୍

ଖୋର୍ଦ୍ଧାର କେଟି ଗ୍ଲୋବାଲ୍ ସ୍କୁଲ ପରିସରରେ ଚାଲିଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶା ବାସ୍କେଟବଲ୍ ପୁରୁଷ ଦଳ ଏକ ବ୍ରୋଞ୍ଜ୍ ପଦକ ହାସଲ କରିଛି। ଓଡ଼ିଶା 'ବି' ୟୁନିଫାଏଡ୍ ପୁରୁଷ ଦଳ ୧୮-୪ ସ୍କୋରରେ କେବଳ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ଦଳ ଖେଳିଥିବା ଅନ୍ୟ ଦୁଇଟି ମ୍ୟାଚ୍‌ରେ ମହାରାଷ୍ଟ୍ରଠାରୁ ୧୧-୧୨ ଏବଂ ଶକ୍ତିଶାଳୀ ପୁଡୁଚେରୀଠାରୁ ୧୪-୪ରେ ହାରିଯାଇଥିଲା। ଫଳତଃ ଦଳକୁ ବ୍ରୋଞ୍ଜ୍ ପଦକ ମିଳିଛି। ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ଦଳ ଚୟନ ଏବଂ କମ୍ ସମୟ ପ୍ରଶିକ୍ଷଣ ସହ ପ୍ରଥମଥର ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଭାଗନେଇଥିବା ଓଡ଼ିଶା ଭଲ ପ୍ରଦର୍ଶନ କରିପାରିଥିବାରୁ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ଓଡ଼ିଶା ଶାଖା କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ କେ. ରଥ ଆନନ୍ଦ କହିବା ସହ ଆସନ୍ତାଥର ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା କରିଛନ୍ତି। ଓଡ଼ିଶା ପୁରୁଷ ଦଳରେ ଭୁବନେଶ୍ୱରର ଦେବାଶିଷ(ଅଧିନାୟକ) ଏବଂ ହର୍ଷିତ ପ୍ରିୟମ୍, ବଲାଙ୍ଗୀରର ଦୀପକ ଚନ୍ଦନ, ରାଉରକେଲାର ଶୁଭ୍ରାଂଶୁ ମହାରଣା ଏବଂ ଭଦ୍ରକର ସୁମିତ କୁମାର ନାୟକ ପ୍ରତିନିଧିତ୍ୱ କରିଥିଲେ। ବଲାଙ୍ଗୀରର ଝସ୍‌କେତନ ସାହୁ ପ୍ରଶିକ୍ଷକ ଥିଲେ। ବିଜେତା ଦଳଗୁଡ଼ିକ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ନନ୍ଦ ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ରଣନୀତି ଏବଂ ବ୍ୟବସାୟ ବିକାଶ ନିର୍ଦ୍ଦେଶକ ଅଂଶୁମାନ ବଳଙ୍କ ହାତରୁ ସେମାନଙ୍କ ପଦକ ଏବଂ ପ୍ରମାଣପତ୍ର ଗ୍ରହଣ କରିଥିଲେ।

# ପିକେଏଲ୍'ର ପ୍ଲେ-ଅଫ୍ ଓ ଫାଇନାଲ ଦିଲ୍ଲୀରେ

**ନୂଆଦିଲ୍ଲୀ, ୧୦।୧୦(ପି.ଟି.)**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ଚଳିତ ସିଜନ ପ୍ଲେ-ଅଫ୍ ଓ ଫାଇନାଲ ମୁକାବିଲା ସ୍ଥାନୀୟ ଥ୍ୟାଗରାଜ ଷ୍ଟାଡିୟମରେ ଖେଳାଯିବ। ଆୟୋଜକଙ୍କ ତରଫରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ସିଜନ-୧୨ର ଦିଲ୍ଲୀ ପର୍ଯ୍ୟାୟ ଖେଳ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଘରୋଇ ଦଳ ଦବଙ୍ଗ ଦିଲ୍ଲୀ କେ.ସି ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଶ୍ରେଷ୍ଠ ୮ ମଧ୍ୟରେ ଏହାର ସ୍ଥାନ ପକ୍କା କରିସାରିଛି। ଅବଶିଷ୍ଟ ୭ ସ୍ଥାନ ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ପରେ ଚୂଡ଼ାନ୍ତ ହୋଇଯିବ। ଅକ୍ଟୋବର ୨୩ରେ ଦିଲ୍ଲୀ ପର୍ଯ୍ୟାୟ ଶେଷ ହେବା ପରେ ୫ମରୁ ୮ମ ସ୍ଥାନରେ ରହିଥିବା ଦଳକୁ ତିଷ୍ଠିରହିବା ଲାଗି ମୁକାବିଲାର ସାମ୍‌ନା କରିବାକୁ ପଡ଼ିବ। ଏଥିରୁ ବିଜେତା ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ଅକ୍ଟୋବର ୨୬ରୁ ୨୯ ପ୍ଲେ-ଅଫ୍ ଖେଳାଯିବାକୁ ଥିବା ବେଳେ ଗ୍ରାଣ୍ଡ ଫିନାଲେ ଅକ୍ଟୋବର ୩୧ରେ ଅନୁଷ୍ଠିତ ହେବ।

# ବେଦାନ୍ତ ଲାଞ୍ଜିଗଡ଼ ତୀରନ୍ଦାଜ୍‌ଙ୍କ ସଫଳତା




ସଫଳତା ହାସଲ କରିଥିବା ତୀରନ୍ଦାଜ୍‌ମାନେ।

**ଭୁବନେଶ୍ୱର, ୧୦।୧୦(ବିଜୟ ରଣା)**

ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡ଼ା ତାଲିମ କେନ୍ଦ୍ରର ତୀରନ୍ଦାଜ୍‌ମାନେ ଓଡ଼ିଶା ସ୍କୁଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଅପୂର୍ବ ସଫଳତା ହାସଲ କରିଛନ୍ତି। ସୁନ୍ଦରଗଡ଼ରେ ଭାରତୀୟ ବିଦ୍ୟାଳୟ କ୍ରୀଡ଼ା ମହାସଂଘ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ କଳାହାଣ୍ଡି ଜିଲାର ତୀରନ୍ଦାଜ୍‌ମାନେ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହିତ ସେମାନେ ଦଳଗତ ଚାମ୍ପିୟନ ହୋଇପାରିଛନ୍ତି। ଏହି ସଫଳତାକୁ ନେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରୁ ଆରମ୍ଭ ହୋଇଥିବା ବେଦାନ୍ତ ତାଲିମ କେନ୍ଦ୍ରରେ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ ଉଚ୍ଚକୋଟୀର ତାଲିମ ପ୍ରଦାନ କରାଯାଇଆସୁଛି। ଗତବର୍ଷ ଏହି ତାଲିମ୍ କେନ୍ଦ୍ରର ପ୍ରତିଯୋଗୀମାନେ ରାଜ୍ୟ ଓ ଜାତୀୟ ସ୍ତରରେ ୫୦ରୁ ଅଧିକ ପଦକ ଜିତିବାରେ ସଫଳ ହୋଇଛନ୍ତି।

# ସଙ୍ଗୀତ ଓ ସୃଜନର ରସକେଳି: ପ୍ରକ୍ରମ-ପଦ୍ୟାବଳୀ

**ଅତୀତର ବହି**



**ଫଣୀନ୍ଦ୍ର ଭୂଷଣ ନନ୍ଦ**

ଚିକିଟି ରାଜବଂଶର ରାଜାମାନେ ଓଡ଼ିଆ ସାହିତ୍ୟକୁ ନାନା ଭାବେ ସମୃଦ୍ଧ କରିଛନ୍ତି। ରାଧାମୋହନଙ୍କ ପିତା କିଶୋରଚନ୍ଦ୍ର ରାଜେନ୍ଦ୍ରଦେବ ବିଦଗ୍ଧ ମାଧବ ନାଟକ, ରାଧାପ୍ରେମ ଲୀଳା, ରଘୁନାଥ ବିଳାସ ପ୍ରଭୃତିର ରଚୟିତା। କିଶୋରଚନ୍ଦ୍ରଙ୍କ ଭାଇ ପୀତାମ୍ବର ଭ୍ରମରବର ଜାନକୀ ବିଳାପ କାବ୍ୟ ରଚନା କରିଛନ୍ତି। ରାଧାମୋହନ ଅନେକ ନାଟକ ଓ କାବ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରିଛନ୍ତି। ପ୍ରେମତରଙ୍ଗ (୧୯୧୦), ପରିମଳା ସହ ଗମନ (୧୯୧୨), ପ୍ରକୃତି ରହସ୍ୟ (୧୯୧୪), ପ୍ରକୃତ ପ୍ରଣୟ ନାଟକ (୧୯୧୫), ପାଞ୍ଚାଳି ପଟାପହରଣ (୧୯୧୬), ପ୍ରତାପ ନାଟକ (୧୯୧୬), ପାଣ୍ଡବ ବନବାସ (୧୯୨୧) ପ୍ରଭୃତି ନାଟକ ଲେଖି ସ୍ୱପ୍ରତିଷ୍ଠିତ ଚିକିଟି ରଙ୍ଗମଞ୍ଚରେ ମଞ୍ଚସ୍ଥ କରିଛନ୍ତି। ତାଙ୍କର କାବ୍ୟଗୁଡ଼ିକ ହେଲା- ପ୍ରେମମଞ୍ଜରୀ (୧୯୧୩), ପ୍ରକ୍ରମ-ପଦ୍ୟାବଳୀ (୧୯୧୫), ପ୍ରକୃତି ବର୍ଣ୍ଣନା (୧୯୨୧)। 'ପ୍ରେମମଞ୍ଜରୀ' କାବ୍ୟରେ ଚିକିଟି ରାଜବଂଶ ତଥା ତାଙ୍କର ପରିଚୟ ପ୍ରଦାନ କରାଯାଇଛି। ପ୍ରକ୍ରମ-ପଦ୍ୟାବଳୀ ଏକ ଉଚ୍ଚକୋଟୀର କବିତା ସଂକଳନ। ପ୍ରକ୍ରମ ବା ଆରମ୍ଭ ସମୟର କବିତାଗୁଡ଼ିକ ଏଥିରେ ସଂକଳିତ ହୋଇଥିବାରୁ କବି ଏହାର ନାମ ପ୍ରକ୍ରମ-ପଦ୍ୟାବଳୀ ରଖିଛନ୍ତି। ରାଧାମୋହନଙ୍କ ଅନୁଜ ଛବିମୋହନ ଥାଟରାଜା ବଡ଼ଭାଇଙ୍କ ସାହାଯ୍ୟକ୍ରମେ ଚିକିଟିରେ ରଙ୍ଗମଞ୍ଚ ପ୍ରତିଷ୍ଠା କରିଥିଲେ। ଏହି ରଙ୍ଗମଞ୍ଚରେ ରାଧାମୋହନଙ୍କ ନାଟକଗୁଡ଼ିକ ପ୍ରଦର୍ଶିତ ହୋଇଥିଲା।

ପ୍ରକ୍ରମ-ପଦ୍ୟାବଳୀରେ ୧୦୦ଟି ଗୀତ ସ୍ଥାନିତ। ଏହି ଗୀତଗୁଡ଼ିକ ମୁଖ୍ୟତଃ ଜାତୀୟତାମୂଳକ, ସ୍ତବ, ପ୍ରାର୍ଥନା ଏବଂ ପ୍ରେମମୂଳକ। ଗୀତଗୁଡ଼ିକ ପ୍ରାଚୀନ ଓ ଆଧୁନିକ ରାଗରାଗିଣୀରେ ରଚିତ। ମୁଖ୍ୟତଃ ଶ୍ରୀରାଗ, ସିନ୍ଧୁଖମାଚ, ଚଉତିଶା ବୃତ୍ତ, ସୁରଟ, କଲ୍ୟାଣୀ, ମୁଖାରୀ, ଭୋପାଳି, ବସନ୍ତ, କାଫି, ଆହାରୀ, ବାଳଶ୍ରୀ, ସାବେରୀ, କରଞ୍ଜ, ବଙ୍ଗଳାଶ୍ରୀ, ପୂରବୀ, କାମୋଦୀ, ଆଷାଢ଼ଶୁକ୍ଳ, ଶଙ୍କରାଭରଣ ଆଦି ରାଗରେ ଏ ସବୁ ରଚିତ। ରାଗ ଏବଂ ତାଳର ନିର୍ଦ୍ଦେଶ ପ୍ରତି ପଦ୍ୟରେ ରହିଛି। ସଙ୍ଗୀତଗୁଡ଼ିକରେ ସ୍ୱର ସଂଯୋଜନାର ମାର୍ଗ ପ୍ରଦର୍ଶିତ ହୋଇଛି। ଏଥିରେ ପଲ୍ଲବୀ, ଅନୁପଲ୍ଲବୀ, ମୁକ୍ତାଇଶ୍ୱର, ଉପପଲ୍ଲବୀ, ଚରଣ ଆଦିର ଯଥାଯଥ ସ୍ୱର ନିୟମ ପ୍ରଦତ୍ତ ହୋଇଛି। ସ୍ତବ ଓ ପ୍ରାର୍ଥନାଗୁଡ଼ିକ ପ୍ରାଚୀନ ଭଙ୍ଗୀୟ ରୀତି ଅନୁସରଣ କରେ। ଏହି ପଦ୍ୟାବଳୀରେ ହରି ସ୍ତବ ୬, ଦୁର୍ଗା ସ୍ତବ ୪, ଲକ୍ଷ୍ମୀ ଓ ଗଙ୍ଗା ସ୍ତବ ଗୋଟିଏ ଲେଖାଏଁ ସ୍ଥାନିତ। ମନସାନ୍ତ୍ୱନା ୭ଟି ପଦ୍ୟ, ଜାତୀୟ ସଙ୍ଗୀତ ୩, ପ୍ରାର୍ଥନା ପଦ୍ୟ ୩, ବିଧିଉପାଲମ୍ଭ ୩, ଋତୁବର୍ଣ୍ଣନା ୫, ସମୟବର୍ଣ୍ଣନା ୮, ଦୂତୀପ୍ରତି ନାୟକ ୭, ଦୂତୀପ୍ରତି ନାୟିକା ୪, ନାୟିକାପ୍ରତି ସଖୀ ୪, ବିଦେଶାନୁଚିନ୍ତା ୭, ପ୍ରେମପତ୍ର ୨, ଅନୁଚିନ୍ତା ୮, ଅନୁନୟ ୧୮, ନାୟକପ୍ରତି ନାୟିକା ୨, ଶୋକୋଚ୍ଛ୍ୱାସ ୧, ସ୍ୱପ୍ନ ୧, ମୃତ୍ୟୁ ୧, ସତ୍ୟ ୧, ଶାନ୍ତି ୧ ଓ ମଙ୍ଗଳ ୧ଗୋଟି ପଦ୍ୟ ସ୍ଥାନିତ।

କବି ପୁସ୍ତକର ମୁଖବନ୍ଧ (ବିଜ୍ଞାପନ)ରେ ସ୍ୱୀକାର କରିଛନ୍ତି, "ଏଥିରେ କେତେକ କବିତା ଶୃଙ୍ଗାର ରସବିଶିଷ୍ଟ ହୋଇଥିବାରୁ ସମ୍ଭବତଃ ଆଧୁନିକ ଦୃଷ୍ଟିରେ ଅନାସ୍ଥାଯୋଗ୍ୟ ହୋଇପାରେ। କିନ୍ତୁ ବିଶେଷ ଚିନ୍ତା ଓ ଆଲୋଚନାରହିତ ବୟସପ୍ରସୂତ ଏହି କବିତାଗୁଡ଼ିକୁ ଇଦାନୀନ୍ତନ ରୁଚିରେ ପରିଶୋଭିତ ଓ ପରିବର୍ଦ୍ଧିତ କରି ନ ପାରି ଅବିକଳ ପ୍ରକାଶିତ କରିବା ଅଭିଳାଷକୁ ଜୟ କରିପାରି ନାହିଁ ଏବଂ ଯେଉଁମାନଙ୍କ ପକ୍ଷେ ଶୃଙ୍ଗାର ଏକାନ୍ତ ବର୍ଜନୀୟ, ସେମାନଙ୍କର କଥଞ୍ଚିତ୍ କୌତୁକ ନିବୃତ୍ତି ନିମନ୍ତେ ଅନ୍ୟାନ୍ୟ ରସାଶ୍ରୟ କବିତା ସନ୍ନିବେଶିତ କରିଅଛି।" ଏହି ସଙ୍କଳନର ନାୟକ-ନାୟିକା ସମ୍ପର୍କିତ କବିତାଗୁଡ଼ିକରେ ଶୃଙ୍ଗାର ରସର ପ୍ରାବଲ୍ୟ ଦେଖିବାକୁ ମିଳେ। କିନ୍ତୁ ଜାତୀୟ ସଙ୍ଗୀତ, ସମୟବର୍ଣ୍ଣନ, ସ୍ୱପ୍ନ, ମୃତ୍ୟୁ ଓ ସତ୍ୟ ପ୍ରଭୃତି କବିତାରେ କବିଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା ଓ ଦାର୍ଶନିକ ଭାବର ଉନ୍ମେଷ ଘଟିଛି। ଶୋକୋଚ୍ଛ୍ୱାସ କବିତାଟି ନିଜର ପ୍ରଥମା ପତ୍ନୀଙ୍କ ବିୟୋଗରେ ରଚିତ ଏକ ଗଭୀର ଶୋକାତ୍ମକ କବିତା। ଜାତୀୟ ସଙ୍ଗୀତଗୁଡ଼ିକ ଆଧୁନିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରେକ୍ଷାପଟରେ ରଚିତ ହୋଇ ଜାତୀୟତାବୋଧ ଉଦ୍ରେକ କରିବାରେ ସମର୍ଥ ହୋଇଛି। ସେଥିରୁ ଗୋଟିଏ ପଦ ଏଠି ଉଦ୍ଧାର କରାଯାଇ ପାରେ – "ଚେତି ଲେଣି ଦେଶ ସକଳ।/ ଏତିକି ବେଳେ କିପାଇଁ ଜଡ଼ ଉତ୍କଳ।/ x x x / ଉଠ ଉଠ ପ୍ରିୟ ଭାଇ/ ମଠ କଲେ କ୍ଷେମ ନାହିଁ/ ଶଠପଣ ନ ଦେଖାଇ ପୌରୁଷ ପାଳ।/ ଗତ ଗୌରବକୁ ସ୍ମର/ ଚିତ୍ତ ଦୃଢ଼ତର କର/ ହିତ ଭାଷେ ରାଜସୁରବର ଏକାଳ।" ଋତୁ ବର୍ଣ୍ଣନା ସମୟରେ ସେ ଋତୁରାଜକୁ ଇଂରେଜ ସମ୍ରାଟ୍‌ଙ୍କ ସହିତ ତୁଳନା କରିଛନ୍ତି। ତାଙ୍କ ଭାଷାରେ- "ମଧୁ ଋତୁରାଜ ଭାରତ ସମ୍ରାଟ ସଦୃଶ ହେଲା ଆଗତ।"





ରାଜକବି ମୃତ୍ୟୁ, ସତ୍ୟ ଓ ଶାନ୍ତି ସମ୍ପର୍କରେ ବିଭିନ୍ନ ପଦ୍ୟ ରଚନା କରି ମାନବୀୟ ରସଚେତନାକୁ ପ୍ରାଣବନ୍ତ କରିଛନ୍ତି। ମୃତ୍ୟୁ ସମ୍ପର୍କରେ ତାଙ୍କର ବକ୍ତବ୍ୟ ବେଶ୍ ଆକର୍ଷଣୀୟ। "ହେ ପ୍ରିୟ ମୃତ୍ୟୁ ଆସ/ ଆସ ମୋହର ପାଶ/ ଘେନି ବିନୟ ନିମନ୍ତ୍ରଣ।/ ତବ କରୁଣା ବିନା/ ବହୁ କଷ୍ଟ ଅଧୁନା/ ଭୋଗୁଛି କର ଉଦ୍ଧରଣ ହେ। ମିତ୍ରବର!"





ରାଧାମୋହନ ରାଜେନ୍ଦ୍ର କାୟମନୋବାକ୍ୟରେ ଜଣେ କବି ଓ ସାଧକ ଥିଲେ। ୧୯୨୩ରେ ନିଜର ଜ୍ୟେଷ୍ଠପୁତ୍ର ଗୌରଚନ୍ଦ୍ର ରାଜେନ୍ଦ୍ରଙ୍କୁ ରାଜ୍ୟଭାର ଅର୍ପଣ କରି ବାନପ୍ରସ୍ଥ ଗ୍ରହଣ କରିଥିଲେ। ଏହି ସମୟରେ ସେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚିନ୍ତା ସମ୍ବଳିତ ପରମାର୍ଥ ପୟୋଧି ଓ ଯୋଗବଶିଷ୍ଠ ରାମାୟଣର ଅନୁବାଦ କରିଥିଲେ। ରାଧାମୋହନଙ୍କ ପ୍ରକ୍ରମ-ପଦ୍ୟାବଳୀ ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ ସଙ୍ଗୀତ ପୁସ୍ତକ। ଏହି ପଦ୍ୟଗୁଡ଼ିକର ରଚନା ପାଇଁ ସେ ପଣ୍ଡିତ ଗଦାଧର ବିଦ୍ୟାଭୂଷଣ ଓ ସଦାଶିବ ବିଦ୍ୟାଭୂଷଣଙ୍କର ସାହାଯ୍ୟ ଗ୍ରହଣ କରିଥିଲେ। ଏହି ପଦ୍ୟାବଳୀରେ ତାଙ୍କ ଓଡ଼ିଆ ଭାଷାର ସାର୍ଥକ ପ୍ରୟୋଗ, ଅଳଙ୍କାର ଓ ସଙ୍ଗୀତ ଜ୍ଞାନର ଅପରୂପ ଦୃଷ୍ଟାନ୍ତ ପରିଦୃଷ୍ଟ ହୋଇଥାଏ।

୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬

**କାଳକାଳକୁ**

"ସଂଗୀତ ବ୍ୟତିରେକେ ଜୀବନ ଏକ ଭ୍ରାନ୍ତି"
– ଫ୍ରେଡ୍‌ରିକ୍ ନୀତ୍‌ସେ



**ଫ୍ରେଡ୍‌ରିକ୍ ନୀତ୍‌ସେଙ୍କ** ଜନ୍ମ ୧୫ ଅକ୍ଟୋବର ୧୮୪୪ରେ ଓ ପରଲୋକ ୨୫ ଅଗଷ୍ଟ ୧୯୦୦ରେ। ବିଶ୍ୱବିଖ୍ୟାତ ଏହି ଜର୍ମାନ୍ ଦାର୍ଶନିକ ଓ ସଂସ୍କୃତି-ସମୀକ୍ଷକଙ୍କ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ବାର୍ଥ ଅଫ୍ ଟ୍ରାଜେଡି'(୧୮୭୨), 'ଦ ଗେ ସାଇନ୍ସ'(୧୮୮୨), 'ଦସ୍ ସ୍ପୋକ୍ ଜରାଥୁଷ୍ଟ୍ର'(୧୮୮୩-୧୮୮୫), 'ବିଓଣ୍ଡ୍ ଗୁଡ୍ ଆଣ୍ଡ ଇଭିଲ୍'(୧୮୮୬) ଓ 'ଅନ୍ ଦ ଜେନିଏଲୋଜି ଅଫ୍ ମୋରାଲ୍‌ସ'(୧୮୮୭)। 'ଈଶ୍ୱରଙ୍କ ମୃତ୍ୟୁ' ଭଳି ଉଦ୍‌ଘୋଷଣା ଦ୍ୱାରା ସେ ପାଶ୍ଚାତ୍ୟର ପାରମ୍ପରିକ ଦର୍ଶନ ଓ ନୈତିକତାରେ ଆଲୋଡ଼ନ ସୃଷ୍ଟି କରିଥିଲେ। ନୀତ୍‌ସେ କହନ୍ତି: "ଜୀବନ ବଞ୍ଚିବା ମାନେ ଦୁଃଖ ଭୋଗିବା, ଜୀବନରେ ତିଷ୍ଠି ରହିବା ମାନେ ଦୁଃଖ ଭୋଗ ଭିତରେ ଜୀବନର କିଛି ଅର୍ଥ ଖୋଜି ପାଇବା।"

**କବିତା**

## ଇତର

**ରଶ୍ମିରଞ୍ଜନ ରାଉତ**

ମଥା ଉପର ଛତା ପାଲଟିଥିବା ଲୋକଟା
କେମିତି ଅଛୁଆଁ ହେବ ଯେ ?
ଯାହାଙ୍କ ପାଇଁ ସୁରୁଖୁରୁ ଗୁଜୁରାଣ
ଆମ କ୍ଷେତ ପାଇଁ, ଭେକ ପାଇଁ
ଯିଏ ଲହୁଲୁହାଣ
କେମିତି ସେ ଅଛବ, ଅସ୍ପୃଶ୍ୟ ଜନ ?

ଦିନେ ଆମ ଭିତରୁ କିଏ ଗଢ଼ିଦେଇଥିଲା
ଏ ଅହଂକାରର ଇନ୍ଦ୍ରପ୍ରସ୍ଥ
ଏବେ ବି ସେମିତି ଶାଣଦିଆ
ଛୁରିପରି କରୁଛି ଚକ୍‌ଚକ୍
ଖସିନି କାନ୍ଥରୁ ଚୂନ, ଛତିରୁ ଧ୍ୱଜା
ଦେଖ ପୂର୍ବପୁରୁଷ ?
ଏବେ ବି ମଣିଷ ଅନ୍ଧାରରେ
ଅଣ୍ଡାଳୁଛି ଜୀବନ ଯାତକ।

ଆପଣ ତ ବାରଣ କଲେ ସେମାନଙ୍କୁ
ଦିଅଁ, ଦେବତା, ଦେଇପିଣ୍ଡି ଓ ଈଶାଣ
ଯାହା ଶିଖିଲେ ପିଲାମାନେ...
ଏବେ କହୁଛନ୍ତି ସେମାନେ ଛୁଇଁଦେଲେ କୁଆଡ଼େ
ମାରା ହେଇଯିବ ବସ୍ତ୍ର, ମନ୍ତ୍ର,
ନୈବେଦ୍ୟ ଓ ପୂଜାପାଠ

ପିଣ୍ଡ ପାଇବେନି ପିତୃପୁରୁଷ
ସତରେ, ପଥର ପାଲଟିଥିବା ଆଖି କି
ଦେଖିପାରେ
କୋଉ ସବୁଜ ଅରଣ୍ୟର ସ୍ୱପ୍ନ
ତା' ପାଇଁ ସବୁ ତ ଧୂମାର୍ତ୍ତ।

ହେ ମହାଜନ !
ଏଠି ଦାସିଆ, ସାରିଆ ଓ ସାଲବେଗଙ୍କ ପାଇଁ
ଅଟକିଛି ରଥ ନୁହଁ ସେ ଇତର ?
ଆମେ ଯାହା ଗଢ଼ିଲୁ ଖାଲି ଭେଦର ପ୍ରାଚୀର
କିଏ ଦଳିତ, କିଏ ଶାସକ, କିଏ ପାମର
ମଣିଷ ମଣିଷ ସମାନ
ବଡ଼ଦାଣ୍ଡେ ଦୁଇହାତ ଟେକିଦେଲେ
ରଥ ଉପରୁ କରୁଣା କରନ୍ତି କଳାଠାକୁର।

ଅଥଚ ତମେ ତାଙ୍କୁ ଦେଖି ଟେକୁଛ ନାକ ?
ଏଠି ଘୁଷୁରି ଯୋନିରେ ବି ମହାପ୍ରଭୁଙ୍କ ଜନ୍ମ
କୁହ... କୁହ... ?
ତୃତୀୟ ଅବତାରର ସେ ମହାମହିମ ରୂପ
ପାରିବ ତ ପଚାର ତାଙ୍କୁ
କେମିତି ହେଇପାରିଲେ ଏତେ ନିକୃଷ୍ଟ ?

୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ
ମୋ: ୭୮୦୯୦୩୭୬୦୮

**ଗୀତି-କବିତା**

## ଆଶାବରୀ

**ଛବିରାଣୀ ପତି**

ତମେ ପରା ଦିନେ ରାଣ ଦେଇ ମତେ
କହିଥିଲ କାନେ ଥିରି,
ଜୀବନଟା ସାରା ଶୁଣାଇବ ବୋଲି
ମିଳନର ଆଶାବରୀ ॥
କେତେ ରାତି ଆମ ବିତି ତ ଯାଇଛି
ମିଠା ସପନରେ ହଜି,
ନିରୋଳା ଲଗନେ ମିଳନ ମଗନେ
ଜହ୍ନ ଜୋଛନାରେ ଭିଜି,
ମନେପଡ଼ିଗଲେ ଆଜି ସେଇ କଥା
ଦେହ ହୁଏ ଶିରି ଶିରି ॥
ତାରାମେଳେ ଜହ୍ନ ଲୁଚିକି ଦେଖିଛି
ଆମ ଚୋରା ଅଭିସାର,
ପ୍ରଣୟ ବିଭୋରେ ସେ ବେଳ ଆମର
କାହାକୁ ନ ଥିଲା ଡର,
ହଜିଲା ଦିନର ଅପାସୋରା ସ୍ମୃତି
କେମିତି ଦେଲ ପାସୋରି ॥
ତୁମେ କୁହ ସାଥୀ ଭୁଲ କିବା ଥିଲା
ତୁମକୁ ମୁଁ ଭଲପାଇ,
ନିଆରା ପ୍ରେମକୁ ଯେତେ ଚାହିଁଲେ ବି
ଭୁଲି କି ପାରିଛି କେହି,
ଏବେ ବି ଚାହିଁଛି ତମରି ପଥକୁ
ଆସିବ କି ସତେ ଫେରି ॥

ମୋ: ୯୩୩୭୯୬୦୦୬୦

**ଲଘୁ ଗଳ୍ପ**

# ଏରୁଣ୍ଡି

**ପ୍ରତାପ ବିଶ୍ୱାଳ**

ଘରର ମୁଖ୍ୟ ଦ୍ୱାରର ଏରୁଣ୍ଡିବନ୍ଧକୁ ଡେଉଁଡେଉଁ ଅଟକିଗଲା ସେ। ଆପେଆପେ ଫେରିଆସିଲା ପଛକୁ ପାଦ। ଏରୁଣ୍ଡିବନ୍ଧକୁ ଚାହିଁଲା। ଏରୁଣ୍ଡିବନ୍ଧ ତ ନୁହେଁ, ଲକ୍ଷ୍ମଣରେଖା। କିଏ ଯେପରି କହୁଥିଲା- ଥରେ ଡେଇଁଗଲେ ଆଉ ଏ ଘର ତୋର ହୋଇ ରହିବ ନାହିଁ। ପରଘରୀ ହୋଇଥିଲୁ, ଏବେ ବାରଘରୀ ହୋଇଯିବୁ।

ଆଖିରେ ଆଖିଏ ଲୁହ, ମନରେ ଭରା କୋହ, ଅବସୋସ। ଘର ନା ଇଏ ଯମପୁର। ମୋ' ଘର ବୋଲି ଯେଉଁ ସ୍ୱପ୍ନ ନେଇ ସେ ବାପଘର ଛାଡ଼ିଥିଲା ଏବେ ସେ ରାତିର ସ୍ୱପ୍ନ ସବୁ ସକାଳ ହେଲାରୁ ଲାଗୁଛି ଯେପରି ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସାମ୍ନା କରିବା ଭିତରେ ଆକାଶ ପାତାଳ ତଫାତ୍।

ସମସ୍ତଙ୍କ କଥା ଛାଡ଼। ସ୍ୱାମୀଟା ଭଲ ମଣିଷ ହୋଇଥାନ୍ତା ! ଦେହ ଦାହ ଛଡ଼ା ସ୍ୱାମୀ ଆଉ କେଉଁଥିରେ ସାଥ୍ ଦେବାର ନୁହେଁ। କାହାକୁ କହିହେଉଛି ନା ସହିହେଉଛି। ଶାଶୁ, ଶ୍ୱଶୁର, ନଣନ୍ଦ ସମସ୍ତେ ଏକୁଆରେକ ବଳି। ଦିନ ରାତି ଗଧ ପରି ଖଟିଲେ ବି ଆହାଃ ପଦେ କାନରେ ବାଜେନି। ସ୍ୱାମୀକୁ କହିଲେ କହିବେ: ଘର କରିଥିଲେ ପଥର ପଡ଼ିଲେ ସହି।

ସହି ସହି ତିନି ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ତଥାପି ସେ ଚୁପ୍। କିନ୍ତୁ ସହିବାର ତ ଗୋଟାଏ ସୀମା ଅଛି! ତୁମ ପୁଅ ଚାକିରି କରିବ, ତୁମକୁ ପୋଷିବ। ସେଥିପାଇଁ ଶ୍ୱଶୁର ଘର କାହିଁକି ସାହାଯ୍ୟ କରିବେ। ହଁ, କରନ୍ତେ- ସେମିତି ଥିଲାବାଲା ହୋଇଥିଲେ ସିନା!

ସେ ତା' ବାଁ ହାତକୁ ଚାହିଁଲା। ଏବେ ମାଡ଼ର ଦାଗ ତା' ଗୋରା ଚମରେ ଲାଲ ଦେଖାଯାଉଛି। ଲୁହ ଦୁଇଟୋପା ଗଡ଼ିଆସିଲା ଆଖିରୁ।

ଟଙ୍କା ପାଇଁ ମଣିଷ କେତେ ନୃଶଂସ ହୋଇପାରେ ସତରେ!

ନା, ସେ ଯିବ ଏରୁଣ୍ଡି ଡେଇଁ। କିନ୍ତୁ ତା'ପରେ? କେତେଦିନ ସେ ଯାଇ ବାପଘରେ ରହିପାରିବ? ମାଟ୍ରିକ୍‌ଟା ଯଦି ପାସ୍ କରିଥାନ୍ତା ସେତେବେଳେ...

ନିଜକୁ ବୁଝାଇ ହେଉ ନ ଥିଲା କି ନିଜେ କିଛି ବୁଝି ପାରୁ ନ ଥିଲା।

କେଉଁ ରାସ୍ତା ବାଛିବ ସେ ଏ ସ୍ଥିତିରେ। ଭାବୁଥିଲା ଏ ନାରୀ ଜନ୍ମ ସତରେ କ'ଣ ଏମିତି ହିନିମାନିଆ ଜୀବନ ନେଇ ବଞ୍ଚିବା ! ଏ କୂଳରେ ବାଘ ସେ କୂଳରେ ନିଆଁ।

ଆତ୍ମହତ୍ୟା ମହାପାପ ବୋଲି ସେ ଶୁଣିଛି। କିନ୍ତୁ ପାପକୁ ଡରିଲାବେଳେ ତାକୁ ଯଦି ମାରି ଦିଆଯାଏ ! ମରିବାର ତରିକା କେବଳ ବଦଳିଯିବ ସିନା। ମରିବା ଓ ମାରିଦେବା ଯଦିଓ ଏକାକଥା ନୁହେଁ, ପରିଣତି ତ ସେଇ ପୂର୍ଣ୍ଣଚ୍ଛେଦ। ପାପର ସଂଜ୍ଞା ସେ ଖୋଜୁଥିଲା। ନାରୀ ଜନ୍ମରେ ପାପ ବଡ଼ ନା ନାରୀ ଜୀବନରୁ ମୁକ୍ତି ବଡ଼। ଯଦି ଏରୁଣ୍ଡି ତା'ପରେ... ? ଅନ୍ଧାର ସବୁଦିନେ ନଥାଏ ନା। ଅମାବାସ୍ୟା ପରେ ଜହ୍ନ ଅନ୍ଧାର ଚିରି ଆସେ। ଆତ୍ମହତ୍ୟା ନୁହେଁ, ଡେଇଁଯିବ ସେ ଏରୁଣ୍ଡି। କିଏ ଦେଖିଛି କାହାର ଭାଗ୍ୟ କି ଭବିଷ୍ୟତ।



ମୋ: ୯୪୩୭୭୪୫୯୮୩

# ପୂଜା ପତ୍ରିକା - ୨୦୨୫

## ଅକ୍ଷାଂଶ



**ସମ୍ପାଦକ: ହରିଶ୍ଚନ୍ଦ୍ର ବେହେରା**
**ଏ-ଫୋର୍ ସାଇଜ୍, ପୃ:୩୪୦, ମୂଲ୍ୟ: ଟ.୨୫୦/-**

ପତ୍ରିକାରେ ପ୍ରବନ୍ଧ, ଗଳ୍ପ, କବିତାର ପର୍ବ-୧ ଓ ପର୍ବ-୨ରେ ବହୁ ବିଶିଷ୍ଟ ଓ ତରୁଣ ଲେଖିକାଲେଖକଙ୍କର ରଚନା ସ୍ଥାନିତ। କବିତାରେ ସ୍ୱକୀୟ ସୃଜନର ଅବଦାନ ଦେଇଛନ୍ତି ଫନୀ ମହାନ୍ତି, ନିତ୍ୟାନନ୍ଦ ନାୟକ, ମମତା ଦାଶ, ଆଶୁତୋଷ ପରିଡ଼ା, ସଦାଶିବ ଦାଶ, ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ଅପର୍ଣ୍ଣା ମହାନ୍ତି, ବୀଣାପାଣି ପଣ୍ଡା, ଭଗବାନ ଜୟସିଂହ, ସାବିତ୍ରୀ କବି ଓ ଶଶଧର ଦାସ ପ୍ରମୁଖ ; ଗଳ୍ପରେ ଅଛନ୍ତି ବିଷ୍ଣୁ ସାହୁ, ମୌସୁମୀ ପରିଡ଼ା, କବିତା ବାରିକ ଓ ଲିପ୍‌ସା ପଟେଲ ଏବଂ ପ୍ରବନ୍ଧରେ ଅଛନ୍ତି ଆଦିକନ୍ଦ ସାହୁ, ଦୁର୍ଯ୍ୟୋଧନ ଦାସ ଓ ନିଖିଳାନନ୍ଦ ପାଣିଗ୍ରାହୀ। ଏତଦ୍‌ଭିନ୍ନ ଭ୍ରମଣ ବୃତ୍ତାନ୍ତ, ଅନୂଦିତ ଗଳ୍ପ, କବିତା ପତ୍ରିକାରେ ସଂଯୋଜିତ। ମନୋଜ ମେହେର ଲେଖିଛନ୍ତି ଗଦ୍ୟ କବିତା। ପ୍ରତିବର୍ଷ ପରି ସମ୍ପାଦକ ବେହେରା ଜଣେ ବିଶିଷ୍ଟ କବିଙ୍କୁ ପ୍ରସଙ୍ଗ କରି ଓଡ଼ିଆ କବିତାର ବିଶ୍ଳେଷଣ କରିଛନ୍ତି। ଏଥର ଅଛନ୍ତି ଶାର୍ଲ ବୋଦଲେୟାର।

## ବିଶ୍ୱମୁକ୍ତି



**ସମ୍ପାଦକ: ସୁଧୀର ମଉଡ଼ମଣି**
**ଏ-ଫୋର୍ ସାଇଜ୍, ପୃ:୨୧୬, ମୂଲ୍ୟ: ଟ.୧୨୦/-**

ପତ୍ରିକାର ସମ୍ପାଦକୀୟ ଲେଖିଛନ୍ତି ପ୍ରତିଷ୍ଠାତା ସମ୍ପାଦକ ଶଶାଙ୍କ ଚୂଡ଼ାମଣି- ବିଷୟ 'ନାରୀ: ସର୍ବତ୍ର ଅରି'। ଓଡ଼ିଶାରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା, ନାରୀ ଆତ୍ମଦହନ ଓ ଦୁଷ୍କର୍ମର ପ୍ରେକ୍ଷାପଟରେ ଏହି ସମ୍ପାଦକୀୟ ପ୍ରାସଙ୍ଗିକ ହୋଇଛି। ପ୍ରବନ୍ଧ, ଗପ, ଅନୁବାଦ, ଫିଚର, ଉପନ୍ୟାସ, ବ୍ୟକ୍ତିତ୍ୱ ଓ ଅସୀମ ଓଡ଼ିଶା ଆଦି ବିଭାଗରେ ପତ୍ରିକାଟି ସମୃଦ୍ଧ। କବିତା ଲେଖିଛନ୍ତି ପ୍ରସନ୍ନ ପାଟଶାଣୀ, ଅଶ୍ୱିନୀ କୁମାର ମିଶ୍ର, ହୃଷୀକେଶ ମଲ୍ଲିକ, ମନୋରମା ବିଶ୍ୱାଳ ମହାପାତ୍ର, ରକ୍ଷକ ନାୟକ ଓ ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ ନବପ୍ରତିଭାଙ୍କ ସହିତ। ଗପ ଲେଖିଛନ୍ତି ସଦାନନ୍ଦ ତ୍ରିପାଠୀ, କବିତା ବାରିକ, ରମେଶ ପଟ୍ଟନାୟକ ଓ ଆଭାସ କୁମାର ବରାଳଙ୍କ ସମେତ ନୂଆ ପୁରୁଣା ବହୁ କଥାଶିଳ୍ପୀ। ପ୍ରବନ୍ଧରେ ସ୍ଥାନିତ ବିଜୟାନନ୍ଦ ସିଂହ, ସନ୍ତୋଷ ତ୍ରିପାଠୀ, ତ୍ରିନାଥ ପଟ୍ଟନାୟକ ଓ ବସନ୍ତ କୁମାର ପଣ୍ଡା। ପ୍ରଚ୍ଛଦ ପ୍ରତୀକାତ୍ମକ।

## ଅପୂର୍ବା



**ସମ୍ପାଦକ: କ୍ଷୀରୋଦ ଚନ୍ଦ୍ର ପତି**
**ଏ-ଫୋର୍ ସାଇଜ୍, ପୃ:୫୪୪, ମୂଲ୍ୟ: ଟ.୫୦୦/-**

କଳେବର ଦୃଷ୍ଟିରୁ ଅଧିକ ପୃଷ୍ଠା ବିଶିଷ୍ଟ ହୋଇ ପ୍ରକାଶ ପାଇଛି 'ଅପୂର୍ବା'। କାହାଣୀର ଶ୍ରୀବୃଦ୍ଧି ଘଟାଇଛନ୍ତି ବିଭୂତି ପଟ୍ଟନାୟକ, ନାରୁ ମହାନ୍ତି, ବିଷ୍ଣୁ ସାହୁ, ଜୟନ୍ତୀ ରଥ, ପରେଶ କୁମାର ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ପହି, ଗୋଲାପ ମଞ୍ଜରୀ କର, ଦ୍ୟୁତି ଚନ୍ଦ୍ର ସାହୁ ଓ ପଦ୍ମାଳୟା ସାମଲ ; କବିତାର ମାନ ବୃଦ୍ଧିରେ ଯୋଗଦେଇଛନ୍ତି ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ବଂଶୀଧର ଷଡ଼ଙ୍ଗୀ, ହୃଷୀକେଶ ମଲ୍ଲିକ, ପ୍ରସନ୍ନ କୁମାର ମହାନ୍ତି ଓ ଗାୟତ୍ରୀବାଳା ପଣ୍ଡା ; ପ୍ରବନ୍ଧରେ ଦୃଶ୍ୟମାନ ବାବାଜି ଚରଣ ପଟ୍ଟନାୟକ, ମଣୀନ୍ଦ୍ର କୁମାର ମେହେର। ଏଥିସହିତ ରହିଛି ଚର୍ଚ୍ଚିତ କାହାଣୀ 'ଶିଶୁ ଦିବସ'- ଲେଖିଛନ୍ତି ପାରମିତା ଶତପଥୀ। ଭ୍ରମଣ କାହାଣୀରେ ବିଜୟ କେତନ ପଟ୍ଟନାୟକ ବଖାଣିଛନ୍ତି ଦୁବାଇ ଭ୍ରମଣର କଥା। କ୍ଷୀରୋଦଙ୍କ ସମ୍ପାଦକୀୟ କବିତା 'ଶେଷଇଚ୍ଛା'ରେ ଧରାଦିଏ ମାନସିଂହ ଓ ବିନୋଦ ଚନ୍ଦ୍ର ନାୟକଙ୍କ କବିତାର ଡି.ଏନ୍.ଏ.।

## ନବଲିପି



**ସମ୍ପାଦକ: ଦେବବ୍ରତ ମଦନରାୟ**
**ଏ-ଫୋର୍ ସାଇଜ୍, ପୃ:୨୦୦, ମୂଲ୍ୟ: ଟ.୨୦୦/-**

କବି ନୃସିଂହ ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପତ୍ରିକାଟି ଲେଖା ପ୍ରକାଶନରେ ଗୁଣାତ୍ମକତା ସହ ସାଲିସ୍ କରିନାହିଁ। ସଂକ୍ଷିପ୍ତ ସମ୍ପାଦକୀୟ 'ଦୁର୍ଦ୍ଦଶାର ଦୁର୍ଗାପୂଜା'ରେ ତ୍ରିପାଠୀ ମହୋଦୟ ଲେଖିଛନ୍ତି: "x x ସୁନା ଦର ଆକାଶଛୁଆଁ। ନୂଆ ନୂଆ ଅଳଙ୍କାର ଶୋ-ରୁମ୍ ଖୋଲୁଚି ଓ କଳାଧନୀମାନଙ୍କର ଭିଡ଼ ଜମୁଛି। ଜନନାୟକଙ୍କର, ଦେଶ ଓ ପ୍ରଦେଶ-ଅଗ୍ରଗତିରେ ଧାଉଁଛି ବୋଲି, ବାହାସ୍ଫୋଟକୁ ଆମ ପରି ସାଧାରଣ ଜନତା- 'ହଁ ହୋଇଥିବ' କହି ଚୁପ୍ ହୋଇ ରହିବା ଛଡ଼ା ଚାରା ନାହିଁ।" ସମ୍ଭବତଃ ଏଥର ପୂଜା ପତ୍ରିକାରେ ପ୍ରକାଶ ପାଇଥିବା 'ସମ୍ପାଦକୀୟ'ଗୁଡ଼ିକ ମଧ୍ୟରେ 'ନବଲିପି'ର ସମ୍ପାଦକୀୟ ହିଁ ଦାୟବଦ୍ଧତାରେ ସର୍ବଶ୍ରେଷ୍ଠ। କବିତା ଓ ଗଳ୍ପରେ ସୁନିର୍ବାଚିତ କବିତା, ଗଳ୍ପ ସ୍ଥାନିତ ହେବା ସାଙ୍ଗକୁ ଲୋକକଥା, ଗୀତି-କବିତା ଓ ରମ୍ୟକଥାରେ ପତ୍ରିକାଟି ରୁଚିବନ୍ତ। ପ୍ରଚ୍ଛଦରେ ରହିଛି ଦୃଷ୍ଟିକୋଣର ଭିନ୍ନତା।

## ପଶ୍ଚିମା



**ସମ୍ପାଦକ: ଅଶୋକ ମହାନ୍ତି**
**ଏ-ଫୋର୍ ସାଇଜ୍, ପୃ:୬୧୨, ମୂଲ୍ୟ: ଟ.୩୫୦/-**

ମହାପୂଜା, ତେଣୁ ମହାକଳେବର ନେଇ ବଜାରକୁ ଆସିଛି 'ପଶ୍ଚିମା'। ୭୧ ଜଣ ଲେଖିଛନ୍ତି ଗଳ୍ପ, କବିତା ଲେଖିଛନ୍ତି ୧୧୨ ଜଣ, ଆଲୋଚନାରେ ୧୧ ଜଣ ଓ ଉପନ୍ୟାସ ଗୋଟିଏ- ଲେଖିଛନ୍ତି ସ୍ୱପ୍ନା ମିଶ୍ର। ଉପନ୍ୟାସର ଶୀର୍ଷକ 'ଗରାବନ୍ଧା'। ପ୍ରବୀଣ ଲେଖିକାଲେଖକମାନେ ତ ପତ୍ରିକାର ପୁରୋଭାଗ ଦଖଲ କରିବା କଥା କରିଛନ୍ତି, ଯେପରି ହୁଏ ପ୍ରାୟ ଅଧିକାଂଶ ପତ୍ରିକାରେ ; ତେବେ ପଶ୍ଚିମାର ବିଶେଷତ୍ୱ ହେଉଛି ଗପ ଓ କବିତାରେ ନବୋଦିତ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବା। ଓଡ଼ିଆ ସାହିତ୍ୟର ବିଷୟ ଓ ଭାଷା ଏବେ କେଉଁ ଦିଗରେ ଗତି କରୁଛି, ପାଠକେ ଏସବୁ ଲେଖାରୁ ମନନର ତୁଳନାତ୍ମକ ଅବକାଶ ପାଇବେ। ଅପେକ୍ଷା ରହିଲା 'ପଶ୍ଚିମା'ର ସ୍ୱତନ୍ତ୍ର ପଡ଼କାଷ୍ଟ 'ଆଳାପ'କୁ, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

## ସାହିତ୍ୟ ଚର୍ଚ୍ଚା



**ସମ୍ପାଦକ: ନିହାର ରଞ୍ଜନ ଶତପଥୀ**
**କ୍ରାଉନ୍ ସାଇଜ୍, ପୃ:୭୨, ମୂଲ୍ୟ: ଟ.୫୦/-**

ଓଡ଼ିଆ ଭାଷାରେ ସାହିତ୍ୟର ପରମ୍ପରା ଓ ସାମ୍ପ୍ରତିକତାକୁ ନେଇ ଚର୍ଚ୍ଚାର ପରିସରଟିଏ ସୃଷ୍ଟି କରିଥିବା ଏହି ପତ୍ରିକା କଳେବରରେ ସୀମିତ ହେଲେ ବି ଦୃଷ୍ଟିକୋଣର ନୂତନତ୍ୱ ଓ ବିଷୟ ଚୟନ ତଥା ପରିବେଷଣର ଭିନ୍ନତା ଦୃଷ୍ଟିରୁ ପାଠକୀୟ ଉଦ୍‌ଗ୍ରୀବତାର ହେତୁ ହୋଇପାରିଛି। ସମ୍ପାଦକୀୟ 'ପୂଜାସଂଖ୍ୟାର ଯଥାର୍ଥତା' ଚିନ୍ତା ଉଦ୍ରେକକାରୀ। ୧୯୫୧ରେ ବଙ୍ଗଳା ପୂଜା ପତ୍ରିକା ଅନୁସରଣରେ 'ଆସନ୍ତାକାଲି' ଓଡ଼ିଆରେ ଆରମ୍ଭ କରିଥିବା ଏହି ପରମ୍ପରା ଆଜି କିପରି ଅପ୍ରାସଙ୍ଗିକ ଓ ଲକ୍ଷ୍ୟହୀନ, ତାହା ଆସନ୍ତାକାଲିର ଶେଷତମ ସମ୍ପାଦକ କାଳୀଚରଣ ଦାସଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଏକାଥରକେ ବିଜ୍ଞାପନ ବୁଭୁକ୍ଷୁ ଏକାଧିକ ପୂଜାପତ୍ରିକା ପ୍ରକାଶନ ଓଡ଼ିଆ ସାହିତ୍ୟର ଯେ କ୍ୱଚିତ୍ ଉତ୍ତରଣ ଘଟାଏ- ଏକଥା 'ସାହିତ୍ୟ ଚର୍ଚ୍ଚା'ର ସର୍ବେକ୍ଷଣ ପ୍ରତିପାଦିତ କରିଛି।

## ବନଫୁଲ



**ସମ୍ପାଦକ: ରତ୍ନାକର ନାୟକ**
**୧/୮ ଡିମାଇ ସାଇଜ୍, ପୃ:୩୨୦, ମୂଲ୍ୟ: ଟ.୨୦୦/-**

କାଳଜୟୀ କାହାଣୀରେ ସ୍ଥାନପାଇଛି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଗଳ୍ପ 'ପାଗଳ'। ଗଳ୍ପରେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କମଳିନୀ ମଲ୍ଲିକ, ତ୍ରିନାଥ ପଟ୍ଟନାୟକ ଏବଂ କବିତାରେ ଦେବେନ୍ଦ୍ର ବାଉରୀ, ଶରତ ଚନ୍ଦ୍ର ନାୟକ, ଶିଶିର ନାୟକ, ହିମାଂଶୁ ପରିଡ଼ା, ଶୁଭନାରାୟଣ ସ୍ୱାଇଁ, ଛବିରାଣୀ ପତି, ସୁଜିତ୍ କୁମାର ମିଶ୍ରଙ୍କ ସମେତ ବହୁ ପୁରୁଣା ଓ ନୂଆ ଲେଖିକାଲେଖକଙ୍କ ରଚନା ସମନ୍ୱିତ ହୋଇଛି। ପ୍ରତିବେଶୀ କାହାଣୀରେ ବିମଳ ମିତ୍ର(ବଙ୍ଗଳା)ଙ୍କ 'ଅସଲ ନକଲ' ଗଳ୍ପର ଅନୁବାଦ କରିଛନ୍ତି ଜୟକୃଷ୍ଣ ସାମଲ। ବିଜୟ କୁମାର ପ୍ରଧାନ ଅନୁବାଦ କରିଛନ୍ତି ଏକ ବୁନ୍ଦେଲୀ ଲୋକକଥା। ଆଲୋଚନାରେ ରହିଛନ୍ତି ଶରତ ଚନ୍ଦ୍ର ମହାପାତ୍ର, ସସ୍ମିତା କୁମାରୀ ପାତ୍ର ଓ ବିଜୟଲକ୍ଷ୍ମୀ ଦାଶ। ପ୍ରଚ୍ଛଦ ଓ ପୃଷ୍ଠାବିନ୍ୟାସରେ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ରୁଚି ବାରିହୋଇ ପଡ଼େ।

# ଜୟସ୍ୱାଲଙ୍କ ଶତକ: ଭାରତ ୩୧୮/୨

**ନୂଆଦିଲ୍ଲୀ, ୧୦।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ଯୁବ ଓପ୍‌ନର ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ଶତକ ଏବଂ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ବୃହତ୍ ସ୍କୋର ଦିଗରେ ଅଗ୍ରସର

## ଦ୍ୱିତୀୟ ଟେଷ୍ଟ

ହୋଇଛି। ପ୍ରଥମ ଦିବସ ଖେଳ ଶେଷବେଳକୁ ଭାରତ ୨ ଉଇକେଟ ହରାଇ ୩୧୮ ରନ୍ ସଂଗ୍ରହ କରିଛି। ଜୟସ୍ୱାଲ ୧୭୩ ଓ ଅଧିନାୟକ ଶୁବମନ ଗିଲ୍ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ପ୍ରଥମ ଟେଷ୍ଟ ଜିତି ଭାରତ ୨ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟସ୍ ଜିତି ବ୍ୟାଟିଂ ନେଇଥିଲା ଭାରତ। ଓପ୍‌ନିଂ ଯୋଡ଼ିରେ ୫୮ ରନ୍ ଯୋଗହେବାପରେ ବ୍ୟକ୍ତିଗତ ୩୮ ରନ୍‌କରି ଆଉଟ୍ ହୋଇଥିଲେ ଲୋକେଶ ରାହୁଲ। ଦ୍ୱିତୀୟ ଉଇକେଟରେ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କ ୧୯୩ ରନ୍‌ର ଭାଗୀଦାରି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲା। ସୁଦର୍ଶନ ୮୭ ରନ୍‌କରି ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜୟସ୍ୱାଲଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଗିଲ୍ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ତୃତୀୟ ଉଇକେଟରେ ୬୭ ରନ୍‌ର ଭାଗୀଦାରି ଗଢ଼ିଛନ୍ତି। କ୍ୟାରିୟରର ୭ମ ଟେଷ୍ଟ ଶତକ ହାସଲ କରିଥିବା ଜୟସ୍ୱାଲ ୨୫୩ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ୍ ମଧ୍ୟରେ ୨୨ ଚୌକା ମାରିଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଜୋମେଲ ୱାରିକାନ ୨ଟି ଯାକ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ୍: ୩୧୮/୨(ଯଶସ୍ୱୀ ଜୟସ୍ୱାଲ-୧୭୩*, ସାଇ ସୁଦର୍ଶନ-୮୭, ଲୋକେଶ ରାହୁଲ-୩୮, ଶୁବମନ ଗିଲ୍-୨୦*, ଜୋମେଲ ୱାରିକାନ-୨/୬୦)।



ଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

# ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

## ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ

ଶ୍ରୀଲଙ୍କାର କଲମ୍ବୋରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ମହିଳା ସିରିଜ୍ ଚଳିତ ମାସ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ(କିସ୍)ର ୩ ଜଣ ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ ଓ ତରୁଲତା ନାଏକ ଏବଂ ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ଦୁମୁନିଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଭାରତୀୟ ଦଳ ସହ ଓଡ଼ିଶା ଖେଳାଳିମାନେ କୋଲ୍‌କାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ସେପ୍ଟେମ୍ବର ୨୨ରୁ କୋଚିଂ ନେଇଆସୁଛନ୍ତି। ରଗ୍‌ବୀ ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଏହି କ୍ୟାମ୍ପ୍ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଦୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ ଓ ତରୁଲତା ନାଏକ।







Visit us in **BHUBANESWAR**: Near Z1 Apartments, Patia - SANJIB AUTOBIKES, 7483326989 | Near Kolathia Chack, Khandagiri - JMG AUTOMOBILES VIDA HUB, 8093180040 | Lewis Road - ARUNDHATI MOTO BIKES, 7428412997 | Near Fire Station Road, Paika Nagar - ROHAN AUTORIDERS, 9348288766 | Plot No.1, Laxmisagar, in front of Jatri Niwas - BHARAT MOTORS, 8144917904 | **JATNI**: Near Axis Bank, Main Road - VISHAL AUTOMOBILES, 7428420622 | **PURI**: S.C.S College Road - SANJIB AUTOBIKES, 7428480242 | **CUTTACK**: Sikharpur - ESSEN AUTOMOBILES, 7428418996 | Professor Pada Road, Cuttack - JMG AUTOMOBILES, 7428419930 | Kanika Chhak - SUNNY MOTORS, 7428416899 | **PURI**: S.C.S College Road - SANJIB AUTOBIKES, 7428480242 | **JAGATSINGHPUR**: Durga Bazar, near Indian Oil Petrol Pump - SUNNY AUTOBIKES, 9289233592 | **JAJPUR**: Dala Chhak, Jajpur Road – SOUMIK AUTOMOBILES, 8249691119 | **CHANDIKHOLE**: Plot No. 1925, Sunguda, Jajpur - SK Motors, 9348014043

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
51 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 11/2025 Page 20 ₹ 7.00
୫୧ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 315 ମୂଲ୍ୟ ₹୭/-

# ଯୁବକଙ୍କ ଦ୍ୱାରା ତଦନ୍ତ କରାଇ ଏସ୍‌ଆଇ ନିଲମ୍ବିତ

**କେତେଜଣଙ୍କ ପାଇଁ ପୋଲିସ ଚାକିରି ହେଉଛି ଅନୈତିକ ଉପାୟରେ ଅର୍ଥ ଉପାର୍ଜନର ଉତ୍ସ। ସେମାନେ ପାଠପଢ଼ା ଦୃଷ୍ଟିରୁ ଯୋଗ୍ୟ ନ ଥିଲେ ମଧ୍ୟ ନାନା ଜାଲିଆତି ଓ ଅର୍ଥ ବଳରେ ପୋଲିସରେ ନିଯୁକ୍ତି ପାଇପାରିଥାନ୍ତି। ଏଠାରେ ଉଦାହରଣ ଭାବେ ନିକଟରେ ଧରାପଡ଼ିଥିବା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରିକୁ ନିଆଯାଇପାରେ। ଏଭଳି ବ୍ୟକ୍ତିମାନେ ପୋଲିସର ବିଭିନ୍ନ ପଦବୀରେ କାର୍ଯ୍ୟ କଲାବେଳେ ଆଇନଶୃଙ୍ଖଳା ରକ୍ଷା ଓ ତଦନ୍ତକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଅର୍ଥ ରୋଜଗାର ପାଇଁ ନାନା ଦୁର୍ନୀତିରେ ବୁଡ଼ି ରହୁଥିବା ଖବର ମିଳୁଛି। ଭଦ୍ରକ ଜିଲାର ଜଣେ ଏସ୍‌ଆଇ ନିଜ କର୍ତ୍ତବ୍ୟରେ ରୁଚି ନ ରଖି ଅସାଧୁ ଉପାୟ ଅବଲମ୍ବନ କରିଥିବା ଯୋଗୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ସେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ କାର୍ତ୍ତିକ ଜେନା। ସେ ଏକ ମାମଲାର ତଦନ୍ତ ପାଇଁ ନିଜେ ନ ଯାଇ ଜଣେ ଯୁବକଙ୍କୁ ପଠାଇଥିବାରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।**

ଭଦ୍ରକ,୧୦।୧୦(ସନାତନ ରାଉତ)


ନିଲମ୍ବିତ ଏସ୍‌ଆଇ କାର୍ତ୍ତିକ ଜେନା

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କଲେଇ ପଞ୍ଚାୟତର ରଣିକରାଜ ଗ୍ରାମରେ ଜଣେ ମହିଳା ତାଙ୍କ ଶାଶୁଘର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ କାର୍ତ୍ତିକ ଜେନା ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଗୁରୁବାର ସେହି ଗ୍ରାମକୁ ନିଜେ ନ ଯାଇ ତାଙ୍କ ବାଇକ୍ ଦେଇ ଖପରପଦା ଗ୍ରାମର ପୀୟୂଷ ପଣ୍ଡା ନାମକ ଯୁବକଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ଅଭିଯୋଗକାରିଣୀ ମହିଳାଙ୍କୁ ଏହି ଯୁବକଙ୍କ ନମ୍ବର ମଧ୍ୟ ଦେଇଥିଲେ। ଯୁବକ ଜଣକ ସାଦା ପୋଷାକରେ ଅଭିଯୋଗକାରୀ ମହିଳାଙ୍କ ଘରେ ପହଞ୍ଚି ତାଙ୍କୁ ପଚରାଉଚରା କରିବା ସହ ପଡ଼ୋଶୀଙ୍କୁ ମଧ୍ୟ ଅଭିଯୋଗ ବାବଦରେ ପଚାରିଥିଲେ। ଫୋନ୍ ପେ'ରେ ୫ ହଜାର ଟଙ୍କା ଦେବା ପାଇଁ ସେ ଅଭିଯୋଗକାରୀଙ୍କୁ କହିଥିଲେ। ଏନେଇ ସନ୍ଦେହ ସୃଷ୍ଟି ହେବାରୁ ଅଭିଯୋଗକାରୀ ମହିଳା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଯୁବକ ଭିଡିଓ ରେକର୍ଡ କରିବା ସହ ଉକ୍ତ ଯୁବକଙ୍କୁ ପୋଲିସ ପରିଚୟପତ୍ର ମାଗିଥିଲେ। ସେ କୌଣସି ପରିଚୟପତ୍ର ଦେଖାଇ ନ ପାରି ଗୋଇନ୍ଦା ବିଭାଗରେ ଚାକିରି କରୁଥିବା କହିଥିଲେ। ଗ୍ରାମବାସୀ ତାଙ୍କୁ ଅଟକାଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇ ତଦନ୍ତ କରିବା ପରେ ଛାଡ଼ି ଦେଇଥିଲା। ଅପରପକ୍ଷେ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ବିଷୟରେ ଏସ୍‌ପି ଅବଗତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଗ୍ରାମାଞ୍ଚଳ ଥାନା ଅଧିକାରୀ ନୀରଜ କୁମାର ସାମଲ କହିଛନ୍ତି। ସୂଚନାଥାଉ କି, କିଛିଦିନ ତଳେ ଝାଡ଼ଖଣ୍ଡର ଜଣେ ଯୁବକ ପୋଲିସ ପରିଚୟ ଦେଇ ଭଦ୍ରକର ଏକ ହୋଟେଲରେ ରହୁଥିବା ବେଳେ ଗିରଫ ହୋଇଥିଲେ। ଏବେ ଖୋଦ୍ ପୋଲିସ ଜଣେ ଯୁବକଙ୍କୁ ନକଲି ପୋଲିସ ସଜାଇ ଲୋକଙ୍କ ପାଖକୁ ପଠାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।



ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି ହେବା ପରେ ଶୁକ୍ରବାର କଟକ ଦରଘାବଜାରଠାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଆବେଦନ

ନୂଆଦିଲ୍ଲୀ,୧୦।୧୦ (ପି.ଟି.)

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ଲାଗି ହୋଇଥିବା ଏକାଧିକ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକଙ୍କ ସମେତ ଅନେକ ଆବେଦନକାରୀ ଜମ୍ମୁ-କଶ୍ମୀରକୁ ତୁରନ୍ତ ରାଜ୍ୟ ମାନ୍ୟତା ଫେରାଇଦେବା ପାଇଁ ନିବେଦନ କରି ପିଟିଶନ ଦାଏର କରିଥିଲେ। ପୂର୍ବରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ମାମଲାର ଶୁଣାଣି ବେଳେ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ପ୍ରତିଶ୍ରୁତି ଦେଇଥିବା କଥା ସେମାନେ ଦର୍ଶାଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି କହିଥିଲେ, ଗତବର୍ଷ ☞ପୃଷ୍ଠା–୨




# 'ମୁଁ ଜଣେ ଝିଅ, ସମାଜ ପରିବର୍ତ୍ତନର ନେତୃତ୍ୱ ନେବି'

**ଆଜି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ**



ଝିଅଙ୍କ ଉନ୍ନତିରେ ହିଁ ଦେଶର ପ୍ରଗତି ହୋଇଥାଏ। ଯେଉଁ ଦେଶରେ ଝିଅମାନେ ଭଲ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନର ଗୁଣବତ୍ତାକୁ ଅଧିକ ଧ୍ୟାନ ଦିଆଯାଏ ସେ ଦେଶ ସେତେ ପ୍ରଗତିଶୀଳ ହୋଇଥାଏ। ପୁଅଙ୍କ ତୁଳନାରେ ଝିଅମାନେ ସବୁ କ୍ଷେତ୍ରରେ ଅଗ୍ରଗତି କରିଥିଲେ ସୁଦ୍ଧା ଏବେ ବି ବହୁ ରାଜ୍ୟରେ ଝିଅଙ୍କୁ ବୋଝ ବୋଲି ପରିବାର ଲୋକେ ଭାବୁଛନ୍ତି। ତେଣୁ କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟ ବିବାହ, ସତୀଦାହ ପ୍ରଥା, ଯୌତୁକ ନିର୍ଯ୍ୟାତିତ ଭଳି ଘଟଣା ଘଟି ଚାଲିଛି। ହେଲେ ସମୟ ବଦଳିବା ସହିତ ଲୋକଙ୍କ ଚିନ୍ତାଧାରାରେ ଧୀରେ ଧୀରେ ପରିବର୍ତ୍ତନ ଆସୁଛି। ଏ କ୍ଷେତ୍ରରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ବେଶ୍ ଗୁରୁତ୍ୱ ବହନ କରୁଛି। ସାରା ବିଶ୍ୱରେ ଝିଅଙ୍କ ବିରୋଧରେ ଥିବା ଲିଙ୍ଗଗତ ଅସମାନତା ଦୂର କରିବା, ସେମାନଙ୍କୁ ସଶକ୍ତୀକରଣ କରିବା ସହ ମାନବିକ ଅଧିକାର ସୁନିଶ୍ଚିତ କରିବା ଏହି ଦିବସର ଆହ୍ୱାନ ହୋଇଛି। ଆଜି ଅନ୍ତର୍ଜାତୀୟ କନ୍ୟା ସନ୍ତା ଦିବସ ପାଳନ କରାଯାଉଥିବାବେଳେ ବାର୍ତ୍ତା ରହିଛି 'ମୁଁ ଜଣେ ଝିଅ, ସଙ୍କଟ ସମୟରେ ସମାଜ ପରିବର୍ତ୍ତନର ନେତୃତ୍ୱ ନେବି'। ୧୯୯୫ ମସିହାରେ ଚାଇନାର ବେଜିଂଠାରେ ଆୟୋଜିତ ଅନ୍ତର୍ଜାତୀୟ ସମାବେଶରେ ସାରା ବିଶ୍ୱର ମହିଳା ପ୍ରତିନିଧିମାନେ ଯୋଗଦେଇ ଝିଅଙ୍କ ଅଧିକାର ପାଇଁ ସ୍ୱର ଉଠାଇଥିଲେ। ୨୦୧୧ ଡିସେମ୍ବର ୧୯ରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଏକ ସଂକଳ୍ପ ପାରିତ କରି ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲା। ୨୦୧୨ ମସିହାରୁ ପ୍ରତିବର୍ଷ ଏ ଦିବସକୁ ପାଳନ କରାଯାଉଛି।

ଏ ସମ୍ପର୍କରେ ସମାଜସେବୀ ଅନୁରାଧା ମହାନ୍ତି କହିଛନ୍ତି, ବର୍ତ୍ତମାନ ଝିଅମାନେ ନିଜ ପ୍ରଚେଷ୍ଟା ଯୋଗୁ ସମାଜରେ ବହୁ ଉନ୍ନତି କରୁଛନ୍ତି। ରାଜ୍ୟରେ ମହିଳାଙ୍କୁ ପ୍ରଥମେ ସୁରକ୍ଷିତ ଭାବେ ବଞ୍ଚିବାକୁ ଦିଆଯାଉ। ସବୁ କ୍ଷେତ୍ରରେ ମହିଳାଙ୍କୁ ଭଲ ପରିବେଶ ସହିତ ସମ୍ମାନ ଦିଆଯାଉ। ପ୍ରତି ଘରେ ମଧ୍ୟ ପୁଅ ଭଳି ଝିଅକୁ ଅଧିକାର ଦିଆଯାଉ। ଝିଅମାନେ ମଧ୍ୟ କୌଣସି ସଙ୍କଟଜନକ ପରିସ୍ଥିତିରେ ଭୟଭୀତ ନ ହୋଇ ଥାନାରେ ଅଭିଯୋଗ କରନ୍ତୁ। ଝିଅମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଙ୍ଗଠନ ଓ ଆଇନର ସହଯୋଗ ନିଅନ୍ତୁ।

–**ସୁଚିସ୍ମିତା ସାହୁ**, ଭୁବନେଶ୍ୱର

## ଜିଲ୍ଲା ଖଣିଜ ପ୍ରତିଷ୍ଠାନର ରାଜ୍ୟସ୍ତରୀୟ କମିଟି ବୈଠକ

**ଭୁବନେଶ୍ୱର,୧୦।୧୦(ସୁନିତ୍ ମିଶ୍ର)**

ଜିଲ୍ଲା ଖଣିଜ ପ୍ରତିଷ୍ଠାନର ରାଜ୍ୟସ୍ତରୀୟ କମିଟି ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ କମିଟିରେ ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା କେନ୍ଦ୍ର ସରକାରଙ୍କ ଖଣି ବିଭାଗ ପ୍ରତିନିଧି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

ବୈଠକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟକାରିତା ଓ ଅଦ୍ୟାବଧି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଉନ୍ନୟନ କମିଶନର ସୂଚନା ଦେଇଥିଲେ। ଆଲୋଚନା ଅନୁସାରେ ସମ୍ପୃକ୍ତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଜିଲ୍ଲାଗୁଡ଼ିକରେ ୧୬ଟି ଡିଏମ୍ଏଫ ଟ୍ରଷ୍ଟବୋର୍ଡ ଗଠିତ ହୋଇଛି। ଡିଏମ୍ଏଫ ନିୟମ-୨୦୧୫କୁ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ମାର୍ଗଦର୍ଶିକା ଅନୁସାରେ ୨୦୨୫ରେ ସଂଶୋଧନ କରାଯାଇଛି। ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ମୌଳିକ ସୁବିଧା ପ୍ରଦାନ ପାଇଁ ସିଏମ୍ 'ସମ୍ପଦା' ପୋର୍ଟାଲ ବିକଶିତ କରାଯାଉଛି। ଅନୁଗୋଳ, ଯାଜପୁର ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ସମକାଳୀନ ମୂଲ୍ୟାଙ୍କନ କରାଯାଇ ଏହାର ଫଳାଫଳ ସଂପୃକ୍ତ ଜିଲ୍ଲାପାଳ ଓ ସହଭାଗୀ ବିଭାଗଗୁଡ଼ିକୁ ଅବଗତ କରାଯାଇଛି। ଡିଏମ୍ଏଫ ପାଣ୍ଠି ଉପଯୋଗିତା ଏବଂ ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କିତ ବିଚାରାଧୀନ ମାମଲାଗୁଡ଼ିକ ରାଜ୍ୟସ୍ତରୀୟ କମିଟି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବା ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରୁ ଜଣାପଡ଼ିଛି ଯେ, ଡିଏମ୍ଏଫ୍‌ରେ ଅଦ୍ୟାବଧି ୩୩,୨୦୪.୮୭ କୋଟି ଟଙ୍କା ସଂଗୃହିତ ହୋଇଛି, ସେଥିରୁ ୨୬,୭୮୮.୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି ଏବଂ ୧୮,୩୮୨.୨୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## କେନ୍ଦ୍ରକୁ ଜବାବ...

ସେଠାରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କରାଯାଇ ସରକାର ଗଢ଼ାଯାଇଛି। ସେଠାରେ ସୁରକ୍ଷାଜନିତ ଚିନ୍ତା ଲାଗି ରହିଥିବାବେଳେ ଗତ ଏପ୍ରିଲରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ମାନ୍ୟତା ଫେରାଇବା ପ୍ରସଙ୍ଗର ମୂଲ୍ୟାୟନ ପାଇଁ ସରକାର ଅଧିକ ସମୟ ଚାହୁଁଛନ୍ତି। ରାଜ୍ୟ ମାନ୍ୟତା ଫେରାଇବା ନେଇ କେନ୍ଦ୍ର ପକ୍ଷରୁ ଜମ୍ମୁ-କଶ୍ମୀର ପ୍ରଶାସନ ସହ ବିଚାରବିମର୍ଶ ଜାରି ରହିଥିବା ମେହେଟ୍ଟା କହିଥିଲେ। ଜହୁରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ୍ କହିଥିଲେ, ରାଜ୍ୟ ମାନ୍ୟତା ଫେରାଇବା ପାଇଁ କେନ୍ଦ୍ର ସରକାର ୨୦୨୩ରେ ପ୍ରତିଶ୍ରୁତି ଦେଇଥିଲେ। ସେବେଠୁ ବହୁ ପାଣି ବହିଗଲାଣି। ରାଜ୍ୟ ମାନ୍ୟତା ପ୍ରଦାନ ନ କରିବା ସମ୍ବିଧାନର ସଂଘୀୟ ଢାଞ୍ଚାକୁ ଦୁର୍ବଳ କରୁଥିବା ବରିଷ୍ଠ ଆଇନଜୀବୀ ମାନେକା ଗୁରୁସ୍ୱାମୀ ଯୁକ୍ତି ଦର୍ଶାଇଥିଲେ। ଯଦି ରାଜ୍ୟକୁ ଏଭଳି ଭାବେ କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଏ, ତେବେ ସଂଘବାଦର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ସରକାରଙ୍କୁ ରାଜ୍ୟ ମାନ୍ୟତା ପ୍ରଦାନ ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କହିଛନ୍ତି।

---

### ODISHA MODEL TRIBAL EDUCATION SOCIETY (OMTES)
### ST & SC DEVELOPMENT, M & BCW DEPARTMENT, GOVERNMENT OF ODISHA
## ADDENDUM

No.CAD-An addendum to the Request for Proposal (RFP) No.865 dated 26.09.2025 has been uploaded on the official websites of ST & SC Development Department and OMTES, regarding the conduct of the 4th National EMRS Sports Meet, 2025, scheduled to be held in Sundargarh District from 11th to 15th November 2025.

For details of the Addendum, please visit website- www.omtes.org and http://stsc.odisha.gov.in.

OIPR-26009/11/0012/2526 **Sd./- Secretary, OMTES**

---

GOVERNMENT OF ODISHA No.B-592

### OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

Mail ID : sepwdsbp@rediffmail.com

**e-Procurement**

**BID IDENTIFICATION NO. CCENC (R AND B) / 14 / 2025-26**

No. 3703 Dtd. 06.10.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road Work and Bridge Work** as detailed in the DTCN from the eligible class of contractors.
2. No. of works : **(02 Nos) (Road Works)**
3. Tender Cost : **Rs. 10,000/-**
4. Class of contractor : **"A" Class and "Special" Class**
5. Date & Time of available in website & receipt of Bids from **14.10.2025** to **17.00 hours of 29.10.2025.**
6. Date of opening of Technical Bid **30.10.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur

OIPR-34035/11/0047/2526

---

### Government of Odisha No.O-967
## "e" Procurement Notice

**Letter No.3933, Dated 09.10.2025**

**Bid Identification No.TENDER ONLINE SNPR-03 OF 2025-26**

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 02 (Two) Nos.
3. Approximate Estimated Cost : Vary from Rs.23.57 lakh to Rs.47.70 Lakh
4. Period of Completion: 06 (Six Calendar Months) to 9 (Nine Calendar Months)
5. Period and time of availability of bid document in the portal for bidding : 13.10.2025 at 11.00 AM to 24.10.2025 upto 5.00 PM.
6. Date and Time of Opening of Tender: 27.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

**Sd./- Executive Engineer**
**Rural Works Division, Sonepur**

OIPR-25054/11/0037/2526

---

### "e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-03/25-26

**No.1792** **Date : 08.10.2025**

**No.L-78** : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

1. No. of work : 18
2. Estimate cost : Rs.2,25,764.00 To Rs.39,52,939.00
3. Period of completion : 60 days to 150 days
4. Date & time of availability of the Bid documents in the portal : Dt.13.10.2025 at 10.30 A.M. to Dt.24.10.2025 at 5.30 P.M.
5. Online Submission Last date in portal : Dt.24.10.2025 at 5.30 P.M.
6. Last date & time receipt of bids in offline drop : Dt.14.10.2025 at 10.30 A.M. to Dt.27.10.2025 at 5.30 P.M.
7. Bids received online shall be opened on : Dt.28.10.2025 at 11.00 A.M.
8. Name and address of the officer inviting Bids : Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.

Sd./- Executive Engineer (Agril.)
Mayurbhanj Division, Baripada

OIPR-01474/11/0013/2526

---

GOVERNMENT OF ODISHA No.MM-225

### OFFICE OF THE DIVISIONAL FOREST OFFICER SUNDARGARH FOREST DIVISION

Phone No.-06622-272243, E-mail:dfo.sundargarh@odisha.gov.in

Tender Notice.FE&CC/DFO(T) SNG/No.08/2025-26

**Tender Notice Call for Construction of Civil Work**

**Office Order No.214** **Dated 09.10.2025**

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Excavation of Large Water Body (50x40x3 mtr) at Garjanpahad RF near Khutipani village of Kodbahal Section in Hemgir Range under Sundargarh Forest Division.<br>2.Excavation of Large Water Body (50x40x3 mtr) at Garjanpahad RF near Ostali village of Hemgir Section in Hemgir Range under Sundargarh Forest Division.<br>3.Excavation of Large Water Body (50x40x3 mtr) at Pankipahad RF near Pithampur village of Topria Section in Gopalpur Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D" & "C" Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.17.10.2025 to 5.00 P.M. of Dt.27.10.2025. |
| 7 | Date of Opening of Bid | :- | At 11.00 A.M. of Dt.30.10.2025 |
| 8 | The Bidders have to participate in OFFLINE bidding only. | | |

**Sd./- Divisional Forest Officer**
**Sundargarh Forest Division**

OIPR-08034/11/0022/2526

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୬୫ ତା:୧୮।୯।୨୫

### ବିଜ୍ଞାପନ

No. CAD-1983: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.-୧-୬୩ (MIG-1-63), ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପ, ଝାରସୁଗୁଡ଼ାରେ ଶ୍ରୀ ବିଭୂତି କୁମାର ତିୱାରୀ, ପିତା: ସୁଦିଶ ତିୱାରୀ, ଗ୍ରା: ଗୋଶାଳା ରୋଡ, ପୋ/ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଭୂତି କୁମାର ତିୱାରୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଦଳଜିତ କଉର, ପିତା: ଚରଣ ସିଂ, ଗ୍ରା: ହାଉସିଂ ବୋର୍ଡ କଲୋନୀ, ପୋ: ଏକାତାଳୀ, ଥାନା/ଜିଲ୍ଲା: ଝାରସୁଗୁଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0884/2526

---

GOVERNMENT OF ODISHA No.MM-227

### OFFICE OF THE DIVISIONAL FOREST OFFICER SUNDARGARH FOREST DIVISION

Phone No.-06622-272243, E-mail:dfo.sundargarh@odisha.gov.in

Tender Notice.FE&CC/DFO(T) SNG/No.07/2025-26

**Tender Notice Call for Construction of Civil Work**

**Office Order No.212** **Dated 09.10.2025**

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Construction of Civil Work |
| 3 | Type of Works | :- | 1.Construction of Forest Guard Qtr. of Gaddwar Beat, Gopalpur Section, Gopalpur Range under Sundargarh Forest Division<br>2.Construction of Forest Guard Qtr. of Gambharidihi Beat, Ujalpur Section, Ujalpur Range under Sundargarh Forest Division.<br>3.Construction of Forester Qtr. at Gundiadihi in Lephripara Range under Sundargarh Forest Division |
| 4 | Tender Cost | :- | Rs.6000/- |
| 5 | Class of Contractor | :- | "D", "C" & Class Contractor |
| 6 | Availability of bid document in the Sundargarh portal i.e. **https://sundargarh.odisha.gov.in** | :- | From 10.00 AM of Dt.14.10.2025 to 5.00 P.M. of Dt.24.10.2025. |
| 7 | Date of Opening of Bid | :- | At 11.00 A.M. of Dt.27.10.2025 |
| 8 | The Bidders have to participate in OFFLINE bidding only. | | |

**Sd./- Divisional Forest Officer**
**Sundargarh Forest Division**

OIPR-08034/11/0024/2526

---

### OFFICE OF THE
## SORO MUNICIPALITY, SORO, BALASORE

**No. 4471** **Date: 10.10.2025**

## "e" Procurement Notice

**BID Identification No. SOROM_03_2025-26**

No. C-1257: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. **www.tendersodisha.gov.in**.

1. Name of the Work : Construction of Civil work as mentioned in DTCN
2. No. of Works : 02 Nos.
3. Estimated Cost : As per Work List
4. Period of Completion : 180 days
5. Date & time of availability of Bid documents in the portal : 13.10.25 at 10.00 A.M. to 22.10.25 upto 5.00 P.M.
6. Last date & time for receipt of bids in the portal : 22.10.2025 upto 05.00 P.M.
7. Technical Bid received online shall be opened on : 23.10.2025 at 10.00 A.M.
8. Financial Bid received online shall be opened on : 24.10.2025 at 10.00 A.M.
9. Name and address of the Officer Inviting Bid : Executive Officer, Soro Municipality

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer, Soro Municipality**
**OIPR-13166/11/0019/2526**

---

## ODISHA LIFT IRRIGATION CORPORATION LTD.

**(A GOVERNMENT OF ODISHA UNDERTAKING)**

PLOT NO. 17/2, NAYAPALLI, BHUBANESWAR- 12

Phone No. : (0674) 2390195 (Off), Fax No. : (0674) 2395844,

E-mail ID : olicltd123@bsnl.in, olicltd@ymail.com

### REQUEST FOR PROPOSAL (e-Tender)

**RFP Advt. No. IT-25/2025/8359/OLIC, Dated : 09.10.2025**

**No.CAD-1986** : Request for Proposals are Invited from Eligible Bidders for "Selection of Recruitment Agency to conduct Computer Based Test (CBT) for Recruitment of different Posts for and on behalf of 'Odisha Lift Irrigation Corporation Limited' .The tender document with all information relating to the tender process, including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website http//:odishalift.com and www.tendersodisha.gov.in

| | | |
|---|---|---|
| 1 | Availability of RFP document | From Date 10.10.2025 at 11.00 AM Downloadable from website: http//:odishalift.com and www.tendersodisha.gov.in |
| 2 | Pre-Bid Meeting | On Date 18.10.2025 at 16:00 Hours at OLIC Conference Hall. |
| 3 | Last date and time for online Submission of completed proposal. | Through e-Procurement Portal: <www.tendersodisha.gov.in> Dt. 01.11.2025 up-to 17:00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On dt. 03.11.2025 at 11:30 Hours at OLIC Head Office |
| 5 | Technical Presentation by the prequalified Bidders only | Shall be communicated to such bidders only via e-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |
| 7 | Place of opening of Technical & Financial Bids | Odisha Lift Irrigation Corporation Ltd., Plot No. N-17/2, Nayapalli, Bhubaneswar 751012 |

Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The authority reserves the right to cancel any or the entire selection process, may increase or decrease the quantity without assigning any reason thereof.

**Sd./- Managing Director**
**OLIC Ltd, Bhubaneswar**

OIPR-32135/11/0064/2526

---

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

### E-auction Notice (17.10.2025 - 195th & 196th E-auction)
### IRON ORE CLO & FINES

**No.CAD-1964** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna - Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 17.10.2025**. For details, please visit the website of MSTC i.e. www.mstcecommerce.com

**OIPR-30005/11/0279/2526** **Chief General Manager (S&M)**

---

### GOVT. OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION NO.-II, KEONJHAR

E-mail : eerw_kjr2@yahoo.com

**"e" Procurement Notice for Road Works**

**No.O-959** **Identification No. Online NCB - 08/2025-26**

1 Name of the work : Road Works
2 Total Number of Work : 24 Nos.
3 Estimated Cost : Rs.5.08 Lakhs to Rs.52.54 Lakhs
4 Class of Contractor : 'D', 'C' & 'B' Class
5 Period of Completion : As per annexure of e-Procurement Notice No.08/2025-26
6 Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.08 | Dt.15.10.25 at 11.00 A.M. | Dt.30.10.25 up to 5.00 P.M. | Dt.29.10.25 up to 5.00 P.M. | Dt.31.10.2025 at 11.00 A.M. |

Further details can be seen from the Website www.tenderorissa.gov.in

Sd./- Executive Engineer
R.W.Divn. No.-II, Keonjhar

OIPR-25093/11/0022/2526

---

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
### ଘୋଷଣା

**File No.PT1-COLKHD-LA-MISC-0076-2023**
**Declaration No-1408/LA/KHD/25, Dated 16.08.2025**

**No.XXXIII-21**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୁବନେଶ୍ୱର ସହର**, ୟୁନିଟ-୩୯, ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ ୦.୧୩୫ ଡିସିମିଲି ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୫୩, ତା.୦୨.୦୯.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୁବନେଶ୍ୱର ସହର** ୟୁନିଟ-୩୯ ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ବିସ୍ଥାପିତ ପରିବାର ଥିବାରୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ସାରମର୍ମ ଏଥିସହ ସଂଲଗ୍ନ କରାଯାଇଅଛି । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯, ଗାଡକଣ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୦.୩୩୦ ଡିସିମିଲ | ଏ ୦.୧୩୫ ଡିସିମିଲ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୧.୦୯.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–
ଜିଲ୍ଲାପାଳ, ଖୋର୍ଦ୍ଧା

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

**(ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)**
**ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର,**
**ମୌଜା-ଭୁବନେଶ୍ୱର ସହର ୟୁନିଟ ୩୯ ଗାଡକରଣ**

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗାଡକଣ | ଭୁବନେଶ୍ୱର | ସହରାଞ୍ଚଳ | ୨୯୧୦ | ୪୧ | ଶାରଦ ଅଣ ଜଳ ସେଚିତ-୨ | ଏ. ୦.୨୦୦ ଡି. | ଏ ୦.୦୦୫ ଡି | ସୁନାକର ସାହୁ, ପି:ଡମେଇ ସାହୁ, ଜା: ତେଲି, ବା: ନିଜଗାଁ |
| | | | ୩୬୧୭ | ୪୨/ ୧୦୯୩୨ | ଘରବାରି | ଏ ୦.୦୬୦ ଡି | ଏ ୦.୦୬୦ ଡି | ରୋହିତାଶ୍ୱ ନାୟକ, ପି: ବିଶ୍ୱନାଥ ନାୟକ, ଜା:ଭୂୟାଁ, ବା:ନିଜଗାଁ |
| | | | ୨୯୧୦ | ୪୨/ ୧୧୧୨୩ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୦୭ ଡି. | ଏ ୦.୦୦୦୭ ଡି. | ସୁନାକର ସାହୁ, ପି: ଡମେଇ ସାହୁ, ଜା: ତେଲି, ବା:ନିଜଗାଁ |
| | | | ୪୬୧୧ / ୩୦୨୪ | ୪୨/ ୧୧୧୨୩ /୧୪୩୯୦ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୯୩ ଡି. | ଏ ୦.୦୦୯୩ ଡି. | ପ୍ରଫୁଲ୍ଲ କୁମାର ମଲ୍ଲିକ, ପି:ଧନେଶ୍ୱର ମଲ୍ଲିକ, ଜା:କଣ୍ଡରା, ବା: ପ୍ଲଟ ନଂ.ଏମଆଇଜି-୧ ୫୭/୨, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା |
| | | | ୨୮୯୦ | ୪୨/ ୧୧୩୨୭ | ଶାରଦ ଅଣ ଜଳ ସେଚିତ-୨ | ଏ.୦.୦୬୦ ଡି. | ଏ ୦.୦୬୦ ଡି | ଜୟମାଳା ନାୟକ, ସ୍ୱା: ଭାବ ଭଞ୍ଜନ ନାୟକ, ହେମ ଗୌର ଚିନ୍ମୟ କୁମାର ନାୟକ, ଟୋମାସ ନାୟକ, ପି: ଭାବ ଭଞ୍ଜନ ନାୟକ, ଜା:ଗଣ୍ଡ, ବା: ସୁନାମୁହିଁ, ଥାନା-ଯଶିପୁର, ଜିଲ୍ଲା-ମୟୂରଭଞ୍ଜ ହା ବା:ନିଜଗାଁ |

ମୋଟ ଅଧିଗ୍ରହଣ ରକବା ଏ ୦.୧୩୫ ଡିସିମିଲ

OIPR-24381/14/0009/2526 **ସ୍ୱା./– ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା**

# ଅଣ୍ଡା ଉତ୍ପାଦନ ପାଇଁ ଯୁବ ଉଦ୍ୟୋଗୀ ଆଗେଇ ଆସନ୍ତୁ

## ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ

ଭୁବନେଶ୍ୱର,୧୦।୧୦(ସୁଚିସ୍ମିତା ସାହୁ)

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି, ଅଣ୍ଡା ହେଉଛି ଭରପୂର ପୋଷଣ ଥିବା ଖାଦ୍ୟ। ଅଣ୍ଡା ସବୁଠାରୁ କମ୍ ମୂଲ୍ୟରେ ମିଳୁଥିବା ପ୍ରାଣୀଜ ଖାଦ୍ୟ। ଅଣ୍ଡା ଶିଶୁଙ୍କ ସ୍ୱାସ୍ଥ୍ୟକୁ ଉତ୍ତମ ପୋଷଣ ଯୋଗାଇଥାଏ। ରାଜ୍ୟରେ ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଥିବା ବେଳେ ୨୦୨୯ ସୁଦ୍ଧା ୫୦୦ କୋଟି ଛୁଇଁବାକୁ ଲକ୍ଷ୍ୟ ରହିଛି। ରାଜ୍ୟରେ ବାର୍ଷିକ ଅଣ୍ଡାର ମୁଣ୍ଡପିଛା ଉପଲବ୍ଧତା ୮୦ଟି ଥିବାବେଳେ ସୁସ୍ଥ ଶରୀର ପାଇଁ ବାର୍ଷିକ ୧୮୨ ଅଣ୍ଡାର ଆବଶ୍ୟକତା ରହିଛି । ତେଣୁ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ପ୍ରତ୍ୟେକ ବ୍ଲକ ଓ ଜିଲାରେ ଯୁବ ଉଦ୍ୟୋଗୀମାନେ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।



ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକଳ୍ପ ପାଇଁ ଗୋ ଆହେଡ୍ ଲେଟର ପ୍ରଦାନ କରୁଛନ୍ତି।

ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଅଣ୍ଡା ଉତ୍ପାଦନରେ ଆମ ରାଜ୍ୟକୁ ସ୍ୱାବଲମ୍ବୀ କରାଇବାର ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଶାସନ ସଚିବ ରିନା ମହାପାତ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ନିର୍ଦ୍ଦେଶକ ହାଡିବନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ପ୍ରକଳ୍ପ ପାଇଁ ଗୋ ଆହେଡ୍ ଲେଟର ଓ ରିହାତି ସହାୟତା ପ୍ରଦାନ କରାଯାଇଥିଲା। ବିଶ୍ୱ ଅଣ୍ଡା ଦିବସ ପରିପ୍ରେକ୍ଷୀରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରେ ଅଣ୍ଡାର ଉପାଦେୟ ଗୁଣ ବିଷୟରେ ପିଲାଙ୍କୁ ସଚେତନ କରାଯାଇଥିଲା। ୟୁନିଟ-୧, ୟୁନିଟ-୨, ୟୁନିଟ-୯, ସିଆର୍‌ପି ଓ କ୍ୟାପିଟାଲ ହାଇସ୍କୁଲରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହା ବ୍ୟତୀତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ଅନାଥାଶ୍ରମରେ ଅନ୍ତେବାସୀଙ୍କୁ ଅଣ୍ଡା ବଣ୍ଟନ କରାଯାଇଥିଲା।

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଦେଶର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

## ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ

ଭୁବନେଶ୍ୱର,୧୦।୧୦
(ଅନୁରାଧା ମହାରଣା)




ଟାଇମ୍ସ ହାୟର ଏଜୁକେଶନ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬ରେ ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ଓ ଏକାଡେମିକ ଏକ୍ସିଲେନ୍ସରେ ୨୫୯ତମ ସ୍ଥାନରେ ରହିଛି। ସେହିପରି ଦେଶର ୧୨୮ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୫ମ ଏବଂ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି।

ଟାଇମ୍ସ ହାୟର ଏଜୁକେଶନ ୫ଟି ମାନଦଣ୍ଡକୁ ନେଇ ରାଙ୍କିଙ୍ଗ ପ୍ରଦାନ କରୁଛି। କିଟ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେଶନ, ଇଣ୍ଟରନ୍ୟାଶନାଲ ଆଉଟ୍‌ଲୁକ୍ ଓ ସୋସିଆଲ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। କିଟ୍‌ର ଏହି ସଫଳତାରେ ଖୁସିବ୍ୟକ୍ତ କରି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ପ୍ରତ୍ୟେକ ରାଜ୍ୟ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍‌ରେ ବିଶ୍ୱର ଶ୍ରେଷ୍ଠ ୫ଶହଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିବାକୁ ଆଶା ରଖିଥାନ୍ତି। ମାତ୍ର କିଟ୍ ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ବିଶ୍ୱର ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧ କୋହର୍ଟ ମଧ୍ୟରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି। ଏହା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ କିଟ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି।

# ବିକାଶରେ ବାଧକ ସାଜିଛି ପୂର୍ବ ସରକାରଙ୍କ ନିୟମ

କଟକ ସଦର,୧୦।୧୦
(ସୁଶାନ୍ତ କୁମାର ଜେନା)

## ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ବାକିରେ କାମ କରୁଛନ୍ତି ଅଧିକାରୀ

ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟ ବିକାଶରେ ବାଧକ ସାଜିଛି। ଏହି ନିୟମ ୨୦୧୮ରେ ପୂର୍ବ ସରକାର ପ୍ରଣୟନ କରିଥିଲେ। ୨୦୨୪ରେ ଭାଜପା ସରକାର କ୍ଷମତାସୀନ ହେବା ପରେ ପୂର୍ବ ସରକାରଙ୍କ ବିଭିନ୍ନ ନିୟମ ପରିବର୍ତ୍ତନ କରିଛନ୍ତି। ମାତ୍ର ବିଭାଗୀୟ କାର୍ଯ୍ୟ ନିୟମକୁ ପରିବର୍ତ୍ତନ କରିବା ପାଇଁ କୌଣସି ପଦକ୍ଷେପ ଏଯାବତ୍ ଗ୍ରହଣ କରିନାହାନ୍ତି। ପଞ୍ଚାୟତସ୍ତରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକସ୍ତରରେ କନିଷ୍ଠ ଏବଂ ସହକାରୀ ଯନ୍ତ୍ରୀମାନେ ବିଭାଗୀୟ କାମ କରିବେ। ଏହି କାର୍ଯ୍ୟ ପାଇଁ ବିଭିନ୍ନ ସାମଗ୍ରୀ ବାକିରେ କରାଯାଉଛି ବୋଲି ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଉତ୍ତର ଉପସ୍ଥାପନ କରିଛନ୍ତି। ଓଡ଼ିଶାର ୩୧୪ ବ୍ଲକ ଓ ୬୭୯୪ ପଞ୍ଚାୟତରେ ସବୁ କାମ ବାକିରେ କରାଯାଉଥିବା ସ୍ପଷ୍ଟ ହୋଇଯାଇଛି। ପତ୍ର ସଂଖ୍ୟା ୨୬୯୪/୧୯।୧୦।୨୦୨୨ରେ ଏହି ଉତ୍ତର କଟକ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଲୋକ ସୂଚନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଉତ୍ତର ଦାଖଲ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ପତ୍ର ସଂଖ୍ୟା ୧୩୨୨୦/୧୨।୭।୨୦୧୮ରେ ବିଭାଗୀୟ କାର୍ଯ୍ୟ ପାଇଁ ନିର୍ଦ୍ଧାରଣ ଜାରି କରିଥିଲେ। ବିଭିନ୍ନ ସାମଗ୍ରୀ କ୍ଷମତା ପ୍ରାପ୍ତ ଭେଣ୍ଡରଙ୍କଠାରୁ କିଣିବା ପାଇଁ ନିର୍ଦ୍ଦେଶ ଥିଲା। ସାମଗ୍ରୀ କିଣିବା ବେଳେ ୨୦୧୭ ନିୟମ ବଳବତ୍ତର ରହିଛି। ଆୟକର ବିଭାଗ, ଦୁର୍ନୀତି ନିବାରଣ ବିଭାଗର ଆଦେଶକୁ ଦୃଷ୍ଟିରେ ରଖି ପତ୍ର ସଂଖ୍ୟା ୧୭୪୩୪/୧୨।୯।୨୦୧୭ରେ ଥିବା ନିୟମକୁ ବିଭାଗୀୟ କାର୍ଯ୍ୟରେ ଅନୁପାଳନ କରିବା ପାଇଁ କୁହାଯାଇଥିଲା। ବର୍ତ୍ତମାନ କାମ ଯନ୍ତ୍ରୀମାନେ କରିବା ପରେ ବିଲ୍ ଅର୍ଥ ବିଡିଓମାନେ ସେମାନଙ୍କ କରେଣ୍ଟ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଛନ୍ତି। ସେମାନେ ସେହି ଟଙ୍କା ଉଠାଇ ବାକିରେ ଆଣିଥିବା ସାମଗ୍ରୀ ଭେଣ୍ଡରମାନଙ୍କୁ ଦେଉଛନ୍ତି। ମାତ୍ର ଏହି ଅର୍ଥ ସରକାରୀ ନିୟମ ମୁତାବକ ଚେକ୍ ଆକାରରେ ସମ୍ପୃକ୍ତ ଭେଣ୍ଡରମାନଙ୍କୁ ଦିଆଯିବା କଥା। ସେଥିପାଇଁ ରାଜନେତାଙ୍କ ନିୟନ୍ତ୍ରଣ କାର୍ଯ୍ୟ ଉପରେ ରହିଥିବା ବେଳେ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ସମ୍ପର୍କରେ କଟକ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଏହା ଉପରେ ସରକାର ନିଷ୍ପତ୍ତି ଗ୍ରହଣ କରିବେ ବୋଲି କହିଥିଲେ। ଭାରତରେ ବାକିରେ କର୍ଯ୍ୟ ହେବା ନିୟମ କେବଳ ଓଡ଼ିଶାରେ ଲାଗୁ ହୋଇଥିବା ଜଣାପଡିଛି।

# ୧୧ ଓଇଏସ୍ ଅଧିକାରୀଙ୍କ ପଦୋନ୍ନତି ସହ ବଦଳି

ଭୁବନେଶ୍ୱର,୧୦।୧୦
(ସୁଚିସ୍ମିତା ସାହୁ)

## ଓସେପାକୁ ଗଲେ ୪

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ର୍‍ୟାଙ୍କର ୧୧ ଅଧିକାରୀଙ୍କୁ ପଦୋନ୍ନତି ଦିଆଯିବା ସହ ବଦଳି କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କୁ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ଭାବେ ବଦଳି କରାଯାଇଥିବାବେଳେ କନ୍ଧମାଳ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିରୁପମା ଦୋରାଙ୍କୁ ସିଏଚ୍‌ଏସ୍‌ଇର ଉପସଚିବ ଭାବେ ବଦଳି କରାଯାଇଛି। ସେହିପରି ଓସେପାର ଉପନିର୍ଦ୍ଦେଶକ ନିରୁପ ବେହେରା, କନ୍ଧମାଳର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏଡିଇଓ) ପ୍ରଣୟ କୁମାର ନାୟକ, ପୁରୀ ଏଡିଇଓ ହିମାଂଶୁ ଭୂଷଣ ସମର୍ଥ ଓ ଦେବଗଡ଼ର ଏଡିଇଓ ସୁଶାନ୍ତ କୁମାର ଘୁଟଙ୍କୁ ଓସେପା ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଏହାସହ ବିଏସ୍‌ଇ ଜୋନାଲ ଅଫିସ୍‌ରେ ଅବସ୍ଥାପିତ ମନୋରମା ଦାସଙ୍କୁ ଭୁବନେଶ୍ୱର ଡିଇଇ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ, ଝାରସୁଗୁଡା ଏଡିଇଓ ପ୍ରଦୀପ୍ତ କୁମାର ସଙ୍କୁ ସିଏଚ୍‌ଏସ୍‌ଇର ନିୟନ୍ତ୍ରକ, କଳାହାଣ୍ଡି ଏଡିଇଓ ପବିତ୍ର ମୋହନ ସାହୁଙ୍କୁ ବ୍ରହ୍ମପୁର ଆର୍‌ଡିଇର ଯୁଗ୍ମ ନିର୍ଦ୍ଦେଶକ, ବରଗଡ଼ ଏଡିଇଓ ମୁରଲୀଧର ବେହେରାଙ୍କୁ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ସହ ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବୌଦ୍ଧ ଏଡିଇଓ ଜ୍ୟୋତିକାନ୍ତ ସାହୁଙ୍କୁ ବରଗଡ଼ ଜିଲା ଶିକ୍ଷା ଅଧିକାରୀ ସହ ଜିଲା ପ୍ରକଳ୍ପ ସଂଯୋଜକ ଭାବେ ବଦଳି କରାଯାଇଛି।

DSPL - 308

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ପୋଲିଓ ଦିବସ
୧୨ ଅକ୍ଟୋବର ୨୦୨୫
ଦୁଇ ବୁନ୍ଦା ପ୍ରତ୍ୟେକ ଥର
ପୋଲିଓ ଉପରେ ବିଜୟ ରହୁ ନିରନ୍ତର

ପୋଲିଓ ଦିବସ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେଉଁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲା ସହିତ ସମସ୍ତ ମହାନଗର ନିଗମ ଅଞ୍ଚଳରେ ପାଳନ ହେବ।
ପୋଲିଓ ଦିବସ
୧୨ ଅକ୍ଟୋବର ୨୦୨୫
ରବିବାର
ପୋଲିଓ ବୁନ୍ଦା ପ୍ରତ୍ୟେକ ଥର ଦିଅନ୍ତୁ । ଆମ ଦେଶରୁ ପୋଲିଓ ସମ୍ପୂର୍ଣ୍ଣ ନିରାକରଣରେ ଯୋଗଦାନ କରନ୍ତୁ।
ଅଧିକ ବିବରଣୀ ଜାଣିବା ପାଇଁ ଆଶା/ ଏ.ଏନ.ଏମ୍/ ଅଙ୍ଗନବାଡ଼ି କର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0298/2526

DADLS - 57

ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ
ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ
୧୧ ଅକ୍ଟୋବର, ୨୦୨୫
ସକାଳ ୮ ଘଟିକା- ଡି.ଏ.ଭି ପବ୍ଲିକ ସ୍କୁଲ ଛକ, ୟୁନିଟ୍-୮, ଭୁବନେଶ୍ୱରସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
ସକାଳ ଘ.୮.୩୦ ମିନିଟ୍-ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନଂ-୧ ସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
ସକାଳ ୯ ଘଟିକା- ମାଷ୍ଟରକ୍ୟାଣ୍ଟିନ୍ ଛକ, ଭୁବନେଶ୍ୱରସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷା ନଗର
ଶ୍ରୀଯୁକ୍ତ ବିଭୁତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ
ମୁଖ୍ୟବକ୍ତା
ଶ୍ରୀଯୁକ୍ତ ସଚିଦାନନ୍ଦ ବେହେରା, ଗବେଷକ ତଥା ସୁବକ୍ତା
ଧନ୍ୟବାଦ ଅର୍ପଣ
ଡ. କୃଷ୍ଣଚନ୍ଦ୍ର ଆଇଚ, ଅଧ୍ୟକ୍ଷ, ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/1224/2526

## ସଂକ୍ଷେପରେ

### ଶିଶୁ ମହୋତ୍ସବ ସୁରଭି

**ଯାଁଳା,୧୦।୧୦(ବୁଲା ବାରିକ):** ଜଟଣୀ ବ୍ଲକ ପଞ୍ଚପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରହ୍ମକୁଣ୍ଡଳରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓରକଳ, ବୋଡଣ୍ଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ଲଷ୍ଟର ସିଆର୍‌ସିସି ଅଶୋକ ସିଂଙ୍କ ତତ୍ତ୍ୱାବଧାନ ତଥା ପ୍ରଧାନଶିକ୍ଷକ ଶଙ୍କର ବେହେରାଙ୍କ ପ୍ରଯୋଜନାରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଆୟୋଜିତ ସଭାରେ ଜଗମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ହିନ୍ଦୀ ଶିକ୍ଷକ ଦେବନ୍ଦ୍ର କୁମାର ଜେନା, ଅତିଥି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ମଣ୍ଡଳ ସଭା ପରିଚାଳନା କରିଥିଲେ। ସସ୍ମିତା ମିଶ୍ର, ବର୍ଷା ପ୍ରିୟଦର୍ଶିନୀ, ମାମିନା ସେଠୀ, ଦେବଜିତ ପ୍ରଧାନ, ରବୀନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କୁ ସମ୍ମାନ ଜଣାଇ ଶପଥପାଠ

**ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଛାତ୍ରୀଛାତ୍ରମାନେ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଜଣାଇ ଶପଥ ପାଠ କରିଛନ୍ତି। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଏହି ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ 'ମୁଁ ସାରା ଜୀବନ ମୋ ପରିବାର ଏବଂ ସମାଜରେ ଥିବା ବରିଷ୍ଠ ନାଗରିକମାନଙ୍କୁ ଶ୍ରଦ୍ଧା ଏବଂ ସେବା କରିବା, ସହାନୁଭୂତିପୂର୍ଣ୍ଣ ବ୍ୟବହାର, ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତାକୁ ସମ୍ମାନ' ଜଣାଇବା ପାଇଁ ଶପଥ ପାଠ କରିଥିଲେ।

### ବଜ୍ରପାତରେ ୭ଗାଈ, ଗୋଟିଏ ଷଣ୍ଢର ମୃତ୍ୟୁ

**କଣାସ,୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ମନ୍ଦାରବସ୍ତ ହାଟ ନିକଟରେ ବଜ୍ରପାତରେ ୭ଟି ଗାଈ ଓ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ହଳଦିଆପଡ଼ା ଗ୍ରାମର ବାନା ବେହେରା ତାଙ୍କ ଗାଈପଲକୁ ମନ୍ଦାରବସ୍ତ ହାଟ ନିକଟ ଚଉଦମୌଜା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ବାନ୍ଧିଥିଲେ। ରାତିରେ ବ୍ରଜପାତ ଘଟିବାରୁ ୭ଟି ଗାଈ ଓ ଗୋଟିଏ ଷଣ୍ଢ ମୃତ୍ୟୁବରଣ କରିଥିବା ଶୁକ୍ରବାର ସକାଳେ ବାନା ଦେଖିବାକୁ ପାଇଥିଲେ। ପରେ କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗାଈଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରିଥିଲେ।

# ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ**

- ନିର୍ଦ୍ଧାରିତ ସମୟରେ ଲୋକଙ୍କୁ ସେବା ଯୋଗାଅ
- ଆବାସ ଯୋଜନାରୁ କେହି ବଞ୍ଚିତ ନ ହୁଅନ୍ତୁ : ଏମ୍‌ପି

**ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)**



ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ, ଜିଲାପାଳ ଏବଂ ଅଧିକାରୀମାନେ।

ଖୋର୍ଦ୍ଧା ଜିଲା ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି(ଦିଶା) ବୈଠକ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସଭାପତିତ୍ୱ କରିବା ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ସମୀକ୍ଷା କରିଥିଲେ। ନିର୍ମାଣାଧୀନ ପ୍ରକଳ୍ପ ତ୍ୱରାନ୍ୱିତ, ନିର୍ଦ୍ଧାରିତ ସମୟରେ ଲୋକଙ୍କୁ ତ୍ୱରିତ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଅମ୍ରିତ ଋତୁରାଜ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଲାଡେ ଗଜାନନ ଦୟାନନ୍ଦ, ଜିଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଡିଓ ଆଣ୍ଡ ଇଓ) ଜିଲା ପରିଷଦ ଜ୍ୟୋତିଶଙ୍କର ସାହୁ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ପର୍ଶୁରାମ ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

ଜିଲାପାଳ ସ୍ୱାଗତ ଭାଷଣରେ ଗତ ବୈଠକର ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ଏବଂ ଆଜିର ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏମ୍‌ପି ଷଡ଼ଙ୍ଗୀ କହିଥିଲେ ଯେ, ଏଣିକି ପ୍ରତି ୩ମାସରେ ଦିଶା ବୈଠକ ହେବ। ଏହା ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାରୁ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ତଥ୍ୟ ସହ ଉପସ୍ଥିତ ରହିବେ। ପ୍ରତ୍ୟେକ ଯୋଜନାର ଲୋକାଭିମୁଖୀ ସହ ତାହାର ଠିକ୍ ତଥ୍ୟ ବୈଠକରେ ଉପସ୍ଥାପନ କରିବେ। ଆସନ୍ତା ୨୦୨୬ ଜାନୁଆରୀରେ ପରବର୍ତ୍ତୀ ବୈଠକରେ ବିଭାଗୀୟ ଅଧିକାରୀ ସମସ୍ତ ତଥ୍ୟ ରଖିବେ। ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଉଠାଜଳସେଚନ ନିଗମ ଅଧିକାରୀ ସେମାନଙ୍କ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଏବଂ ସହରୀ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀମାନେ ଆସନ୍ତା ୩ବର୍ଷର ଖସଡ଼ା ଆସନ୍ତା ୨୫ତାରିଖ ସୁଦ୍ଧା ଦାଖଲ କରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗ୍ରାମାଞ୍ଚଳ ସ୍ତରରେ ପହଞ୍ଚାଇବାକୁ ଅଧିକାରୀମାନେ ଦୃଷ୍ଟି ଦିଅନ୍ତୁ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି।

ସୂଚନା ମୁତାବକ, ଜିଲାରେ ୯୦ହଜାର ୫୫ ଆବାସ ଯୋଜନା ସର୍ଭେ କରାଯାଇଛି। ଆବାସ ସହରୀ ଯୋଜନା ୧.୦ରେ ୪୪୫୪ଘର ଅନୁମୋଦନ ମିଳିଥିବା ବେଳେ ୪୨୩୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ୨୯୭୪ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୭୦୧ଘର ନିର୍ମାଣାଧୀନ ରହିଛି। ସେହିପରି କ୍ଷୁଦ୍ର ଜଳସେଚନ ପ୍ରାଚୀ ଡିଭିଜନ ନିମାପଡ଼ା ଅଧୀନ କୁଆଖାଇ, କୁଶଭଦ୍ରା, ଭାର୍ଗବୀ ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରାଯାଇଛି। ଉଠାଜଳସେଚନ ବିଭାଗ ଦ୍ୱାରା ବାଣପୁରରେ ୧୪, ଖୋର୍ଦ୍ଧାରେ ୩୩, ବେଗୁନିଆ ୨୪୫, ଟାଙ୍ଗୀ ୨୨, ଚିଲିକା ୨୦ ଏବଂ ଜଟଣୀ ବ୍ଲକରେ ୧୧ଟି ଗଭୀର ବୋରୱେଲ ଖନନ ପ୍ରସ୍ତାବ ରହିଛି। ପିଏମ୍ କୁସୁମ ଯୋଜନାରେ ୧୩ଟି ପ୍ରକଳ୍ପ, ଖରିଫ ୨୦୨୪-୨୫ ବର୍ଷରେ ୨୯୨୮ ହେକ୍ଟର, ରବି ୨୦୨୪-୨୫ରେ ୪୨ ହେକ୍ଟର, ଖରିଫ ୨୦୨୫-୨୬ ବର୍ଷରେ ୨୫୮୩ ହେକ୍ଟର କୃଷି ହୋଇଥିବା ବେଳେ ଖରିଫ ଚାଷରେ ୪୦ପ୍ରତିଶତ ଏବଂ ରବି ଫସଲରେ ୨୦ପ୍ରତିଶତ ସଫଳତା ମିଳିଛି ବୋଲି ଜିଲା କୃଷି ମୁଖ୍ୟ ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଶିବଲାଲ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ଜିଲା ପରିଷଦ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

### କଂଗ୍ରେସ କର୍ମୀ ଏକଜୁଟ୍ ହେବାକୁ ଆହ୍ୱାନ

**ବୋଲଗଡ଼,୧୦।୧୦(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ପିରୁକୁଳି କଲ୍ୟାଣମଣ୍ଡପ ଠାରେ ଶୁକ୍ରବାର କଂଗ୍ରେସର ନିର୍ବାଚନମଣ୍ଡଳୀସ୍ତରୀୟ ଭୋଟ ଚୋର ଗାଦି ଛାଡ଼ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି ଓ ବେଗୁନିଆ ବ୍ଲକ କଂଗ୍ରେସ ସଭାପତି କାଳନ୍ଦୀ ମହାପାତ୍ରଙ୍କ ମିଳିତ ଆବାହକତ୍ୱରେ ତଥା ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, କଂଗ୍ରେସ ନେତା ମାଧବ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଭୋଟ ଚୋରି ନେଇ ସଚେତନ କରିଥିଲେ। ଏହା ଦ୍ୱାରା ନାଗରିକଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ଭୋଟ ଚୋର ଗାଦିଛାଡ଼ ଅଭିଯାନକୁ ସଫଳ କରିବାକୁ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଲଢିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୪୦ଟି ପଞ୍ଚାୟତର ବହୁ କଂଗ୍ରେସ ନେତା, କର୍ମୀମାନେ ଯୋଗଦେଇ ଦସ୍ତଖତ ଅଭିଯାନକୁ ସଫଳ କରିଥିଲେ। ପ୍ୟାରୀମୋହନ ଦାସ, ରଘୁନାଥ ସାହୁ, ସୁଶାନ୍ତ ତ୍ରିପାଠୀ, ରମେଶ ପଟ୍ଟନାୟକ, ଧୀରେଶ ମହାପାତ୍ର, ତ୍ରିଲୋଚନ ମିଶ୍ର, କବି ଦେଓ, ନବକିଶୋର ପଣ୍ଡା, ଦିବାକର ରାଉତ, ପ୍ରଫୁଲ୍ଲ ସାମନ୍ତସିଂହାର, ସନ୍ତୋଷ ପ୍ରଧାନ, ଭାସ୍କର ମଙ୍ଗରାଜ ଉପସ୍ଥିତ ଥିଲେ। ପ୍ରକାଶ ରଥ ସଭା ପରିଚାଳନା ଏବଂ ଜୟକୃଷ୍ଣ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**କଳାପଥର,୧୦।୧୦(ଗଙ୍ଗାଧର ସାହୁ)**

ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗେଡ଼ିଆପଲ୍ଲୀ ଆନୁକୂଲ୍ୟରେ ଧଳାପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଉଚ୍ଚବିଦ୍ୟାଳୟ ଗେଡ଼ିଆପଲ୍ଲୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୌଡ଼ନୂଆଗାଁ, ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇକରାପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟ କୋଦୁଅବେରେଣି, ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରୀରାମପୁର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠଣାପଲ୍ଲୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧଳାପଥର, ବାଳିକା ଉଚ୍ଚ ବିଦ୍ୟାଳୟ ଧଳାପଥରର ୯୭ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରକାଶ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ଗେଡ଼ିଆପାଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର, ଧଳାପଥର ଗ୍ରାମ ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ପରିଚାଳନା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ। ବକ୍ତୃତା, କୁଇଜ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସୁରଭି ଶିଶୁ ପ୍ରତିଭା ବିକାଶ କରିବାର ଏକ ବଳିଷ୍ଠ ମାଧ୍ୟମ, ଯାହାକି ଛାତ୍ରୀଛାତ୍ରଙ୍କୁ ବିକାଶ କରିବାରେ ସହାୟତା କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଲୋକକଳା ପରିବେଷଣ କରିଥିଲେ। ଶେଷରେ ଶିଶିର ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)**

ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ଶତପଥୀ ଅଧକ୍ଷତା କରିଥିବା ବେଳେ ଅତିଥିଭାବେ ଭୁବନେଶ୍ୱର ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ଇତିହାସ ବିଭାଗର ସଞ୍ଜୀବ କୁମାର ପରିଡା, ରାଜନୀତି ବିଜ୍ଞାନ ବିଭାଗର ସର୍ମିଷ୍ଠା ଦାଶ, ଓଡ଼ିଆ ବିଭାଗର ସୁଭଦ୍ରା ବଳିୟାରସିଂହ, ଶିକ୍ଷା ବିଭାଗର ରିଙ୍କିନା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗତ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷା ସମ୍ମାନରେ ରଶ୍ମିତା ସାହୁ, ରାଜନୀତି ବିଜ୍ଞାନ ସମ୍ମାନରେ ଅଙ୍କିତା ମଲ୍ଲିକ, ସଂସ୍କୃତ ସମ୍ମାନରେ ପ୍ରୀତିପୁଷ୍ପା ରାୟ, ଓଡ଼ିଆ ସମ୍ମାନରେ ପୂଜା ଦଳେଇ, ଇତିହାସ ସମ୍ମାନରେ ରୁଦ୍ରପ୍ରତାପ ସାହୁ ସର୍ବୋଚ୍ଚ ନମ୍ବର ରଖିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ସୁଶିଲ କୁମାର ମହାପାତ୍ର, ସୁକାନ୍ତ କୁମାର ପରିଡ଼ା, ପ୍ରିୟରଞ୍ଜନ ପଟ୍ଟନାୟକ, ବିକ୍ରମ ପ୍ରସାଦ ରଣା, ସଞ୍ଜୁକ୍ତା କୁମାରୀ ସାହୁ, ସୁମିତ ସୋଭନ ପଟଯୋଶୀ, ପ୍ରତ୍ୟୁଷ କୁମାର ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ




**ବାଣପୁର,୧୦।୧୦(ଦିଲୀପ କୁମାର ସ୍ୱାଇଁ)**

ଚିଲିକା ବ୍ଲକର ଆଙ୍ଗୁଲା ପଞ୍ଚାୟତ ରାହାଣବେଲି ଗ୍ରାମରେ ପ୍ରୟତ୍ନ ସଂସ୍ଥା ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ସହଯୋଗରେ ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ସ୍ୱଚ୍ଛତା ବାବଦରେ ଜାଗ୍ରତ କରିବା ପାଇଁ ଏକ ରାଲି କରାଯାଇଥିଲା। ଏଥିରେ ଗ୍ରାମର ଯୁବକ, ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପରେ ମା'ତାରିଣୀ ପୀଠ ନିକଟରେ ଏକ ସଚେତନତା ସଭା ହୋଇଥିଲା। ଦାମୋଦର ସ୍ୱାଇଁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଚିଲିକା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ସମ୍ମାନିତ ଅତିଥି ଚିଲିକା ବିଇଓ ଦ୍ୱାରିକାନାଥ ବେହେରା, ଏବିଇଓ ଗଗନ ବିହାରୀ ବେହେରା, ଆଇସିଡିଏସ୍ ସୁପରଭାଇଜର ସ୍ୱର୍ଣ୍ଣଲତା ନାୟକ, ଏଚ୍‌ଡିଏଫ୍‌ସି ବାଲୁଗାଁ ବ୍ରାଞ୍ଚ ମ୍ୟାନେଜର ହିମାଂଶୁ ମିଶ୍ର, ଡେପୁଟି ମ୍ୟାନେଜର ଦର୍ପନାରାୟଣ ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର ଅନୁରାଗ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ମଧ୍ୟରେ ଚିଲିକା ପ୍ରେସ ୟୁନିଅନର ସହ ସମ୍ପାଦକ ଶରତ ଚନ୍ଦ୍ର ବରାଳ, ଭାଜପା ନେତା କୈଳାସ ବରାଳ, ଶିକ୍ଷାବିତ୍ ବିଜୟ ସ୍ୱାଇଁ, ଜ୍ଞାନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବବୁ ମନ୍ନା, ସରୋଜ କାନ୍ତ ରାଉତ, ଆଦିତ୍ୟ ପ୍ରଧାନ, ଆଶୁତୋଷ ନାୟକ, ପ୍ରଜ୍ଞା ପରମିତା ବିଶ୍ୱାଳ, ନର୍ମଦା ରାଣୀ ସାହୁ, ବର୍ଷାରାଣୀ ରାଉଳ, ଲକ୍ଷ୍ମୀପ୍ରିୟା ଦାସ, ଗଜେନ୍ଦ୍ର ଘଡେଇ, ନମିତା ପରିଡା ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ଓ ସଫେଇ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ ଓ ଗୀତ ମାଧ୍ୟମରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ।

## ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

**ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ନିବାସ ଚନ୍ଦ୍ର ମଣ୍ଡଳ, ହରିପଦ ମଣ୍ଡଳ, ସ୍ୱର୍ଣ୍ଣଲତା ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପରିବାର ଏକ ବିଦ୍ୟାଳୟ। ଶିଶୁର ପ୍ରଥମ ଶିକ୍ଷୟିତ୍ରୀ ମା'। ଯୌଥପରିବାରରେ ସଦସ୍ୟମାନେ ସମସ୍ତଙ୍କର ଦାୟିତ୍ୱ ନେଉଥିଲେ। ପରିଣତ ବୟସରେ ବୃଦ୍ଧମାନଙ୍କ ସେବା କରିବା ପୂଣ୍ୟ ବୋଲି ଭାବି ପ୍ରାଥମିକତା ଦେଉଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଶପଥପାଠ କରାଇଥିଲେ। ରୁପାଲି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମନୋରମା ସାହୁଙ୍କ ତତ୍ତ୍ୱାବଧାନରେ ଶିଶୁମାନେ 'ଜ୍ୟେଷ୍ଠ ଶ୍ରେଷ୍ଠ ବରିଷ୍ଠ' ଶୀର୍ଷକ ନୃତ୍ୟନାଟିକା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଗାୟତ୍ରୀ ବିଶ୍ୱାସ, ବୀଣାପାଣି ମଣ୍ଡଳ, ସୋନାଲି ମଣ୍ଡଳ, ରତ୍ନ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଓଡ଼ିଆ ଜାତିର ଆଦର୍ଶ ଥିଲେ ଗୋପବନ୍ଧୁ

**ଖୋର୍ଦ୍ଧା ,୧୦।୧୦(ପ୍ରଭାତ ପାଣିଗ୍ରାହୀ)**


ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ(ଏଆଇଡିଏସ୍‌ଓ) ଖୋର୍ଦ୍ଧା ଶାଖା ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସିଡିଏମ୍‌ଓ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ କର୍ମକର୍ତ୍ତା ଓ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଏଆଇଡିଏସ୍‌ଓ ପୂର୍ବତନ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ଜ୍ଞାନ ରଞ୍ଜନ ଦାଶ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଉତ୍କଳ ସମ୍ମିଳନୀ ସମ୍ପାଦକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, କବି କୈଳାସ ଚନ୍ଦ୍ର ପୃଷ୍ଟି, ସମାଜସେବୀ ଇତିଶ୍ରୀ ସାହୁ, ବସ୍ତି ବିକାଶ ମଞ୍ଚର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଘଡ଼େଇ, ଲେଖକ ଭବାନୀ ପ୍ରସାଦ କର, ଓମ୍ ପ୍ରକାଶ ମହାନ୍ତି, ଡିଏସ୍‌ଓ ଶାଖା ସମ୍ପାଦକ ଅବିନାଶ ପ୍ରଧାନ, ଅନୁପମ ମହାନ୍ତିପ୍ରମୁଖ ଗୋପବନ୍ଧୁଙ୍କ ଜୀବନୀ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

**ବେଗୁନିଆ(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ଅନୁଷ୍ଠିତ 'ପ୍ରତି ସ୍ପନ୍ଦନେ, ଦାସେ ଆପଣେ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ହୋଇଥିଲା। ସଂସଦର ସଭାପତି ପ୍ରଫେସର ଡ.ହରିପ୍ରସାଦ ଦାସ ଅଧକ୍ଷତା କରିଥିଲେ। ପଣ୍ଡିତ ବିଷ୍ଣୁପ୍ରସାଦ କରଙ୍କ ମଙ୍ଗଳା ଚରଣ ପାଠ କରିବା ପରେ ଉତ୍କଳମଣିଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଉତ୍କଳମଣିଙ୍କ ଉଦ୍ଦେଶ୍ୟରେ 'ପାଦେ ଲୋଟିକି, ଦେଉ ଜନ୍ମଦିନେ ଏହି ଭେଟିକି' ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ଏଥିରେ ସଂସ୍କୃତି ବିଶେଷଜ୍ଞ ଡା.ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କବିକେତନ ଗୌରଚରଣ ସାମନ୍ତସିଂହାର ମୁଖ୍ୟ ବକ୍ତା ଏବଂ ଇଂ. ରାମ ମାନସ ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଗୋପବନ୍ଧୁ ଦାସ ପ୍ରତିଟି ଓଡ଼ିଆ ପ୍ରାଣର ସ୍ପନ୍ଦନ ଥିଲେ। ବିଶେଷକରି ଦୀନ, ଦୁଃଖୀ ଓ ନିଷ୍ପେଷିତ ମଣିଷର ମନ ଓ ଭାଷାକୁ ସେ ହୃଦୟଙ୍ଗମ କରିପାରୁଥିଲେ। ତାଙ୍କ ଜୀବନ ଓ କର୍ମ ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ କବିତା ପାଠରେ କବି ଦିବ୍ୟଲୋଚନ ଭାରିମଲ, ବସନ୍ତ ସାହୁ, କବୟିତ୍ରୀ ମାନସୀ ଦାସ, ସବିତା ରାୟ,ପ୍ରଶାନ୍ତ ବାରିକ, ରାମଚନ୍ଦ୍ର ବେହେରା, ମହେଫୁଜ ଅଲ୍ଲୀ, ସୁରେନ୍ଦ୍ର ପାଲଟାସିଂହ, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ପଣ୍ଡିତ ଦୀନବନ୍ଧୁ ଦାଶ, ଶିକ୍ଷାବିତ ପତିତପାବନ ବଳବନ୍ତରାୟ, ତପୁ ପଣ୍ଡା, ରାଜକିଶୋର ସାହୁ, କୃଷ୍ଣଚନ୍ଦ୍ର ବଳବନ୍ତରାୟ, ବିଭୁଚନ୍ଦ୍ର ଦାସ, ଯୋଗୀ ପାତ୍ର, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ପ୍ରବାସୀ ସାମଲ, ହରେକୃଷ୍ଣ ଦଳାଇ, ଭାଗବତ ପାତ୍ର, ଅବନୀ ପ୍ରଧାନ, ଶ୍ରୀକାନ୍ତ ଦାସ, ଲୋକନାଥ ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାୟକ ରାମଚନ୍ଦ୍ର ସାହୁ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସଂସଦର ବରିଷ୍ଠ ସଦସ୍ୟ ବସନ୍ତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

**ବାଲୁଗାଁ (ସଂଗ୍ରାମ ପାଇକରାୟ)** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଏବଂ ଦାର୍ଶନିକ ଚିନ୍ତନ ସମ୍ପର୍କିତ ଆଲୋଚନାଚକ୍ର ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ରମାନେ ମାଲ୍ୟାର୍ପଣ କରିଥିଲେ। ପରେ ଦର୍ଶନଶାସ୍ତ୍ର ବିଭାଗରେ ଅୟୋଜିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦାର୍ଶନିକ ଚିନ୍ତନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଭାଗର ମୁଖ୍ୟ କୈଳାସ ଚନ୍ଦ୍ର ମହାରଣା ଉତ୍କଳମଣିଙ୍କ ଦର୍ଶନରେ ପ୍ରତିଫଳିତ ମାନବତାବାଦ, ମୂଲ୍ୟବୋଧ, ଈଶ୍ୱରତତ୍ତ୍ୱ, ସମାଜସେବା, ସହୃଦୟତା, ଶୈକ୍ଷିକ ଦର୍ଶନ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଅଧକ୍ଷ ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ଛାତ୍ରୀ ସନ୍ଧ୍ୟାରାଣୀ ପାଇକରାୟ, ସରସ୍ୱତୀ ଘଟୁଆଳି ଓ ସୋନାଲି ବିଶ୍ୱାସ ଗୋପବନ୍ଧୁଙ୍କ ଦର୍ଶନ ସମ୍ପର୍କିତ ନିବନ୍ଧ ଉପସ୍ଥାପନ କରିଥିଲେ। ସେମିନାର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ପଠିତ ନିବନ୍ଧଗୁଡ଼ିକର ସମୀକ୍ଷା କରିବା ସହ ଗୋପବନ୍ଧୁଙ୍କ ପ୍ରୟୋଗାତ୍ମକ ଦାର୍ଶନିକ ଦୃଷ୍ଟିକୋଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରିନା ରାଉତ ଗୋପବନ୍ଧୁଙ୍କ ନିଃସ୍ୱାର୍ଥପର ସମାଜସେବା ଓ ରାଷ୍ଟ୍ରପ୍ରୀତି ସମ୍ପର୍କରେ ଆଲୋଚନା କରିଥିଲେ। ସେମିନାର ସମ୍ପାଦିକା ସୁଶ୍ରୀ ଯସ୍ମିନ ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

**ଗୋପବନ୍ଧୁ ଦାସଙ୍କ ଜୟନ୍ତୀ**

ପୁରୁଣା ଭୁବନେଶ୍ୱର, (ସୁବାସ ଚନ୍ଦ୍ର ପ୍ରଧାନ): ସ୍ଥାନୀୟ କେଦାର ଗୌରୀ କ୍ଲବ ପରିସରରେ ଗୁରୁବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ସଦସ୍ୟମାନେ ଗୋପବନ୍ଧୁଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସୁରେଶ ରାଉତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ସମର୍ଥା, ଗୌରୀ ଶଙ୍କର ଶତପଥୀ, ରମାକାନ୍ତ ଦାଶ, ସୁଜିତ ମାଙ୍କଡମ, ଦେବଜ୍ୟୋତି ସାମନ୍ତରାୟ, ଅର୍ଣ୍ଣଦା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂଗ୍ରହାଳୟରେ 'ଆସ ଗାନ୍ଧୀଙ୍କୁ ଜାଣିବା' ପ୍ରତିଯୋଗିତା

ଭୁବନେଶ୍ୱର,୧୦।୧୦(ସୁଚିସ୍ମିତା ସାହୁ)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ରାଜ୍ୟ ସଂଗ୍ରହାଳୟ ପରିସରରେ ଶୁକ୍ରବାର 'ଆସ ଗାନ୍ଧୀଙ୍କୁ ଜାଣିବା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁବାଦିକା ଶକୁନ୍ତଳା ବଳିଆରସିଂହ, ଆଜିର ସୃଜନିର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ, ବିଶିଷ୍ଟ ସାହିତ୍ୟିକା ଡ. ଜୟନ୍ତୀ ରଥ ପ୍ରମୁଖ ବିଚାରକ ଭାବରେ ଯୋଗଦେଇଥିଲେ। ସଂଗ୍ରହାଳୟର ଅଧୀକ୍ଷକ ଭାରତୀ ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କ ଓଜସ୍ୱିନୀ ବକ୍ତୃତା ବେଶ ଚିତାକର୍ଷକ ଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷୟିତ୍ରୀଶିକ୍ଷକ ତଥା ଅଭିଭାବକ ଯୋଗଦେଇଥିଲେ।

# ଯାତ୍ରାକାଳୀନ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଲେ ବିଶେଷଜ୍ଞ



### ଏମ୍ସରେ ଟ୍ରାଭେଲ ହେଲ୍‌ଥ କ୍ଲିନିକ ସମ୍ମିଳନୀ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱର ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ସହଯୋଗରେ ଟ୍ରାଭେଲ ହେଲ୍‌ଥ କ୍ଲିନିକ (ଟିଏଚ୍‌ସି) ସମ୍ପର୍କିତ ଦ୍ୱିତୀୟ ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ସମ୍ମିଳନୀରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସମେତ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧିଙ୍କ ସହିତ ୧୬ଟି ଏମ୍ସ ଏବଂ ରାଜ୍ୟ ମେଡିକାଲ କଲେଜର ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସମନ୍ୱିତ ଆନ୍ତଃମନ୍ତ୍ରଣାଳୟ ସହଯୋଗ ମାଧ୍ୟମରେ ସାରା ଦେଶରେ ଟ୍ରାଭେଲ ହେଲ୍‌ଥ କ୍ଲିନିକ ପ୍ରତିଷ୍ଠା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଡା. ଏସ. ସେନ୍ଥିଲନାଥନ ବିମାନ, ରେଳ, ଜାହାଜ ଆଦି ଯାତ୍ରା କାଳରେ ଚିକିତ୍ସା ସେବାର ସମ୍ଭାବ୍ୟତା ଉପରେ ଆଲୋଚନା କରିଥିଲେ। ଏମ୍ସ ସିଏମଏଫଏମ ବିଭାଗ ମୁଖ୍ୟ ଡା. ବିକାଶ ଭାଟିଆ ଔଷଧ, ଟୀକାକରଣ, ସଂକ୍ରାମକ ରୋଗ ନିବାରଣ ଏବଂ ଜରୁରୀକାଳୀନ ଯାତ୍ରା ଯତ୍ନରେ ସଂରଚିତ ପାଠ୍ୟକ୍ରମ, ତାଲିମ କାର୍ଯ୍ୟକ୍ରମ ଏବଂ କ୍ଷମତା ନିର୍ମାଣ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏମ୍ସ ଦରଭଙ୍ଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ମାଧବାନନ୍ଦ କର, ଏମ୍ସ ଅୱନ୍ତୀପୁରାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ସଚ୍ଚିଦାନନ୍ଦ ମହାନ୍ତି, ଏମ୍ସ ଦିଲ୍ଲୀର ଡା. ସଞ୍ଜୟ ରାୟ, ପ୍ରତିରକ୍ଷା ମନ୍ତ୍ରଣାଳୟର କମାଣ୍ଡର୍ କୌଶିକ ରାୟ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ।

## ବାହୁବଳେନ୍ଦ୍ର ସାହିରେ ଗଜଲକ୍ଷ୍ମୀ ପୂଜା



ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ପିଣ୍ଡିକି ବାହୁବଳେନ୍ଦ୍ର ସାହିରେ ୩୭ତମ ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମର ସହ ପାଳିତ ହେଉଛି। ସନ୍ଧ୍ୟା ହେବା ମାତ୍ରେ ସୁସଜ୍ଜିତ ରଙ୍ଗବେରଙ୍ଗର ଆଲୋକମାଳ ଦେଖଣାହାରୀଙ୍କୁ ବିମୋହିତ କରିଛି। ୭ଦିନ ଧରି ଆୟୋଜିତ ଏହି ପୂଜା ଉତ୍ସବରେ ସୋମବାରଠାରୁ କୁମାର ପୂର୍ଣ୍ଣିମା ଅବସରରେ ମା'ଙ୍କୁ ସ୍ଥାପନା ସହ କଳସ ଶୋଭାଯାତ୍ରା, ଷୋଡ଼ଶ ଉପଚାର ପୂଜା, ସର୍ବଦେବଦେବୀ ଆବାହନ, ଆହୁତିପ୍ରଦାନ, ଅଗ୍ନିସ୍ଥାପନ ଓ ହୋମ ଯଜ୍ଞ ହୋଇଥିଲା। ସୋମବାରଠାରୁ ରବିବାର ପର୍ଯ୍ୟନ୍ତ ୭ ଦିନ ଧରି ପ୍ରତ୍ୟହ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ, ଭଜନ, ପାଲା ଓ ନୃତ୍ୟ ପରିବେଷଣ କମିଟି ପକ୍ଷରୁ କରାଯାଉଥିବା ବେଳେ ରବିବାର ସନ୍ଧ୍ୟାରେ ମା'ଙ୍କର ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ପୂଜକ କାଳନ୍ଦୀ ରଥ, ଲିଙ୍ଗରାଜ ଶତପଥୀ ଓ ସତ୍ୟ ପ୍ରକାଶ ପତି ପୂଜା କାର୍ଯ୍ୟ ସମ୍ପନ୍ନ କରୁଥିବା ବେଳେ କର୍ତ୍ତା ଭାବେ ମିଟୁ ବାହୁବଳେନ୍ଦ୍ର, ବେବିନା ରାଉତ ଯୋଗଦେଇ ସହଯୋଗ କରିଛନ୍ତି। କମିଟିର ସଦସ୍ୟ କେଦାର ବାହୁବଳେନ୍ଦ୍ର, ଅମରେନ୍ଦ୍ର ବାହୁବଳେନ୍ଦ୍ର, ଧିରେନ ସୁନ୍ଦରାୟ, ବାପି ବାହୁବଳେନ୍ଦ୍ର, ଅକ୍ଷୟ ବାରିକ, ୫ ନଂ. ୱାର୍ଡ ମେମ୍ବର ହୃଦାନନ୍ଦ ସାହୁ, ମାଗୁଣି ସାହୁ ଓ ଦାରୁଠେଙ୍ଗ ଗ୍ରାମର ଯୁବକ ଓ ମୁରବୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ରାଜ୍ୟରେ ଓଡ଼ିଆ ଭାଷା ବିପନ୍ନ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ପୂର୍ବାଞ୍ଚଳ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ଉଦ୍‌ଯାପନ ସମାରୋହ ଶୁକ୍ରବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଐର ଖାରବେଳ ଓ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟର ଓଡ଼ିଆମାନଙ୍କର ରାଜ୍ୟର ବିସ୍ତୃତ ଆକାର ଆଜି ସଙ୍କୁଚିତ କଳେବରରେ ପରିଣତ ହୋଇଛି। କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ରାଜ୍ୟରେ ମଧ୍ୟ ଓଡ଼ିଆ ଭାଷା ବିପନ୍ନ ଅବସ୍ଥାରେ ରହିଛି। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିଭିନ୍ନସ୍ତରରେ ଯେପରି ଗୁରୁତ୍ୱ ଦେବା ଆବଶ୍ୟକ ତା'ର ଅଭାବ ରହିଥିବା ପଦ୍ମଶ୍ରୀ ମିଶ୍ର କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ବର୍ତ୍ତମାନର ପିଢ଼ି ଯେପରି ମାତୃଭାଷା ବିମୁଖ ହେଉଛନ୍ତି, ତାହା ଉଦ୍‌ବେଗ ଜନକ ବୋଲି ସେ କହିଥିଲେ। ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ କବି ଅଲେଖ ଚନ୍ଦ୍ର ପଢ଼ିଆରୀ ଓ କୋଟିଆ ଅଞ୍ଚଳର ଭାଷାପ୍ରେମୀ ଡ. ଜଳେନ୍ଦ୍ର ତ୍ରିପାଠୀ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ତଥା ଓଡ଼ିଶାରେ ମାତୃଭାଷା ଓଡ଼ିଆ କିପରି ସମୃଦ୍ଧ ହେବ ସେ ନେଇ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ରାମ ନାରାୟଣ ମିଶ୍ର ନ୍ୟାସୀ ମଣ୍ଡଳର କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲାବେଳେ ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାଭାଷୀଙ୍କ ସମସ୍ୟା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ଓ ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ସରୋଜ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପର୍ଶୁରାମ ଦ୍ୱିବେଦୀଙ୍କ ରଚିତ 'ଆମ ବିଚ୍ଛିନ୍ନାଞ୍ଚଳ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୀତା ବଲ୍ଲଭ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ରମାକାନ୍ତ ମିଶ୍ର ପରିଚାଳନା କରିଥିଲେ ଏବଂ ଅନୁଷ୍ଠାନର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ତ୍ୱରାନ୍ୱିତ ହେବ




### ବିଡ଼ିଏର ସିଇଏମ୍‌ସି ବୈଠକ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟି (ସିଇଏମ୍‌ସି) ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି ଅଧ୍ୟକ୍ଷ ଡ. ଏନ୍. ଥିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମିକୁ ଅବରୋଧମୁକ୍ତ କରିବା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଜମି ଜବରଦଖଲମୁକ୍ତ ତଥା ଉଚ୍ଛେଦ ସମୟରେ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସିଇଏମ୍‌ସିର ଆବାହକ ତଥା ବିଡ଼ିଏର ଏନ୍‌ଫୋର୍ସମେଣ୍ଟ ଯୁଗ୍ମ ଆୟୁକ୍ତ ରଞ୍ଜନ କୁମାର ଜେନା ସିଇଏମ୍‌ସି ଦ୍ୱାରା ଜୁଲାଇ ୩୦ରୁ ଅକ୍ଟୋବର ୮ ମଧ୍ୟରେ କରାଯାଇଥିବା ବିଭିନ୍ନ ଉଚ୍ଛେଦ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଓ କାର୍ଯ୍ୟକାରୀ ହୋଇ ନ ଥିବା ଉଚ୍ଛେଦ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପୋଲିସ ଅନୁପସ୍ଥିତି କାରଣରୁ ଅଧିକାଂଶ ଉଚ୍ଛେଦ କାର୍ଯ୍ୟ ଆଗକୁ ବଢ଼ି ପାରି ନ ଥିଲା। ତେଣୁ ଉଚ୍ଛେଦ କାର୍ଯ୍ୟ ପାଇଁ ନିୟମିତ ଭାବେ ପୋଲିସ ବଳ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଏହି ସମୟ ମଧ୍ୟରେ ସିଇଏମ୍‌ସି ଦ୍ୱାରା ମୋଟ ୫୬ଟି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇଥିଲା। ସେଥି ମଧ୍ୟରୁ ୨୯ଟି ସ୍ଥାନରେ ଉଚ୍ଛେଦ ହୋଇଥିଲା। ଫଳରେ ୨୫.୩୪ ଡେସିମିଲ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ପୋଲିସ ବଳର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ୨୭ଟି ସ୍ଥାନରେ ଉଚ୍ଛେଦ ହୋଇ ପାରି ନ ଥିଲା। ସେହିପରି କ୍ଲୁଇସ ଆପ୍‌ରେ ୪୫ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ୨୫ଟି ସ୍ଥାନରେ ଉଚ୍ଛେଦ କରାଯାଇ ୫ଏକର ୩୨୫ ଡେସିମିଲ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା। ବୈଠକରେ ସାଧାରଣ ପ୍ରଶାସନ ବିଭାଗ, ରାଜ୍ୟ ଗୃହ ନିର୍ମାଣ ବିଭାଗ, ଇଡ୍‌କୋ, ରେଳପଥ, ଆର୍ ଆଣ୍ଡ ବି, ବିଏମ୍‌ସି, ଓୟୁଏଟି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ଗାଁରେ ସରିଲା ଗଜଲକ୍ଷ୍ମୀଙ୍କ ଭସାଣ

ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ)

କୁହ୍ନେଇଁପଡ଼ା ପଞ୍ଚାୟତର ବ୍ରାହ୍ମଣୀ ଗାଁରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଗୁରୁବାର ଶେଷ ହୋଇଛି। ଗୁରୁବାର ଗେ-ପୂଜା ଓ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିବା ବେଳେ ଶୁକ୍ରବାର ମା' ଗଜଲକ୍ଷ୍ମୀଙ୍କର ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟର ଶୋଭାଯାତ୍ରାରେ ଗ୍ରାମର ଯୁବକଙ୍କ ନୃତ୍ୟ ଦେଖଣାହରୀଙ୍କୁ ବେଶ୍ ମନଲୋଭା କରିଥିଲା। ପୂଜା ଚାଲିଥିବା ବେଳେ ପ୍ରତ୍ୟହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୂଜ୍ୟପୂଜାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ



ପୁରୁଣା ଭୁବନେଶ୍ୱର,୧୦।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ବିଂଶତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଓ ଜ୍ଞାନଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୯ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ ନୂଆଗାଡ଼ିଆରୁ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରା ହୋଇଥିଲା। ଶନିବାରଠାରୁ ପ୍ରବକ୍ତା ପଣ୍ଡିତ ଅନୁଗୋଳର ଗୌରିଶଙ୍କର ଦାସ, ପୁରୀର ପଣ୍ଡିତ ରତ୍ନାକର ନାୟକ, ଖୋର୍ଦ୍ଧାର ପଣ୍ଡିତ ମହନ୍ତ ଗୋବିନ୍ଦ ଦାସ, କଣାସ ପୁରର ନାରାୟଣ ଦାସ ଭିନ୍ନ ଭିନ୍ନ ଦିନରେ ରାମଚରିତ ମାନସର କଥାମୃତ ପ୍ରବଚନ ମାଧ୍ୟମରେ ଶୁଣାଇବେ। ପଣ୍ଡିତ ସନ୍ତୋଷ କୁମାର ବାହିନୀପତି ବ୍ୟାସ ଏବଂ ପଣ୍ଡିତ ରତିକାନ୍ତ ସାମନ୍ତରାୟ ଆଚାର୍ଯ୍ୟ ପୁରୋଧା ଭାବେ କାର୍ଯ୍ୟ ତୁଲାଇବେ। ଜୟ ଶ୍ରୀରାମ ଆଧ୍ୟାତ୍ମିକ ଚେତନା ପରିଷଦ ଏବଂ ଲକ୍ଷ୍ମୀନାରାୟଣପୁର ଗ୍ରାମବାସୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଗୌରିଶଙ୍କର ଦାସ ଉଦ୍‌ଘାଟନ କରିବାକୁ ସ୍ଥିର ହୋଇଥିବା ପରିଷଦର ମୁଖ୍ୟ ପରିଚାଳକ ରବିନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି।

## ଏମ୍‌ଏସ୍‌ଏମ୍‌ଇ ସମସ୍ୟା, ସମ୍ଭାବନା ନେଇ ଆଲୋଚନା




ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ପୁରୀ ଜିଲା କ୍ଷୁଦ୍ର ଉଦ୍ୟୋଗ ସଂଘ (ଡିଏସ୍‌ଏସ୍‌ଆଇଏ) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗ (ଏମ୍‌ଏସ୍‌ଏମଇ)ଗୁଡିକର ସମସ୍ୟା, ସମ୍ଭାବନା ଓ ଭବିଷ୍ୟତ ନେଇ ମାନସମନ୍ଥନ ହୋଇଥିଲା। ପୁରୀ ଜିଲାର ଶତାଧିକ ଉଦ୍ୟୋଗୀ ଭାଗନେଇ ବ୍ୟବସାୟର ସମସ୍ୟା ଉପସ୍ଥାପନ କରିବା ପରେ ସମାଧାନ ନେଇ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ ହେବାକୁ ଥିବା ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ ସମ୍ପର୍କରେ ଆଲୋକପାତ ହୋଇଥିଲା। ଏହି ଅବସରରେ ଗୋଟିଏ ସ୍ଥାନରେ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦନ ଜ୍ଞାନ, ସେବା ଓ ନୂତନ ଦକ୍ଷତା ବିଷୟରେ ଆଲୋଚନା କରିବାକୁ ସୁଯୋଗ ପାଇ କିଭଳି ନିଜ ସମସ୍ୟାକୁ ସମାଧାନ କରିପାରିବେ ସେ ବିଷୟରେ ଅତିଥିମାନେ ମତପ୍ରକାଶ କରିଥିଲେ। ବୃହତ୍ ଉଦ୍ୟୋଗ ପାଇଁ ଋଣ ସୁବିଧାର ଅଭାବ, ବିଳମ୍ବିତ ଅର୍ଥ ଗ୍ରହଣ, ବଜାର ସଂଯୋଗର ଅଭାବ ଓ ଅପର୍ଯ୍ୟାପ୍ତ ଢାଞ୍ଚା ଆଦି ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ନିଜ ବ୍ୟବସାୟ ଉପରେ ଲକ୍ଷ୍ୟ ରଖି ସଫଳ ହେବାକୁ ପରାମର୍ଶ ଦେଇଥିଲେ।




ବୁଦ୍ଧ ବନ୍ଦିରରେ ଶୁକ୍ରବାର ମହିଳା ଦକ୍ଷତା ସମିତିର ୩୩ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ପାଣ୍ଡରାରେ ନିର୍ମାଣ ହେବ ବୃହତ୍ ମାଛ ମାର୍କେଟ

### ଆଜି ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ପାଣ୍ଡରାଠାରେ ନିର୍ମାଣ ହେବ ବୃହତ ମାଛ ମାର୍କେଟ। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲରେ ଏହାର ଶିଳାନ୍ୟାସ କରିବେ। ୫ ଏକର ଜାଗାରେ ଏହି ମାଛ ମାର୍କେଟ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନାରେ ୫୦କୋଟି ଟଙ୍କା ମିଳିଛି। ତେବେ ମାର୍କେଟ ନିର୍ମାଣ ପାଇଁ ପ୍ରାୟ ୬୦କୋଟି ଟଙ୍କାର ପ୍ରକଳ୍ପ ରହିବ ବୋଲି ମେୟର ସୁଲୋଚନା ଦାସ ଶୁକ୍ରବାର ସୂଚନା ଦେଇଛନ୍ତି। ପାଣ୍ଡରାରେ ମାଛ ମାର୍କେଟ ପାଇଁ ଗତ ୩ବର୍ଷ ହେଲା ପ୍ଲାନ୍ ଥିଲା। ଏଥିରେ ରିଟେଲ ବ୍ୟବସାୟୀଙ୍କ ସମେତ ହୋଲ୍‌ସେଲର, କୋଲ୍ଡଷ୍ଟୋରେଜ ସମେତ ମାଛଚାଷୀ, ବ୍ୟବସାୟୀ ଓ ଗ୍ରାହକ ସମସ୍ତେ ଉପକୃତ ହୋଇପାରିବେ ବୋଲି ମେୟର କହିଛନ୍ତି।

## ଭୋଟ ଚୋରି, ଚାକିରି ବିକ୍ରି ଅଭିଯୋଗରେ କଂଗ୍ରେସର ପଦଯାତ୍ରା



ପଦଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ଦଳୀୟ ନେତୃବୃନ୍ଦ।

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ଭୋଟ୍ ଚୋରି ଓ ଚାକିରି ବିକ୍ରି ପ୍ରସଙ୍ଗରେ ଶୁକ୍ରବାର ପୁରୀରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦାସ ଭୁବନେଶ୍ୱରରୁ ବାହାରି ପିପିଲି, ସତ୍ୟବାଦୀ ଏବଂ ପରେ ପୁରୀ ସହରରେ ପହଞ୍ଚି ପଦଯାତ୍ରାରେ ସାମିଲ ହୋଇଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଘଟିଥିବା ଭୋଟ ଚୋରି ବିଷୟରେ ସେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସନ୍ଧ୍ୟାରେ ହସ୍ପିଟାଲ ଛକରୁ ଶତାଧିକ କଂଗ୍ରେସ ନେତା ଓ କର୍ମୀଙ୍କ ଗହଣରେ ପଦଯାତ୍ରାରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଆସିଥିଲେ। ରାସ୍ତା ଉଭୟ ପାର୍ଶ୍ୱରେ ମା'ଲକ୍ଷ୍ମୀଙ୍କ ବିଭିନ୍ନ ପେଣ୍ଡାଲ ବୁଲି ଆଶୀର୍ବାଦ କାମନା କରିଥିଲେ। ସେହିପରି ମହିଳା, ଦଳୀୟ କର୍ମୀ ଏବଂ ଜିଲାର ବରିଷ୍ଠ ନେତାଙ୍କୁ ଭେଟିଥିଲେ। ତତ୍‌ସହିତ ଭାରତୀୟ ନିର୍ବାଚନ କମିଶନଙ୍କ ଭୋଟ ଚୋରି ସମ୍ବନ୍ଧୀୟ ହସ୍ତାକ୍ଷର ସମୂହ, ପୁରୀ ଜିଲାର ବିଭିନ୍ନ ବ୍ଲକ୍ କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାଙ୍କଠାରୁ ଗ୍ରହଣ କରିଥିଲେ। ଏହି ଅବସରରେ ଦାସ କହିଲେ, ସାରା ରାଜ୍ୟରେ ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି ବୋଲି ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର, ରାଜ୍ୟ ସେବାଦଳ କଂଗ୍ରେସ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପୁରୀ ଜିଲା ପ୍ରଭାରୀ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଭାଜପା କେନ୍ଦ୍ରୀୟ ନେତାଙ୍କ ସଂପୃକ୍ତିର ତଦନ୍ତ ହେଉ: କଂଗ୍ରେସ

### ପୋଲିସ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ପ୍ରସଙ୍ଗ

ଭୁବନେଶ୍ୱର,୧୦।୧୦(ରବିନାରାୟଣ ଜେନା)

ରାଜ୍ୟରେ ପୋଲିସ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ପଛରେ ଭାଜପା କେନ୍ଦ୍ରୀୟ ନେତୃବୃନ୍ଦଙ୍କ ପ୍ରଚ୍ଛନ୍ନ ହାତ ରହିଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ଅଭିଯୋଗ କରି କହିଛନ୍ତି, ପୂର୍ବ ସରକାର ସମୟରେ ଚାକିରି ବିକ୍ରି ହେଉଥିଲା ବୋଲି ଭାଜପା ଅଭିଯୋଗ କରୁଥିଲା ଓ କୁମ୍ଭୀର କାନ୍ଦଣା କାନ୍ଦୁଥିଲା। କିନ୍ତୁ ନିଜେ ସରକାରକୁ ଆସିବା ପରେ ଚାକିରି ବିକ୍ରିରେ ସାମିଲ ରହିଛି। ସେତେବେଳେ ଭାଜପା ଯଦି ଜାଣିଥିଲା ଶଙ୍କର ପୃଷ୍ଟି ଏତେବଡ଼ ଅପରାଧୀ, ତେବେ ଏପରି ବ୍ୟକ୍ତିଙ୍କୁ କିଏ କାମ ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ଅଭିଯୋଗ କରି କହିଛନ୍ତି, ଭାଜପା ୧୫ ମାସ ଭିତରେ ୧୬ଟି ନିଯୁକ୍ତିଭିତ୍ତିକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭକରି ଚାକିରି ଦେବା ପାଇଁ ଅର୍ଥ ଆଦାୟର ଅଭିଯୋଗ ହେବା ପରେ ବାତିଲ କରିଛି। ଏହାଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ମେଧାବୀ ଆଶାୟୀ ଯୁବତୀଯୁବକଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି।

ସେ ପୁଣି କହିଛନ୍ତି, ପଞ୍ଚସଫ୍ଟର କାର୍ଯ୍ୟାଳୟକୁ ବରିଷ୍ଠ ପଦାଧିକାରୀ ଯାଉଥିବାବେଳେ ପୋଲିସ ଅଧିକାରୀଙ୍କ ମନରେ କାହିଁକି ସନ୍ଦେହଜାତ ହେଲା ନାହିଁ? ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଦାୟିତ୍ୱ କିଏ ଦେଇଥିଲା, ଏହାର ଅନୁସନ୍ଧାନ କାହିଁକି ଓପିଆର୍‌ବି ଅଧ୍ୟକ୍ଷ କଲେନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଏକ ଫଟୋ ଦେଖାଇ କହିଛନ୍ତି, ଅତୁଲ ପ୍ରଭାକର କିଏ? ତାଙ୍କର ଏହି ଦୁର୍ନୀତି ସହ କି ସମ୍ପୃକ୍ତି ରହିଛି ତାହା ମଧ୍ୟ ତଦନ୍ତସାପେକ୍ଷ। ଶଙ୍କର ପୃଷ୍ଟି ସହ ଅତୁଲ ପ୍ରଭାକରଙ୍କ କ'ଣ ସମ୍ପର୍କ ରହିଛି ଏହାର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଉପାଧ୍ୟକ୍ଷ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ବ୍ରାହ୍ମଣୀ ଗାଁରେ ସରିଲା ଗଜଲକ୍ଷ୍ମୀଙ୍କ ଭସାଣ

ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ)

କୁହ୍ନେଇଁପଡ଼ା ପଞ୍ଚାୟତର ବ୍ରାହ୍ମଣୀ ଗାଁରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଗୁରୁବାର ଶେଷ ହୋଇଛି। ଗୁରୁବାର ଗେ-ପୂଜା ଓ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିବା ବେଳେ ଶୁକ୍ରବାର ମା' ଗଜଲକ୍ଷ୍ମୀଙ୍କର ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟର ଶୋଭାଯାତ୍ରାରେ ଗ୍ରାମର ଯୁବକଙ୍କ ନୃତ୍ୟ ଦେଖଣାହରୀଙ୍କୁ ବେଶ୍ ମନଲୋଭା କରିଥିଲା। ପୂଜା ଚାଲିଥିବା ବେଳେ ପ୍ରତ୍ୟହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୂଜ୍ୟପୂଜାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ପୋକ ଲାଗି ୨୦ ଗୁଣ୍ଠ ଧାନ ଫସଲ ନଷ୍ଟ

ତିଗିରିଆ, ୧୦।୧୦( ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁରେ ପୋକ ଲାଗି ୨୦ ଗୁଣ୍ଠ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିରେ ୨ ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ବହୁ ଏକର ଜମିରେ ହୋଇଥିବା ଧାନ ଫସଲରେ ମଧ୍ୟ ରୋଗ ପୋକ ଲାଗିବା ଆରମ୍ଭ ହୋଇଯାଇଛି।

ଚଳିତ ବର୍ଷ ପ୍ରାରମ୍ଭରୁ ବର୍ଷା ପରିମାଣ କମ୍ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବର୍ଷା ସ୍ୱାଭାବିକ ହୋଇଛି। ଫଳରେ ଧାନ ଭଲ ହୋଇଛି। ୟୁରିଆ ସାର ଅଭାବ ଯୋଗୁ ଆବଶ୍ୟକ ସମୟରେ ଚାଷୀ ଫସଲରେ ସାର ଦେଇପାରି ନ ଥିଲେ। ଅପରପକ୍ଷେ ଆବଶ୍ୟକ ନ ଥିବା ସମୟରେ ସାର ଦେବାରୁ


ନଷ୍ଟ ହୋଇଥିବା ଧାନ ଫସଲ।

ମାଟିଆ ଗୁଣ୍ଡି ପୋକ ଲାଗି ପାଞ୍ଚଗାଁର ଚାଷୀ ମୁସନ ଦଳେଇଙ୍କ ୧୨ ଗୁଣ୍ଠ ଓ ସନ୍ତୋଷ ଦଳେଇଙ୍କ ୮ ଗୁଣ୍ଠ ଧାନ ଜମିରେ ଧାନ ଫସଲ ନଷ୍ଟ ହୋଇଥିବା କୁହାଯାଇଛି। ଉକ୍ତ ଜମିରେ କେବଳ ବାଲୁଙ୍ଗା ସାମାନ୍ୟ ବଞ୍ଚିଥିବା ପରି ଲାଗୁଛି। ଖବରପାଇ ତିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା କ୍ଷେତ୍ର ପରିଦର୍ଶନ କରିଥିଲେ। ଅତ୍ୟଧିକ ବର୍ଷା ଯୋଗୁ ପୋକ ଲାଗି ଏପରି ହୋଇଛି ସେଥିପାଇଁ ବିଭାଗ ତରଫରୁ ରୋଗପୋକ ଦମନ ପାଇଁ ଚାଷୀଙ୍କୁ ଔଷଧ ଦେବା ବ୍ୟବସ୍ଥା ହୋଇଥିବା କହିଥିଲେ। ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା ମଧ୍ୟ ଏନେଇ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହାପରେ ଶୁକ୍ରବାର କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପାଞ୍ଚଗାଁର ୮ ଜଣ ଚାଷୀଙ୍କୁ ସରକାରଙ୍କ ତରଫରୁ କୀଟନାଶକ ପକାଇବା ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ୩୦ ହେକ୍ଟର ଧାନ ଜମିରେ ଔଷଧ ପକାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ତିଗିରିଆ ବ୍ଲକ କୃଷି ଅଧିକାରୀ ବେହେରା କହିଛନ୍ତି।

# ଗୋରୁ ଚାଲାଣ ଅଭିଯୋଗ: ୩ ଗିରଫ


ଜବତ ଗୋରୁ ବୋଝେଇ ଗାଡ଼ି ଓ ଗିରଫ ଅଭିଯୁକ୍ତ।

ଆଠଗଡ/ତିଗିରିଆ, ୧୦।୧୦
(ସତ୍ୟ ପ୍ରସାଦ ରଥ/ଜାଫର ଖାଁ)

ଆଠଗଡ ସହର ଉପକଣ୍ଠ ବୀରକିଶୋରପୁର ଛକରୁ ଶୁକ୍ରବାର ପ୍ରାତଃ ସମୟରେ ଗୋରୁ ଚାଲାଣ କରୁଥିବା ଏକ ପିକ୍‌ଅପ୍ ଭ୍ୟାନକୁ ପୋଲିସ ଜବତ କରିଛି। ଉକ୍ତ ଗାଡ଼ିରୁ ୧୮ ଅଣ୍ଡିରା ବାଛୁରିକୁ ଉଦ୍ଧାର କରାଯାଇଥିବାବେଳେ ୩ ପ୍ଲାଷ୍ଟିକ ରଶି ଜବତ କରାଯାଇଛି। ଗୋରୁ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ସୁନାଖଳା ନିଳାପଲ୍ଲୀ ଗ୍ରାମର ଆସ୍ୱାକ ଅଲ୍ଲୀ(୨୩) ଓ ଗାଡି ଚାଳକ ତଥା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କଦମ ଗ୍ରାମର ଜୁମା ଖାଁ ନଣ୍ଡା (୨୮)। ପ୍ରାତଃ ସମୟରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ନରସିଂହପୁର ଆଡୁ କଟକ ଯାଉଥିବା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ.ଓଡି-୦୨ ସିକେ ୬୯୫୮)କୁ ଧରିଥିଲା। ସେଥିରେ ଥିବା ବାଛୁରିମାନଙ୍କୁ ଉଦ୍ଧାର କରାଯାଇ ଚୌଦ୍ୱାର ଥାନା ଡମଡମୁଣୀ ମନ୍ଦିର ନିକଟସ୍ଥ ଗୋଶାଳାରେ ଛାଡି ଦିଆଯାଇଛି। ଆଠଗଡ ପୋଲିସ ସହକାରୀ ଉପନିରୀକ୍ଷିକା ରୀନା ପ୍ରଧାନଙ୍କ ଏତଲାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୩୩୫/୨୫) ରୁଜୁ କରାଯାଇଛି ବୋଲି ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି।

## ପିକ୍‌ଅପ୍ ଭ୍ୟାନ ଜବତ: ୧୮ ଅଣ୍ଡିରା ବାଛୁରି ଉଦ୍ଧାର

ସେହିପରି ଗୋରୁ ଚାଲାଣ ଅଭିଯୋଗରେ ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ଅଧୀନ ପଙ୍କାଳ ଗ୍ରାମର ଲିୟାକତ ଖାଁଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାମରେ ତିଗିରିଆ ଥାନା ସମେତ ଅନ୍ୟାନ୍ୟ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ଲିୟାକତ ଦୀର୍ଘ ଦିନରୁ ପୋଲିସକୁ ଚକମାଦେଇ ବୁଲିବା ପରେ ଶେଷରେ ଧରାପଡ଼ିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ସାଲେପୁର,୧୦।୧୦(ଅରବିନ୍ଦ ଭୂୟାଁ)

ପିଏମ୍ ଶ୍ରୀ ସାଲେପୁର ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଡିଓ ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ତହସିଲଦାର ଜୟନ୍ତ କୁମାର ଜୟସିଂ, ସିଡିପିଓ ସୌଦାମିନୀ ପଣ୍ଡା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦିଲୀପ ଦାଶ ଯୋଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାଲେପୁର ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ସାଲେପୁର ହାଇସ୍କୁଲରେ ଆୟୋଜିତ ହୋଇଥିବା ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଯୋଗ ଦେଇଥିଲେ। ଏହି ଅଭିଯାନ ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଓ ସୁବିଧା ବିଷୟରେ ସଚେତନ କରିବା ସହ ସେମାନଙ୍କ ଦକ୍ଷତା ବଢ଼ାଇବା ହେଉଛି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ହରିବନ୍ଧୁ କହିଥିଲେ। ଶତପଥୀଙ୍କ ସହ ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜେନା, ବିଜ୍ଞାନ ଭୂୟାଁ, ମାନସ ନାୟକ, ଶିବୁ ବେହେରା,ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

# କାହା ଚାପରେ ପ୍ରଶାସନ ଉପର ପଡ଼ିଆରେ ବାଲିଯାତ୍ରାକୁ ନାଁ କହିଥିଲା: ମେୟର ସୁବାସ

କଟକ,୧୦।୧୦ (ଶିଳ୍ପା ପ୍ରିୟଦର୍ଶିନୀ)


କଟକ ମେୟର ସୁବାସ ସିଂ

ପ୍ରଶାସନ କାହାକୁ ସନ୍ତୁଷ୍ଟ କରିବାକୁ ବାଲିଯାତ୍ରା ଉପର ପଡିଆରେ ନ କରିବାର ନିଷ୍ପତ୍ତି ନେଇଥିଲା। ଏଭଳି କିଛି ମନ୍ତବ୍ୟ ଦେଇ ଜିଲା ପ୍ରଶାସନ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି କଟକ ମେୟର ସୁବାସ ସିଂ। ବାରବାଟୀ ଦୁର୍ଗ ନିକଟସ୍ଥ ସରକାରୀ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସୁବାସ କହିଛନ୍ତି, ବାଲିଯାତ୍ରା ସହ କଟକର ଭାବବେଗ ଜଡିତ। ଏଭଳି ହାଇକୋର୍ଟଙ୍କ ନିଷ୍ପତ୍ତିର ଆଳ ଦେଖାଇ ପ୍ରଶାସନ କାହା ଚାପରେ ନା କାହାକୁ ସନ୍ତୁଷ୍ଟ କରିବାକୁ ଉପର ପଡିଆରେ ବାଲିଯାତ୍ରା ହେବନାହିଁ, କେବଳ ତଳ ପଡିଆରେ ହେବ ବୋଲି ଘୋଷଣା କରିଥିଲା। ପ୍ରଶାସନର ଏଭଳି ନିଷ୍ପତ୍ତି କାହା ଚାପରେ ହୋଇଥିଲା ତାହା ସ୍ପଷ୍ଟ କରୁ।

ହାଇକୋର୍ଟ ନିଷ୍ପତ୍ତି ଅନୁଯାୟୀ ଉପର ପଡିଆରେ ବାଲିଯାତ୍ରା ହେବ ନାହିଁ ବୋଲି କୋର୍ଟ କୌଣସି ଅଙ୍କୁଶ ଜାରି ନ କରିଥିଲାବେଳେ ପ୍ରଶାସନ କିପରି ଭାବେ ଏହି ନିଷ୍ପତ୍ତି ହାଇକୋର୍ଟଙ୍କ ବୋଲି ମତ ରଖିଥିଲେ ତାହା ସ୍ପଷ୍ଟ କରନ୍ତୁ। ଏହି ପ୍ରକ୍ରିୟାରେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ କାହିଁକି ସାମିଲ କରାଗଲା ନାହିଁ। ଏପରିକି ଦୁଇଥର ବୈଠକ ସତ୍ତ୍ୱେ ମଧ୍ୟ ଲୋକ ପ୍ରତିନିଧିଙ୍କୁ ଅବଗତ କରାଗଲା ନାହିଁ ବୋଲି ସିଂ ପ୍ରଶ୍ନ କରିଛନ୍ତି।

# ବରିଷ୍ଠ ନାଗରିକ ଶପଥ ପାଠ ଦିବସ

ତିଗିରିଆ,୧୦। ୧୦(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତର ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବରିଷ୍ଠ ନାଗରିକ ଶପଥ ପାଠ ଦିବସ ପାଳିତ ହୋଇଯାଇଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁଇ ବରିଷ୍ଠ ନାଗରିକ, ବିଦ୍ୟାଳୟ ମୋ ସ୍କୁଲର ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବୋଧ କୁମାର ପଟ୍ଟନାୟକ ,ସମାଜସେବୀ ପ୍ରଣବ କୁମାର ପଟ୍ଟନାୟକ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷ ଓ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମସ୍ତ ଅତିଥି ଏହି ଦିବସ ପାଳନର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଫୁଲନଖରା,୧୦।୧୦
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଅଞ୍ଚଳର ସଇନ୍ଧା, ନଛିପୁର, ମହିଧରପଡ଼ା ଢିଆ ନଛିପୁର, ବଢ଼େଇ ସାହି, ତେଲେଙ୍ଗାପେଣ୍ଠ, କାଜିପୁର ଆଦି ଅନେକ ଗାଁ ଓ ୱାର୍ଡ଼ର ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫଳରେ ପୂଜା ମଣ୍ଡପଗୁଡିକରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି ଅବସରରେ ବଳରାମ ବାବା ଗଜଲକ୍ଷ୍ମୀ ପୂଜା କମିଟି ନଛିପୁରବଢେଇ ସାହି ପକ୍ଷରୁ ସମ୍ବର୍ଦ୍ଧନା ସଭା ଅୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଅଞ୍ଚଳର ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମୁଦୁଲି, ଉପସଭାପତି ବିଜୟ ମହାରଣା, କୋଷାଧ୍ୟକ୍ଷ ସଞ୍ଜୟ ମୁଦୁଲି, ସହ କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ସମ୍ପାଦକ ସୁମିତ କୁମାର ସାହୁ ଏବଂ ସହସମ୍ପାଦକ ଫକୀର ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ସ୍ୱାମୀ ବିବେକାନନ୍ଦ ଗଜଲକ୍ଷ୍ମୀ ପୂଜା କମିଟି, ନଛିପୁର(କୋଠସାହି) ପକ୍ଷରୁ ଅଞ୍ଚଳର ବରିଷ୍ଠ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଠସାହି ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ବେହେରା, ବିବେକାନନ୍ଦ ଲକ୍ଷ୍ମୀପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ ତପନ ପାତ୍ର, ଜ୍ୟୋତିମୟୀ ବେଉରା, ବସନ୍ତ କୁମାର ଜେନା, ସମୀର ପଣ୍ଡା, କେଶବ ସ୍ୱାଇଁ, ବଦ୍ରିନାରାୟଣ ପଣ୍ଡା, କେଦାରନାଥ ବେଉରା, ସଚିତ୍ର ପ୍ରଧାନ ପ୍ରମୁଖ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନରେ ଦୁଇ ଦିନ ଧରି ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଅନ୍ୟ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ବଟି ଆଦାୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି


ସାମାଜିକ ଅନୁଷ୍ଠାନ 'ପିପୁଲ୍ ହୁ ହେଲ୍ପ ଅଦର' ତରଫରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

ଆଠଗଡ,୧୦।୧୦ (ସତ୍ୟ ପ୍ରସାଦ ରଥ)

## ଉପଜିଲାପାଳଙ୍କୁ ସ୍ମାରକପତ୍ର

ଆଠଗଡ ବ୍ଲକ କଟକିଆ ସାହି ପଞ୍ଚାୟତର ଶ୍ରୀ ସର୍ପେଶ୍ୱର ମହାଦେବ ମନ୍ଦିର ନିକଟରେ ସାପୁଆ ନଦୀ ଉପରେ ନିର୍ମାଣାଧିନ ପୋଲର ଠିକାଦାରସଂସ୍ଥାର ନିରୀକ୍ଷକଙ୍କୁ କେତେଜଣ ଗୁଣ୍ଡା ଶ୍ରେଣୀରବ୍ୟକ୍ତି ବଟି ଆଦାୟ କରିବା ପାଇଁ ବାରମ୍ବାର ଧମକ ଦେଇଥିଲେ। ଫଳରେ ସମ୍ପୃକ୍ତ ସଂସ୍ଥା କାମ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟ ବନ୍ଦ ହେବା ଫଳରେ ଆଠଗଡ ବ୍ଲକକୁ ସଂଯୋଗ ହେବାକୁ ଥିବା ଅନନ୍ତପୁର, ଧୁରୁଷିଆ ପଞ୍ଚାୟତ ସମେତ ଭୁବନେଶ୍ୱର ପାୱର ପ୍ଲାଣ୍ଟ, ଅନ୍ୟାନ୍ୟ କାରଖାନାର ଗମନାଗମନ ଓ ପରିବହନରେ ବାଧା ଉପୁଜିବାର ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏନେଇ ବଟି ଆଦାୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପୋଲ କାର୍ଯ୍ୟ ପୁନର୍ବାର ଆରମ୍ଭ କରିବା ପାଇଁ ସାମାଜିକ ଅନୁଷ୍ଠାନ 'ପିପୁଲ୍ ହୁ ହେଲ୍ପ ଅଦର' ତରଫରୁ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଭାପତି ପିଙ୍କନ ସାହୁଙ୍କ ନେତୃତ୍ୱରେ ଆଠଗଡ ବ୍ଲକ ୩ନଂ.ଜୋନ ନଦୀକୂଳ ଅଞ୍ଚଳର ଶତାଧିକ ଯୁବକ ଏକାଠି ହୋଇ ଉପଜିଲାପାଳଙ୍କ ସମେତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସାହୁ, ଆଠଗଡ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜୀତ ମହାନ୍ତି, ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତିଙ୍କୁ ଦାବିପତ୍ର ପଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମେଘନାଦ ବେହେରା, ଶୁଭମ ରାଉତ, ଦିଲୀପ କୁମାର ନାୟକ ଓ ଆଶିଷ ମହାନ୍ତ ପ୍ରମୁଖ ଏଥିରେ ଯୋଗଦେଇଥିଲେ।


କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ସାଲେପୁରରେ ପହଞ୍ଚିବାପରେ କଟକ ଜିଲା ଭାଜପା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି, ସାଲେପୁର ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ସମତେ ଭାଜପାର କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।
(ଫଟୋ- ଅରବିନ୍ଦ ଭୂୟାଁ)

# ଜେଲରେ ହିନ୍ଦୁ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଭେଟିଲେ ଭାଜପା ପ୍ରତିନିଧିମଣ୍ଡଳୀ

କଟକ,୧୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର ଜେଲରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଭାଜପା ବରିଷ୍ଠ ନେତ୍ରୀ ତଥା ରାଜ୍ୟ ମହିଳା ମୋର୍ଚ୍ଚା ପୂର୍ବତନ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭେଟିଛନ୍ତି। ଯୁବକମାନଙ୍କୁ ଭେଟି ଆଶ୍ୱସନା ଦେବା ସହ ତାଙ୍କର ଏହି ଦୁଃଖଦ ସମୟରେ ଦଳ ତାଙ୍କ ସହିତ ଏବଂ ତାଙ୍କ ପରିବାର ସହିତ ଅଛି ବୋଲି ସେ ପ୍ରତିଶ୍ରୁତି ଦେବା ସହ ଆଇନ ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଏବଂ ସମ୍ମାନ ରହିଛି। କୋର୍ଟ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବେ। ସେହିପରି ଆଜିର ଯୁବକମାନଙ୍କ ଧର୍ମୀୟ ଭାବନା ରହିବା ସହିତ ନିଜର ଐତିହ୍ୟ ଏବଂ ସଂସ୍କୃତିର ସୁରକ୍ଷାର ଦାୟିତ୍ୱ ରହିବା ଆବଶ୍ୟକ ବୋଲି ପଟ୍ଟନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ହେମନ୍ତ ବେହେରା, ନିରୋଦ ଚନ୍ଦ୍ର ପଣ୍ଡା, ଜିଲା ଉପସଭାପତି ଦେବାଶିଷ ରାୟ, ସରୋଜ ରାଉତ, ପ୍ରଦୀପ୍ତ ମହାରଣା, ନିମେଇ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉକି, ଦଶହରା ଭସାଣିରେ ଗଣ୍ଡଗୋଳ ଘଟଣାକୁ ପ୍ରତିବାଦ କରିବା ସହ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଗତ ସୋମବାର କଟକ ବନ୍ଦ ଡାକରା ଏବଂ ରବିବାର ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ବିଭିନ୍ନ ଥାନାରେ ପୃଥକ ମାମଲାରେ କମିଶନରେଟ ପୋଲିସ ସେମାନଙ୍କୁ ଗିରଫ କରିଥିଲା।


ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଚୌଦ୍ୱାର ଜେଲରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଭେଟିବାକୁ ଯାଇଛନ୍ତି।

# ରାଣୀ ଶୁକଦେଈଙ୍କ ବୀରତ୍ୱ, କ୍ଷମାଶୀଳ ନୀତି ଦେଶରେ ଅଦ୍ୱିତୀୟ


ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଙ୍କୀ,୧୦।୧୦
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

## ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା

ବାଙ୍କୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ଉତ୍ସବ ଶୁକ୍ରବାର କଚେରୀ ପଡ଼ିଆଠାରେ ମହୋତ୍ସବର ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ କଳାକାରମାନେ ସଂଗୀତ ଗାନ ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆର୍ତ୍ତବନ୍ଧୁ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ହରେକୃଷ୍ଣ ଶତପଥୀ ଯୋଗଦେଇ କରି ବାଙ୍କୀ ମାଟିର ଐତିହ୍ୟ ବର୍ଣ୍ଣନା କରିବା ସହ ବୀରାରାଣୀ ଶୁକଦେଈଙ୍କ ବୀରତ୍ୱର କାହାଣୀ ଓ କ୍ଷମାଶୀଳ ନୀତି ସାରା ଦେଶରେ ଅଦ୍ୱିତୀୟ ବୋଲି କହିଥିଲେ। ଏହି ମାଟିର ସୁଯୋଗ୍ୟ ସନ୍ତାନ ଡା. ମହେନ୍ଦ୍ର ମିଶ୍ର, ଡା.ଦେବେନ୍ଦ୍ର ଚନ୍ଦ୍ର ମିଶ୍ର, ଡା. ଶରତ ଚନ୍ଦ୍ର ମିଶ୍ର, ବରେନ୍ଦ୍ର କୃଷ୍ଣ ଧଳ ଏହି ମାଟିରେ ଜନ୍ମ ହୋଇ ରାଜ୍ୟ, ଦେଶ, ବିଦେଶରେ ନିଜର ଖ୍ୟାତିକୁ ବଜାଇ ରଖି ଗୌରବ ମଣ୍ଡିତ କରିଛନ୍ତି ବୋଲି ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଡା. କୃଷ୍ଣକେଶବ ଷଡଙ୍ଗୀ ଯୋଗଦେଇ ପ୍ରଦେଶ ଗଠନ ଦିଗରେ ବାଙ୍କୀର ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଆଦ୍ୟ ପ୍ରବକ୍ତା ବୋଲି କହିଥିଲେ। ମହୋତ୍ସବ ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦାନ କରି ଚଳିତ ବର୍ଷ ବାଙ୍କୀ ମହୋତ୍ସବର ରୌପ୍ୟ ଜୟନ୍ତୀ ପାଳନ ହେବା ଆନନ୍ଦର ବିଷୟ ଓ ବାଙ୍କୀ ମାଟିର ଐତିହ୍ୟ ଓ ପରମ୍ପରାକୁ ନେଇ ଆମେ ଆନନ୍ଦିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର୍ ଯୋଗ ଦେଇ ବାଙ୍କୀ ଏକ କଳା, ସାହିତ୍ୟ ଓ ସଂସ୍କୃତିର କ୍ଷେତ୍ର ବୋଲି ବର୍ଣ୍ଣନା କରିଥିଲେ। ମହୋତ୍ସବ ସଂଯୋଜକ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଡା.ଦିବ୍ୟସଭା ସ୍ୱାଇଁ, ପଦ୍ମନାଭ ନନ୍ଦ, ହରିବନ୍ଧୁ ଜେନା, ମମତା ବେଉରା, ଅନିତା ସାମଲ, ସତ୍ୟପ୍ରିୟ ନାୟକ, ସମୀକ୍ଷା ସ୍ୱର୍ଣିକା, ପ୍ରିୟଙ୍କା ପାଣି, ରଞ୍ଜିତ ପ୍ରସାଦ, ସୁରେନ୍ଦ୍ର ମିଶ୍ର, ପ୍ରମୋଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଣୀ ଶୁକଦେଈ ମହିଳା ଭାଗବତ ମଣ୍ଡଳୀ ଓ ରାମଲୀଳା ନାଟ୍ୟ ସଂସଦକୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ବାଣ ତିଆରି ସାମଗ୍ରୀ ଜବତ, ୨ ମାମଲା ରୁଜୁ**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ କରମଙ୍ଗା ଗ୍ରାମରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ଅଭିଯୋଗ ହୋଇଥିଲା। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ପୋଲିସ ଚଢ଼ାଉ କରି ବାଣ ତିଆରି ସାମଗ୍ରୀ ଜବତ କରିବା ସହ ୨ଟି ମାମଲା ରୁଜୁ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟ ଘଟଣାସ୍ଥଳରୁ ଫେରାର୍ ଥିବା ଫାଣ୍ଡି ଅଧିକାରୀ ମଲ୍ଲିକ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦|୧୦|୨୦୨୫

| | |
|---|---|
| ୪,୨୯,୫୯୫ ଟଙ୍କା | |
| ସୁନା | ୫୧୦ ମିଲିଗ୍ରାମ୍ |
| ରୁପା | ୪.୫୦୦ ଗ୍ରାମ୍ |

## ହବିଷିଆଳି କେନ୍ଦ୍ର ଦାୟିତ୍ୱରେ ବରିଷ୍ଠ ଅଧିକାରୀ

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ୫ଟି ହବିଷିଆଳି କେନ୍ଦ୍ର ଚଳଚଞ୍ଚଳ ହୋଇଉଠିଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ ହବିଷିଆଳି କେନ୍ଦ୍ର ଏକାଧିକ ଥର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କୌଣସି କେନ୍ଦ୍ରରେ ଯେପରି କିଛି ଅସୁବିଧା ନ ହୁଏ, ସେଥିପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ କେନ୍ଦ୍ର ବୁଲିବା ସମୟରେ ହବିଷିଆଳି ମା'ମାନଙ୍କ ସହିତ ଜିଲାପାଳ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଜିଲାପାଳ ଏହି ୫ଟି କେନ୍ଦ୍ରର ଶୃଙ୍ଖଳିତ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବୃନ୍ଦାବତୀ ହବିଷିଆଳି କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ବଗଲା ଧର୍ମଶାଳା ଦାୟିତ୍ୱରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ନୀଳମାଧବ ଭୋଇ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ମୋଚିସାହି କଲ୍ୟାଣ ମଣ୍ଡପ ଦାୟିତ୍ୱରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପ ଦାୟିତ୍ୱରେ ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା ଏବଂ ଉପଜିଲାପାଳ ରାଜକିଶୋର ଜେନା ରହିଛନ୍ତି। ବରିଷ୍ଠ ଅଧିକାରୀଙ୍କ ଅଧୀନରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀମାନେ କାର୍ଯ୍ୟରତ ଅଛନ୍ତି।

## କାକଟପୁର ଏବିଭିପି ପ୍ରତିଷ୍ଠାତାଙ୍କ ଅକାଳ ବିୟୋଗ

ଅସ୍ତରଙ୍ଗ,୧୦।୧୦(ମମତା ଜେନା)

କାକଟପୁର ଏବିଭିପିର ପ୍ରତିଷ୍ଠାତା ଲଳିତ କୁମାର ରଥଙ୍କ ପରଲୋକ ଘଟିଛି। କାକଟପୁର ଅଞ୍ଚଳରେ ଏବିଭିପି, ଭିଏଚ୍‌ପି, ସ୍ୱଦେଶୀ ଜାଗରଣ ମଞ୍ଚ ଓ ସଂଘର ଅନ୍ୟ କ୍ଷେତ୍ରଗୁଡ଼ିକୁ ଅନେକ ବିପରୀତ ପରିସ୍ଥିତି ସତ୍ତ୍ୱେ ସେ ବଞ୍ଚେଇ ରଖିଥିଲେ। ତାଙ୍କ ସରଳ ଜୀବନରେ କେବେ ନିଜକୁ ନେତା କରିବା ଭଳିଆ ରାଜନୈତିକ ମହତ୍ୱାକାଂକ୍ଷା ଦେଖାଇନାହାନ୍ତି। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ।

# 'ସରକାର ଲୋକଙ୍କ ସମସ୍ୟା ଶୁଣୁନାହାନ୍ତି'

### ଭୋଟ ଚୋରି ପ୍ରସଙ୍ଗ ନେଇ ପୁରୀରେ କଂଗ୍ରେସର ପଦଯାତ୍ରା

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ଭୋଟ୍ ଚୋରି ଓ ଚାକିରି ବିକ୍ରି ପ୍ରସଙ୍ଗରେ ଶୁକ୍ରବାର ପୁରୀରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦାସ ଭୁବନେଶ୍ୱରରୁ ବାହାରି ପିପିଲି, ସତ୍ୟବାଦୀ ଏବଂ ପରେ ପୁରୀ ସହରରେ ପହଞ୍ଚି ପଦଯାତ୍ରାରେ ସାମିଲ ହୋଇଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଘଟିଥିବା ଭୋଟ ଚୋରି ବିଷୟରେ ସେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସନ୍ଧ୍ୟାରେ ହସ୍ପିଟାଲ ଛକରୁ ଶତାଧିକ କଂଗ୍ରେସ ନେତା ଓ କର୍ମୀଙ୍କ ଗହଣରେ ପଦଯାତ୍ରାରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଆସିଥିଲେ। ରାସ୍ତା ଉଭୟ ପାର୍ଶ୍ୱରେ ମା'ଲକ୍ଷ୍ମୀଙ୍କ ବିଭିନ୍ନ ପେଣ୍ଡାଲ ବୁଲି ଆଶୀର୍ବାଦ କାମନା କରିଥିଲେ। ସେହିପରି ମହିଳା, ଦଳୀୟ କର୍ମୀ ଏବଂ ଜିଲାର ବରିଷ୍ଠ ନେତାଙ୍କୁ ଭେଟିଥିଲେ। ତତ୍‌ସହିତ ଭାରତୀୟ ନିର୍ବାଚନ କମିଶନଙ୍କ ଭୋଟ ଚୋରି ସମ୍ବନ୍ଧୀୟ ହସ୍ତାକ୍ଷର ସମୂହ, ପୁରୀ ଜିଲାର ବିଭିନ୍ନ ବ୍ଲକ୍ କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାଙ୍କଠାରୁ ଗ୍ରହଣ କରିଥିଲେ। ଏହି



ପଦଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ଦଳୀୟ ନେତୃବୃନ୍ଦ।

ଅବସରରେ ଦାସ କହିଥିଲେ, ୧୨ତାରିଖ ମଧ୍ୟରେ ଜିଲାରେ ୭୫ ହଜାର ଦସ୍ତଖତ ସଂଗ୍ରହ କରାଯିବ। ସାରା ରାଜ୍ୟରେ ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବାର ଲକ୍ଷ୍ୟ ରହିଛି। ରାଜ୍ୟ ସରକାର ଲୋକଙ୍କ ସମସ୍ୟା କଥା ଶୁଣୁନାହାନ୍ତି। ବୀମା ହେଉ କି ଧାନ ବିକ୍ରି, ଏପରିକି ଚାକିରି ଆଦି ସମସ୍ତ କ୍ଷେତ୍ରରେ ଲୋକେ ହଇରାଣ ହେଉଛନ୍ତି। ପୋଲିସ ନିଯୁକ୍ତିରେ ଏବେ ବଡ଼ ଧରଣର ଦୁର୍ନୀତି ହେଉଛି। ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ। ଜନସାଧାରଣ କଂଗ୍ରେସକୁ ସମର୍ଥନ ଜଣାଉଛନ୍ତି। ଭାଜପା ଭୋଟ ଚୋରି କରୁଛି। ଅପରପକ୍ଷରେ ଗତ ନିର୍ବାଚନରେ ବିଜେଡି ୫୧ଟି ବିଧାନସଭା ସିଟ୍ ଜିତିଲା। କିନ୍ତୁ ଗୋଟିଏ ହେଲେ ଲୋକ ସଭା ସିଟ୍ ନ ଜିତିବା ଆଶ୍ଚର୍ଯ୍ୟର କଥା। ଏହା ଭୋଟ ଚୋରିକୁ ପ୍ରମାଣିତ କରୁଛି। ବିହାରରେ ଆଗକୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଠାରେ ଭୋଟ ତାଲିକାରେ ହେରଫେର କରାଯାଇଛି ବୋଲି ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର, ରାଜ୍ୟ ସେବାଦଳ କଂଗ୍ରେସ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପୁରୀ ଜିଲା ପ୍ରଭାରୀ ମନୋରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ଉତ୍ତମ ଆଚାର୍ଯ୍ୟ, ପୂର୍ବତନ ପିସିସି ଉପସଭାପତି ବିଶ୍ୱଭୂଷଣ ଦାସ, ସେବା ଦଳ ମୁଖ୍ୟ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ କୁମାର ରଥ, ଉମାକାନ୍ତ ବରାଳ, ସରସ୍ୱତୀ ପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସୁଜିତ ମହାପାତ୍ର, ବିଶ୍ୱନାଥ ଦାଶ, ଭାସ୍କର ସେଠ, ଅବଧୂତ ସ୍ୱାଇଁ, ସୌମ୍ୟକାନ୍ତ ଖୁଣ୍ଟିଆ, ସୁଧାକର ଦଳେଇ, ନିର୍ମଳ ପରିଡ଼ା ପ୍ରମୁଖ ସାମିଲ ଥିଲେ।




ବାଲିଘାଟ ଜାଗେଶ୍ୱରୀ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା

### ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଅଭିଭାବକଙ୍କ ଧାରଣା

ଡେଲାଙ୍ଗ,୧୦।୧୦(ରଶ୍ମିରଞ୍ଜନ ପ୍ରଧାନ)

ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଅଭିଭାବକମାନେ ବିଦ୍ୟାଳୟର ତାଲା ପକାଇଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କୁ ନେଇ ଧାରଣା ଦେଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଡେଲାଙ୍ଗ ବ୍ଲକର ଆଙ୍କୋଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଛି।

ଘଟଣା ଅନୁଯାୟୀ, ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୫ ଜଣ ଶିକ୍ଷକ ନିୟୋଜିତ ରହିଛନ୍ତି। ବିଦ୍ୟାଳୟରେ ମୋଟ ୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସହକାରୀ ଶିକ୍ଷକ ଗୋବିନ୍ଦଚନ୍ଦ୍ର ସାହୁଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରାଯିବା ପରେ ଅଭିଭାବକଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଶିକ୍ଷକଙ୍କ ବଦଳିକୁ ବାତିଲ୍ କରିବା ଅଭିଯୋଗ ଆଣି ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅପରାହ୍ନ ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିବା ହେତୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଅଭିଭାବକମାନେ



ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ପଚାରିବାରୁ ସେ କହନ୍ତି, ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମୋଟ ୭୪ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି। ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମୁଁ ସର୍ବଦା ଚେଷ୍ଟାରତ। ଜୋକନଡୁଆ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଥିବା ବେଳେ ଶିକ୍ଷାଦାନରେ ବାଧାସୃଷ୍ଟି ହେବାରୁ ଅଭିଭାବକମାନେ ଶିକ୍ଷକ ନିଯୁକ୍ତି ନିମନ୍ତେ ନିବେଦନ କରିଥିଲେ। ଏଣୁ ଶିକ୍ଷାଧିକାର ଅଧିନିୟମ ଅନୁଯାୟୀ, ଆଙ୍କୋଇ ବିଦ୍ୟାଳୟରୁ ସହକାରୀ ଶିକ୍ଷକ ଗୋବିନ୍ଦ ସାହୁଙ୍କୁ ଡେପୁଟେଶନରେ ଜୋକନଡୁଆ ବିଦ୍ୟାଳୟକୁ ପଠାଯାଇଛି। ଆଗାମୀ ଦିନରେ ଶିକ୍ଷାବିଭାଗ ପକ୍ଷରୁ ଶିକ୍ଷକ ନିଯୁକ୍ତି କରାଗଲେ ତାଙ୍କ ଡେପୁଟେଶନ ପ୍ରତ୍ୟାହାର କରାଯିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ୪୮ ପ୍ରତିଯୋଗୀ ଜିଲାସ୍ତରକୁ ଉତ୍ତୀର୍ଣ୍ଣ

### ବ୍ଲକସ୍ତରୀୟ ଖୋ ଖୋ ପ୍ରତିଯୋଗିତା

ସାକ୍ଷୀଗୋପାଳ,୧୦।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ମଣ୍ଡଳସ୍ତରୀୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସତ୍ୟବାଦୀ କ୍ରୀଡ଼ା ମଣ୍ଡଳ ସଭାପତି ତଥା ବ୍ଲକ ଶିକ୍ଷାଧିକାରୀ କୈଳାସ ପାଢ଼ୀ ଉଦ୍‌ଘାଟନ କରିଥିବା ବେଳେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମୋତିଲାଲ ଛାଟୋଇ ଯୋଗ ଦେଇଥିଲେ। ଶିକ୍ଷକ ଦାମୋଦର ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟବାଦୀ କ୍ରୀଡ଼ା ମଣ୍ଡଳ ସମ୍ପାଦକ ସୁଚିତ୍ର ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକରେ ଥିବା ୨୫ ହାଇସ୍କୁଲ, ଗୋଟିଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଯୁକ୍ତ୨ରେ ଅଧ୍ୟୟନ କରୁଥିବା ୧୯୨ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ କରାଯାଇଥିବା ଦୁଇଟି ବିଭାଗରେ ସମୁଦାୟ ୪୮ କୃତୀ ଛାତ୍ରୀଛାତ୍ର ଉକ୍ତ ପ୍ରତିଯୋଗିତା ମାଧ୍ୟମରେ ଜିଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶାରୀରିକ ଶିକ୍ଷକ ସଂଗ୍ରାମ କେଶରୀ ମହାନ୍ତି, ସୁଧୀର କୁମାର ସାହୁ, ଲିଙ୍ଗରାଜ ସାହୁ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା, ମୌସୁମୀ ଦାସଙ୍କ ସହିତ ଅନ୍ୟମାନେ କ୍ରୀଡ଼ାରେ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ୪୮ ଛାତ୍ରୀଛାତ୍ର ଚଳିତ ମାସ ୧୪ ଓ ୧୫ ତାରିଖରେ ପୁରୀରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ସମ୍ପାଦକ ସୁଚିତ୍ର ଖଟେଇ ସୂଚନା ଦେଇଛନ୍ତି।

## ଶକ୍ତିସୁଧା ଦାଶଙ୍କୁ ଆମ ଗାଁ ଗୌରବ ସମ୍ମାନ



ଶକ୍ତିସୁଧା ଦାଶଙ୍କୁ 'ଆମ ଗାଁ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଉଛି।

କଣାସ,୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଅଧୀନ ତ୍ରିଲୋଚନପୁର ଗ୍ରାମର ସୁଶ୍ରୀ ଶକ୍ତିସୁଧା ଦାଶ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରିଥିବାରୁ ଶୁକ୍ରବାର ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ଆମ ଗାଁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମାଜସେବୀ ପ୍ରଭାତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ଉତ୍ସବରେ କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ମୁଖ୍ୟବକ୍ତା, ଅତିରିକ୍ତ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା, ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଘୁନାଥ ବେହେରା, ଶିକ୍ଷାବିତ୍ ଅଭିନନ୍ଦନ ପ୍ରଧାନ, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ, ଖବରଦାତା ପ୍ରସନ୍ନ କୁମାର ତ୍ରିପାଠୀ, ବିଭୂତି ଭୂଷଣ ତ୍ରିପାଠୀ, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତିସୁଧା ଯେପରି ନିଜ ଦକ୍ଷତା ବଳରେ ସଫଳତା ପାଇପାରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ। ମାତାପିତା ନିଜ ପିଲାଙ୍କ ପାଠପଢ଼ା ଦିଗରେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୁଶ୍ରୀ ଶକ୍ତିସୁଧାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ପିତା କୁଳମଣି ଦାଶ ଓ ମାତା ନମିତା ଦାଶଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଭୂତି ଭୂଷଣ ତ୍ରିପାଠୀ ସଭା ପରିଚାଳନା କରିଥିଲେ।

## ବଜ୍ରପାତରେ ୭ଗାଈ, ଗୋଟିଏ ଷଣ୍ଢର ମୃତ୍ୟୁ

କଣାସ,୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ମନ୍ଦାରବସ୍ତ ହାଟ ନିକଟରେ ବ୍ରଜପାତରେ ୭ଟି ଗାଈ ଓ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ହଳଦିଆପଡ଼ା ଗ୍ରାମର ବାନା ବେହେରା ତାଙ୍କ ଗାଈପଲକୁ ମନ୍ଦାରବସ୍ତ ହାଟ ନିକଟ ଚଉଦମୌଜା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ବାନ୍ଧିଥିଲେ। ରାତିରେ ବ୍ରଜପାତ ଘଟିବାରୁ ୭ଟି ଗାଈ ଓ ଗୋଟିଏ ଷଣ୍ଢ ମୃତ୍ୟୁବରଣ କରିଥିବା ଶୁକ୍ରବାର ସକାଳେ ବାନା ଦେଖିବାକୁ ପାଇଥିଲେ। ପରେ କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗାଈଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରିଥିଲେ।

## ଦକ୍ଷିଣକାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ବାସ୍ତୁ ଶ୍ମଶାନରୁ ମାଟି ଅନୁକୂଳ

ସାକ୍ଷୀଗୋପାଳ,୧୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପ୍ରତିବର୍ଷ ପରି କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ପରମ୍ପରା ଅନୁଯାୟୀ ଗ୍ରାମର ବାସ୍ତୁ ଶ୍ମଶାନରୁ ମାଟି ଅନୁକୂଳ କରାଯାଇଛି। ଆଗାମୀ କାଳୀପୂଜା ଅବସରରେ ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମର ମା' ଦକ୍ଷିଣକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯିବ। ନିର୍ଦ୍ଧାରିତ ମାହେନ୍ଦ୍ର ମୂହୁର୍ତ୍ତରେ ଶ୍ମଶାନରୁ ମାଟି ଅନୁକୂଳ କରାଯାଇଥିଲା। ମନ୍ଦିରରେ ଦେବୀଙ୍କର ଦୈନନ୍ଦିନ ନୀତି ସହିତ ମାଜଣା କରାଯାଇଥିଲା। ଘଣ୍ଟ, ମହୁରୀ, ଛତିତ୍ରାସ, ବିଜେ କାହାଳୀ ସହ ମନ୍ଦିର ପୂଜକ ପ୍ରଫୁଲ୍ଲ ଦୀକ୍ଷିତ ମନ୍ତ୍ର ପାଠକରି ଅନ୍ୟ ପୂଜକ, ବ୍ରାହ୍ମଣ, ଗ୍ରାମର ସହଯୋଗୀଙ୍କ ସହିତ ଶ୍ମଶାନରେ ପହଞ୍ଚିଥିଲେ। ଅଭିମନ୍ତ୍ରିତ ଜଳ ସିଞ୍ଚନ କରି ମାଟି ସୋଧନ କରାଯିବା ପରେ ଏକ ପୂଜା ପାତ୍ରରେ ମାଟି ସଂଗ୍ରହ କରି ମନ୍ଦିରକୁ ଫେରିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ କେବଳ କୋଠ ଭୋଗଲାଗି କରାଯାଇଥିବା ବେଳେ ଏହି ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ଓ ଭୋଗଲାଗି ବାରଣ ରହିଥିଲା।

ମାଟିକୁ ଅତ୍ୟନ୍ତ ଗୋପନୀୟ ଭାବେ ରଖାଯିବା ପରେ ସନ୍ଧ୍ୟା ଆଳତି ସମୟରେ ସାଧାରଣ ଭକ୍ତଙ୍କଠାରୁ ଭୋଗଲାଗି ସହ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। ଶନିବାର ଠାରୁ ଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଆରମ୍ଭ କରାଯିବ ବୋଲି କାଶୀନାଥ ମିଶ୍ର କହିଛନ୍ତି। କାଳୀପୂଜା ପୂର୍ବଦିନ ମା'ଙ୍କ ଶରୀରରେ ମୁଣ୍ଡ ଯୋଡ଼ିବା ସହ କାଳୀପୂଜା ଦିନ ରଙ୍ଗ, ଅଳଙ୍କାର ଲାଗି ଜୀବନ୍ୟାସ ଆଦି ପୂଜାହୋମ କରାଯାଇ ମହାଭୈରବୀ ବେଶରେ ବର୍ଷକୁ ଥରେ ମା' ଦକ୍ଷିଣକାଳୀଙ୍କ ଦର୍ଶନ ସୁଯୋଗ ମିଳିବ।

ପ୍ରକାଶଥାଉକି, ବର୍ଷତମାମ ଦକ୍ଷିଣକାଳୀଙ୍କ ପଟଚିତ୍ର ଓ ପୀଠପୂଜା କରାଯାଉଥିବା ବେଳେ କାଳୀପୂଜା ଅବସରରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ଦର୍ଶନ ସୁଯୋଗ ମିଳିଥାଏ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳୀ ଅବହେଳିତ

### ପୂଜା ପାଉଛି ପ୍ରତିମୂର୍ତ୍ତି, ଭୋଗ ହେଉଛି ଖେଚୁଡ଼ି

ଗୋପ,୧୦।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ କର୍ମସ୍ଥଳୀ କୁହାଯାଉଥିବା ଗୋପ ବ୍ଲକ ଅଧୀନ ଡଭାର ଗାଁ ଏବେ ଅବହେଳିତ। କେବଳ ଗ୍ରାମବାସୀ ଏହି ଦିବସକୁ ପାଳନ କରୁଛନ୍ତି। କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଦାଶ ୧୯୧୬ ମସିହାରୁ ଏହି ଡଭାର ଗ୍ରାମରେ ରହି ଦିନ ଦରିଦ୍ରଙ୍କ ସେବା କରୁଥିଲେ। ଦୀର୍ଘବର୍ଷ ଧରି ଡଭାର ଗ୍ରାମର ସ୍ୱର୍ଗତ ମଦନ ବରାଳଙ୍କ ଘରେ ରହି ଏପରି ସେବା କରୁଥିବା ବେଳେ କେବଳ ପରିବାର ସଦସ୍ୟଙ୍କ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିକୁ ପୂଜା କରା ଯାଉଥିବା ସମୟରେ ଖେଚୁଡ଼ି ଭୋଗ କରାଯାଉଛି। ଏବେ ତାଙ୍କର ନାତି ରମେଶ ବରାଳ, ନାତୁଣୀ ବୋହୂ ଛବିଲତା ବରାଳ ପ୍ରତ୍ୟେକ ଦିନ ପ୍ରତିମୂର୍ତ୍ତିକୁ ପୂଜା କରୁଥିବା କହିଛନ୍ତି। ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜନ୍ମ ଜୟନ୍ତୀ ଥିବାରୁ ଧୁମ୍‌ଧାମରେ ପାଳନ କରାଯିବା ସହିତ କୁନିକୁନି ପିଲାମାନଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିଲା। ଦୀର୍ଘବର୍ଷ ଧରି ନିଜର କର୍ମସ୍ଥଳୀ ଭାବେ ବାଛିନେଇ ଦୁଃଖି ମଣିଷଙ୍କ ମୁହଁରେ ହସ ଫୁଟାଇଥିବା ଡଭାର ଗାଁ ଅବହେଳିତ ଅବସ୍ଥାରେ ପଡ଼ିରହିଛି।

ସରକାର ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗ୍ରାମକୁ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଐତିହ୍ୟ ଗ୍ରାମ ଭାବରେ ମାନ୍ୟତା ଦେଇଥିବା ବେଳେ ତାଙ୍କର କର୍ମସ୍ଥଳୀକୁ ଅଣଦେଖା କରୁଥିବା କହିଛନ୍ତି ଗ୍ରାମର ପଞ୍ଚାନନ ସାହୁ, ମୋନାଲିସା ବରାଳ, ରୀନା ରାଉତଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତିବିଶେଷ। ଗ୍ରାମ କମିଟି ସଭାପତି ଜିତେନ୍ଦ୍ରୀୟ ବେହେରା କହିଛନ୍ତି, ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତୁରନ୍ତ ଏହି ଗ୍ରାମକୁ ଐତିହ୍ୟ ଗ୍ରାମର ଘୋଷଣା ସହିତ ରହୁଥିବା ଘରକୁ ମରାମତି ଓ ଅବହେଳିତ ଅବସ୍ଥାରେ ଥିବା ଗ୍ରାମକୁ ଦୃଷ୍ଟିଦେବାକୁ ଦାବି କରାଯାଇଛି।



ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପୂଜନ କରାଯାଉଛି।

## ସୁସ୍ଥ ଜୀବନ ପାଇଁ ଉପଯୁକ୍ତ ପୋଷଣ ଗୁରୁତ୍ୱପୂର୍ଣ୍ଣ

### ବ୍ଲକସ୍ତରୀୟ ପୋଷଣ ମାସ

ଅସ୍ତରଙ୍ଗ,୧୦।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଭବନ ଠାରେ ବ୍ଲକସ୍ତରୀୟ ପୋଷଣ ମାସ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ କହିଥିଲେ, ପୋଷଣ ମାସ ଆମ ସମାଜରେ ପ୍ରତ୍ୟେକ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଏକ ମହତ୍ତ୍ୱପୂର୍ଣ୍ଣ ଅବସର। ଶିଶୁ ଓ ଗର୍ଭବତୀଙ୍କ ପୋଷଣ ଉନ୍ନତି ପାଇଁ ସରକାର ଓ ମିଶନ ଶକ୍ତି ବିଭାଗ ବିଭିନ୍ନ ଯୋଜନା ଗ୍ରହଣ କରିଛନ୍ତି ଓ ସେଗୁଡ଼ିକୁ ଗାଁ ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ। ସୁସ୍ଥ ଜୀବନଯାପନ ପାଇଁ ସଠିକ ପୋଷଣ ଜରୁରୀ। ସୁସ୍ଥ ମା' ହେଉଛି ସୁସ୍ଥ ଶିଶୁର ଭିତ୍ତି ଏବଂ ସୁସ୍ଥ ଶିଶୁ ହେଉଛି ଆଗାମୀ ଶକ୍ତି ବୋଲି ସେ କହିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଅନ୍ୟତମ ଅତିଥି ଭାବେ ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଯୋଗଦେଇ ଏହା ଉତ୍ସବ ନୁହେଁ, ଏହା ଆମ ସମସ୍ତଙ୍କ ପାଇଁ ଜୀବନ ସଚେତନତାର ଏକ ଆନ୍ଦୋଳନ ବୋଲି କହିଥିଲେ। ପୋଷଣ ଅଭିଯାନକୁ ସଫଳ କରିବା ପାଇଁ ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର ଓ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକର ମିଳିତ ଉଦ୍ୟମ ଆବଶ୍ୟକ। ବିଡିଓ ସସ୍ମିତା ବେହେରା, ଅସ୍ତରଙ୍ଗ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଲୋଚନ ସେଠୀ, ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲି ଯୋଗଦେଇ ଶିଶୁ, କିଶୋରୀ ଓ ଗର୍ଭବତୀଙ୍କ ପୋଷଣ ନିରାପତ୍ତା ଓ ସ୍ୱାସ୍ଥ୍ୟ ସୁଧାର ପାଇଁ ଆହ୍ୱାନ ଜଣାଇବା ସହ ଶିଶୁକୁ କିପରି ଉପଯୁକ୍ତ ଭାବେ ପରିପୋଷଣ କରି ଦେଶ ପାଇଁ ସୁସ୍ଥ ସବଳ ନାଗରିକଟିଏ କରିବା ସେ ବିଷୟରେ ନିଜ ଅଭିଭାଷଣରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ ସମ୍ପୃକ୍ତ ବିଭାଗ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ନିଜର ଦାୟିତ୍ୱ ପ୍ରତି ଯଥେଷ୍ଟ ଯତ୍ନବାନ ହେବା ଓ ଶିଶୁର ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖୁଆଇବା ସହିତ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ୧୭ ସେପ୍ଟେମ୍ବରରୁ ୧୬ ଅକ୍ଟୋବର ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ କରାଯାଉଛି। ପୋଷଣ ମାସ ଅବସରରେ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ରଚନାରେ ଜିଜ୍ଞାସା ବେହେରା, ଚିତ୍ରାଙ୍କନ ବିଷ୍ଣୁ ପ୍ରସାଦ ମହାରଣା, କୁଇଜ୍‌ରେ ଲରେନ୍ସ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

## କ୍ଲବ ସଦସ୍ୟଙ୍କୁ ଗାଳି କରିବା ଅଭିଯୋଗରେ ଯୁବକ ଗିରଫ

**ବାଲିଅନ୍ତା, (ନୀଳମାଧବ ସାହୁ):** ପାହାଳ ଥାନା ଅଧୀନ ନହରକଣ୍ଠା ଠାରେ ଆୟୋଜିତ ଲକ୍ଷ୍ମୀ ପୂଜା ମଣ୍ଡପକୁ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ଆସି କ୍ଲବର ସମସ୍ତ ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବିଜୟ କୁମାର ଖଟୁଆ (୪୧)। କ୍ଲବର ସଭାପତି ଙ୍କ ଅଭିଯୋଗକ୍ରମେ ପାହାଳ ଥାନା କେସ୍ ନଂ. ୩୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କେଦାରଗୌରୀ ମନ୍ଦିରରେ ପଶୁଛି ଡ୍ରେନ ପାଣି

ପୁରୁଣା ଭୁବନେଶ୍ୱର,୧୦।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

## ଅବହେଳା: ଅସମ୍ପୂର୍ଣ୍ଣ ଡ୍ରେନ୍ କାର୍ଯ୍ୟ ବଢ଼ାଉଛି ଦୁଃଖ



ବର୍ଷାଦିନ ସରି ଆସିଲାଣି ତଥାପି ସରିପାରିଲାନି ବିଏମ୍‌ସିର ଡ୍ରେନ୍ କାର୍ଯ୍ୟ। ଅସମ୍ପୂର୍ଣ୍ଣ ଏବଂ ଖୋଲା ଡ୍ରେନ୍ ମରଣାଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ମଠମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଦୁଃଖ ବଢ଼ିଯାଉଛି। ଐତିହ୍ୟସମ୍ପନ୍ନ ମୁକ୍ତେଶ୍ୱର ମନ୍ଦିର ସନ୍ନିକଟ କେଦାରଗୌରୀ ମନ୍ଦିରର ଅବ୍ୟବସ୍ଥିତ ଜଳ ନିଷ୍କାସନ ପାଇଁ ମନ୍ଦିରଟି ବାରମ୍ବାର ଜଳାର୍ଣ୍ଣବ ହେଉଛି। ଅସରାଏ ବର୍ଷା ହେଲେ ଏହି ମନ୍ଦିର ନିକଟ ଡ୍ରେନରୁ ଉଦ୍‌ବୃତ୍ତ ବର୍ଷାଜଳ ମନ୍ଦିରରେ ପଶିଯାଇଥାଏ। ଫଳରେ ମନ୍ଦିର ପରିସରରେ ଥିବା କେଦାର କୁଣ୍ଡରେ ମଧ୍ୟ ଏହି ଉଦ୍‌ବୃତ୍ତ ବର୍ଷାଜଳ ପଶି ନାହିଁ ନ ଥିବା ସମସ୍ୟା ସୃଷ୍ଟି କରେ। ମନ୍ଦିରର ବରିଷ୍ଠ ସେବାୟତ ନରେନ୍ଦ୍ର ମହାପାତ୍ରଙ୍କ କହିବା ଅନୁଯାୟୀ, ଏକାମ୍ରର ଆରାଧ୍ୟ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିର। ଏଠାରେ ଅନେକ ସମୟରେ ଦୂଷିତ ବର୍ଷା ଜଳରେ ଦେବଦେବୀ ସ୍ନାନ କରିବା ସହ ଭୋଗ ନୈବେଦ୍ୟ ପ୍ରସ୍ତୁତ କରିବାକୁ ମଧ୍ୟ ବାଧ ହୋଇଥାନ୍ତି। ସ୍ମାର୍ଟସିଟି ଅଧୀନ ମନ୍ଦିର ମାଳିନୀ ସହରରେ ମେଗା ପ୍ରକଳ୍ପ ପାଇଁ ପ୍ରାୟ ୯ଶହ କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ବିଏମ୍‌ସିର କେଦାରଗୌରୀ ମନ୍ଦିର ପ୍ରତି ଅଣଦେଖାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

ସୂଚନାଥାଉ କି, ମୁକ୍ତେଶ୍ୱର ମନ୍ଦିର ପଟୁ କେଦାରଗୌରୀ ମନ୍ଦିର ପାର୍ଶ୍ୱ ଦେଇ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର କଡ଼ରେ ଥିବା ମୁଖ୍ୟଡ୍ରେନକୁ ସଂଯୁକ୍ତ ପାଇଁ ପ୍ରାୟ ୨୦୦ ମିଟର ଡ୍ରେନ କାର୍ଯ୍ୟ ବିଏମ୍‌ସି ପକ୍ଷରୁ ୪ମାସ ତଳେ କରାଯାଇଥିଲା। ଅଦ୍ୟାବଧି ୭୦ ମିଟର ବାକି ରଖି କାର୍ଯ୍ୟଭାର ନେଇଥିବା ଏଜେନ୍ସି ଅଧାପନ୍ତରିଆ ଭାବେ ଡ୍ରେନଟିକୁ ଛାଡ଼ିଦେଇଥିବା ଏକ ବଡ଼ ସମସ୍ୟା ପାଲଟିଛି। ଗତ ଅଗଷ୍ଟରେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ବିଭିନ୍ନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତତ୍ପରତା ଦେଖାଇ ପରେ ଚୁପ୍ ହୋଇ ବସିବାରୁ ଏବେ ପୁଣି ସମସ୍ୟା ଭୋଗିବାକୁ ପଡ଼ିଛି। ତୁରନ୍ତ ଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମନ୍ଦିର ପକ୍ଷରୁ ଦାବି ହୋଇଛି। ଏନେଇ ମେୟର ସୁଲୋଚନା ଦାସଙ୍କୁ ପଚାରିବାରେ, କେଦାରଗୌରୀ ମନ୍ଦିର ନିକଟ ଡ୍ରେନ୍ ସମ୍ପର୍କରେ ତାଙ୍କ ପାଖରେ କିଛି ତଥ୍ୟ ନାହିଁ, ସ୍ଥାନୀୟ କର୍ପୋରେଟର ଏନେଇ ଅବଗତ ଥିବେ ବୋଲି ସେ କହିଛନ୍ତି।



ଭୁବନେଶ୍ୱରରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ବର୍ଷାରେ ରସୁଲଗଡ଼ ଛକରୁ ବମିଖାଲ ରାସ୍ତାରେ ପାଣିର ସୁଅ ଛୁଟୁଛି।

# ମା', ଭଉଣୀଙ୍କୁ ଆକ୍ରମଣ କରି ପୁଅ ଗିରଫ

ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ)

ଖର୍ଚ୍ଚ କରିବାକୁ ଟଙ୍କା ନ ଦେବାରୁ ମା ଓ ଭଉଣୀଙ୍କୁ ରାସ୍ତାକୁ ଘୋଷାଡ଼ି ନେଇ ବାଉଁଶ ଲାଠି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କଲେ ପୁଅ। ଏନେଇ ମା' ଥାନାରେ ଅଭିଯୋଗ କରିଥିଲେ। ମା'ଙ୍କ ଅଭିଯୋଗକୁ ଭିତ୍ତିକରି ଚନ୍ଦକା ଥାନା ପୋଲିସ ପୁଅକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ଚନ୍ଦକା ଥାନା ଅଧୀନସ୍ଥ ଛତାବର ଗାଁରେ ହରପ୍ରିୟା ରଣା ନାମକ ମହିଳା ପରିବାର ସହ ରୁହନ୍ତି। ତାଙ୍କ ପୁଅ ଆଶୁତୋଷ ବେକାରୀ ସମସ୍ୟା ଦେଇ ଗତି କରୁଥିବା ବେଳେ ନିଜ ଖର୍ଚ୍ଚ ଲାଗି ମା'ଙ୍କ ଉପରେ ନିୟମିତ ଭାବେ ଚାପ ପକାଇ ଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ମଧ୍ୟ ଆଶୁତୋଷ ମା'ଙ୍କୁ ଖର୍ଚ୍ଚ ଲାଗି ଟଙ୍କା ମାଗିଥିଲେ। ମା' ଟଙ୍କା ଦେବାଲାଗି ମନା କରିବାରୁ ଆଶୁତୋଷ ଉତ୍ୟକ୍ତ ହୋଇ ମା' ଓ ଭଉଣୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହଠାତ୍ ରାସ୍ତାକୁ ଘୋଷାଡ଼ି ନେଇ ବାଉଁଶ ଲାଠି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ ଏବଂ ଜୀବନରୁ ମାରିଦେବା ଲାଗି ଧମକ ମଧ୍ୟ ଦେଇଥିଲେ। ସ୍ଥାନୀୟ ବାସିନ୍ଦା ଏହି ଘଟଣାରେ ହସ୍ତକ୍ଷେପ କରିବାରୁ ଆଶୁତୋଷ ସେମାନଙ୍କୁ ଖଣ୍ଡା ଦେଖାଇ ମାରିଦେବାକୁ ଧମକ ଦେଇଥିଲେ ବୋଲି ମା' ହରପ୍ରିୟା ରଣା ଗୁରୁବାର ରାତିରେ ଚନ୍ଦକା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ କେସ୍ ନଂ. ୪୩୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ପୁଅ ଆଶୁତୋଷ ରଣାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।



କଳାଭୂମି ପକ୍ଷରୁ ଶୁକ୍ରବାର ସୂଚନା ଭବନରେ ଆୟୋଜିତ ୪ର୍ଥ ଅହିଂସା ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

# ପ୍ରଧାନ ଶିକ୍ଷକ ମହେନ୍ଦ୍ରଙ୍କୁ ଅବରକାଳୀନ ସମ୍ବର୍ଦ୍ଧନା

ବାଲିପାଟଣା,୧୦।୧୦(ଅଭିମନ୍ୟୁ ନାୟକ): ନରିଶୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତିଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଭାତ କୁମାର ରଥ, ଦେଶୀ ଧାନ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ନିର୍ଦ୍ଦେଶକ ନଟବର ଷଡ଼ଙ୍ଗୀ, ସାମ୍ବାଦିକ ଦିଲୀପ କୁମାର ଓଝା, ଜିଲାପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ସରପଞ୍ଚ କବିତା କାଣ୍ଡି, ପୂର୍ବତନ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ରଘୁନାଥ ଲେଙ୍କା, ଏବିଇଓ ବିଜୟ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ଦୀପକ ସାହୁ ସ୍ୱାଗତ ଭାଷଣ ଏବଂ ରାଜଶ୍ରୀ ମଲ୍ଲିକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବେହେରା, ତପନ କୁମାର ପ୍ରଧାନ, ଜ୍ୟୋସ୍ନାରାଣୀ ଦାଶ, ସୁଷମା ରାଣୀ ମହାପାତ୍ର, ସଞ୍ଜୀବ ପଟ୍ଟନାୟକଙ୍କ ସମେତ ଛାତ୍ରୀଛାତ୍ରମାନେ ବିଦାୟୀ ପ୍ରଧାନ ଶିକ୍ଷକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୁଦର୍ଶନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲିକଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା ସହ ଅଳଙ୍କାର ଚୋରି, ଡ୍ରାଇଭର ଗିରଫ

ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ)

ଘର ମାଲିକଙ୍କ ଅଜାଣତରେ ଏଟିଏମ୍‌ରୁ ଟଙ୍କା ଉଠାଇବା ଓ ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଡ୍ରାଇଭରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ହେଉଛନ୍ତି ପୋଲସରା ଥାନା ଅଧୀନସ୍ଥ ଦାଶରଥିନଗରର ନୀଳମାଧବ ସାହୁ(୨୦)।

ପ୍ରକାଶ ଯେ, ନୀଳମାଧବ ନନ୍ଦନକାନନ ଥାନା ଅଧୀନସ୍ଥ ପଦାସାହି ଗାଁ ପାଖ ଡ୍ରିମ୍ ଭିଲା ବି -୧୩୭ରେ ରହୁଥିବା ନମିତା ପଟ୍ଟନାୟକ ନାମକ ମହିଳାଙ୍କ ପାଖରେ ରୋଷେୟା ଓ ଡ୍ରାଇଭର ଭାବେ ଗତ ଜୁଲାଇରୁ କାମ କରୁଥିଲେ। ମହିଳା ଓ ତାଙ୍କ ସ୍ୱାମୀଙ୍କ ସରଳତାର ସୁଯୋଗ ନେଇ ନୀଳମାଧବ ଘର ମାଲିକଙ୍କ ବ୍ୟାଙ୍କ ଏଟିଏମ୍ ଓ ପାସ୍‌ୱାର୍ଡ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ବ୍ୟବହାର କରି ଅନ୍‌ଲାଇନ ଗେମ୍‌ରେ ୪ଲକ୍ଷ ୫ହଜାରେ ଟଙ୍କା ଖର୍ଚ୍ଚ କରିଥିଲେ। ପୁଣି ଘର ମାଲିକଙ୍କ ସୁନାଚେନ, ମୁଦି ଓ କାନଫୁଲକୁ ଚୋରି କରିନେଇ ୨ଲକ୍ଷ ୩୨ହଜାରେ ଟଙ୍କାରେ ବିକ୍ରି କରି ଅନ୍‌ଲାଇନ କ୍ରିକେଟ ବେଟିଂରେ ଖର୍ଚ୍ଚ କରିଥିଲେ। ଏହା ଜାଣିବା ପରେ ଘରମାଲିକ ଡ୍ରାଇଭର୍ ନୀଳମାଧବଙ୍କୁ ପଚାରିଥିଲେ। କିନ୍ତୁ ନୀଳମାଧବ ତାଙ୍କୁ ଖରାପ ବ୍ୟବହାର କରି ଆଉ କାମ କରିବାକୁ ଆସି ନ ଥିଲା। ନମିତା ଏ ସଂକ୍ରାନ୍ତରେ ନନ୍ଦନକାନନ ଥାନାରେ ଗତ ୨୬ ତାରିଖରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୩୫୯/୨୫ରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଗୁରୁବାର ରାତିରେ ନୀଳମାଧବଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିବା ବେଳେ ନୀଳମାଧବ ପୋଲିସ ଆଗରେ ସବୁ କଥା ସ୍ୱୀକାର କରିଥିଲେ। ପୋଲିସ ଗୁରୁବାର ନୀଳମାଧବଙ୍କୁ କୋର୍ଟଚାଲାଣ କରିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା)

ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ପ୍ରଚଳିତ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଯୋଗୁ ଅନେକ ନିମ୍ନ ମଧ୍ୟବିତ୍ତ ଓ ଗରିବ ଲୋକମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ପାଉଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସୁଦୂର ମଣିପୁରର କିଛି ଅଧିବାସୀ ମଧ୍ୟ ଓଡିଶା ଆସି ହାଇଟେକ୍ ମେଡିକାଲରୁ ଚିକିତ୍ସା ପାଇପାରିଛନ୍ତି। ଏଥିସହ ରାଉରକେଲା ନିକଟବର୍ତ୍ତୀ ଛତିଶଗଡ଼ ଓ ଝାଡ଼ଖଣ୍ଡର ସୀମାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସହଯୋଗର ହାତ ବଢ଼ାଇଲେ ଲୋକମାନେ ଉପକୃତ ହେବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଏ ବିଷୟରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଉପଭୋକ୍ତାଙ୍କୁ ମିଳୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା

ଭୁବନେଶ୍ୱର,୧୦।୧୦
(ରବିନାରାୟଣ ଜେନା)

## ଓଇଆର୍‌ସିର ଜନଶୁଣାଣିରେ ବିଦ୍ୟୁତ୍ ସରବରାହ କ୍ଷତି ପ୍ରସଙ୍ଗ

ରାଜ୍ୟରେ ଉପଭୋକ୍ତାଙ୍କୁ କିଭଳି ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିପାରିବ ସେନେଇ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ପକ୍ଷରୁ ଶୁକ୍ରବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବିଜ୍ଞପ୍ତି ଅନୁଯାୟୀ, ଶୁକ୍ରବାର ୧୯୯ ଆବେଦନକାରୀଙ୍କ ମଧ୍ୟରୁ ଓଇଆର୍‌ସି ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ୨୫ଟି ଆବେଦନ ଶୁଣିଥିଲେ।

ଜନଶୁଣାଣିରୁ ଜଣାପଡ଼ିଛି ଯେ, ରାଜ୍ୟରେ ଟାଟାର ବିଦ୍ୟୁତ୍ ସେବାକୁ ନେଇ ହୋଇଥିବା କେତେକ ଅଭିଯୋଗକୁ ଭିତ୍ତି କରି ଆୟୋଗଙ୍କ ପକ୍ଷରୁ ଜନଶୁଣାଣି ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଅବସରରେ ସେସୁର ପୂର୍ବତନ ପ୍ରଶାସକ ଦେବରାଜ ବିଶ୍ୱାଳ ଉପଭୋକ୍ତାଙ୍କ ପକ୍ଷ ରଖି ଉନ୍ନତମାନ ବିଦ୍ୟୁତ୍ ସେବାର ବିଭିନ୍ନ ଦିଗ ଉପରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଗ୍ରୀଡ୍‌କୋର ପୂର୍ବତନ ବାଣିଜ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଉପଭୋକ୍ତାମାନେ ପ୍ରବଳ ଖର୍ଚ୍ଚାନ୍ତ ହେଉଥିବା ତଥ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟୁତ୍ ବିଶେଷଜ୍ଞ ବିଭୁ ସ୍ୱାଇଁ, ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥୀ, ପୂର୍ବତନ ବିଦ୍ୟୁତ୍ ନିରୀକ୍ଷକ ଅକ୍ଷୟ ସାହାଣୀ ଓ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ପ୍ରମୁଖ ବିଦ୍ୟୁତ୍ ସରବରାହରେ ବ୍ୟାପକ ଖର୍ଚ୍ଚାନ୍ତ ନେଇ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ମହାପାତ୍ର କେନ୍ଦ୍ର ସରକାର ବିଦ୍ୟୁତ୍ ବ୍ୟାହତ ଉପରେ ପ୍ରକାଶ କରିଥିବା ଦୁଇଟି ରିପୋର୍ଟକୁ ଦର୍ଶାଇ କହିଥିଲେ, ଜାତୀୟସ୍ତରରେ ହାରାହାରି ବିଦ୍ୟୁତ୍ ବ୍ୟାହତ(ଲସ୍) ତୁଳନାରେ ଓଡ଼ିଶାରେ ବିଦ୍ୟୁତ୍ ବ୍ୟାହତ ଅଧିକ ରହିଛି। କେନ୍ଦ୍ର ସରକାର ୨୦୨୧-୨୨ ପାଇଁ ପ୍ରକାଶ କରିଥିବା ୫୦ଟି ବିତରଣ କମ୍ପାନୀର ବିଦ୍ୟୁତ୍ ବ୍ୟାହତ ସାରଣୀରେ ଓଡ଼ିଶାର କେବଳ ଟିପିସିଓଡିଏଲ୍ ସ୍ଥାନ ପାଇଛି। ଟିପିସିଓଡିଏଲ୍‌କୁ ସାରଣୀରେ ୩୩ ନମ୍ବର ସ୍ଥାନ ମିଳିବା ଏହାର ନିମ୍ନମାନର ବିଦ୍ୟୁତ୍ ସେବାକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଟାଟା ବିତରଣ କମ୍ପାନୀର ତଥ୍ୟ ଉପରେ ସନ୍ଦେହ ପ୍ରକାଶକରି ମହାପାତ୍ର କହିଲେ, ଟାଟା ଯେଉଁ ତଥ୍ୟ ଓଇଆର୍‌ସି ଓ କେନ୍ଦ୍ର ସରକାରଙ୍କୁ ଦେଉଛି ସେଥିରେ ତାଳମେଳ ନାହିଁ। ଏହାର ବିଧିବଦ୍ଧ ତଦନ୍ତକରି ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଇଆର୍‌ସି ନିଷ୍ପତ୍ତି ନେଉ ବୋଲି ସେ କହିଥିଲେ।

# ୟୁନିଟ୍-୬ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମର (ବିଏମସି)ର ମିଳିତ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ଜାରି ରହିଛି। ଚଳିତ ମାସ ୮, ୧୦ ଓ ୧୪ ତାରିଖ ୩ଦିନ ଧରି ୟୁନିଟ୍-୬ସ୍ଥିତ କଲ୍ୟାଣ ମଣ୍ଡପଠାରେ ଏହି ଶିବିର ଅନୁଷ୍ଠିତ ହେଉଛି। ଶୁକ୍ରବାର ମେୟର ସୁଲୋଚନା ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଶିବିର ପରିଦର୍ଶନ କରିବା ସହ ଦିବ୍ୟାଙ୍ଗଙ୍କୁ ବସ୍ ପାସ୍ ପ୍ରଦାନ କରିଥିଲେ। ଶିବିରରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ସେବା ଭିନ୍ନକ୍ଷମ ପ୍ରମାଣପତ୍ର, ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ ନିମନ୍ତେ ମାପ, ଭିନ୍ନକ୍ଷମ ଭତ୍ତା ପଞ୍ଜୀକରଣ, ଆବେଦନ, ଆମ୍ର ନିଯୁକ୍ତି ଉପକରଣ ଆବେଦନ, ବାଣିଶ୍ରୀ ବୃତ୍ତି ଓ ଜାତୀୟ ବୃତ୍ତି ନିମନ୍ତେ ଆବେଦନ, ଭିନ୍ନକ୍ଷମ ମିଶନ କ୍ଷମତା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଆବେଦନ, ଉଚ୍ଚଶିକ୍ଷା କରୁଥିବା (+୩ରୁ ଉର୍ଦ୍ଧ୍ୱ) ଶ୍ରେଣୀର ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ନିମନ୍ତେ ଲାପ୍‌ଟପ୍ ଆବେଦନ, ଭିନ୍ନକ୍ଷମ ବୈଷୟିକ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ଏବଂ ସାଧାରଣ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ବିବାହ ନିମନ୍ତେ ପ୍ରୋତ୍ସାହନ ରାଶି ପାଇଁ ଆବେଦନ, ଆଧାରକାର୍ଡ ପଞ୍ଜୀକରଣ ଆଦି ନିମନ୍ତେ ଆବେଦନ କରାଯାଉଛି। ଏଥିପାଇଁ ଦିବ୍ୟାଙ୍ଗମାନେ ସେମାନଙ୍କ ପ୍ରମାଣପତ୍ର, ଆଧାରକାର୍ଡ, ରାଶନ କାର୍ଡ/ଭତ୍ତା କାର୍ଡ/ଆୟ ପ୍ରମାଣପତ୍ର, ପାସପୋର୍ଟ ଫଟୋ, ବ୍ୟାଙ୍କ ପାସ୍‌ବୁକ, ନିଜ ନାମରେ ଥିବା ଜମିପଟ୍ଟା ଆଦି କାଗଜାତ ସାଙ୍ଗରେ ଆଣିବା ଦରକାର। ବିଏମ୍‌ସି ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମମାନେ କିପରି ସରକାରଙ୍କ ଉପଲବ୍ଧ ସୁବିଧା ନିଜର ଭିନ୍ନକ୍ଷମ ସ୍ଥିତି ଅନୁସାରେ ପାଇ ପାରିବେ ସେଥିପାଇଁ ଏହି କ୍ୟାମ୍ପ କରାଯାଇଥିବା ବିଏମ୍‌ସି କମିଶନର ଚଞ୍ଚଳ ରାଣା କହିଛନ୍ତି।



ମେୟର ସୁଲୋଚନା ଦାସ ଜଣେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ଦେଉଛନ୍ତି।

# ଚିନ୍ତା ବଢ଼ାଉଛି ଲେଭଲ୍ କ୍ରସିଂରେ ବେପରୁଆ ଯାତ୍ରା

ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା)

## ବର୍ଷକରେ ୮୮ ଘଟଣା, ୭୨ ଗିରଫ



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଲେଭଲ କ୍ରସିଂ (ଏଲ୍‌ସି) ଗେଟ୍ ଉଲ୍ଲଂଘନ ଏବଂ ସଡକ ଯାନ ଦ୍ୱାରା ଗେଟ ଭାଙ୍ଗିବା ଘଟଣା ବୃଦ୍ଧିକୁ ନେଇ ଗମ୍ଭୀର ଚିନ୍ତା ପ୍ରକାଶ କରିଛି। ଅନେକ କ୍ଷେତ୍ରରେ ଫାଟକ ବନ୍ଦ ହେବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ୍ୟ ସଡକ ବ୍ୟବହାରକାରୀମାନେ ଜୋରଜବରଦସ୍ତି ଏଲ୍‌ସି ଗେଟ ପାର କରିବାକୁ ଚେଷ୍ଟା କରନ୍ତି। ଲେଭଲ୍ କ୍ରସିଂରେ ଏପରି ବେପରୁଆ ଯାତ୍ରା ଜୀବନକୁ ବିପଦରେ ପକଇବା ସହ ଖୋର୍ଦ୍ଧା ରୋଡ ରେଳମଣ୍ଡଳରେ ଟ୍ରେନ ସେବାରେ ବାଧା ଓ ବିଳମ୍ବ ସୃଷ୍ଟି କରିଥାଏ। ୨୦୨୪ରେ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଅଧୀନରେ ଲେଭଲ କ୍ରସିଂ ଗେଟ ଭାଙ୍ଗିବାର ମୋଟ ୧୧୩ଟି ଘଟଣା ରିପୋର୍ଟ କରାଯାଇଥିଲା ଓ ଏହି ଘଟଣାରେ ୯୨ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ୨୦୨୪ ଅକ୍ଟୋବର ୮ ପର୍ଯ୍ୟନ୍ତ ୮୮ଟି ଏପରି ଘଟଣା ରିପୋର୍ଟ କରାଯାଇଥିଲାବେଳେ ୭୨ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଚଳିତ ବର୍ଷ ଏହି ସମୟ ପର୍ଯ୍ୟନ୍ତ ୬୪ଟି ଲେଭଲ କ୍ରସିଂ ଗେଟ ଭାଙ୍ଗିବା ଘଟଣା ରେକର୍ଡ କରାଯାଇଛି ଓ ଏଥିରେ ଏପର୍ଯ୍ୟନ୍ତ ୪୭ ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ଚଳିତବର୍ଷ ଭୁବନେଶ୍ୱର ଅଞ୍ଚଳରେ ୧୧ଟି ଘଟଣା, ବ୍ରହ୍ମପୁର ଅଞ୍ଚଳରେ ୮ଟି ଘଟଣା, ପୁରୀ, ଭଦ୍ରକ ଏବଂ ଯାଜପୁର କେଉଁଝର ରୋଡ ଅଞ୍ଚଳରେ ୭ଟି ଲେଖାଏ ଘଟଣା, କଟକ ଅଞ୍ଚଳରେ ୬ଟି ଘଟଣା, ପଳାସା ଏବଂ ଖୋର୍ଦ୍ଧା ରୋଡ ଅଞ୍ଚଳରେ ୫ଟି ଲେଖାଏ ଘଟଣା ରିପୋର୍ଟ କରାଯାଇଛି। ଖୋର୍ଦ୍ଧା ରୋଡ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳପଥ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଏବଂ ଲେଭଲ କ୍ରସିଂରେ ସଡକ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ୍ୟ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି। ଲେଭଲ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳପଥକୁ ସହଯୋଗ କରିବାକୁ ଖୋର୍ଦ୍ଧା ରୋଡ଼ ରେଳ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।



ମା' ଗଜଲକ୍ଷ୍ମୀ ପୂଜା କମିଟି, କାମନା ମନ୍ଦିର, ଉପରସାହି ପକ୍ଷରୁ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।



ଗଜଲକ୍ଷ୍ମୀ ପୂଜା କମିଟି, ବଡ଼ବେରଣା।



ଗଜଲକ୍ଷ୍ମୀ ପୂଜା କମିଟି, ସାନପଲ୍ଲା

## ସଂକ୍ଷେପରେ

### ବାର୍‌ହା ଉପଦ୍ରବ, ଧାନଫସଲ ନଷ୍ଟ



ବେଗୁନିଆ,୧୦।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ବାର୍‌ହାଙ୍କ ଉପଦ୍ରବ ବଢ଼ିଚାଲିଛି। ଖାଦ୍ୟ ଅନ୍ୱେଷଣରେ ଆସି ଧାନଫସଲ, ପନିପରିବା ଖାଇବା ସହ ନଷ୍ଟ କରୁଛନ୍ତି। ବେଗୁନିଆ ନୂଆସାହିର କେତେଜଣ ଚାଷୀଙ୍କ ଜମିରେ ବାର୍‌ହା ପଲ୍ଲ ପଶି ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଫଳରେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଏ ସମ୍ପର୍କରେ ବେଗୁନିଆ ବନପାଳଙ୍କୁ ପଚାରିବାରୁ 'ଅନୁକମ୍ପା' ଆପ୍‌ରେ ଅଭିଯୋଗ କଲେ ତଦନ୍ତ ପରେ କ୍ଷତିପୂରଣ ମିଳିବ। ଅନ୍ୟପକ୍ଷରେ ବାର୍‌ହା ଘଉଡ଼ାଇବା ପାଇଁ ଚାଷୀମାନେ ବାଣ, ଟିଣରେ ନିର୍ମିତ ବାଜା ଓ ବ୍ୟାଟେରି ଚାଳିତ ଛୋଟ ଡାକବାଜି ଯନ୍ତ୍ର ବ୍ୟବହାର କରୁଥିବା ଜଣାପଡ଼ିଛି।

### ୪୩ତମ କାର୍ତ୍ତିକ ଅଧିବେଶନ ୨୩ରୁ

ନିରାକାରପୁର,୧୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା ଶ୍ରୀରାମ ମନ୍ଦିର ପରିସରରେ ୪୩ତମ କାର୍ତ୍ତିକ ଅଧିବେଶନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୧୦ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ତାରିଖରେ ଶୁଭାଧିବାସ ହୋଇ ନଭେମ୍ବର ୧ରେ ସମାପନ ହେବ। ଏହି ଅବସରରେ ଦୈନିକ ସନ୍ଧ୍ୟାରେ ସାଧୁ, ସନ୍ଥ ଓ ପ୍ରବଚକମାନେ ଯୋଗଦେଇ ଶିବ ବିବାହଠାରୁ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନୁରୂପଭାବେ ୨ତାରିଖରେ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ସହ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ଶୁକ୍ରବାର ମାରୁତି ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ହୋଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଶ୍ରୀରାମ ଦୟା ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୩ ବର୍ଷ ପରେ ପ୍ରଧାନଶିକ୍ଷକ ପଦବୀ ପୂରଣ ହେଲା

ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)



ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଦୀର୍ଘ ୩ବର୍ଷ ପରେ ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇଛି। ଶୁକ୍ରବାର ପ୍ରଧାନଶିକ୍ଷକ ଭାବେ ଜ୍ୟୋସ୍ନାମଣି ମଙ୍ଗରାଜ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ନୟାଗଡ ଜିଲ୍ଲା ଭୀମସେନ କୃଷି ନୋଡାଲ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟରତ ଥିଲେ। କ୍ଲାସ-୨ ପ୍ରଧାନ ଶିକ୍ଷକ ପଦୋନ୍ନତି ପାଇ ବଳରାମ ଦେବ ବିଦ୍ୟାପୀଠରେ ଯୋଗଦେଇଥିବା ଜଣାପଡ଼ିଛି। ମଙ୍ଗରାଜ କାର୍ଯ୍ୟରେ ଯୋଗଦେବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ଶୃଙ୍ଖଳିତ ଲକ୍ଷ୍ମୀପୂଜା ଭସାଣି ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)

ମା'ଗଜଲକ୍ଷ୍ମୀଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ସବୁଠି ରହିଛି ଉତ୍ସାହର ମାହୋଲ। ମନ୍ତ୍ର ଉଚ୍ଚାରଣ, ଘଣ୍ଟ କାହାଳି, ବାଦ୍ୟଯନ୍ତ୍ରରେ କମ୍ପୁଛି ପୂଜାମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ସହରର ୩୨ ମଣ୍ଡପରେ ପୂଜା ପାଉଛନ୍ତି ମା'। ଶୁକ୍ରବାର ଏସ୍‌ପି ବିବେକାନନ୍ଦ ଶର୍ମା, ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, କାଉନ୍‌ସିଲର ଅମିୟ ମହାନ୍ତି ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ।

ସଦ୍‌ଭାବନା ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଶୋଭନ ଘୋଷ, ନୃସିଂହ ଚରଣ ଦାସ, ଶିବ କେଶନ ଦାସ ଏବଂ ଅନ୍ୟମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏସ୍‌ପି ଶର୍ମା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଆସନ୍ତା ୧୨ତାରିଖରେ

## ପୂଜାମଣ୍ଡପ ବୁଲିଲେ ଏସ୍‌ପି



ମିଳିତ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଟାଉନ ହଲ୍ ନିକଟରେ ମଞ୍ଚ ପ୍ରସ୍ତୁତ କରାଯାଉଛି। ପ୍ରଶାସନ ଏବଂ ଭସାଣି ଉତ୍ସବ କମିଟି ପକ୍ଷରୁ ଶୋଭାଯାତ୍ରା ରୁଟ୍ ଫାଇନାଲ କରାଯାଇଛି। ଏହି ରୁଟରେ ଥିବା ବଡ଼ଗଛ ଏବଂ ରାସ୍ତାର ଆବଶ୍ୟକ ମରାମତି କରାଯାଇଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି ଯେ, ପୂର୍ବ ନିଷ୍ପତ୍ତି ଅନୁଯାୟୀ ଭସାଣି ଶୋଭାଯାତ୍ରା ହେବ। ଶୋଭାଯାତ୍ରା ସମୟରେ ଡାକବାଜୀ ଯନ୍ତ୍ର ବ୍ୟବହାର ଲାଗି ପୂଜା କମିଟିମାନେ ଆବଶ୍ୟକ ଅନୁମତି ନେବେ। ଅତି ଶବ୍ଦଭେଦି ବାଣ ଏବଂ ଡାକବାଜି ଯନ୍ତ୍ରର ବ୍ୟବହାର ଯେପରି ଶବ୍ଦ ୬୫ ଡେ.ବିରୁ ଅଧିକ ବ୍ୟବହାର କରାଯିବ ନାହିଁ। ଅଶ୍ଳୀଳ ସଙ୍ଗୀତ ପରିବେଷଣ, ଡିଜେ ଏବଂ ଲେଜର ଲାଇଟ ବ୍ୟବହାର ଉପରେ କଟକଣା କରାଯାଇଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଶର୍ମା କହିଛନ୍ତି। ସାଦା ପୋଷାକରେ ପୋଲିସ ତଦାରଖ କରିବେ। ଭସାଣି ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଭସାଣି ସମୟରେ ସହର ଦେଇ ଭାରିଯାନ ଚଳାଚଳ ବନ୍ଦ ରହିବ। ଆଇନଶୃଙ୍ଖଳା, ଟ୍ରାଫିକ ଓ ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ପୂଜା କମିଟି ଅପରାହ୍ନ ୪ଟା ସୁଦ୍ଧା ଭସାଣି ସ୍ଥଳରେ ପହଞ୍ଚିବେ। ସନ୍ଧ୍ୟା ୬ଟା ସୁଦ୍ଧା ଭସାଣି ଶୋଭାଯାତ୍ରା ଆରମ୍ଭ ହେବ। ରାତି ୧୦ଟା ସୁଦ୍ଧା ସମାପନ ହେବ। ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ସେଠାରେ ପର୍ଯ୍ୟାପ୍ତ ମାତ୍ରାରେ ଆଲୋକୀକରଣ ଏବଂ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି। ଭସାଣି ସମୟରେ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ମା' ଉଗ୍ରତାରା ମନ୍ଦିର ହୁଣ୍ଡିରୁ ମିଳିଲା ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)



ଭୁଷଣ୍ଡପୁର ମୂଳିଝରଗଡ଼ ସ୍ଥିତ ମା'ଉଗ୍ରତାରାଙ୍କ ମନ୍ଦିର ହୁଣ୍ଡିରୁ ୭ଲକ୍ଷ ୮ହଜାର ୨୭୭ ଟଙ୍କା ମିଳିଛି। ପ୍ରତ୍ୟେକଦିନ ମା'ଙ୍କ ଦର୍ଶନ ପାଇଁ ଶତାଧିକ ଭକ୍ତ ବିଭିନ୍ନ ଅଞ୍ଚଳରୁ ଆସିଥାନ୍ତି। ମନ୍ଦିର ପରିସରରେ ଥିବା ହୁଣ୍ଡିରେ ଭକ୍ତମାନେ ଅର୍ଥ, ସୁନାରୁପା ଗହଣା ପକାଇଥାନ୍ତି। ଶୁକ୍ରବାର ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ଭୁଷଣ୍ଡପୁର ଫାଣ୍ଡି ପୋଲିସ, ସାନ ରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟ ଏବଂ ମନ୍ଦିର କର୍ମଚାରୀଙ୍କ ଉପସ୍ଥିତିରେ ମନ୍ଦିର ହୁଣ୍ଡିରେ ଥିବା ଟଙ୍କା ଗଣତି କରାଯାଇଥିଲା। ବାହାରିଥିବା ସମସ୍ତ ଅର୍ଥକୁ ସିଙ୍ଗିପୁର ସ୍ଥିତ ବ୍ୟାଙ୍କରେ ଜମା କରାଯାଇଥିବା ଜଣାପଡିଛି।

## କେରଳ: ଗ୍ୟାସ୍ ସିଲିଣ୍ଡର ଫାଟି ୪ ଓଡ଼ିଆ ମତ୍ସ୍ୟଜୀବୀ ଗୁରୁତର

ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)

ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ କେରଳ କୁର୍ଣ୍ଣୁଲ ଜିଲାରେ କାର୍ଯ୍ୟରତ ୪ଜଣ ଓଡ଼ିଆ ମତ୍ସ୍ୟଜୀବୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ଗ୍ରାମର ନିଗମ ବେହେରା(୩୪), ଶିବ ବେହେରା(୩୬), ସୁବାସ ବେହେରା(୪୦) ଏବଂ ହାଟବରଡ଼ିର ଜିତୁ ବେହେରା। ଚିକିତ୍ସା ପାଇଁ ସେମାନଙ୍କୁ ସେଠାରେ ଥିବା ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଚିଲିକାରୁ ମାଛ ଉତ୍ପାଦନ କମିବାରୁ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ବାଲିପାଟପୁର, ଭୁଷଣ୍ଡପୁର ଆଦି ଅଞ୍ଚଳର ବହୁ ମତ୍ସ୍ୟଜୀବୀ କାମ ନ ପାଇ ଦାଦନ ଶ୍ରମିକଭାବେ ବିଭିନ୍ନ ରାଜ୍ୟକୁ ଯାଇଛନ୍ତି। ସେହିପରି ବାଲିପାଟପୁର ଗ୍ରାମର ନିଗମ, ଶିବ, ସୁବାସ ଏବଂ ହାଟବରଡ଼ିର ଜିତୁ କେରଳର କୁର୍ଣ୍ଣୁଲ ଜିଲାରେ ସମୁଦ୍ରରୁ ମାଛ ଧରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ସେଠାରେ ଶୁକ୍ରବାର ମାଛଧରା ବନ୍ଦ ଥିବାରୁ ସେମାନେ ଘରେ ରହିଥିଲେ। ସକାଳ ୬ଟାରେ ଘରେ ଥିବା ଗ୍ୟାସ୍ ସିଲିଣ୍ଡରଟି ହଠାତ୍ ଫାଟିଯାଇଥିଲା। ଫଳରେ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ନିକଟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଗୁରୁତର ମତ୍ସ୍ୟଜୀବୀମାନେ ଗରିବଶ୍ରେଣୀର ହୋଇଥିବାରୁ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଦାବି କରାଯାଇଛି।

# ୫୨ତମ କୁମାରୋତ୍ସବ ନୂପୁର ଉଦ୍‌ଯାପିତ




କୁମାରୋତ୍ସବ ନୂପୁର-୨୦୨୫ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)

ଇଗଲ୍ କ୍ଲବ୍ ଆନୁକୂଲ୍ୟରେ ସପ୍ତାହବ୍ୟାପୀ ଚାଲିଥିବା ୫୨ତମ କୁମାରୋତ୍ସବ ନୂପୁର-୨୦୨୫ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଇଗଲ୍ କ୍ଲବ୍‌ର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ବିଜେଡି ନେତା ମନ୍ମଥ ରାଉତରାୟ ମୁଖ୍ୟ ବକ୍ତା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ

### ମୁଖ୍ୟ ଆକର୍ଷଣ ସାଜିଲା ଷ୍ଟାର ନାଇଟ୍

ଯୋଗଦେଇ ନୂପୁର ଅନୁଷ୍ଠାନ କାର୍ଯ୍ୟକ୍ରମ କୁମାରରୋତ୍ସବର ପ୍ରଶଂସା କରିଥିଲେ।

କଳା, ସଂସ୍କୃତି ଗୋଟିଏ ଜାତିର ପରିଚୟ। ସଂସ୍କୃତିର ବିକାଶ ତଥା ପ୍ରତିଭାଙ୍କୁ ଏକ ଉପଯୁକ୍ତ ପ୍ଲାଟଫର୍ମ ଦେବାରେ ନୂପୁର କାର୍ଯ୍ୟ ପ୍ରଶଂସନୀୟ। ଖୋର୍ଦ୍ଧା ବୀର ମାଟି। ଏହାର ଗୌରବମୟ ଇତିହାସ, ପାଇକଙ୍କ ବୀରତ୍ୱ, ତ୍ୟାଗ, ବଳିଦାନ ପାଇଁ ଏ ମାଟି ଜାତୀୟସ୍ତରରେ ଗୌରବାନ୍ୱିତ ହୋଇଛି। ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ପାଇକଙ୍କ ବୀରତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଗର୍ବ ଓ ଗୌରବ, ଏ ଜାତିର ଅସ୍ମିତା ଏବଂ ସ୍ୱାଭିମାନର ପ୍ରତୀକ ବୋଲି ଅତିଥିମାନେ କହିଥିଲେ।

ଶେଷରେ ସ୍ଥାନୀୟ କାଉନସିଲର ପ୍ରବୀଣା ଜଗଦେବ ଧନ୍ୟବାଦ ଦେଇଥିଲେ। କାଉନସିଲର ନାଗ ଭୂଷଣ ଜେନା, ଅମିୟ ମହାନ୍ତି, ମୋନାଲିସା ସିଂ, ସୃଷ୍ଟି ମାଝୀ, ଅନିଲ କୁମାର ରାମ, କାଦମ୍ବରୀ ରାଉତ, ନର୍ମଦା ବେହେରା, ବିଦ୍ୟୁଲତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ପୃଷ୍ଟି ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ଆୟୋଜିତ ଷ୍ଟାର ନାଇଟ୍ ମୁଖ୍ୟ ଆକର୍ଷଣ ରହିଥିଲା।

## ବଜ୍ରପାତରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ବାଲୁଗାଁ,୧୦।୧୦(ସଂଗ୍ରାମ ପାଇକରାୟ)

ବଜ୍ରପାତରେ ଗୁରୁବାର ରାତିରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଅଶୋକ ନଗର ଅଞ୍ଚଳର ସୌମ୍ୟ ଶ୍ରୀଚନ୍ଦନ(୨୪)। ସୂଚନା ମୁତାବକ, ସୌମ୍ୟ କଟକରେ ଇଞ୍ଜିନିୟରିଂ ପାଠ ପଢୁଥିବା ବେଳେ ଭୁବନେଶ୍ୱର ଉପକଣ୍ଠ ଉତ୍ତରା ଛକଠାରେ ଘରଭଡ଼ା ନେଇ ରହୁଥିଲେ। ଗୁରୁବାର ରାତି ପ୍ରାୟ ୮ଟାରେ ସୌମ୍ୟ ସାଙ୍ଗମାନଙ୍କ ସହ ନିକଟ ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ହଠାତ୍ ପ୍ରବଳ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ସୌମ୍ୟ ଏବଂ ତାଙ୍କ ୪ଜଣ ସାଙ୍ଗ ଏକ ଦୋକାନ ଆଗରେ ଛିଡ଼ା ହୋଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସମସ୍ତ ଆହତଙ୍କୁ ନିକଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସୌମ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ନିଜ ଗ୍ରାମ ତରାପିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଖୋର୍ଦ୍ଧା,୧୦।୧୦
(ପ୍ରଭାତ ପାଣିଗ୍ରାହୀ)




ତାଲୁକ ଆଇନ ସେବା କମିଟି ଖୋର୍ଦ୍ଧା ପକ୍ଷରୁ ସ୍ଥାନୀୟ ସାମାନ୍ତରାପୁର ଶକ୍ତି ସଦନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍ ସୁଷମା ସ୍ୱାଇଁ, ସବ୍‌ଜଜ୍ ରାକେଶ ରୋଷନ ନନ୍ଦ, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଆଲୋକ ଜ୍ୟୋତି ସାହୁ, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ରିଲ୍ମା ମାନ୍ଧାତା, ଶାନ୍ତିଲତା ମାର୍ଥା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

# ସେମିଫାଇନାଲରେ ଭାଲିଆବାଡ଼ି, ଯାଁଳା




ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଯାଁଳା,୧୦।୧୦(ବୁଲା ବାରିକ)

ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଯାଁଳା କପ୍ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ତୃତୀୟ କ୍ୱାର୍ଟର ଫାଇନାଲରେ ସୁଆଙ୍ଗ ଟିମ୍‌କୁ ୫ରନରେ ହରାଇ ଭାଲିଆବାଡ଼ି ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଭାଲିଆବାଡ଼ି ଟିମ୍‌ର ଆଶୁତୋଷ ମହାପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ କଲ୍ୟାଣପୁର ଟିମ୍‌କୁ ୧୦ ଉଇକେଟରେ ହରାଇ ଯାଁଳା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଯାଁଳା ଟିମ୍‌ର ପ୍ରତାପ ବେହେରା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚିତ୍ତ ରଞ୍ଜନ ସ୍ୱାଇଁ, କ୍ରିଷ୍ଣା ଶେଖର ପ୍ରଧାନ ଏବଂ ରଶ୍ମି ରଞ୍ଜନ ବଡ଼ଜେନା ମ୍ୟାଚ ପରିଚାଳନା କରିଥିଲେ।

# ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରେ ସୁରଭି

ବୋଲଗଡ଼,୧୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ବିଭିନ୍ନ ସାଧନକେନ୍ଦ୍ର ଅନ୍ତର୍ଗତ ବହୁ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଶଙ୍କରପୁର ସାଧନକେନ୍ଦ୍ର ଅନ୍ତର୍ଗତ ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସାଧନକେନ୍ଦ୍ର ସଂଯୋଜକ ଶୁଭେନ୍ଦୁ ଦଳସିଂହାରଙ୍କର ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ୯ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସରପଞ୍ଚ ପ୍ରମୋଦ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସତ୍ୟନାରାୟଣ ମହାପାତ୍ର, ପ୍ରଫୁଲ୍ଲ ହୋତା, ଶୈଳେନ ପଟ୍ଟନାୟକ, ସୁଶାନ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ଦାସ ସ୍ୱାଗତ ଭାଷଣ ଓ ହୃଷିକେଶ ଚମ୍ପତି ମଞ୍ଚ ପରିଚାଳନା କରିଥିଲେ। ସୁରଭି କାର୍ଯ୍ୟକ୍ରମ ପ୍ରତିଯୋଗିତାକୁ ରାଧା ରମଣ ହୋତା, ବିଦ୍ୟାଧର ମହାରଣା, ବିଶ୍ୱରଞ୍ଜନ ସେଠୀ, ଶୁଭଶ୍ରୀ ସୁଭସ୍ମିତା, ବିଶ୍ୱରଞ୍ଜନ ସିଂଦେଓ ଏବଂ ପ୍ରତିମା ଦେବୀ ପରିଚାଳନା କରିଥିଲେ। ଅଞ୍ଜନ କୁମାର ଜୟସିଂଙ୍କ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବାସୁଦେବ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟର ୧୨୦ଜଣ ବିଦ୍ୟାର୍ଥୀ ୧୬ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ସରପଞ୍ଚ ରମାମଣି ଦେଇ, ପ୍ରଦୀପ ବଳବନ୍ତରାୟ, ଅଂଶୁମାନ ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ହରିହର ସାଥୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ଯୋଗଦେଇ ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣର ମାଧ୍ୟମ ପାଲଟିଛି ସୁରଭି କାର୍ଯ୍ୟକ୍ରମ କହିବା ସହିତ ଶିକ୍ଷକ ରସାନନ୍ଦ ପାତ୍ର, ସୁଶାନ୍ତ ପାଇକରାୟ ଓ ରାହାସ ବିଶୋଇଙ୍କ ସହଯୋଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କୈଳାସ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ପିପିଲି କୋର୍ଟରେ ବିଶ୍ୱ ମାନସିକ ଦିବସ**

ପିପିଲି,(ଦୁର୍ଗା ମାଧବ ମିଶ୍ର): ପିପିଲି ସହକାରୀ ଦୌରାଜଙ୍କ କୋର୍ଟରେ ଶୁକ୍ରବାର ବିଶ୍ୱ ମାନସିକ ଦିବସ ପାଳିତ ହୋଇଯାଇଛି। ଏଥିରେ ପିପିଲି ସହକାରୀ ଦୌରାଜ୍ ତଥା ତାଲୁକ ଲିଗାଲ୍ ସର୍ଭିସ କମିଟିର ଅଧକ୍ଷ ବିଶେଷ କୁମାର ସାହୁ ଓ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ଯୋଗଦେଇ ବିଶ୍ୱ ମାନସିକ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଜୀବୀ ଶଙ୍କର୍ଷଣ ପ୍ରଧାନ ସଭା ପରିଚାଳନା କରିଥିଲେ। ଆଇନଜୀବୀ ରମାକାନ୍ତ ସାହୁ, ରସାନ୍ତ କିଶୋର ପରିଡ଼ା, ସୂର୍ଯ୍ୟ ନାରାୟଣ ନାୟକ, ଶିବ ପ୍ରସାଦ ସାହୁ, ବିଚିତ୍ର ମୋହନ ମହାପାତ୍ର, ସୁରେଖା ଦାସ, ସଞ୍ଜୟ ଯାଦବ, ନିର୍ମଳ ଯାଦବଙ୍କ ସମେତ ଅନ୍ୟ ଆଇନଜୀବୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମେଲାଣି ନେଲେ ମା’



କାକଟପୁର/ଅସ୍ତରଙ୍ଗ, ୧୦।୧୦ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ)

୫ଦିନର ପୂଜାର୍ଚ୍ଚନା ପରେ ଶୁକ୍ରବାର ସନ୍ଧ୍ୟାରେ ମା’ ଦୁର୍ଗା ମେଲାଣି ନେଇଛନ୍ତି। ଅସ୍ତରଙ୍ଗ ପୋଲିସର କଡ଼ା ସୁରକ୍ଷା ଭିତରେ ଭସାଣି ଶୋଭାଯାତ୍ରାରେ ମା’ଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ଅସ୍ତରଙ୍ଗ ଅଞ୍ଚଳବାସୀ। ଚଳିତବର୍ଷ ଅସ୍ତରଙ୍ଗ ମା’ ଦୁର୍ଗା କ୍ଲବ ୫୭ବର୍ଷରେ ପଦାର୍ପଣ ହୋଇଥିବା ବେଳେ ପଶ୍ଚିମବଙ୍ଗ ମାୟାପୁରୀ ଇସ୍କନ ମନ୍ଦିର ଅବିକଳ ତୋରଣରେ ସୁସଜ୍ଜିତ ପୂଜା ପାଇଥିଲେ ଜଗତ୍‌ଜନନୀ ମା’ ଦୁର୍ଗା। ଅସ୍ତରଙ୍ଗ ଦୁର୍ଗା କ୍ଲବ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ମା’ଙ୍କ ମେଲାଣି ପାଇଁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ସମାରୋହରେ ବଜାର ଦୁଲୁକି ଉଠିଥିଲା। ଦର୍ଶକଙ୍କ ମନମୋହିଲା ଆସାମ, କେରଳ ଓ କୋଲକାତାରୁ ଆସିଥିବା ନୃତ୍ୟ ସମେତ କଳାହାଣ୍ଡିର ସମ୍ବଲପୁରୀ ବାଦ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଶଙ୍ଖ, ଘଣ୍ଟ, ଘଣ୍ଟା, ସିଂଘବାଜା, ତୁରୀ, ମହୁରୀ ସାଙ୍ଗକୁ ଦୁଲୁଦୁଲି ଢୋଲ ମର୍ଦ୍ଦଳରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇ ଉଠିଥିଲା। ସେହିଭଳି ସିଂହନାଚ, ଘୋଡ଼ାନାଚ, କଣ୍ଢେଇ ନାଚ ଆଦି ଦେଖଣାହାରୀଙ୍କ ମନକୁ ଛୁଇଁଥିଲା। ଅସ୍ତରଙ୍ଗ ନିକଟସ୍ଥ ଭଉଁରିଆ ସେତୁ ନିକଟରେ ଯାଇଥିବା ନଦୀରେ ମା’ଙ୍କୁ ବିସର୍ଜନ କରାଯାଇଥିଲା।

## ମାସକରେ ୧୬ ନିଖୋଜ ନାବାଳିକା, ଶିଶୁ ଉଦ୍ଧାର

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ନିଖୋଜ ନାବାଳିକା ଓ ଶିଶୁଙ୍କ ଉଦ୍ଧାର ପାଇଁ ଲଗାତର ଭାବେ ଅଭିଯାନ ଜାରି ରଖିଛି। ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ଗତ ୨୨ତାରିଖରେ ପୁରୀ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ କେସ୍ ନଂ. ୪୭୮/୨୫ ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ପୁରୀ ଟାଉନ ପୋଲିସ ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲଗାତର ଚଢାଉ ସହ ଚେଷ୍ଟା ଏବଂ ଅନୁସନ୍ଧାନ ଜାରି ରଖିଥିଲା। ଶୁକ୍ରବାର ସମ୍ପୃକ୍ତ ନାବାଳିକାଙ୍କୁ କଟକରୁ ଉଦ୍ଧାର କରାଯାଇଛି। ପୋଲିସ ଟିମ୍‌ର ସଚେତନତା ଓ ଦୃଢ଼ ପ୍ରୟାସ ଫଳରେ ଏହି ସଫଳତା ମିଳିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଗତ ଏକ ମାସରେ ପୁରୀ ପୋଲିସ ଦ୍ୱାରା ୧୬ ନିଖୋଜ ନାବାଳିକା ଓ ଶିଶୁ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୫ ଜଣ ନାବାଳିକା ଓ ଜଣେ ଛୋଟ ଛୁଆ ରହିଛନ୍ତି। ଏହି ସଫଳତା ଜିଲାର ସମସ୍ତ ଥାନାର ପ୍ରୟାସ ଓ ଗଭୀର ତଦନ୍ତର ପରିଣାମରେ ଘଟିଛି। ସି ବିଚ୍ ଥାନା ପୋଲିସ ୨, ବଳଙ୍ଗା ପୋଲିସ ୨, ବ୍ରହ୍ମଗିରି ପୋଲିସ ୧ ଝିଅ ଓ ଜଣେ ଛୋଟ ଛୁଆଙ୍କୁ ଉଦ୍ଧାର କରିଛି। ସେହିପରି ଗୋପ ପୋଲିସ ଥାନା ୧, ଗଡ଼ିଶାଗୋଡା ପୋଲିସ ୧, ରାମଚଣ୍ଡୀ ଥାନା ଅଞ୍ଚଳର ୧, କୃଷ୍ଣପ୍ରସାଦ ଥାନା ଅଞ୍ଚଳର ୧, ପିପିଲି ଥାନା ଅଞ୍ଚଳରୁ ୧ ଝିଅ, କୁମ୍ଭାରପଡ଼ା ପୋଲିସ ଥାନା ଅଞ୍ଚଳରୁ ୩ ଝିଅ, ଟାଉନ ଥାନା ଅଞ୍ଚଳରୁ ୨ ଝିଅକୁ ଉଦ୍ଧାର କରାଯାଇଛି। ପୋଲିସ ସମସ୍ତ ନିଖୋଜ ମାମଲାକୁ ଗୁରୁତ୍ୱ ସହ ନେଇ ଅଭିଭାବକମାନଙ୍କ ସହ ଯୋଗାଯୋଗ, ସାଇବର ଟ୍ରାକିଂ, ସୋସିଆଲ୍ ମିଡିଆ ଅନୁସନ୍ଧାନ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଟିମ୍ ପଠାଇ ଅଭିଯାନ ଚଳାଇଛି। ସାମାଜିକ ସଚେତନତା ବିନା ଏହି ଅଭିଯାନ ସଫଳ ହୋଇପାରିବ ନାହିଁ। ଜନସାଧାରଣ ନିଖୋଜ ଘଟଣା ସମ୍ପର୍କରେ ଯେକୌଣସି ସନ୍ଦେହଜନକ ତଥ୍ୟ ଥିଲେ, ନିକଟସ୍ଥ ଥାନା କିମ୍ବା ୧୧୨ ନମ୍ବରକୁ ତତ୍‌କ୍ଷଣାତ୍ ଜଣାଇବେ। ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ନାବାଳିକା ନିଖୋଜ ଝିଅଙ୍କୁ ଉଦ୍ଧାର ଆମ ମୁଖ୍ୟ ପ୍ରାଥମିକତା। ଏହି ଅଭିଯାନ ଆଗକୁ ଜାରି ରହିବ। ଜିଲାକୁ ନିଖୋଜ ନାବାଳିକା ଶୂନ୍ୟ ଜିଲା କରିବା ପୋଲିସର ଲକ୍ଷ୍ୟ ବୋଲି ସେ କହିଛନ୍ତି।

### ‘ଅପରାଧ ରାସ୍ତା ଛାଡ଼ି ନୂଆ ଜୀବନ ବିତାନ୍ତୁ ନାବାଳକ’

ପୁରୀ ପୋଲିସ ପକ୍ଷରୁ ଟାଉନ ଥାନା ସଭା କକ୍ଷରେ ଶୁକ୍ରବାର ଏକ ବିଶେଷ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ସମସ୍ତ ଅପ୍ରାପ୍ତବୟସ୍କ ନାବାଳକ, ଯେଉଁମାନେ ପୂର୍ବରୁ କିଛି ଅପରାଧରେ ଜଡ଼ିତ ଥିଲେ ଓ ଆଇନଗତ ଶାସନ ପାଇଥିଲେ, କିନ୍ତୁ ବର୍ତ୍ତମାନ ଠିକ୍ ପଥରେ ଫେରି ନୂତନ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି, ସେମାନଙ୍କୁ ଡାକି ସହସ୍ପର୍ଶୀ ଆଲୋଚନା କରିଥିଲେ ଏସ୍‌ପି। ସେମାନଙ୍କ ଜୀବନରେ ହୋଇଥିବା ପରିବର୍ତ୍ତନ, ପାଠପଢ଼ା ଓ ସମାଜରେ ସୁପଥରେ ଚାଲିବା ପାଇଁ ସେ ସଂକଳ୍ପ କରାଇଥିଲେ। ସଭାରେ ନାବାଳକଙ୍କ ଅଭିଭାବକମାନଙ୍କୁ ମଧ୍ୟ ଡାକି ସଚେତନ କଲେ ଯେ, ସେମାନେ ନିଜ ସନ୍ତାନଙ୍କ ଆଚରଣ ଉପରେ ନିରନ୍ତର ନଜର ରଖନ୍ତୁ ଓ ସେମାନଙ୍କୁ ଶିକ୍ଷା, କ୍ରୀଡ଼ା ଓ ଭଲ କାର୍ଯ୍ୟରେ ଅଗ୍ରସର କରାନ୍ତୁ। ନାବାଳକମାନେ ଆମ ସମାଜର ଭବିଷ୍ୟତ। କେବେ କେବେ ଭୁଲ ସଙ୍ଗ ଓ ପରିସ୍ଥିତି ସେମାନଙ୍କୁ ଅପରାଧ ପଥରେ ନେଇଯାଏ। କିନ୍ତୁ ଯଦି ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ମିଳେ, ସେମାନେ ନୂତନ ଜୀବନ ଗଢ଼ିପାରିବେ ବୋଲି ଏସ୍‌ପି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, କୁମ୍ଭାରପଡ଼ା ଥାନା ଅଧିକାରୀ ସୁଶାନ୍ତ ସାହୁ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ତାଳବଣିଆ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଜୁଭେନାଇଲ୍ ନାବାଳକମାନଙ୍କ ପୁନର୍ଜୀବନ, ଶିକ୍ଷା ସହାୟତା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ନାବାଳକମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସହଯୋଗ କରିବେ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ କ୍ୟାରିୟର କାଉନସେଲିଂ, ମୋଟିଭେଶନାଲ୍ ଶିବିର ଓ ଶିକ୍ଷା ସହାୟତା କାର୍ଯ୍ୟକ୍ରମ ଆୟୋଜନ କରିବା ପ୍ରସ୍ତାବ ରହିଛି। ଅଭିଭାବକମାନଙ୍କୁ ନିୟମିତ ଭାବେ ପୋଲିସ ସହିତ ସମ୍ପର୍କ ରଖିବାକୁ ଅନୁରୋଧ କରାଯାଇଛି।



ବଡ଼ଶଙ୍ଖ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ୮୦ ଜୁଆଡ଼ି ଗିରଫ: ୫ ଲକ୍ଷ ୯୧ ହଜାର ୨୪୦ ଟଙ୍କା ଜବତ

### ପୁରୀ ପୋଲିସର ‘ଅପରେଶନ ଚକ୍ର’

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସର ‘ଅପରେଶନ ଚକ୍ର’ ଅଭିଯାନରେ ଜୁଆଡ଼ିଙ୍କ ଉପରେ ଚଢ଼ାଉ ଜାରି ରହିଛି। ଜୁଆଖେଳରେ ଜଡ଼ିତ ୮୦ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ମୋଟ ୫ ଲକ୍ଷ ୯୧ ହଜାର ୨୪୦ ଟଙ୍କା ଜବତ୍ କରାଯାଇଛି। ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି ଅଭିଯାନରେ ସମୁଦ୍ରକୂଳ ଥାନା ପୋଲିସ ଦ୍ୱାରା ବିଚ୍‌ରେ ଚଢ଼ାଉ କରାଯାଇ ୬ଜଣ ଜୁଆଡ଼ିଙ୍କୁ ଗିରଫ୍ କରାଯାଇ ୯୦ ହଜାର ୫୦୦ ନଗଦ ଟଙ୍କା ସହ ଖେଳ ସାମଗ୍ରୀ ଜବତ କରାଯାଇଛି। ପୁରୀ ଜିଲାରେ ଚଳିତବର୍ଷ ମୋଟ ୧୭ଟି ମାମଲା ରୁଜୁ ହୋଇଛି। ତନ୍ମଧ୍ୟରେ ସମୁଦ୍ରକୂଳ ଥାନାରେ ୨, ଚନ୍ଦନପୁର ଥାନାରେ ୩, ଟାଉନ ଥାନାରେ ୧, ସଦର ଥାନାରେ ୬, ସତ୍ୟବାଦୀ ଥାନାରେ, ବାସେଳୀସାହି ଥାନାରେ ୧ ଏବଂ ଚାରିଛକ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ଜନସାଧାରଣ ଯଦି ନିଜ ଅଞ୍ଚଳରେ ଏପରି ଜୁଆଖେଳ ଚାଲୁଥିବା ଦେଖନ୍ତି, ତେବେ ଦୟାକରି ୧୧୨ ନମ୍ବରରେ କଲ୍ କରନ୍ତୁ କିମ୍ବା ନିକଟସ୍ଥ ଥାନାକୁ ଜଣାନ୍ତୁ। ପୁରୀ ପୋଲିସ ଅପରାଧ ଦମନ ଓ ସମାଜରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ସଦା ପ୍ରତିବଦ୍ଧ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଅଶ୍ଳୀଳ ଫଟୋ ଭାଇରାଲ୍ କରି ଭିଣୋଇ ଗିରଫ

ବଳଙ୍ଗା,୧୦।୧୦(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ୍ ନେଇ ଥାନାରେ ଅଭିଯୋଗ ହୋଇଛି। ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଶାଳଜଙ୍ଗ ଗ୍ରାମର ରମେଶ ବେହେରା (କାଲୁ)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ପୋଲିସ ଏନେଇ ୨୧୯/୨୫ରେ ମାମଲା ରୁଜୁ କରିଛି।

## କୁମାର ଉତ୍ସବରେ ଝୁମାଇଲା ନୃତ୍ୟ ସଙ୍ଗୀତ



କୁମାର ଉତ୍ସବରେ ମାହାରୀ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ତିନିଦିନ ଧରି ଚାଲିଥିବା ୫୮ତମ କୁମାର ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ପିସିସି ସଭାପତି ଭକ୍ତଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୂରଦର୍ଶନର ଉଦ୍‌ଘୋଷିକା କଳ୍ପନା ମିଶ୍ର, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ଅନୁଷ୍ଠାନର ଉପସଭାପତି ଅମରେନ୍ଦ୍ର ପାଇକରାୟ, ଉପଦେଷ୍ଟା ମନୋଜ ରଥ ମଞ୍ଚାସୀନ ଥିଲେ। ଏହି ଅବସରରେ ବର୍ଷୀୟାନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ କୁମାର ଉତ୍ସବ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବା ସହ ଆଧ୍ୟାତ୍ମିକ ପ୍ରବକ୍ତା ବ୍ରଜମୋହନ ଜୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁକାନ୍ତ କୁମାର ପଣ୍ଡାଙ୍କ ସମ୍ପାଦିତ ‘ଶିଶୁ ସମାଚାର’ ଲୋକାର୍ପିତ ହୋଇଥିଲା। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃଷ୍ଣମଣି ନୃତ୍ୟ କଳା ମନ୍ଦିର ପକ୍ଷରୁ ଗୁରୁ ମନସ୍ମିତା ସାହୁଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗୀତର ସୁନେଲି ସନ୍ଧ୍ୟାରେ ସ୍ୱନାମଧନ୍ୟା ଗାୟିକା ଇରା ମହାନ୍ତି ଓ ସାଥୀଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କମିଟି ଅଧ୍ୟକ୍ଷ ଭରତ ନାୟକ, ମଞ୍ଚ ସଂଯୋଜନା କମିଟି ଅଧ୍ୟକ୍ଷ ଶ୍ୟାମପ୍ରକାଶ ସେନାପତି ଏବଂ ଆର୍ଜେ ମଧୁସ୍ମିତା ସଞ୍ଚାଳନ କରିଥିଲେ।

## ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳିତ

କଣାସ,୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ)

ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ପ୍ରକଳ୍ପ ପରିସରରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ ଅବସରରେ ୫୯୫ଜଣ ଅନ୍ତେବାସୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀନୃସିଂହଦେବ ଆଞ୍ଚଳିକ ପରିଷଦର ସମ୍ପାଦିକା ମମତା ମିଶ୍ର, ସୋସିଆଲ କାଉନସିଲର କୈଳାସ ଚନ୍ଦ୍ର ଦାସ, ସୌମ୍ୟଜିତ୍ ଦାସ, ଦୟାବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ପ୍ରଧାନ, ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳ, ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ହରିଚନ୍ଦନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ ସମ୍ପର୍କରେ କହିଥିଲେ। ପ୍ରକଳ୍ପ ପରାମର୍ଶଦାତା ସୁଜାତା ବେହେରା ମଞ୍ଚ ପରିଚାଳନା କରିଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାରେ ଅନ୍ତେବାସୀମାନେ ଭାଗ ନେଇଥିଲେ।

## ଦ୍ୱିତୀୟ ବିବାହ କରି ୨ ବର୍ଷ ଜେଲ

### ଫାଷ୍ଟ କ୍ଲାସ ମାଜିଷ୍ଟ୍ରେଟଙ୍କ ପ୍ରଥମ ଐତିହାସିକ ରାୟ

ଅସ୍ତରଙ୍ଗ,୧୦।୧୦(ମମତା ଜେନା)

କାକଟପୁର ଜୁଡିସିଆଲ ଫାଷ୍ଟ କ୍ଲାସ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ପ୍ରଥମ ରାୟରେ ଏକ ସମ୍ବେଦନଶୀଳ ଘଟଣାର ଶୁଣାଣି କରି ଶୁକ୍ରବାର ରାୟ ପ୍ରକାଶ କରିଛନ୍ତି। କାକଟପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ସୁକାନ୍ତ କାନୁନ୍‌ଗୋ ଶକୁନ୍ତଳା କାନୁନ୍‌ଗୋଙ୍କୁ ବୈଦିକ ରୀତିରେ ବିବାହ କରି ନିର୍ଯାତନା ଦେଇ ଘରୁ ତଡ଼ିଦେବା ପରେ ପୁଣି ନୟାହାଟ ଅଞ୍ଚଳର ବିନିସପୁର ଗ୍ରାମର ରୀତା ତରାଇଙ୍କୁ ବିବାହ କରି ଏକାଠି ରହି ଆସୁଥିଲେ। ଶକୁନ୍ତଳା ୨୦୦୫ ମସିହାରେ କାକଟପୁର ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଥାନା କେସ୍ ନମ୍ବର ୬୬/୨୦୦୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ପରବର୍ତ୍ତୀ ସମୟରେ ଏହା ନିମାପଡ଼ା କୋର୍ଟଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା। କାକଟପୁରରେ ନୂତନ କୋର୍ଟ ଖୋଲିବା ପରେ ଉକ୍ତ ମାମଲାଟି କାକଟପୁର କୋର୍ଟକୁ ବିଚାର ପାଇଁ ପଠାଯିବା ପରେ ଶୁକ୍ରବାର ପ୍ରଥମ ମାମଲା ଭାବେ କୋର୍ଟଙ୍କ ଦ୍ୱାରା ଘଟଣାର ବିଚାର କରାଯାଇ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶ୍ରୀଚନ୍ଦନ ଦାଶଙ୍କ ଦ୍ୱାରା ଦୋଷୀ ସୁକାନ୍ତ କାନୁନ୍‌ଗୋକୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଆହୁରି ୨ ମାସ ଜେଲଦଣ୍ଡ ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ। ଶକୁନ୍ତଳା କାନୁନ୍‌ଗୋଙ୍କ ପାଇଁ ସରକାରୀ ଓକିଲ ଅନିଲ କୁମାର ଦୀକ୍ଷିତ ମାମଲା ପରିଚାଳନା କରିଥିଲା ବେଳେ ସ୍ୱାମୀ ସୁକାନ୍ତ କାନୁନ୍‌ଗୋଙ୍କ ପାଇଁ ଏମ୍ କେ ଏମ୍ ମହାପାତ୍ର ଏବେ ରୀତା ତରାଇଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ। ଉକ୍ତ ଘଟଣା କାକଟପୁର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ପରିକ୍ରମା ପ୍ରକଳ୍ପ ପରିସରରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ଜଣେ ଅଣସେବାୟତ ନିଶାସକ୍ତ ଅବସ୍ଥାରେ ଶ୍ରୀମନ୍ଦିର ପରିକ୍ରମା ପରିସରରେ ବୁଲିବା ସହ ବାରମ୍ବାର ତଳେ ପଡ଼ିଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି କି ଜଣେ ଅଣସେବାୟତ ନିଶାସକ୍ତ ଅବସ୍ଥାରେ ରହିଛନ୍ତି। ସେ ଠିକ୍ ସେ ଠିଆ ହୋଇପାରୁ ନାହାନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଏପରି ଅବସ୍ଥାରେ ରହିଥିଲେ ମଧ୍ୟ ସେଠାରେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ସେଠାରୁ ବାହାର କରି ନ ଥିଲେ କି ଭିତରକୁ ପ୍ରବେଶ କରିବା ସମୟରେ ତାଙ୍କୁ ବାରଣ କରି ନ ଥିଲେ।



ପୁରୀ ପୌର ସଦନ ପରିସରରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପୋଷଣ ମାସ ପାଳନ

ଡେଲାଙ୍ଗ,୧୦।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ପରିସରରେ ବ୍ଲକସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବଶା ନିଶଙ୍କ, ସିଡିପିଓ ଜାପାନୀ ମିତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ୍, ଡ. ତପନ ଦାଶ ପ୍ରମୁଖ ଯୋଗଦେଇ ପୋଷଣର ଉପକାରିତା ଓ ଏହି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ

ପିପିଲି,୧୦।୧୦(ଦୁର୍ଗା ମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)

ପିପିଲି ନଗର କଂଗ୍ରେସ ତରଫରୁ ସ୍ଥାନୀୟ ହାଟଛକଠାରେ ଶୁକ୍ରବାର ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଦେଶ କଂଗ୍ରେସ ସେବାଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲା କଂଗ୍ରେସ ସଭାପତି ରାଜେଶ କୁମାର ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ପିପିଲି ନଗର କଂଗ୍ରେସ ସଂଯୋଜକ ଅନ୍ତର୍ଯାମୀ ଦୀକ୍ଷିତ, ଡେଲାଙ୍ଗ ବ୍ଲକ ସଂଯୋଜକ ନିର୍ମଳ ପରିଡ଼ା, ଜିତୁ ପ୍ରକାଶ ପରିଡ଼ା, ଛାତ୍ର ସଭାପତି ଏମ୍ ଡି ଇସରାର, ଏମ୍ ଡି ଇନା ପ୍ରମୁଖ ଉପସ୍ଥିତ ଥିଲେ।

## ବେଦର ମହତ୍ତ୍ୱ, ପ୍ରଭାବ ସମ୍ପର୍କରେ ଆଲୋକପାତ

### ପାପୁଡ଼ିଆ ମଠରେ ବିଶ୍ୱ ବୈଦିକ ଦିବସ, ଦୀପୋତ୍ସବ

ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ସନାତନୀ ଗଙ୍ଗା ଫାଉଣ୍ଡେଶନ, ନୂଆଦିଲ୍ଲୀ ଆନୁକୂଲ୍ୟରେ ବଡ଼ଦାଣ୍ଡସ୍ଥିତ ପାପୁଡ଼ିଆ ମଠରେ ବିଶ୍ୱ ବୈଦିକ ଦିବସ ଓ ଦୀପୋତ୍ସବ ପାଳିତ ହୋଇଯାଇଛି। ଗୁରୁଜୀ ପ୍ରଫେସର ଦିବାକର ମହାପାତ୍ରଙ୍କ ପରାମର୍ଶ ଏବଂ ମଠ ମହନ୍ତ ମହାରାଜା ରାମକୃଷ୍ଣ ଦାସଜୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଦିକ ବିଦ୍ୱାନ୍‌ମାନେ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ପାପୁଡ଼ିଆ ମଠ ବେଦ ପାଠଶାଳାର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ବିଶ୍ୱରଞ୍ଜନ ଚଇନିଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା। ସଭାକୁ ପଣ୍ଡିତ ଇନ୍ଦ୍ରମଣି ପତି ସଞ୍ଚାଳନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ବେଦର ମହତ୍ତ୍ୱ, ଗୁରୁତ୍ୱ ଓ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ବେଦ ବିଭାଗର ଆସୋସିଏଟ୍ ପ୍ରଫେସର ଓ ବିଭାଗ ପ୍ରଭାରୀ ଅଧ୍ୟକ୍ଷା ଡ. ପରାମ୍ବା ଶ୍ରୀଯୋଗମାୟା ବେଦର ଅଧ୍ୟୟନ, ସ୍ମରଣ, ମନନ, ଧ୍ୟାନ ଓ ଅଧ୍ୟାପନର ପାରମ୍ପରିକ ଧାରା ଉପରେ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ଗଙ୍ଗାଧର ପଣ୍ଡା ବେଦଶାସ୍ତ୍ରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପୁରୀରେ ଅବସ୍ଥିତ ବିଭିନ୍ନ ବେଦପାଠଶାଳା ଓ ବେଦ ଭବନର ପ୍ରଧାନ ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଚଳିତ ବେଦଶାଖାଗୁଡ଼ିକର ସୁରକ୍ଷା ଓ ଲୁପ୍ତ ବେଦ ଶାଖାଗୁଡ଼ିକର ପୁନରୁଦ୍ଧାର ନେଇ ଆଲୋଚନା କରାଯାଇଥିଲା। ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ଅରୁଣ କୁମାର ମିଶ୍ର, ସୁରେନ୍ଦ୍ର କୁମାର ଦାଶ, ରଘୁନାଥ ତ୍ରିପାଠୀ, ଦୟାନିଧି ପଣ୍ଡା, ଭାଗୀରଥୀ ପଣ୍ଡା, ପ୍ରବୀଣ କୁମାର କର, ସୂର୍ଯ୍ୟପ୍ରସାଦ ତ୍ରିପାଠୀ, ଡ. କୃପାସିନ୍ଧୁ ପଣ୍ଡା, ଆଶିଷ ଦ୍ୱିବେଦୀ, ଦେବେନ୍ଦ୍ର କୁମାର ଦ୍ୱିବେଦୀ, ରିତେଶ କୁମାର ମିଶ୍ର, ପୁନୀତ କୁମାର ତିୱାରୀ, ଆଶୁତୋଷ ପାଣ୍ଡେ, ଦୀପ୍ତିମାନ୍ ଦାଶ, ଅମୂଲ୍ୟ କୁମାର ଚଇନି, ଆନନ୍ଦ ଜୋଷୀ, ଡ. ବିଷ୍ଣୁଦାଶ ଦେଶପାଣ୍ଡେ, ଶିବପ୍ରସାଦ ନନ୍ଦ, ରାଜୀବ ଦଣ୍ଡପାଠ, ଡ. ଅଶ୍ୱିନୀ କୁମାର ମିଶ୍ର, ଉମାକାନ୍ତ ସାମନ୍ତ ଏବଂ ପାପୁଡ଼ିଆ ମଠସ୍ଥିତ ବେଦ ପାଠଶାଳାର ବେଦ ବିଦ୍ୟାର୍ଥୀମାନେ ସଭାରେ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ସୁରେନ୍ଦ୍ର କୁମାର ଦାଶ ଧନ୍ୟବାଦ ଦେଇଥିଲେ।



ବିଶ୍ୱ ବୈଦିକ ଦିବସ ପାଳନ ଅବସରରେ ଉପସ୍ଥିତ ବୈଦିକ ବିଦ୍ୱାନ୍ ଓ ବିଦ୍ୟାର୍ଥୀମାନେ।

## ସମାଜ ସଂସ୍କାର ପାଇଁ ବରିଷ୍ଠ ନାଗରିକ ମଙ୍ଗୁଆଳ

### ବରିଷ୍ଠ ନାଗରିକ ଦିବସ ସମାରୋହ

ଅସ୍ତରଙ୍ଗ,୧୦।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଭିଜ୍ଞତା ମଣିଷକୁ ସିଦ୍ଧହସ୍ତ କରିଥାଏ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ବିଭିନ୍ନ ଜିନିଷ ଉପରେ ନିଖୁଣ ପାରଙ୍ଗମତା ରହିଛି। ସେମାନଙ୍କ ଉଚିତ ମାର୍ଗଦର୍ଶନରେ ସମାଜ ଚାଲିଛି। ବରିଷ୍ଠ ନାଗରିକ ସମାଜ ସଂସ୍କାରର ମଙ୍ଗୁଆଳ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ, ଅନ୍ୟତମ ଅତିଥି ଅସ୍ତରଙ୍ଗ ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ପର୍ଶୁରାମ ସ୍ୱାଇଁ, ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ଉତ୍ତରପିଢ଼ି ପାଇଁ ଦିଗଦର୍ଶକ ଓ ପଥ ପ୍ରଦର୍ଶକ ଏବଂ ସେମାନେ ସମାଜ ପାଇଁ ସମ୍ପଦ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ନିଜ ମନ୍ତବ୍ୟରେ କହିଥିଲେ, ଅନ୍ତର୍ଜାତୀୟସ୍ତରରେ ୧୯୯୧ ମସିହାରୁ ଅକ୍ଟୋବର ୧ ତାରିଖକୁ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକମାନେ ସେମାନଙ୍କ ଜୀବନର ବିଭିନ୍ନ ଅନୁଭୂତି ବଖାଣିଥିବା ବେଳେ ସରକାରୀସ୍ତରରେ କିପରି ଅବହେଳା କରାଯାଉଛି ସେ ଉପରେ ମତ ରଖିଥିଲେ। ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସରକାର କ’ଣ ସବୁ ପଦକ୍ଷେପ ନେଉଛନ୍ତି ସେ ଉପରେ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ଉପସ୍ଥିତ ବରିଷ୍ଠ ନାଗରିକମାନେ ନିଜର ସମସ୍ୟାଗୁଡ଼ିକ ମଧ୍ୟରେ ଥାନା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ୟାଙ୍କରେ ସ୍ୱତନ୍ତ୍ର ସୁବିଧା ସୁଯୋଗ, ‘ଆମ ବସ’ ସୁବିଧା ଅସ୍ତରଙ୍ଗରୁ ଭୁବନେଶ୍ୱର, କଟକ ଗମନାଗମନ ପାଇଁ ସମସ୍ୟା ସମ୍ପର୍କରେ ଦାବି କରିଥିଲେ। ଏହାସହ ଅସ୍ତରଙ୍ଗ ଅଞ୍ଚଳରେ ବରିଷ୍ଠ ନାଗରିକ ମଞ୍ଚ ସ୍ୱତନ୍ତ୍ର ସଭା ଗୃହ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟକାର୍ଡକୁ ସରକାର ୬୦ବର୍ଷରୁ ଲାଗୁ କରିବାକୁ ମଧ୍ୟ ଦାବି ଉପସ୍ଥାନ କରିଥିଲେ। ସମସ୍ୟା ସମ୍ପର୍କରେ ଅତିଥି ଅବଗତ ପରେ ସ୍ଥାନୀୟ ତହସିଲ୍‌ଦାରଙ୍କ ସହ ଆଲୋଚନା କରି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରି ବରିଷ୍ଠ ନାଗରିକ ମଞ୍ଚ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରି ‘ଆମ ବସ’ ସେବା ଅସ୍ତରଙ୍ଗରୁ ଭୁବନେଶ୍ୱର ଓ କଟକ ଯାତାୟାତ କରାଯିବା ପାଇଁ ଚେଷ୍ଟା କରିବେ। ପୂର୍ବରୁ ବରିଷ୍ଠ ନାଗରିକ ସମ୍ପର୍କିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆବଶ୍ୟକ ବେଳେ ମିଳିଲାନି ୟୁରିଆ ସାର

କଟକ ସଦର,୧୦।୧୦(ସୁଶାନ୍ତ କୁମାର ଜେନା)

ଖରିଫ ଋତୁରେ ଧାନ ଚାଷୀମାନଙ୍କୁ ଚାହିଦା ଅନୁଯାୟୀ ୟୁରିଆ ସାର ମିଳିଲା ନାହିଁ। ବିଭିନ୍ନ ସେବା ସମବାୟ ସମିତି ଯାଇ ଚାଷୀଙ୍କୁ ନିରାଶରେ ଫେରିବାକୁ ପଡିଥିଲା। ଅକ୍ଟୋବର ମାସରେ ୟୁରିଆ ସାର ମାର୍କଫେଡ ପକ୍ଷରୁ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ସମବାୟ ସମିତିକୁ ଯୋଗାଇ ଦିଆଯାଇଛି। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ । ତେଣୁ ଚାଷୀମାନେ ବସ୍ତା ପିଛା ୧ ହଜାର ଟଙ୍କାରେ ଚୋରାରେ ସାର କିଣି ବିଲରେ ପକାଇଲେ। ବର୍ତ୍ତମାନ ସାର ମିଳିଲେ ମଧ୍ୟ ଚାଷୀମାନେ କିଣିବା ପାଇଁ ପ୍ରସ୍ତୁତ ନୁହନ୍ତି। ଏବେ ସାର ପ୍ରୟୋଗ କଲେ ଧାନର ଥୋଡ ବାହାରିବାର ବିଳମ୍ବ ଘଟିବ ବୋଲି କୁହାଯାଉଛି। ଚଳିତବର୍ଷ ଗତିରାଉତ ପାଟଣା, ପ୍ରହରାଜପୁର, ଦଧିବାମନପୁର ସମବାୟ ସମିତିକୁ ୟୁରିଆ ଯୋଗାଇ ଦିଆଯାଇ ନ ଥିଲା। କିଶୋରନଗର ସମବାୟ ସମିତିକୁ ପ୍ରଥମ ଥର ୮୮ ବସ୍ତା, କନ୍ଦରପୁରକୁ ୧୩୩୨ ବସ୍ତା, ଅରିଲୋକୁ ୮୦୦ ବସ୍ତା ୟୁରିଆ ଯୋଗାଇ ଦିଆଯାଇଥିଲା ବୋଲି ମାର୍କଫେଡ ପରିଚାଳକ ଭାଗୀରଥି ବିଶାଳ କହିଛନ୍ତି।

# 'ବରିଷ୍ଠ ନାଗରିକଙ୍କ ପ୍ରତି ଯତ୍ନବାନ୍ ହୁଅନ୍ତୁ'



ଶହୀଦ ଭବନଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୦।୧୦(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ**

ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ଶହୀଦ ଭବନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ବର୍ତ୍ତମାନ ସାମାଜିକ ପରିସ୍ଥିତିରେ ସେମାନଙ୍କ ସ୍ୱାଧୀନ ଜୀବନଯାପନ ଉପରେ ମତ ରଖିଥିଲେ। ବରିଷ୍ଠ ନାଗରିକମାନଙ୍କୁ ସବୁ ସମୟରେ ଭଲପାଇବା ଓ ସହଯୋଗ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବରିଷ୍ଠଙ୍କ ମାନସିକ ପରିସ୍ଥିତି ଭଲ ରଖିବା ତଥା ସେମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଆମ ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷ ନିଜ ପରିବାରରେ ଯତ୍ନବାନ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏଥିସହ ବରିଷ୍ଠ ନାଗରିକ ଓ ବୃଦ୍ଧମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ସମ୍ପର୍କରେ ଆଲୋକପାତ କରି ହିତାଧିକାରୀଙ୍କୁ ସମସ୍ତ ସୁବିଧା ଯୋଗାଇବାରେ ତଥା ସେମାନେ ଯେପରି ଉପେକ୍ଷିତ ନ ହେବେ ସେ ଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜିଲାପାଳ କହିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ସାହୁ ନିଜର ମତ ରଖିଥିଲେ। କଟକ ବରିଷ୍ଠ ନାଗରିକ ମହାସଭା ସଭାପତି ଡା. କୃପାସିନ୍ଧୁ ପଣ୍ଡା, ସମ୍ପାଦକ ବିଷ୍ଣୁମୋହନ ଦାସସାମନ୍ତ, ଗ୍ରନ୍ଥକାର ଡ. ପ୍ରମୋଦ କୁମାର ମହାପାତ୍ର, ପୂର୍ବତନ ମହିଳା କମିଶନ ଆୟୁକ୍ତ ନମିତା ପଣ୍ଡା ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଟକ ନଗର ତଥା ବ୍ଲକ ସଂଘର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ୧୭ ଜଣ ବରିଷ୍ଠ ନାଗରିକ ଓ ବିଭିନ୍ନ ବ୍ଲକସ୍ତରରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯୋଗ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବା ସହ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଲକ୍ଷ୍ୟ ଏବଂ ସଂସ୍କୃତ କଳା ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲାର ସମସ୍ତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ


ଏସ୍‌ସିବି ମେଡିକାଲସ୍ଥିତ ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମାନସିକ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

କଟକ,୧୦।୧୦(କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲା ଆଇନ ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଏସ୍‌ସିବି ମେଡିକାଲସ୍ଥିତ ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଶୁକ୍ରବାର ପାଳିତ ହୋଇଯାଇଛି। ମାନସିକ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ସହାୟତା ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇ ମାନସିକ ରୋଗୀଙ୍କ ପାଇଁ ଏହା ସହଜରେ ଉପଲବ୍ଧ ହୋଇପାରିବ ଏବଂ ମାନସିକ ରୋଗୀମାନେ ଯେପରି ତ୍ୱରିତ ନ୍ୟାୟ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା। ଚିକିତ୍ସିତ ହେଉଥିବା ମାନସିକ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସହ-ସଚିବ ବିବେକ ସାସମଲ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରତିଷ୍ଠାନର ଅଧୀକ୍ଷକ ପ୍ରଫେସର ଡାକ୍ତର ଅଜୟ ମିଶ୍ର, ମନୋବିଜ୍ଞାନ ବିଭାଗ ମୁଖ୍ୟ ଡା. ଯଶୋବନ୍ତ ମହାପାତ୍ର, ଚିକିତ୍ସାଳୟ ପରିଚାଳକ ବିଭାବସୁ ରାଉତ ପ୍ରମୁଖ ରୋଗୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ରାଜ୍ୟ ଏବଂ ଜିଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନରେ ସହାୟତା କରିଥିଲେ।


କଟକ କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ନବ କଳିକା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ କୁମାର ଉତ୍ସବ କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଗୋପବନ୍ଧୁଙ୍କ ସେବା, ତ୍ୟାଗରେ ବ୍ରତୀ ହେବାକୁ ଆହ୍ୱାନ

**ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ**

ମଙ୍ଗୁଳି-ଜଗତପୁର,୧୦।୧୦(ମାନସ ସାମଲ)



ଉତ୍କଳମଣି ଶିଶୁ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ଜଗତପୁର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ସଭାପତି ଡ. ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତପୁର ୪୯ନଂ ୱାର୍ଡସ୍ଥିତ ଉତ୍କଳମଣି ଶିଶୁ ଉଦ୍ୟାନ ପ୍ରାଙ୍ଗଣରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ତାଙ୍କ ବହୁବିଧ ପ୍ରତିଭା ତଥା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁଃଖୀ ଓଡ଼ିଆଙ୍କ ସାହାରା ଥିଲେ ସେ। ଓଡ଼ିଆଙ୍କ ଦୁଃଖ ଦେଖିଲେ ନିଜେ କାନ୍ଦି ପକାଉଥିଲେ। ସେବା, ତ୍ୟାଗ ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଗୋପବନ୍ଧୁ। ଉତ୍କଳ ପ୍ରଦେଶ କଂଗ୍ରେସର ସେ ଥିଲେ ପ୍ରଥମ ସଭାପତି। ଏକାଧାରରେ ସେ ଥିଲେ ଜଣେ ଶିକ୍ଷକ, କବି, ସ୍ୱାଧୀନତା ସଂଗ୍ରାମୀ, ଦେଶ ଭକ୍ତ, ବାଗ୍ମୀ। ବାସ୍ତବିକ ସେ ଥିଲେ ଉତ୍କଳର ମଣି। ଆଜିର ଯୁବ ସମାଜ ଗୋପବନ୍ଧୁଙ୍କ ସେବା ଓ ତ୍ୟାଗରେ ବ୍ରତୀ ହୋଇ ଦେଶ ମାତୃକା ପାଇଁ କାର୍ଯ୍ୟ କରିବାକୁ ସଭାରେ ବକ୍ତାମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ମାନସ ପରିଡ଼ା, ସଙ୍ଗଠନ ଉପଦେଷ୍ଟା ଶିବ ଚରଣ ପ୍ରଧାନ, ପ୍ରମୋଦ ମହାନ୍ତି, ବରିଷ୍ଠ ଖବରଦାତା କୈଳାଶ ଜେନା, ଜଗତପୁର ଶାନ୍ତି କମିଟି ସମ୍ପାଦକ ଦିଲୀପ କୁମାର ଜେନା, କିଶୋର ନାୟକ, କବି ଉଦୟ କେଶରୀ ବର୍ମା, ବୟୋଜ୍ୟେଷ୍ଠ ମୂରବୀ ମହେନ୍ଦ୍ର ମହାନ୍ତି, ଗୌରହରି ମିଶ୍ର, ଗୋଲେଖ ଚନ୍ଦ୍ର ରାଉତ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, କବି ବ୍ରଜବନ୍ଧୁ ପୃଷ୍ଟି ଓ ବିପଦବନ୍ଧୁ ମହାନ୍ତି, କଟକ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ପ୍ରତ୍ୟୁଷ ସାହୁ, ବରିଷ୍ଠ ନାଗରିକ ରବିନାରାୟଣ ଚୌଧୁରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ବନ୍ୟପ୍ରାଣୀ ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି।

ଖୁଣ୍ଟୁଣୀ,୧୦।୧୦(ସଚ୍ଚିଦାନନ୍ଦ ପଣ୍ଡା)

ବନ୍ୟପ୍ରାଣୀ ହେଉଛନ୍ତି ମାନବ ସମାଜ ପାଇଁ ବରଦାନ ସଦୃଶ ଓ ବିଶ୍ୱ ସମାଜର ସୁରକ୍ଷା କବଚ। ସେହି ବିରଳ ପ୍ରାଣୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହି କର୍ତ୍ତବ୍ୟ ମଧ୍ୟରୁ ବିଦ୍ୟାଳୟ ପ୍ରତ୍ୟେକ ଛାତ୍ର ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ଥାନୀୟ ରାଧାନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଗୃହ ମଧ୍ୟରେ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାମଲ ଅଧ୍ୟକ୍ଷତା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ନୀଳମାଧବ ସାହୁ, ପରିବେଶବିତ ଶ୍ୱେତକାନ୍ତ ବେହେରା, ଅଭୟ କୁମାର ସାମଲ, ସୌଦାମିନୀ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ରୁନୁବାଳା ମହାନ୍ତି ପ୍ରମୁଖ ଯୋଗଦେଇ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସେମାନଙ୍କ ସଂରକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ଜଣାଅଜଣା କାର୍ଯ୍ୟକ୍ରମ ଓ ବିତର୍କ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ବନାଞ୍ଚଳ ପକ୍ଷରୁ ଏସିଏଫ ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ସାମଲ ପୁରସ୍କୃତ କରିଥିଲେ।

## ଶେଷହେଲା ଚୌଦ୍ୱାର ରୂପଯାତ୍ରା

**ପାରମ୍ପରିକ ବାଦ୍ୟରେ ଅଞ୍ଚଳ ପ୍ରକମ୍ପିତ**

ଚୌଦ୍ୱାର,୧୦।୧୦(ଆଶୁତୋଷ ଦାସ)



ତିନିକୋଣିଆସ୍ଥିତ ରୂପଯାତ୍ରା ପଡ଼ିଆରେ ଭସାଣି ପାଇଁ ଏକତ୍ରିତ ହୋଇଥିବା ମେଢ଼।

ଚୌଦ୍ୱାର ପ୍ରସିଦ୍ଧ କୁମାର ଉତ୍ସବ ଓ ରୁପଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ବଜାର ଓ ସାହିବସ୍ତିର ୪୩ଟି ପୂଜା ମଣ୍ଡପରେ ନିର୍ମିତ ଦେବଦେବୀଙ୍କ ମୃଣ୍ମୟ ପ୍ରତିମା ଗୁରୁବାର ରାତିରେ ଶୋଭାଯାତ୍ରାରେ ଯାଇ ତିନିକୋଣିଆସ୍ଥିତ ରୂପଯାତ୍ରା ପଡ଼ିଆରେ ଏକାଠି ହୋଇ ମେଳଣ କରିଥିଲେ। ପରମ୍ପରା ଅନୁଯାୟୀ ଶୁକ୍ରବାର ସକାଳେ ଯାତ୍ରାର ଥାନପତି ମଠସାହି ମେଢ ପୂଜା କମିଟି ପକ୍ଷରୁ ଛନ୍ଦା ଗ୍ରହଣ କରି ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ପରେ ଅନ୍ୟ ମେଢଗୁଡିକୁ ଛନ୍ଦା ଗ୍ରହଣ କରାଯାଇ କ୍ରମାନୁସାରେ ଶୋଭାଯାତ୍ରାରେ ଯାଇ ବିରୂପା ନଦୀକୂଳରେ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜିତ ହୋଇଥିଲେ। ଶୋଭାଯାତ୍ରାରେ ଢୋଲ, ମାଦଳ, ଘଣ୍ଟଘଣ୍ଟା, ସିଙ୍ଗ ବାଜା ସହିତ ବ୍ୟାଣ୍ଡପାର୍ଟି ଆଦି ପାରମ୍ପରିକ ବାଦ୍ୟରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଦୁଇଦିନ ଧରି ଯାତ୍ରା ପଡ଼ିଆରେ ପ୍ରବଳ ଲାଗି ରହିଥିବାରୁ ଲୋକଙ୍କ ସୁରକ୍ଷା ଓ ଶୃଙ୍ଖଳିତ ମେଢ଼ ଶୋଭାଯାତ୍ରା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମେଳଣ ପଡ଼ିଆ ଓ ଏହାର ଆଖପାଖରେ ୪ଟି ଅସ୍ଥାୟୀ ପୋଲିସ କ୍ୟାମ୍ପ ଖୋଲାଯାଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଯାଇଛି। ଏଥି ସହିତ ମେଢ଼ ସୁପରିଚାଳନା ପାଇଁ ଜୋନ-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ୧୦ଜଣ ଇନ୍ସପେକ୍ଟର, ୧୨ ସବ୍‌ଇନ୍ସପେକ୍ଟର ଓ ୧୪ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଥିବା ଚୌଦ୍ୱାର ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଥିଲେ। ଯାତ୍ରାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମେଢ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଭାଜପା ନେତା ନୟନ କିଶୋର ମହାନ୍ତି, ସନ୍ତୋଷ ମହାନ୍ତି ପ୍ରମୁଖ ମେଳାରେ ସମସ୍ତ ମେଢର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚୌଦ୍ୱାର ନଗର ବିଜେଡି ପକ୍ଷରୁ ବିଧାୟକ ସୌଭିକ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପ୍ରେମଚାନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରାଙ୍କ ସମେତ ସମସ୍ତ କାଉନସିଲର, ସମସ୍ତ ମେଢ ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାଗ ଅନୁକୂଳ ଥିବାରୁ ମେଳାରେ ବ୍ୟବସାୟ ଖୁବ୍ ଭଲ ହୋଇଥିବା ବେଳେ ବର୍ଷକୁ ଥରେ ଏହି ମେଳାରୁ ଲୋକମାନେ ଘରକରଣା ସାମଗ୍ରୀ ବହୁ ପରିମାଣରେ କିଣିବା ସହିତ ଖଦ୍ୟପେୟ ଓ ଛୋଟ ପିଲାମାନଙ୍କ ପାଇଁ ରାମଦୋଳି, ବ୍ରେକ୍ ଡ୍ୟାନ୍ସ ଆଦିରେ ଭଲ ବ୍ୟବସାୟ ହୋଇଥିବା ଦୋକାନୀମାନେ ପ୍ରକାଶ କରିଛନ୍ତି।

### ରୂପଯାତ୍ରାରେ ଅଘଟଣ

ଗୁରୁବାର ବିଳମ୍ବିତ ରାତିରେ ରୁପଯାତ୍ରାରେ ଘଟିଛି ଅଘଟଣ। ଛୁରାମାଡରେ ଜଣେ ଯୁବକ ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସା ହୋଇ ଘରକୁ ଫେରି ଆସିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ମୁଣ୍ଟମାଳ ଗ୍ରାମର ଜଣେ ଯୁବକ ଓ ବେଉରା ସହିର ଜଣେ ଯୁବକଙ୍କ ସହିତ ପ୍ରଥମେ ବଚସା ଓ ପରେ ଏହା ଗଣ୍ଡଗୋଳର ରୁପ ନେଇଥିଲା। ଏଥିରେ ମୁଣ୍ଡମାଳ ଗ୍ରାମର ଯୁବକ ଏକ ଧାରୁଆ ଅସ୍ତ୍ରରେ ଅନ୍ୟ ଜଣକ ମୁଣ୍ଡକୁ ଆଘାତ ଦେବାରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ଚୌଦ୍ୱାର ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ବଡ ମେଡିକାଲ ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ ଏକ ଅସ୍ଥାୟୀ ଦୋକାନରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଦେଖି ତୁରନ୍ତ ପାଖରେ ଥିବା ଘରରୁ ପାଣି ଆଣି ନିଆଁକୁ ଆୟତ୍ତ କରିଥିଲେ।

**ଫଟୋ ଖବର**



ପୋଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଦରଘା ବଜାର ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ ସାମୟିକ ପାଇଁ ବନ୍ଦ ରହିଛି।


ଡ୍ରିମ୍‌ସ ୟୁନିଭରସିଟିରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

# ସୁସ୍ଥ ସମାଜ ପାଇଁ ବରିଷ୍ଠ ନାଗରିକଙ୍କ ମାର୍ଗଦର୍ଶନ ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ

ଭୁବନେଶ୍ୱର,୧୦।୧୦(ସୁଚିସ୍ମିତା ସାହୁ)



ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥିମାନେ।

ସମାଜ ପାଇଁ ବରିଷ୍ଠ ନାଗରିକଙ୍କ ଅବଦାନକୁ ସବୁଦିନ ମନେ ପକାଇବାକୁ ପଡିବ। ନୂତନ ସମାଜ ଗଢ଼ିବା ପାଇଁ ବରିଷ୍ଠ ନାଗରିକଙ୍କ ଜ୍ଞାନ ଓ ଅଭିଜ୍ଞତାର ବହୁ ଆବଶ୍ୟକତା ରହିଛି। ବିକଶିତ ଭାରତ ଗଠନ ଲକ୍ଷ୍ୟକୁ ସାକାର କରିବା ଦିଗରେ ବରିଷ୍ଠ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ମଧ୍ୟ ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ସଚେତନ ରହିବା ସହିତ ଏହାର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବୟସ୍କଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇଦେବା ସମାଜର ସବୁବର୍ଗର ଲୋକଙ୍କ ଦାୟିତ୍ୱ। ସେମାନଙ୍କ ଅଭିଜ୍ଞତା, ଅନୁଭବ, ଆଦର୍ଶ ଓ ଆଶୀର୍ବାଦକୁ ନେଇ ଆମେ ଆଗକୁ ବଢ଼ିଲେ ଆମ ଜୀବନ ସୁଖ ଓ ଶାନ୍ତିରେ ଅତିବାହିତ ହେବ। ବିଏମ୍‌ସି କମିଶନର ଚଞ୍ଚଳ ରାଣା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବରିଷ୍ଠ ନାଗରିକଙ୍କର ଖୁବ୍ ଛୋଟ ଛୋଟ ସମସ୍ୟା ଥାଏ, ଯାହା ସମାଜର ସହଯୋଗରେ ସମାଧାନ ହୋଇପାରିବ। ବିଏମ୍‌ସି ପକ୍ଷରୁ ସବୁବେଳେ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି ବୋଲି ସେ କହିଛନ୍ତି। ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ସ୍ୱାଗତ ଭାଷଣରେ କହିଲେ, ୬୦ ବର୍ଷ ଏକ ଅଙ୍କ ନୁହେଁ। ଏହା ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାର ସୂଚକ। ବରିଷ୍ଠ ନାଗରିକମାନେ ଏ ସମାଜର ପୂଜ୍ୟ ବୋଲି ସେ କହିଥିଲେ। ପୁଣ୍ୟଶ୍ଳୋକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ପାର୍କଠାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ହାସ୍ୟ ଅଭିନେତା ଦେବୁ ବ୍ରହ୍ମା ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ଯୋଗର ଉପକାରିତା ବୁଝାଇବା ସହ ସମସ୍ତଙ୍କୁ ମାନସିକ ଓ ଶାରୀରିକ ରୂପେ ସୁସ୍ଥ ରହିବା ପାଇଁ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ବରିଷ୍ଠ ନାଗରିକଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷାର ଆୟୋଜନ କରାଯାଇଥିଲା। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ ଓ ସୋନିଆ ବେହେରା, ଅର୍ଥ ପରାମର୍ଶଦାତା ଜୟଶ୍ରୀ ତ୍ରିପାଠୀ, ଉପଶାସନ ସଚିବ ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ୭ତମ ଗୋପୀକୃଷ୍ଣ ଉତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ

ଭୁବନେଶ୍ୱର,୧୦।୧୦(ସତ୍ୟଜିତ ରାଉତ)

ୟୁନିଟ-୯ ଆନନ୍ଦ ବଜାରସ୍ଥିତ ତାରିଣୀ ମନ୍ଦିର ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ଶହୀଦନଗର ଥାନା ପୋଲିସ ଜବତ କରିଛି। ଯୁବକଙ୍କ ପରିଚୟ ପାଇବାକୁ ପୋଲିସ ପ୍ରୟାସ ଚଳାଇଛି। ମୃତକଙ୍କ ବୟସ ୪୦ରୁ ୫୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ରାତି ପ୍ରାୟ ୯ଟା ବେଳେ ଯୁବକଙ୍କ ମୃତଦେହ ଏକ କପଡା ଦ୍ୱାରା ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଟିମ୍ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ଯୁବକଙ୍କ ଗୋଡ଼ ତଳେ ଲାଗିଥିବାରୁ ତାଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇଦେଇଥିବା ଚର୍ଚ୍ଚା ହେଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ୬ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଭୁବନେଶ୍ୱର,୧୦।୧୦(ସତ୍ୟଜିତ ରାଉତ)

### ଜେଲ ୱାର୍ଡର ମାନସ ନାୟକ ହତ୍ୟା ମାମଲା

ଭୁବନେଶ୍ୱର ଝାରପଡା ଜେଲ୍‌ର ୱାର୍ଡର ମାନସ ନାୟକ ହତ୍ୟା ମାମଲାର ରାୟ ୧୬ବର୍ଷ ପରେ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ୪ର୍ଥ ଅତିରିକ୍ତ ଜିଲା ଦୌରା ଜଜ୍ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ବିକ୍ରମ ମଲ୍ଲିକ, ମିହିରକାନ୍ତ ତ୍ରିପାଠୀ, ଶିବରାମ ସାହୁ, ଏମ୍ ଅଙ୍କିତ୍ ରାଓ ଦୋରା, କାହ୍ନୁ ଚରଣ ମିଶ୍ର ଓ ଦେବାଶିଷ ଭୋଇ। ୨୦୦୯ ନଭେମ୍ବର ୧ରେ ମାନସ ଡ୍ୟୁଟି ସାରି ଫେରୁଥିବା ବେଳେ ଜେଲ ନିକଟରେ ୯ ଅଭିଯୁକ୍ତ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଲକ୍ଷ୍ମୀସାଗର ପୋଲିସ ହତ୍ୟା ମାମଲା ରୁଜୁ କରି ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଶ୍ରୀମନ୍ଦିର ଉପରେ ଉଡୁଥିବା ଡ୍ରୋନ୍ ଜବତ: ଜଣେ ଅଟକ



ପୁରୀ,୧୦।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଥିବା ଏକ ଡ୍ରୋନକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଶ୍ରୀମନ୍ଦିର ଉପରେ ଏବଂ ପରିକ୍ରମା ମାର୍ଗ ପରିସରରେ ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ଏସ୍‌ପି ପ୍ରତୀକ ସିଂଙ୍କ ନଜରକୁ ଆସିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସିଂହଦ୍ୱାର ଥାନା ଓ ପୁରୀ ପୋଲିସର ଏକ ବିଶେଷ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତ୍ୱରିତ ତଦନ୍ତ କରି ଉକ୍ତ ଡ୍ରୋନକୁ 'ଶନି ମନ୍ଦିର ଗଳି'ରେ ଜବତ କରିଥିଲା। ଡ୍ରୋନ ଉଡ଼ାଉଥିବା ଛତିଶଗଡ଼ର ଦୁର୍ଗାପ୍ରସାଦ ଯାଦବଙ୍କୁ ସିଂହଦ୍ୱାର ପୋଲିସ ଅଟକ କରିଛି। ଶ୍ରୀମନ୍ଦିର ଓ ଏହା ପରିସରରେ ଡ୍ରୋନ ଉଡ଼ାଇବା ଉପରେ କଟକଣା ଥିବା ସତ୍ତ୍ୱେ ବେଆଇନ ଭାବେ ଡ୍ରୋନ୍ ଉଡ଼ାଣ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ୩ ବର୍ଷ ପାଇଁ ହାରୋର କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୧୦।୧୦
(ଅନୁରାଧା ମହାରଣା)

ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଅଫ୍ ଓଡ଼ିଶା (ହାରୋ)ର ୩୬ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଜେ. କେ. ମହାନ୍ତି ଆଜୀବନ ଅଧ୍ୟକ୍ଷ ରହିଥିବାବେଳେ ହାରୋର ଉପଦେଷ୍ଟା ଭାବେ ଦୀପକ ଏସ୍ ରାଠୋର, ଦିଲୀପ ରାୟ, ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗୋକୁଳଚନ୍ଦ୍ର ପତି ପ୍ରମୁଖ ରହିଛନ୍ତି। ଉପସଭାପତି ଭାବେ ଭୁବନେଶ୍ୱର କୁକୁସ୍ ଇନ୍‌ର ଜୋନାଥାନ ରାଉଳ, ଯୋଡ଼ାସ୍ଥିତ ହୋଟେଲ ଭ୍ୟାଲିର ତାରିଣୀ ପ୍ରସାଦ ମହାନ୍ତି, ପୁରୀସ୍ଥିତ ହୋଟେଲ ହଲିଡେ'ର ରାଜକିଶୋର ପାତ୍ର, ବ୍ରହ୍ମପୁରର ହୋଟେଲ ମୟୂରୀର ଉମାଶଙ୍କର ପାଣିଗାହୀ, ଝାରସୁଗୁଡ଼ାର ଦ ଅର୍କେଡ୍‌ର ଆଶିଷ ପାଲିତ୍, ବାଲେଶ୍ୱରର ବର୍ଜୋରିଜିସ୍ ବଞ୍ଜାରାର ସରୋସ ବୋଧନୱାଲା, ଭୁବନେଶ୍ୱର ରିଜ୍ ରେସିଡେନ୍ସର ତାରିଣୀ ପ୍ରସାଦ ମହାନ୍ତି, ଅନୁଗୋଳର କମଲେଶ କଣ୍ଟିନେଣ୍ଟାଲର ଶ୍ୱେତବ୍ରତ ସ୍ୱାଇଁ, ଭୁବନେଶ୍ୱରର ହୋଟେଲ ଗିଙ୍ଗିରର ମିଲନ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଜନପଥ ଇନ୍‌ର ଶ୍ରୀନିବାସ ସୁବୁଦ୍ଧି, ଜେନେରାଲ ସେକ୍ରେଟାରୀ ଭାବେ ଲାଇଫ୍ ହୋଟେଲର ସିଇଓ ଧିମାନ ମଜୁମଦାର, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ହୋଟେଲ ଲିଙ୍ଗରାଜର ସୁଜିତ କୁମାର ମହାପାତ୍ର ଓ ଅଞ୍ଜଳି ପ୍ୟାଲେସର ପ୍ରଶାନ୍ତ କୁମାର ଜେନା ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ କେନ୍ଦ୍ରାପଡ଼ାର ହୋଟେଲ ଗୋଲ୍ଡେନ୍ ପ୍ୟାଲେସ୍‌ର ଶିବ ପ୍ରସାଦ ମହାନ୍ତି, ସମ୍ବଲପୁରର ହୋଟେଲ ଦ ଗ୍ରାଣ୍ଡ ଶିବର ଶିଲାଶିବ ପ୍ରସାଦ, ଗୋପାଳପୁରର ହୋଟେଲ ହଲିଡେ' ହୋମର ସୟଦ ରହିମ, କେନ୍ଦୁଝରର ହୋଟେଲ ଦ ସିଗ୍ନସର ୱାସିମ ନାୟର, ବାଲେଶ୍ୱର ହୋଟେଲ ହରି ପ୍ଲାଜାର ସଂଗ୍ରାମ କୁମାର ଦାସ, ବଲାଙ୍ଗୀରର ହୋଟେଲ ପାର୍କ ଲ୍ୟାଣ୍ଡ୍‌ର ରବିନାରାୟଣ ପୂଜାରୀ, ଅନୁଗୋଳ ଆଇ-ନମରାର ନରୋତ୍ତମ ମହାନ୍ତି, ପୁରୀର ହୋଟେଲ ଭ୍ୟୁର ରାମ ପ୍ରକାଶ ସେନାପତି ଓ ବ୍ରହ୍ମପୁର ଗୌତମ ପ୍ୟାଲେସର କେ ପ୍ରଶାନ୍ତ କୁମାର ପ୍ରମୁଖ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ କେ ମୋହନନ୍, ପ୍ରଶାନ୍ତ କୁମାର ତ୍ରିପାଠୀ, ରାଜେଶ କୁମାର ଧଳ, ଜୁବୁଲା କୁମାର ସେଠୀ, ଲକ୍ଷ୍ମୀ ଚାନ୍ଦ ଚୌଧୁରୀ, ଜୟନ୍ତ କୁମାର ପଣ୍ଡା, ଦେବାଶିଷ କୁମାର, ସମ୍ବିତ୍ ପ୍ରଧାନ, ଭଲ୍ଲୁରୀ ଶ୍ରୀନିବାସ, ସଞ୍ଜୟ ମିଶ୍ର, ଶଙ୍କର ଜୀ ମହାପାତ୍ର, ଅଶୋକ କୁମାର ଦାସ, କମଳରାଜ ସୁବୁଦ୍ଧି, ଏସ୍. କେ. ୟୁସୁଫ୍ , ସବ୍ୟସାଚୀ ଦାସ, ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ରହିଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପୁ



@ ଆଦିତ୍ୟ



@ ବୁଲୁ



@ ରାକେଶ



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ସ୍ୱାଭିମାନୀ ବ୍ୟକ୍ତିତ୍ୱ ଥିଲେ ବିଶ୍ୱନାଥ ପଶାୟତ'



କଟକସ୍ଥିତ ଏକ ହୋଟେଲ ସଭାଗୃହରେ ବିଶ୍ୱନାଥ ପଶାୟତ ସ୍ମୃତି କମିଟି ପକ୍ଷରୁ ୧୧୩ତମ ଜନ୍ମବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୧୦।୧୦(କାର୍ତ୍ତିକ ସାହୁ)

### ବିଶ୍ୱନାଥ ପଶାୟତ ସ୍ମୃତି କମିଟି ପକ୍ଷରୁ ୧୧୩ତମ ଜୟନ୍ତୀ

ବିଶ୍ୱନାଥ ପଶାୟତ ସ୍ମୃତି କମିଟି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ, ସୁଲେଖକ ବିଶ୍ୱନାଥ ପଶାୟତଙ୍କ ୧୧୩ତମ ଜୟନ୍ତୀ ହୋଟେଲ ପ୍ରମୋଦଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତର ଲୋକପାଳ ଅଧ୍ୟକ୍ଷ ବିଚାରପତି ଏ.ଏମ. ଖାନୱିଲକର ଯୋଗଦେଇ କହିଲେ, ବିଶ୍ୱନାଥ ବାବୁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ସହ ସ୍ୱାଭିମାନୀ ବ୍ୟକ୍ତିତ୍ୱ ଥିଲେ। ଆଜିର ଯୁବପିଢ଼ି କମ୍ପ୍ୟୁଟର ସ୍କ୍ରିନ୍‌ରେ ନୁହେଁ, ସମାଜର ମୂଲ୍ୟବୋଧରେ ଆଲୋକ ଜଳାନ୍ତୁ। ଭାରତ ଲ' କମିଶନ ଅଧ୍ୟକ୍ଷ ବିଚାରପତି ଦିନେଶ ମାହେଶ୍ୱରୀ ସ୍ମାରକୀ ବକ୍ତୃତା ପ୍ରଦାନ କରିବା ସହିତ 'ଅଧିକାର, ରୋବୋଟ୍ସ ଏବଂ ଦାୟିତ୍ୱ : ଡିଜିଟାଲ ଯୁଗରେ ସାମ୍ବିଧାନିକ ମର୍ଯ୍ୟାଦାର ସମ୍ମାନ' ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡିଜିଟାଲ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ରୋବୋଟ ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଟେକ୍ନୋଲୋଜି ମନୁଷ୍ୟ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଛି। ଟେକ୍ନୋଲୋଜିକୁ ବନ୍ଦ କରିବା ଏହାର ସମାଧାନ ନୁହେଁ ବରଂ ଏହାକୁ ଏଭଳି ଭାବେ ବ୍ୟବହାର କରିବା ଆବଶ୍ୟକ ଯାହା ମାନବତା ଓ ମର୍ଯ୍ୟାଦାକୁ ସୁରକ୍ଷିତ ରଖିପାରିବ। ଓଡ଼ିଶା ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ କହିଲେ, ମହାନ ବ୍ୟକ୍ତିମାନଙ୍କ ଆଦର୍ଶ ଓ ଦୃଷ୍ଟିକୋଣକୁ ଆମେ ସର୍ବଦା ମନେରଖିବା ଉଚିତ। ବିଶ୍ୱନାଥ ବାବୁ ସର୍ବଦା ଜନସେବାକୁ ନିଜ ଧର୍ମ ଭାବେ ବିବେଚନା କରୁଥିଲେ। ତାଙ୍କ ସେବା ଓ ନୀତି ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ସ୍ମୃତି କମିଟିର ଆବାହକ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏମ୍‌ପି ଭର୍ତ୍ତୃହରି ମହତାବ, ନରସିଂହ ପାତ୍ର, ଅମରେଶ ପଟ୍ଟନାୟକ, ଡ. ହେମନ୍ତ କୁମାର କର ଓ ପ୍ରଦୋଷ ପଟ୍ଟନାୟକଙ୍କୁ ବିଶ୍ୱନାଥ ପଶାୟତ ସମ୍ମାନ ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି କମିଟି ସହ ଆବାହକ ବରିଷ୍ଠ ଆଇନଜୀବୀ ଅନୁପ କୁମାର ବୋଷ, ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ଧଳ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନର ସଭାପତି ମନୋଜ କୁମାର ମିଶ୍ର ମଞ୍ଚାସୀନ ଥିଲେ। ହାଇକୋର୍ଟ ବାର ଆସୋସିଏଶନ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ। ବିଶ୍ୱନାଥ ପଶାୟତଙ୍କ ସୁପୁତ୍ର ତଥା ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଅରିଜିତ ପଶାୟତ ଓ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଦୀପାଂଶୁ ଦାସ, ସଞ୍ଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପର ପଡ଼ିଆରେ ସ୍ଥାନ ପାଇବ ସାଂସ୍କୃତିକ ଐତିହ୍ୟ

## ଐତିହାସିକ ବାଲିଯାତ୍ରା କଟକ-୨୦୨୫ ପ୍ରସ୍ତୁତି

### ମନ ଜିଣିବ ଦହିବରା ଆଳୁଦମ, ଠୁଙ୍କାପୁରି, ତାରକସି ଓ ହସ୍ତଶିଳ୍ପ ସମ୍ଭାର

କଟକ,୧୦।୧୦(କାର୍ତ୍ତିକ ସାହୁ)



ଚଳିତବର୍ଷ ଐତିହାସିକ ବାଲିଯାତ୍ରା କଟକ-୨୦୨୫କୁ ନୂତନ ଭାବେ ପରିପ୍ରକାଶ କରିବାକୁ ଜିଲା ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଲିଯାତ୍ରାରେ ବାରବାଟୀ ଦୁର୍ଗ ସମ୍ମୁଖ ଉପର ପଡ଼ିଆକୁ ଏକ ଭିନ୍ନ ରୂପ ଦେବାକୁ ପ୍ରୟାସ କରୁଛି ପ୍ରଶାସନ।

ସୂଚନାନୁସାରେ, ଉପରେ ପଡ଼ିଆରେ ବାଲିଯାତ୍ରା କରାଇବା ନିମନ୍ତେ ହାଇକୋର୍ଟଙ୍କ ଅନୁମତି ପରେ କଟକ ସାଂସ୍କୃତିକ ଐତିହ୍ୟକୁ ସେଠାରେ ସ୍ଥାନ ଦେବାକୁ ଜିଲା ପ୍ରଶାସନ କେତେକ ଯୋଜନା କରିଛି। କଟକର ପାରମ୍ପରିକ ଖାଦ୍ୟ, ଦହିବରା ଆଳୁଦମ, ଠୁଙ୍କାପୁରି, ରୁପା ତାରକସି, ମାଟିରେ ତିଆରି ସାମଗ୍ରୀ ଓ ପାତ୍ର, ବାଉଁଶରୁ ତିଆରି ସାମଗ୍ରୀ, ଶିଙ୍ଗ କାମ, ଶିଳ, ଚକି ଓ ଅନ୍ୟାନ୍ୟ ହସ୍ତଶିଳ୍ପ ସାମଗ୍ରୀ ସହ ଦୋଳି ଆଦିର ସମ୍ଭାର ଉପର ପଡ଼ିଆରେ ଦେଖିବାକୁ ମିଳିବ। ବିଶେଷ କରି କେବଳ ବାଲିଯାତ୍ରା ସମୟରେ ଯେଉଁସବୁ ପାରମ୍ପରିକ ଜିନିଷ ଉପଲବ୍ଧ ହୋଇଥାଏ ସେହିସବୁ ଜିନିଷର ଷ୍ଟଲ ଏଠାରେ ରହିବ। ଏଥିସହ ଉପର ପଡ଼ିଆରେ ଗାଡ଼ି ପାର୍କିଂ ବ୍ୟବସ୍ଥା ମଧ୍ୟ ରହିବ। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପୂର୍ବକ ହାଇକୋର୍ଟଙ୍କ ଅନୁମତିକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ କହିଛନ୍ତି।

ଅନ୍ୟପକ୍ଷରେ ବାଲିଯାତ୍ରା ପ୍ଲଟ ପଞ୍ଜୀକରଣ ଆସନ୍ତା ୧୨ ତାରିଖ ଅପରାହ୍ନ ୫ ଟା ୩୦ ମିନିଟ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସଠାରେ ଚାଲୁ ରହିବ। ଇଚ୍ଛୁକ ବ୍ୟବସାୟୀ ଅନଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ପ୍ଲଟ ପଞ୍ଜୀକରଣ କରିପାରିବେ। ଆଉ ମାତ୍ର ୫୦୦ ପ୍ଲଟ ପଞ୍ଜୀକରଣ ପାଇଁ ବାକିଥିବାରୁ ବ୍ୟବସାୟୀମାନେ ଖୁବ୍‌ଶୀଘ୍ର ପଞ୍ଜୀକରଣ କରାଇନେବାକୁ କୁହାଯାଇଛି। ଏଥର ତଳ ବାଲିଯାତ୍ରା ପଡ଼ିଆରେ ଭିଣ୍ଟେଜ କାର ପ୍ରଦର୍ଶନୀ, ମିଶନ ଶକ୍ତି ଏନକ୍ଲୋଜର୍, ଏମ୍‌ଏସ୍‌ଏମ୍‌ଇ ଏନକ୍ଲୋଜର ଓ ଅଟୋ ଏନକ୍ଲେଭ ଭଳି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଚଳିତ ଥର ଓରମାସ ବ୍ୟତୀତ ମୋଟ ୧୬୫୪ଟି ଷ୍ଟଲ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଏକ ଆପ୍ ମଧ୍ୟ ପ୍ରଶାସନ ପକ୍ଷରୁ ତିଆରି କରାଯାଇଛି, ଯାହାଦ୍ୱାରା କେଉଁଠାରେ କେଉଁ ଜିନିଷର ସମ୍ଭାର ଏବଂ ଜନସାଧାରଣଙ୍କ ପାଇଁ ଥିବା ସୁବିଧା ସୁଯୋଗ ଯଥା ଶୌଚାଳୟ, ଏଟିଏମ୍ କାଉଣ୍ଟର, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପୋଲିସ ସହାୟତା କେନ୍ଦ୍ର, ପ୍ରବେଶ ଓ ପ୍ରସ୍ଥାନ ପଥ, ବାଲିଯାତ୍ରା ପଡ଼ିଆର ପ୍ରମୁଖ ଆକର୍ଷଣ ଇତ୍ୟାଦି ସମ୍ପର୍କରେ ଲୋକମାନେ ଜାଣି ପାରିବେ।

# ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୦ ହଜାର କୋଟି ନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍

ଭୁବନେଶ୍ୱର,୧୦।୧୦ (ଅନୁରାଧା ମହାରଣା)

ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ଏଯାଏ ପ୍ରାୟ ୪୦,୦୦୦ କୋଟି ଟଙ୍କା ନିବେଶ କରିଥିବାବେଳେ ଆଗାମୀ ଦିନରେ ୫୦ ହଜାର କୋଟି ଟଙ୍କା ନିବେଶ କରିବାର ଯୋଜନା ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ବିଷୟବସ୍ତୁ ସମ୍ପର୍କିତ ଦିନିକିଆ ସମ୍ମିଳନୀ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଅର୍ଦ୍ଧେନ୍ଦୁ ମହାପାତ୍ର ଅତିଥିଭାବେ ଯୋଗଦେଇ କହିଛନ୍ତି।

ଅନୁଷ୍ଠିତ ସମ୍ମିଳନୀରେ ଓଇଆର୍ସି ସଭାପତି ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ) ହେମନ୍ତ ଶର୍ମା, ଓଏସ୍ଏଫ୍ସି ଅଧ୍ୟକ୍ଷ ଡା. ଅରୁଣ କୁମାର ପଣ୍ଡା, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର କର୍ପୋରେଟ ଆଫେୟାର୍ସର ପ୍ରେସିଡେଣ୍ଟ ଅର୍ଦ୍ଧେନ୍ଦୁ ମହାପାତ୍ର, ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ତପନ କୁମାର ଚାନ୍ଦ ପ୍ରମୁଖ ସମ୍ମିଳନୀରେ ଅତିଥି ଭାବେ ଯୋଗ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଅର୍ଦ୍ଧେନ୍ଦୁ ମହାପାତ୍ର କହିଥିଲେ, ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ଏଯାଏ ପ୍ରାୟ ୪୦,୦୦୦ କୋଟି ଟଙ୍କା ନିବେଶ କରିଛି। ଏଥିରେ ଆଲୁମିନିୟମ ଶିଳ୍ପ, ଖଣିଜ ପଦାର୍ଥ, ସିମେଣ୍ଟ, ରସାୟନ ଓ ବସ୍ତ୍ର ଉଦ୍ୟୋଗ ଆଦି ରହିଛି। ଏହା ମାଧ୍ୟମରେ ଓଡ଼ିଶାରେ ପ୍ରାୟ ୩୦,୦୦୦ ଯୁବ ପ୍ରତିଭାଙ୍କୁ ସିଧାସଳଖ ଚାକିରି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୮୨% କର୍ମଚାରୀ ଓଡ଼ିଶାରୁ ବୋଲି ସେ ସୂଚନା ଦେଇଥିଲେ। ତେବେ ଆଗାମୀ ଦିନରେ ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ସ୍ଥାପନ ନିମନ୍ତେ ୫୦ ହଜାର କୋଟି ଟଙ୍କା ନିବେଶ ପାଇଁ ଯୋଜନା ରହି ଥିବାବେଳେ ଏହା ରାଜ୍ୟରେ ନୂତନ ଭାବେ ୧୫,୦୦୦ ନିଯୁକ୍ତି ସୃଷ୍ଟି କରିବ, ଯାହା କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକସ୍ଥିତ କଂସାରିଗୁଡାରେ ଏକ ନୂତନ ଭାବେ ଆଲୁମିନା ରିଫାଇନେରି ୟୁନିଟ ସ୍ଥାପନ, ଲାପଙ୍ଗା ଠାରେ ଆଦିତ୍ୟ ଆଲୁମିନିୟମ ୟୁନିଟ ସମ୍ପ୍ରସାରଣ ଓ ସମ୍ବଲପୁର ଜିଲାରେ ଏଫ୍ଆର୍ପି ପ୍ଲାଣ୍ଟ ଉନ୍ନତୀକରଣ ହେବା ନେଇ ଯୋଜନା ରହିଛି। ଏଥିସହିତ ମହାପାତ୍ର କହିଛନ୍ତି ଯେ, ସିଏସ୍ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରଭାବିତ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ଓ ସାମାଜିକ ସଶକ୍ତୀକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସମ୍ବଲପୁର ଓ ରାୟଗଡ଼ା ଜିଲାରେ ପ୍ରତିଷ୍ଠିତ ୟୁନିଟ ଦ୍ୱାରା ଅଞ୍ଚଳରେ ଲୋକଙ୍କ ଜୀବନମାନ ଉନ୍ନତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପର ଶିଳ୍ପାନୁଷ୍ଠାନ ପାଇଁ ରାୟଗଡ଼ା ଜିଲାରେ ସମଗ୍ର ବିକାଶ ତଥା ବିଶେଷ ଭାବେ କାଶୀପୁର ଅଞ୍ଚଳରେ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଉନ୍ନତ ହୋଇଥିବା ସେ କହିଛନ୍ତି।

# ହୀରାକୁଦ ପାୱାର ଓ ସ୍ମେଲ୍ଟର, ଆଦିତ୍ୟ ଆଲୁମିନାକୁ ଇଏସ୍‌ଜି ପୁରସ୍କାର



ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା)

ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଅନ୍ତର୍ଗତ ହୀରାକୁଦ ପାୱାର ଓ ସ୍ମେଲ୍ଟର ଏବଂ ଆଦିତ୍ୟ ଆଲୁମିନିୟମ ୟୁନିଟ ରାଜ୍ୟରେ ସଷ୍ଟେନେବିଲିଟି କ୍ଷେତ୍ରରେ ପରିଚାଳନାଗତ ଶ୍ରେଷ୍ଠତମ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଛନ୍ତି। ଉଭୟ ୟୁନିଟ୍ ସଷ୍ଟେନେବିଲିଟି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ଗୋଲ୍ଡ ଏବଂ ସିଲ୍‌ଭର ଆୱାର୍ଡ ହାସଲ କରିଛନ୍ତି। ପ୍ରତିଷ୍ଠିତ ସଂସ୍ଥା ଅନ୍ତର୍ଜାତୀୟ ବକ୍ସାଇଟ, ଆଲୁମିନା ଓ ଆଲୁମିନିୟମ ସୋସାଇଟି (ଆଇବିଏଏସ୍) ଓ ସେଟିଜିଓନ ଭେରିଫିକା ତରଫରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ହସ୍ତାନ୍ତର କରାଯାଇଛି। ଆଦିତ୍ୟ ଆଲୁମିନିୟମକୁ ଗୋଲ୍ଡ ବିଭାଗରେ ପୁରସ୍କୃତ କରାଯାଇଥିବା ସ୍ଥଳେ ହୀରାକୁଦ ପାୱାର ଓ ସ୍ମେଲ୍ଟରକୁ ସିଲଭର ବିଭାଗରେ ଉପସ୍ଥିତ ଅତିଥି ଆଇବିଏଏସ୍ ନିର୍ଦ୍ଦେଶକ ମାର୍କ ଅନନ୍ଦେଲ ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ୟାଥେରିନ ଜନସନ, ଇଣ୍ଡିପେଣ୍ଡେଣ୍ଟ କନ୍‌ସଲଟାଣ୍ଟ, ଆଇବିଏଏସ୍ ସଭାପତି ଅଧ୍ୟକ୍ଷ ଅଶୋକ ନନ୍ଦୀ, ନାଲ୍କୋ ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ ଚୌଧୁରୀ, ସେଟିଜିଓନର ପରିଚାଳନା ନିର୍ଦ୍ଦେଶକ ଗଙ୍ଗା ସି. ଶର୍ମା ଯୋଗଦେଇଥିବା ବେଳେ ଆଦିତ୍ୟ ଆଲୁମିନିୟମ ୟୁନିଟ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ, ହିଣ୍ଡାଲ୍କୋ ହୀରାକୁଦ ୟୁନିଟ ପରିବେଶ ବିଭାଗର ସାଧାରଣ ପରିଚାଳକ ରଞ୍ଜନ ଜେନା, ହିଣ୍ଡାଲ୍କୋ ଉପସଭାପତି ପ୍ରତାପ ସାହୁ, ଏଭିପି ସୌଭାଗ୍ୟ ତ୍ରିପାଠୀ ପ୍ରମୁଖ କମ୍ପାନୀ ପକ୍ଷରୁ ଉପସ୍ଥିତ ରହି ଏହାକୁ ଗ୍ରହଣ କରିଥିଲେ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଅନ୍ତର୍ଗତ ପରିଚାଳିତ ଏହାର ସମସ୍ତ ୟୁନିଟ କଡ଼ାକଡ଼ି ଭାବେ ସଷ୍ଟେନେବିଲିଟି ମାନଦଣ୍ଡକୁ ଅନୁସରଣ କରିଥିବାବେଳେ ଆଦିତ୍ୟ ଆଲୁମିନିୟମ ଓ ହୀରାକୁଦ ପାୱାର ଏବଂ ସ୍ମେଲ୍ଟର୍ ପକ୍ଷରୁ ଦୀର୍ଘସ୍ଥାୟୀ ପରିବେଶ ପରିଚାଳନା, ଉର୍ଜା ସଂରକ୍ଷଣ ଓ ଠିକ୍ ବ୍ୟବହାର ଏବଂ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏହାର ସମାଜ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି।


## ୨ୟ ଜନ୍ମଦିନ ଶୁଭେଚ୍ଛା



ଦିବ୍ୟାଂଶୁ

ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ କୋଟି ଆୟୁଷ ପ୍ରଦାନ କରନ୍ତୁ।
ଶୁଭକାମନା ସହ: ବାବା, ମାମା ଓ ସମସ୍ତ ପରିବାରବର୍ଗ।

ଧ-୭୬୮୬୪

## ଡିଲିଟ୍ ଉପାଧି ଲାଭ



ରୋଲାଣ୍ଡ ବୈଷୟିକ ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁରର ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଡ଼ା. ଶାନ୍ତନୁ କୁମାର ଦାଶଙ୍କୁ ଉତ୍ତର ପ୍ରଦେଶର ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ, ଜୌନପୁର (ନାକ୍ ଦ୍ୱାରା ଏଗ୍ରେଡ ମାନ୍ୟତାପ୍ରାପ୍ତ) ଦ୍ୱାରା ଡକଟରେଟ ଅଫ ଲିଟରେଚର (ଡ଼ି.ଲିଟ୍) ଉପାଧି ଦିଆଯାଇଛି। ତାଙ୍କର ଗବେଷଣା ନିବନ୍ଧ EFFECTS OF CORPORATE SOCIAL RESPONSIBILITY ON CONSUMERS RETENTION : A STUDY OF PROFESSIONAL STUDENTS OF ODISHA ଯାହା ପ୍ରଫେସର ମାନସ ପାଣ୍ଡେଙ୍କ ମାର୍ଗଦର୍ଶନରେ ସମାପ୍ତ ହୋଇଥିଲା। ଏହି ଅଧ୍ୟୟନରେ କର୍ପୋରେଟ୍ ସୋସିଏଲ୍ ରେସ୍ପନ୍‌ସିବିଲିଟି (ସିଏସଆର୍)ର ଗ୍ରାହକ ଅଟୁଟତା (Consumer Retention) ଉପରେ ପ୍ରଭାବକୁ ଅନୁସନ୍ଧାନ କରାଯାଇଥିଲା। ବିଶେଷ କରି ଓଡ଼ିଶାର ବୃତ୍ତିଗତ ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗରେ। ଏହି ଅଧ୍ୟୟନ ବ୍ୟବସାୟ ଗୁଡିକୁ ମୁଖ୍ୟ ସନ୍ଦେଶ ଦେଇଛି ଯେ ସୂଚିତ ଓ ରୂପାନ୍ତରିତ କାର୍ଯ୍ୟକଳାପ ଗ୍ରାହକଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଉତ୍ତର ପ୍ରଦେଶ ସରକାରଙ୍କ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଯୋଗେନ୍ଦ୍ର ଉପାଧ୍ୟାୟ, ରାଜ୍ୟମନ୍ତ୍ରୀ ଶ୍ରୀମତୀ ରଜନୀ ତିୱାରୀ, ରିଲାଇନ୍‌ସ ଜିଓର ସଭାପତି ଶ୍ରୀ ସୁନିଲ ଦତ୍ତ ଓ କୁଳପତୀର ପ୍ରଫେସର ବନ୍ଦନା ସିଂ ଙ୍କ ଉପସ୍ଥିତରେ ଏହି ଉପାଧିକୁ ଉତ୍ତରପ୍ରଦେଶର ମହାମହିମ ରାଜ୍ୟପାଳ ଶ୍ରୀମତୀ ଆନନ୍ଦୀବେନ୍ ପଟେଲ ବିଶ୍ୱବିଦ୍ୟାଳୟର ୨୯ତମ ସମାବର୍ତ୍ତନ ସମାରୋହର ୬ ଅକ୍ଟୋବର ୨୦୨୫ ତାରିଖରେ ପ୍ରଦାନ କରିଥିଲେ।। ଡ଼ା. ଶାନ୍ତନୁ କୁମାର ଦାଶ ଗଞ୍ଜାମ ଜିଲ୍ଲା ପୋଲସରାର ସୁନାମଧନ୍ୟ ଶିକ୍ଷକ ସ୍ୱର୍ଗତ ରମେଶ ଚନ୍ଦ୍ର ଦାଶଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କ ଏହି ସଫଳତା ପାଇଁ ଶ୍ରୀ ଦାଶ ରୋଲାଣ୍ଡ ଇନିଷ୍ଟିଚ୍ୟୁଟର ସମସ୍ତ ସହକର୍ମୀ, ପରିବାର ବର୍ଗ ଏବଂ ତାଙ୍କ ଏହି ଯାତ୍ରାରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୨୩୨


# ଜିଓ ଗେମସ୍ ଆପ୍‌ରେ ହାଇ ଏଣ୍ଡ ଅନଲାଇନ ଗେମ

ଭୁବନେଶ୍ୱର,୧୦।୧୦

ଜିଓ ଅଧ୍ୟକ୍ଷ ଆକାଶ ଅମ୍ବାନୀ ଅନଲାଇନ ଗେମିଂ ଶିଳ୍ପକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବାକୁ ପ୍ରସ୍ତୁତ ଥିବାବେଳେ। ଜିଓ କ୍ଲାଉଡ ଗେମିଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅନଲାଇନ କ୍ଲାଉଡ ଗେମ ଖେଳିବା ପାଇଁ, ବ୍ୟବହାରକାରୀମାନଙ୍କୁ କେବଳ ଏକ ଭଲ ଇଣ୍ଟରନେଟ ସଂଯୋଗ ଏବଂ ଜିଓ ଗେମସ୍ ଆପ ଆବଶ୍ୟକ। କିଛି ଡାଉନଲୋଡ ନକରି ଲାପଟପ, ବ୍ୟକ୍ତିଗତ କମ୍ପ୍ୟୁଟର, ସ୍ମାର୍ଟଫୋନ, ଜିଓ ସେଟ-ଟପ ବକ୍ସ ଏବଂ ୱେବ ବ୍ରାଉଜରରେ ଗେମିଂ କରାଯାଇପାରିବ। କେବଳ ଏକ ଗେମ ଚୟନ କରି ଖେଳିବା ଆରମ୍ଭ କରିପାରିବେ। ଟେକ୍କେନ୍ସେଭେନ, ଏଲଡେନ, ଏବଂ ରିଙ୍ଗ ପରି ଟ୍ରିପଲ-ଏ ଟାଇଟଲ ଏବେ ଜିଓ କ୍ଲାଉଡ ମାଧ୍ୟମରେ ଖେଳିପାରିବେ। ଗେମର୍ସ ମାନେ ୨୮ ଦିନର ବୈଧତା ସହିତ ୨୯୮ ଟଙ୍କାରେ ଜିଓ ଗେମ୍ସ ଆପ ପ୍ଲାନ ପାଇପାରିବେ। ଜିଓ ଗେମ୍ସର ସବସ୍କ୍ରାଇବ କରିବା ଦ୍ୱାରା ସେମାନେ ଜିଓ ଗେମ୍ସରେ ଉପଲବ୍ଧ ୫୦୦ଟି ଅନଲାଇନ ଗେମ ଖେଳିପାରିବେ।

# ମନୋହରପୁର କୋଲ ମାଇନ ପ୍ରକଳ୍ପରେ ଓସିପିଏଲ୍‌ର ସମୀକ୍ଷା




ଭୁବନେଶ୍ୱର,୧୦।୧୦

ଓଏସିପିଏଲ୍‌ର ମନୋହରପୁର କୋଲ ମାଇନ ପ୍ରକଳ୍ପ ପରିସରରେ ଓଡ଼ିଶା କୋଲ ଏଣ୍ଡ ପାୱାର୍ ଲିମିଟେଡ (ଓସିପିଏଲ), ଡାଇରେକ୍ଟୋରେଟ ଜେନେରାଲ ଅଫ ମାଇନ୍ସ ସେଫଟି (ଡିଜିଏମ୍ଏସ୍) ଏବଂ ମାଇନ୍ ଅପରେଟର୍ ବିଜିଆର୍ ମାଇନିଂ ଏଣ୍ଡ ଇନ୍‌ଫ୍ରା ଲିମିଟେଡ୍‌ଙ୍କ ମିଳିତ ଉଦ୍ୟମରେ ନିକଟରେ ପ୍ରଥମ ତ୍ରିପକ୍ଷୀୟ ସୁରକ୍ଷା ସମୀକ୍ଷା ସଭା ଆୟୋଜିତ ହୋଇଥିଲା। ଡିଜିଏମ୍ଏସ୍‌ର ଉପ ମହାନିର୍ଦ୍ଦେଶକ ଡ. ଶ୍ୟାମ ସୁନ୍ଦର ପ୍ରସାଦ (ସାଉଥ ଇଷ୍ଟର୍ନ ଜୋନ, ରାଞ୍ଚି) ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଏବଂ ଭୁବନେଶ୍ୱର ଜୋନ-୨ର ଖଣି ବିଭାଗ ଏବଂ ଦକ୍ଷିଣ ପୂର୍ବ ଜୋନ, ରାଞ୍ଚିର ମେକାନିକାଲ ଓ ବୈଦ୍ୟୁତିକ ବିଭାଗର ବରିଷ୍ଠ ଡିଜିଏମ୍ଏସ୍ ଅଧିକାରୀମାନେ ଯୋଗ ଦେଇଥିଲେ। ସୁରକ୍ଷା ସମୀକ୍ଷା ସଭାରେ ଖଣିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଆଇନଗତ ଅନୁପାଳନ ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଓସିପିଏଲ ଓ ବିଜିଆର୍ ମାଇନିଂ ମିଳିତ ଭାବରେ ନିଜ ଖଣି କାର୍ଯ୍ୟରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡକୁ ଅନୁସରଣ କରିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରିଥିଲେ। ସଭା ଶେଷରେ ଡିଜିଏମ୍ଏସ୍ ଅଧିକାରୀମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦିଆଯାଇଥିଲା ଓ ଏପରି ସୁରକ୍ଷା ସମୀକ୍ଷା ସଭାର ନିୟମିତ ଭାବରେ ଆୟୋଜନ କରିବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା।

# ଟାଇମସ୍ ଗ୍ରୁପ୍ ଇଟି ନାଓ ପକ୍ଷରୁ ଅରୁନ୍ଧତୀ ଜୁଏଲର୍ସ ସମ୍ମାନିତ




ଭୁବନେଶ୍ୱର,୧୦।୧୦

ଟାଇମସ୍ ଗ୍ରୁପ୍ ଇଟି ନାଓ ପକ୍ଷରୁ ଅନୁଷ୍ଠିତ ସମ୍ମାନଜନକ ଟପ୍ ୫୦ ଜୁଏଲେରି ବ୍ରାଣ୍ଡ ଅଫ୍ ଇଣ୍ଡିଆ ୨୦୨୫ ପୁରସ୍କାରରେ ଅରୁନ୍ଧତୀ ଜୁଏଲର୍ସକୁ ମୁମ୍ବାଇଠାରେ ସମ୍ମାନିତ କରାଯାଇଛି। ଦୀର୍ଘ ୨୫ ବର୍ଷ ଧରି ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଅରୁନ୍ଧତୀ ଜୁଏଲର୍ସକୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ସୀତାରମା କୁନ୍ତେ ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ପ୍ରତୀକ ମେହେରଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ପୁନମ୍ ସୋନୀ ସିଗ୍ନେଚର ଲେନ୍‌ର ପ୍ରତିଷ୍ଠାତା ପୁନମ୍ ସୋନୀ, କ୍ୟାରେଟଲେନ୍‌ର ସହ ପ୍ରତିଷ୍ଠାତା ତଥା ସିଓ ଗୁରୁକିର୍ତ୍ତୀ ଗୁରୁନାଥନ୍, ଗୋଜୁପ୍‌ର ଗ୍ଲୋବାଲ୍ ସିଇଓ ତଥା ସହ ପ୍ରତିଷ୍ଠାତା ଅହମଦ୍ଦ ଅଫତାବ୍ ନକବି ପ୍ରମୁଖ ଯୋଗଦେଇଥିଲେ। ସୂଚନାଥାଉ କି, ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଅରୁନ୍ଧତୀର ଏହି ଯାତ୍ରା ଦୀର୍ଘ ୨୫ବର୍ଷ ଧରି ଓଡ଼ିଶାର ଉତ୍କର୍ଷ, ଐତିହ୍ୟ, ପରମ୍ପରାରେ ଭରା ସୂକ୍ଷ୍ମ କାରୁକାର୍ଯ୍ୟ ସହ ଆଧୁନିକ ଗହଣା ଡିଜାଇନର ସମ୍ମିଶ୍ରଣରେ ପ୍ରସ୍ତୁତ ଅର୍କ, ଅମେୟ, ଅର୍ଘ୍ୟ ଭଳି ବିଶ୍ୱସ୍ତରୀୟ ଡିଜାଇନ ଓଡ଼ିଶାବାସୀଙ୍କୁ ପ୍ରଦାନ କରିଛି। ଗୋଟିଏ ବର୍ଷ ଭିତରେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇ ଓଡ଼ିଶା ତଥା ଭାରତ ବର୍ଷ ପାଇଁ ଗୌରବ ଆଣିପାରିଛି। ଆଗାମୀ ଦିନରେ ଅରୁନ୍ଧତୀ ନିଜ କର୍ତ୍ତବ୍ୟ ପରାୟଣଭାବକୁ ବଜାୟ ରଖିବା ସହ ଓଡ଼ିଶା ଓ ଓଡ଼ିଆ ଜାତି, ଐତିହ୍ୟକୁ ସର୍ବଦା ଉନ୍ନତି ପଥରେ ଅଗ୍ରସର କରିବା ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ପ୍ରତୀକ ମେହେର କହିଛନ୍ତି।

# ମାଲାବାର ପକ୍ଷରୁ ଦୀପାବଳି ଅଫର୍ ଘୋଷଣା



ଅନୁଗୋଳ,୧୦।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଶୋ'ରୁମ ପକ୍ଷରୁ ଧନତେରସ ଓ ଦୀପାବଳି ଅଫର ଶୁକ୍ରବାର ଘୋଷଣା କରାଯାଇଛି। ଏହି ଅଫର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଲାବାର ପକ୍ଷରୁ ଗ୍ରାହକମାନଙ୍କୁ ସୁନା ଅଳଙ୍କାର, ମୂଲ୍ୟବାନ ପଥର ଓ ଅନକଟ୍ ଡାଇମଣ୍ଡ ଅଳଙ୍କାରର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଓ ଏସ୍‌ବିଆଇ କ୍ରେଡିଟ କାର୍ଡରେ ୨୫୦୦ ଟଙ୍କାର କ୍ୟାଶବ୍ୟାକ ଦିଆଯିବ। କ୍ରୟ ଅଭିଜ୍ଞତାକୁ ଆହୁରି ଫଳପ୍ରଦ କରିବାକୁ ଧନତେରସ ପାଇଁ ଅଗ୍ରୀମ ବୁକିଂ କଲେ ଗୋଟିଏ ରୁପା ମୁଦ୍ରା ପ୍ରଦାନ କରାଯିବ। ଗ୍ରାହକମାନେ ମୋଟ ମୂଲ୍ୟର ୧୦% ଦେଇ ସେମାନଙ୍କ ଅଳଙ୍କାର ବୁକ୍ କରିପାରିବେ ଓ ପୂଜା ମୂଲ୍ୟ ବୃଦ୍ଧିକୁ ମଧ୍ୟ ସୁରକ୍ଷିତ ରଖିପାରିବେ ବୋଲି କୁହାଯାଇଛି। ପାର୍ବଣ ଅଫର ଘୋଷଣା ସମୟରେ ମାଲାବାର ଷ୍ଟୋର ମ୍ୟାନେଜର ୟୁନୁସ ଘାନି, ମ୍ୟାନେଜମେଣ୍ଟ ପ୍ରଫୁଲ୍ଲ କିରନ ଓ ମାର୍କେଟିଂ ମ୍ୟାନେଜର ଦେବୀପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଏକ ଜିଲା ଏକ ଉତ୍ପାଦ କ୍ଷମତା ବିକାଶ କର୍ମଶାଳା




ଭୁବନେଶ୍ୱର,୧୦।୧୦ (ଅନୁରାଧା ମହାରଣା)

ଏକ ଜିଲା ଏକ ଉତ୍ପାଦ (ଓଡିଓପି) ପଦକ୍ଷେପ ଉତ୍ପାଦକଙ୍କ ଜୀବନ-ଜୀବିକାକୁ ସମୃଦ୍ଧ କରୁଛି। ସନ୍ତୁଳିତ ଆଞ୍ଚଳିକ ବିକାଶ ସହ ସମସ୍ତ ଜିଲାର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଏହା ଲକ୍ଷ୍ୟ ରଖିଛି ବୋଲି ଏକ ଜିଲ୍ଲା ଏକ ଉତ୍ପାଦ କ୍ଷମତା ବିକାଶ କର୍ମଶାଳାରେ ଆଜି ଏହି ମତ ପ୍ରକାଶ ପାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧୀନ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟର୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଆରମ୍ଭରେ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରତ୍ୟେକ ଜିଲ୍ଲାର ବିଶେଷ ଉତ୍ପାଦକୁ ଚିହ୍ନଟ କରି ସେଗୁଡିକର ପ୍ରୋତ୍ସାହନ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶରସ୍ଥିତ ୱାର୍ଲ୍ଡ ଟ୍ରେଡ ସେଣ୍ଟର୍ ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ରପ୍ତାନି ବୃଦ୍ଧି ଏହାର ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏମପେଡାର ଉପନିର୍ଦ୍ଦେଶକ ଅର୍ଚ୍ଚିମାନ ଲାହିରୀ ସାମୁଦ୍ରିକ ଖାଦ୍ୟର ରପ୍ତାନୀ ସୁଯୋଗ ଉପରେ ଚର୍ଚ୍ଚା କରିଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kuruntí near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

Duplex sale near Aiims Hospital, Patrapada, Bhubaneswar. Gated Society: 9777433701. D-03
Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296.
D-1942

Book 3/4BHK premium flat at Jharapada canal road & Pokharipur, near Government Hospital @ 6000/- sqft. Handover December 2026. Contact- 7978584549. D-76863

Duplex sale near Aiims Hospital, Patrapada, Bhubaneswar. Gated Society: 9777433701. D-03




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional & comfortable at all times-7978109255. D-76495

## ପାଠକଙ୍କ ପାଇଁ ସୂଚନା।
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Goutam Nayak, S/o. Late Basanta Kumar Nayak, permanent resident of At: Palia, 47(1), P.O.: Paliabindha, Bhadrak, PIN - 756167, Odisha and presently residing at: Plot No. 593/2098, Bharat Villa, Rudrapur, Naharakanta, Bhubaneswar, Odisha - 752101 declare by this Affidavit No. 251 Dtd. 10.10.2025 that now onwards I shall be known as Goutam Kumar Nayak for all purposes. D-2227

By virtue of an affidavit No.- 783, dated- 11.09.2025 sworn before the Notary Public, Dharmasala I, Sujata Dalai wife of Dipankar Dalai permanent resident of Badanachhipur, P.O.- Khadinaga, P.S.- Badachana, Dist.- Jajpur, declare that my miner son old name Sohom Kumar Dalai changed to new name Som Prakash Dalai. Henceforth, he shall be known as Som Prakash Dalai for all purposes. D-2224

I, Sumiya Perweeen, D/o- Shaikh Matlub Hossain, R/o- Islamabad, P.O.- Charinangal, P.S.- Balichandrapur, Dist.- Jajpur -754292 declare by this affidavit No.- 1830, dtd.-21/05/2025 that now onwards I shall be known as SUMAIYA PERWEEN for all future purposes. D-2225

By virtue of an affidavit sworn before the Executive Magistrate, Bhubaneswar, vide CF No.- 06, dated- 16.06.2025 I, Kailash Prasad Mishra, S/o- late Ajodhyanath Mishra and late Bhagabati Mishra(mother), Village of Pankapal, P.S./ Tahasil- Kujanga, Dist.- Jagatsinghpur do hereby declared that after initiation with Iskcon. I converted as monostry and Permanently took a religious name as "Krishnagati Das (Aadhaar No.- xxxx xxxx 0025) given by Gurudev Iskcon for my identification. Hence, Kailash Prasad Mishra and Krishnagati Das is same and one person for all purpose. D-2221

By virtue of an affidavit sworn before Executive Magistrate, Puri, dated- 30.07.2025 (affidavit date) I, Eswara Raita(new name), Address: At- Tangiii, P.O.- Betarsing, P.S.- R. Udayagiri, Dist.- Gajapati, PIN Code- 761016 declare that I have changed my name from Eswar Raita(old name) to Eswara Raita(new name). Henceforth, I shall be known as Eswara Raita(new name) for all purposes.
Eswara Raita D-2231

By Virtue of an affidavit sworn before Executive Magistrate, Kutra, dated- 19-09-25 I, Binod Ekka, Address: Vill-Dahijira, P.O.- Dahijira, P.S.- Kutra, Dist.- Sundargarh, Odisha, PIN-770018 declare that I have changed the Name of my Daughter from Sagarika Kisan to Sagarika Ekka. Henceforth, She shall be known as Sagarika Ekka for all purposes.
Binod Ekka D-2229

# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶ୍ରୀମତୀ ସୁପ୍ରଭା ପ୍ରଧାନ

ଆବିର୍ଭାବ: ୨୦।୦୬।୧୯୬୩
ତିରୋଧାନ: ୧୦।୧୦।୨୦୨୪
(ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀତିଥି)

ମା, ତୁ ଯିବାର ବରଷେ ହେଲାଣି, କିନ୍ତୁ ଏବେବି ଲାଗୁଛି ତୁ ଆମ ପାଖରେ ଅଛୁ। ତୋ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ଚିର ସ୍ମରଣୀୟ ଏବଂ ବନ୍ଦନୀୟ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି:- ପୁଅ- ବିକାଶ, ଝିଅ, ଜ୍ୱାଇଁ- ସୌମ୍ୟା ଓ ସୋମେଶ, ସ୍ୱାମୀ- ସଦାନନ୍ଦ, ପୁତୁରା, ଝିଆରୀ, ଭାଇ, ଭାଉଜ ଏବଂ ପରିବାର, ବନ୍ଧୁବାନ୍ଧବ।

ଧ-2223

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସଞ୍ଜୁଶ୍ରୀ ପଟ୍ଟନାୟକ

ତୁମର ଆକସ୍ମିକ ବିୟୋଗରେ ଘର ଆମର ଶୂନ୍ୟ, ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସରଳତା ଓ ସହିଷ୍ଣୁତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ସବୁ ବନ୍ଧନ ତୁଟାଇ କେବଳ ଈଶ୍ୱରଙ୍କ ବନ୍ଧନରେ ତୁମେ ରହିଲ। ତୁମ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ୱାମୀ- ଭବାନୀଶଙ୍କର ପଟ୍ଟନାୟକ, ପୁଅ, ଝିଅ, ଜ୍ୱାଇଁ, ନାତି ଓ ପରିବାରବର୍ଗ

ଧ-୨୨୨୨

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୧/୨୦୨୫ Bhubaneswar, Saturday, October 11/ 2025

# ବାଂଲାଦେଶକୁ ୧୦୦ ରନରେ ପରାସ୍ତ କଲା ନ୍ୟୁଜିଲାଣ୍ଡ


ପ୍ଲେୟର ଅଫ୍ ଦି ମ୍ୟାଚ୍ ବ୍ରୁକ୍ ହାଲିଡେ (ଡାହାଣ)।

**ଗୁଆହାଟୀ, ୧୦।୧୦ (ପି.ଟି.)**

ଚଳିତ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୦୦ ରନରେ ବାଂଲାଦେଶକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ଦ୍ୱାରା ଧାର୍ଯ୍ୟ ୨୨୮ରନର ବିଜୟ ଲକ୍ଷ୍ୟକୁ ପଛା କରି ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୯.୫ ଓଭରରେ ୧୨୭ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ପ୍ରଥମ ୫ ବ୍ୟାଟର ଏକକ ଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ୬ଷ୍ଠ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଦଳର ଟପ୍ ସ୍କୋର ଫାହିମା ଖାତୁନ ୮୦ ବଲ୍‌ରୁ ମାତ୍ର ୩୪ ରନ କରିଥିଲେ। ତାଙ୍କ ପଛକୁ ବୋଲର ରାବେୟା ଖାନ୍ ୨୫ ରନ କରିଥିଲେ। ନ୍ୟୁଜିଲାଣ୍ଡର ଦୁଇ ବୋଲର ଜେସ୍ କେର୍ (୩/୨୧) ଓ ଲିଆ ଟାହୁହୁ (୩/୨୨) ପ୍ରତ୍ୟେକ ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରି ବାଂଲାଦେଶ ଇନିଂସର ବିପର୍ଯ୍ୟୟ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ସୋଫି ଡିଭାଇନ୍ (୬୩ରନ) ଓ ବ୍ରୁକ୍ ହଲିଡେ (୬୯)ଙ୍କ ଅର୍ଦ୍ଧଶତକ ବଳରେ ୯ଉଇକେଟ ବିନିମୟରେ ୨୨୭ ରନ କରିଥିଲା। ବାଂଲାଦେଶ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ରାବେୟା ଖାନ୍ ତାଙ୍କ ୧୦ ଓଭର ବୋଲିଂରେ ୧ମେଡେନ ସହ ୩୦ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ ମହିଳା ଦଳ:** ୫୦ ଓଭରରେ ୨୨୭/୯ (ସୋଫି ଡିଭାଇନ୍-୬୩, ବ୍ରୁକ୍ ହାଲିଡେ-୬୯ ; ରାବେୟା ଖାନ୍-୩/୩୦)।

**ବାଂଲାଦେଶ ମହିଳା ଦଳ:** ୩୯.୫ ଓଭରରେ ୧୨୭/ଅଲଆଉଟ (ଫାହିମା ଖାତୁନ-୩୪ ; ଜେସ୍ କେର୍-୩/୨୧, ଲିଆ ଟାହୁହୁ-୩/୨୨)।

# ପୋଡିୟମ ମଣ୍ଡନ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର, ୧୦।୧୦(ତପନ ସ୍ୱାଇଁ)**

ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିୟନଶିପ୍‌ର ୨୮ତମ ସଂସ୍କରଣ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାରଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଦେଶ ବିଦେଶର ତାରକା ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସ କରିଛନ୍ତି। ଅଂଶଗ୍ରହଣକାରୀ ସବୁ ଦେଶର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ଏଥିରେ ଭାଗନେଉଥିବାରୁ ପ୍ରତିଯୋଗିତା ତୀବ୍ର ସଂଘର୍ଷପୂର୍ଣ୍ଣ ହେବ। ''ଭାରତୀୟ ଦଳ ଆଗାମୀ ପ୍ରତିଯୋଗିତା ପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିଛି। ଗତ ସଂସ୍କରଣକୁ ମିଶାଇ ଭାରତ ୨୦୨୧ରୁ ଏପର୍ଯ୍ୟନ୍ତ ୩ଥର ଟିମ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିସାରିଛି। ଏଥର ମଧ ପୋଡିୟମ ମଣ୍ଡନ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ତେବେ ଏଥର ବ୍ରୋଞ୍ଜ୍‌ଠାରୁ ଅଧିକ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ'' ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ମାନବ ଠକ୍କର ପ୍ରକାଶ କରିଛନ୍ତି। ଏପରି ଏକ ବଡ଼ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଖୁବ୍ ଭଲଭାବେ ହୋଇଛି ବୋଲି ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ମାସିମୋ କନ୍‌ଷ୍ଟାଣ୍ଟିନ। ଭାରତୀୟ ଦଳ କଡ଼ା ଟକ୍କର ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

### ଏସୀୟ ଟିଟି ପାଇଁ କଳିଙ୍ଗ ପ୍ରସ୍ତୁତ

## ଯୋଗ୍ୟତା ସତ୍ତ୍ୱେ ଭାରତ ହାଲ୍‌କାଭାବେ ନେବନି

୨୨ଟି ଶ୍ରେଷ୍ଠ ଏସୀୟ ଦଳକୁ ନେଇ ହେବାକୁଥିବା ଏହି ମହାଦେଶୀୟ ଟୁର୍ନାମେଣ୍ଟ ୨୦୨୬ରେ ଲଣ୍ଡନରେ ହେବାକୁଥିବା ବିଶ୍ୱ ଦଳଗତ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଭାବେ ପରିଗଣିତ ହେଉଛି। ''ଭାରତ ପୂର୍ବରୁ ବିଶ୍ୱ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଏହାସତ୍ତ୍ୱେ ଭାରତ କୌଣସି ପରିସ୍ଥିତିରେ ପ୍ରତିଯୋଗିତାକୁ ହାଲ୍‌କାଭାବେ ନେବନାହିଁ। ଶ୍ରେଷ୍ଠ ପ୍ରଦର୍ଶନକରି ନିଶ୍ଚିତ ପ୍ରଦର୍ଶନର ଛାପ ଛାଡ଼ିବାକୁ ଚେଷ୍ଟା କରିବ'' ବୋଲି ପ୍ରକାଶ କରିଛନ୍ତି ପ୍ରତିଯୋଗିତାର ବ୍ରାଣ୍ଡ୍ ଆମ୍ବାସାଡର ଅଲିମ୍ପିଆନ ତଥା ଖେଳରତ୍ନ ବିଜେତା ଅଚନ୍ତ ଶରତ କମଲ। ପୂର୍ବରୁ ୨୦୧୯ରେ କଟକରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଖେଳିବାକୁ ଆସିଥିଲି। ଏବେ ପୁଣି ଓଡ଼ିଶା ଆସି ଖୁବ୍ ଆନନ୍ଦିତ। ମୋତେ ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ଟେବୁଲ ଟେନିସ୍ ଆସୋସିଏଶନ ନିକଟରେ ମୁଁ କୃତଜ୍ଞ'' ବୋଲି ଶରତ କହିଛନ୍ତି।

## 'ଏକାସଙ୍ଗେ ୨ ବଡ଼ ଟୁର୍ନାମେଣ୍ଟ ଆୟୋଜନ ଗୌରବର ବିଷୟ'

''ଭାରତରେ ୪ର୍ଥ ଏବଂ ଓଡ଼ିଶାରେ ପ୍ରଥମଥର ପାଇଁ ଏସିଆନ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଦୀର୍ଘ ୧୬ ବର୍ଷ ପରେ ଏହା ଭାରତକୁ ଆସିଛି ଏବଂ ଏଥିରେ ଭାରତ ସମେତ ଚାଇନା, ଜାପାନ, କୋରିଆ ଆଦି ଏସିଆର ଶ୍ରେଷ୍ଠ ୨୨ଟି ଦେଶରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରୁଛନ୍ତି। ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଭାଗନେବାକୁ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପ୍ରୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ ଦେଶର ଖେଳାଳିଙ୍କ ଆତିଥ୍ୟ, ରହଣି, ସୁରକ୍ଷା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏସିଆନ୍ ଟିଟି ସହିତ ଆମେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏକାସଙ୍ଗେ ଆୟୋଜନ କରିବାକୁ ଯାଉଛୁ। ପାଖାପାଖି ୨୦୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆମ ରାଜ୍ୟର ୩୭ ମହିଳା ଓ ୩୮ ପୁରୁଷ କ୍ରୀଡ଼ାବିତ୍ ଏଥିରେ ଭାଗ ନେଇଛନ୍ତି। ଏକାସଙ୍ଗେ ୨ଟି ବଡ଼ ଟୁର୍ନାମେଣ୍ଟ ଆୟୋଜନ କରିବା ଆମ ପାଇଁ ଏକ ଗୌରବର ବିଷୟ। ଏହାକୁ ସଫଳତାର ସହ ଆୟୋଜନ କରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ସୁଦୃଢ଼ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡେଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏନ୍. ଗଣେଶନ୍, ଅଲିମ୍ପିୟାନ୍ ଖେଳରତ୍ନ ପୁରସ୍କାର ବିଜେତା ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ